ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୮/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 28/2025 | Page 16 | ₹ 7.00 | BALASORE

୫୨ଶ ଭାଗ ୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 35 | ମୂଲ୍ୟ ₹୭/-


# ଅଫ୍‌ଲାଇନରେ ପଇଠହେବ ଇ-ଚାଲାଣ

**ବାୟୁ ପ୍ରଦୂଷଣ ବୃଦ୍ଧି ସମ୍ପ୍ରତି ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟିକରିବା ସହ ଉଭୟ ଲୋକ ଓ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ଛିଡ଼ା କରାଇଛି। ପ୍ରଦୂଷଣ ରୋକିବା ଏବଂ ଦୁର୍ଘଟଣା ହ୍ରାସ ସକାଶେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏହି କ୍ରମେ ଚାଳକ ପରିବହନ ନିୟମ ଭଙ୍ଗକଲେ ଜରିମାନା ସମ୍ପର୍କିତ ଇ-ଚାଲାଣ ମୋବାଇଲକୁ ମେସେଜ୍ ମାଧ୍ୟମରେ ଆସିଥାଏ। ପରବର୍ତ୍ତୀ ସମୟରେ ସେହି ଜରିମାନା ଦେୟକୁ ଅନ୍‌ଲାଇନ ଜରିଆରେ ପଇଠ କରିବାକୁ ପଡ଼ିଥାଏ। ମାତ୍ର କେତେକ ସ୍ଥାନରେ ମୋବାଇଲ ନେଟ୍‌ୱର୍କରେ ସମସ୍ୟା ଉପୁଜୁଥିବାରୁ ଚାଲାଣ ନୋଟିସ ପାଇଥିବା ଯାନବାହନ ଚାଳକମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ସମସ୍ୟା ଦୂରକରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ଏଣିକି ଅଫ୍‌ଲାଇନ ମୋଡ୍‌ରେ ମଧ୍ୟ ଇ-ଚାଲାଣ ଦେୟ ଗ୍ରହଣ ଲାଗି ଶନିବାର ରାଜ୍ୟର ସବୁ ଜିଲାର ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।**




କଟକ,୨୭।୧୨(କାର୍ତ୍ତିକ ସାହୁ)

ଏଣିକି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ ମୋଟରଯାନ ନିୟମ ଉଲ୍ଲଂଘନରେ ଜାରି ହୋଇଥିବା ଇ-ଚାଲାଣ ବାବଦରେ ନଗଦ ଅର୍ଥ ଅଫ୍‌ଲାଇନରେ ଗ୍ରହଣ କରାଯିବ। ଏ ନେଇ ସମସ୍ତ ଆର୍‌ଟିଓଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ଙ୍କ ଦ୍ୱାରା ନିର୍ଦ୍ଦେଶ ଜାରି କରାଯାଇଛି। ଇ-ଚାଲାଣ ଅର୍ଥ ପୈଠ ବେଳେ ଓଟିପି ସମସ୍ୟା ନେଇ ଅଭିଯୋଗ କରୁଥିବା ଜନସାଧାରଣଙ୍କ ଦାବି ତଥା ଦୁର୍ବଳ ଇଣ୍ଟରନେଟ ଥିବା ଅଞ୍ଚଳର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ପୂର୍ବଭଳି ଅନ୍‌ଲାଇନରେ ମଧ୍ୟ ଇ-ଚାଲାଣ ପୈଠ କରାଯାଇପାରିବ। ପରିବହନ ବିଭାଗ (mParivahan) ଆପ୍ଲିକେଶନ ଏବଂ https://echallan.parivahan.gov.in/ରେ ମଧ୍ୟ ଇ-ଚାଲାଣ ପୈଠ କରିହେବ। ଲୋକମାନେ ଇ-ଚାଲାଣ ଅର୍ଥ ପୈଠ ବେଳେ କୌଣସି ଅସାଧୁ ବ୍ୟକ୍ତି କିମ୍ବା ସାଇବର ହ୍ୟାକରଙ୍କଠାରୁ ସତର୍କ ରହିବାକୁ ଏସଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି। କେବଳ ପରିବହନ ☞ପୃଷ୍ଠା-୪

## ଫେବୃଆରୀରୁ ସବୁ ଗାଡ଼ିରେ ଗ୍ରୀନ୍ ଷ୍ଟିକର: ମନ୍ତ୍ରୀ ଜେନା

ଭୁବନେଶ୍ୱର,୨୭।୧୨ (ସୁନିତ୍ ମିଶ୍ର)

ଏଣିକି ସବୁ ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବାକୁ ପଡ଼ିବ। ଏହି ନିୟମକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିବାକୁ ଯାଉଛନ୍ତି। ଯେଉଁ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ଥିବ ସେମାନଙ୍କୁ ହିଁ ଗ୍ରୀନ୍ ଷ୍ଟିକର ଲଗାଇବାକୁ ମିଳିବ ବୋଲି ଶନିବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)ର ଅବଧି ଶେଷ ହୋଇଯାଇଥିବା ଗାଡ଼ିଗୁଡ଼ିକୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କାଟିବା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିଲା। ବାଟରେ ଗାଡ଼ିର କାଗଜପତ୍ର ଯାଞ୍ଚ ନ କରି ବିଭିନ୍ନ ଟୋଲ୍‌ଗେଟ୍‌ରେ ଲାଗିଥିବା କ୍ୟାମେରା ଜରିଆରେ ଯେଉଁ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନ ଥିଲା, ସେମାନଙ୍କର ଜରିମାନା ମନକୁ ମନ ☞ପୃଷ୍ଠା-୪






## ଅଭୟାରଣ୍ୟ ସୁରକ୍ଷା କରିବେ ମହିଳା ସ୍କ୍ୱାଡ୍

ସମ୍ବଲପୁର,୨୭।୧୨ (ପ୍ରମୋଦ ବହିଦାର)

**ଡେବ୍ରିଗଡ଼ରେ ପ୍ରବର୍ତ୍ତନ ସ୍କ୍ୱାଡ୍‌ରେ ୫ ମହିଳା ନିଯୁକ୍ତ**

ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ କର୍ତ୍ତୃପକ୍ଷ ଡେବ୍ରିଗଡ ଅଭୟାରଣ୍ୟ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ପ୍ରବର୍ତ୍ତନ ସ୍କ୍ୱାଡ୍‌ରେ ପ୍ରଥମଥର ଲାଗି ୫ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ହେଲେ ଅଞ୍ଜଳି ଟପ୍ପୋ(୨୧), ବବିତା ଭୁଏ(୧୯), ନିବେଦିତା ରାଉତ(୨୪), ଅଲିଭା କାଲୋ(୨୦) ଓ ଅଳକା ପ୍ରଧାନ(୨୧)। ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସଙ୍କ ସୂଚନା ଅନୁସାରେ, ସ୍କ୍ୱାଡ୍‌ରେ ନିଯୁକ୍ତ ଉକ୍ତ ୫ ଜଣଙ୍କ ମଧ୍ୟରୁ ଅଳକା ଜଣେ ଅଙ୍ଗନୱାଡ଼ି କର୍ମୀ ହୋଇଥିବା ବେଳେ ଅନ୍ୟ ☞ପୃଷ୍ଠା-୪






## ଜଳିଗଲେ ଦୋକାନୀ

**ବାପାଙ୍କୁ ପୋଡ଼ି ମାରି ଦିଆଯାଇଥିବା ପୁଅଙ୍କ ଅଭିଯୋଗ**

ପାଟକୁରା,୨୭।୧୨ (ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ କଳାବୁଦା ବାରୁଣୀ ଦୁର୍ଗାମଣ୍ଡପ ସଂଲଗ୍ନ ପରିବା ଦୋକାନରେ ଶୁକ୍ରବାର ରାତି ପ୍ରାୟ ୩ଟାରେ ଅଗ୍ନିକାଣ୍ଡ ଘଟି ସେଠାରେ ଶୋଇଥିବା ଦୋକାନୀ କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସୁବାସ ଚନ୍ଦ୍ର ମଲ୍ଲିକ (୪୮)ଜଳି ଯାଇଛନ୍ତି। ଦୋକାନରେ ଥିବା ସମସ୍ତ ପରିବା, ଡ୍ରେସ୍ ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ସୁବାସଙ୍କୁ କେହି ଦୁର୍ବୃତ୍ତ କବାଟ ବାହାରୁ ବନ୍ଦକରି ନିଆଁ ଲଗାଇ ଜାଳି ଦେଇଥିବା ତାଙ୍କ ପୁଅ ଓଁ ପ୍ରକାଶ ମଲ୍ଲିକ କୋଦାନଗରୀ ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ☞ପୃଷ୍ଠା-୪

## ପହିଲାରୁ ୩ ଡିଗ୍ରୀ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୨୭।୧୨ (ଅନୁରାଧା ମହାରଣା)

ରାଜ୍ୟରେ ପ୍ରବଳ ଶୀତ ସହ କୁହୁଡ଼ି ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ୩୧ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ତେବେ ଜାନୁଆରୀ ପହିଲାରୁ ପରବର୍ତ୍ତୀ ସମୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ଦିନ ତାପମାତ୍ରା ୨୩.୮ ଡିଗ୍ରୀ(ଚାନ୍ଦବାଲି ଓ କଟକ)ରୁ ୨୯.୪ ଡିଗ୍ରୀ ସେଲସିୟସ୍(ପାରଳାଖେମୁଣ୍ଡି) ମଧ୍ୟରେ ରହିଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଉଦ୍ଦେଶ୍ୟ ଓ ଉଦାସୀନତା**



## ଝରକା ତଳକୁ ଫିଙ୍ଗିଦେଲେ
# ଟଙ୍କା, ଅଳଙ୍କାର ବ୍ୟାଗ୍

ପୂର୍ତ୍ତ ବିଭାଗ ଅଧୀନ ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ-୩ର ସହକାରୀ ଯନ୍ତ୍ରୀ (ଏଇ) ରାଜକିଶୋର ଜେନାଙ୍କ ଘର ସମେତ ୧୯ ସ୍ଥାନରେ



ଭିଜିଲାନ୍ସ ଜୁଲାଇ ୨୯ରେ ଚଢ଼ାଉ କରିଥିଲା। ପ୍ରକୃତ ଆୟ ଠାରୁ ସେ ୩୧୭ ପ୍ରତିଶତ ଅଧିକ ସମ୍ପତ୍ତି ରଖିଥିଲେ। ସମ୍ପତ୍ତି ଲିଙ୍କ୍‌ରେ ଖୋଳାତାଡ଼ ବେଳେ ସହକର୍ମୀ ଏଇ ଅଶୋକ କୁମାର ପଣ୍ଡା ଫସିଥିଲେ। ରାଜକିଶୋର ଓ ଅଶୋକ ମିଳିତ ମାଲିକାନାରେ ସମ୍ପତ୍ତି କ୍ରୟ ସହ ଟଙ୍କା କାରବାର କରିଥିଲେ। ଭିଜିଲାନ୍ସ ଭୟରେ ଅଶୋକ ଘରର ତାଲା ମାରି ଭିତରେ ରହିଥିଲେ। ଏପରିକି ଝରକା ବାଟେ ନଗଦ ଲକ୍ଷେ ଟଙ୍କା ଓ ଅଳଙ୍କାର ଭର୍ତ୍ତି ଫିଙ୍ଗିଦେଇଥିଲେ।



# ଏସ୍‌ଟିଏ ଯୁଗ୍ମ କମିଶନରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



ଘରେ ଥିଲା ବିଡ଼ା ବିଡ଼ା ଟଙ୍କା, ବିଭିନ୍ନ ଆକର୍ଷଣୀୟ ସୁନା ଅଳଙ୍କାର ସହ ସୁନା ବିସ୍କୁଟ୍। ବିଭିନ୍ନ ସ୍ଥାନରେ କିଣିଥିଲେ ମାଳମାଳ ପ୍ଲଟ୍। କେବଳ ଏତିକି ନୁହେଁ, ଅବସର ସମୟ କାଟିବାକୁ କରିଥିଲେ ଫାର୍ମହାଉସ। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଯୁଗ୍ମ କମିଶନର ପ୍ରଦୀପ କୁମାର ମହାନ୍ତିଙ୍କ ବିଭିନ୍ନ ସ୍ଥାନରେ ମାର୍ଚ୍ଚ ୬ରେ ଭିଜିଲାନ୍ସର ବଡ଼ଧରଣର ଚଢ଼ାଉ ପରେ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟ ସାମ୍ନାକୁ ଆସିଥିଲା। ଘରୁ ୧୫ ଲକ୍ଷ ନଗଦ ଟଙ୍କା ସମେତ କେଜିଏ ସୁନା ମିଳିଥିଲା। ଏଥିସହ ୧୧ ପ୍ଲଟ୍, ଫାର୍ମହାଉସ ଓ ଏକାଧିକ ଫ୍ଲାଟ୍ ଠାବ ହୋଇଥିଲା। ମାର୍ଚ୍ଚ ୭ରେ ତାଙ୍କୁ ଗିରଫ କରାଯାଇଥିଲା।



ଚିନ୍ତନ ରଘୁବଂଶୀ



ଦୟାନିଧି ବାଗ୍

### ୨୦ ଲକ୍ଷ ଲାଞ୍ଚ, ଇଡି ଡେପୁଟି ଡାଇରେକ୍ଟରଙ୍କୁ ଧରିଲା ସିବିଆଇ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ଜୋନାଲ ଅଫିସର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ ଲାଞ୍ଚ ନେବାବେଳେ ମେ’ ୨୯ରେ ଧରାପଡିଥିଲେ। ଢେଙ୍କାନାଳର ଜଣେ କ୍ରଶର ବ୍ୟବସାୟୀଙ୍କ ଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଟିମ୍ ତାଙ୍କୁ ଗିରଫ କରିଥିଲା। ଖଣି କାରବାର ସମ୍ପର୍କିତ ମାମଲାର ରଫାଦଫା ପାଇଁ ଟଙ୍କା ଆଦାୟ ଲାଗି ରଘୁବଂଶୀ କରିଥିବା ଯୋଜନା ଫେଲ୍ ମାରିଥିଲା।

### ବାବୁଙ୍କ ୧୨୫ ଏକର ଜମି

ରାୟଗଡ଼ା ଜଳ ବିଭାଜିକା ପ୍ରକଳ୍ପର ପୂର୍ବତନ ନିର୍ଦ୍ଦେଶକ (ପିଡି) ତଥା ବର୍ତ୍ତମାନ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ୍ ଜୁନ ୩୦ରେ ଭିଜିଲାନ୍ସ ଜାଲରେ ଫସିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୟାନିଧିଙ୍କ ଘର ସମେତ ୮ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଦୟାନିଧିଙ୍କ ବିଭିନ୍ନ ସ୍ଥାନରେ ମୋଟ ୧୨୫ ଏକର ଜମି, ନବରଙ୍ଗପୁରରେ ଦୁଇ ଫାର୍ମହାଉସ, ୨ କୋଠା, ଗୋଟିଏ ଫ୍ଲାଟ, ୫୮ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଆଦି ଠାବ ହୋଇଥିଲା।



ଅଶ୍ୱିନୀ କୁମାର ପଣ୍ଡା

### ଲାଞ୍ଚ ନେଇ ଓଏଏସ୍ ଟପ୍ପର ଗିରଫ

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୧୯ରେ ଟପ୍ପର ତଥା ସମ୍ବଲପୁର ଜିଲା ବାମରା ତହସିଲଦାର ଦାୟିତ୍ୱରେ ଥିବା ଅଶ୍ୱିନୀ କୁମାର ପଣ୍ଡା ସେପ୍ଟେମ୍ବର ୧୨ ତାରିଖରେ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଫସିଥିଲେ। ଚାଷ ଜମିର କିସମ ପରିବର୍ତ୍ତନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଅଭିଯୋଗକାରୀଙ୍କଠାରୁ ଅଶ୍ୱିନୀଙ୍କ ପାଇଁ ଲାଞ୍ଚ ନେଉଥିବାବେଳେ ଅଫିସ ଡ୍ରାଇଭର ପି. ପ୍ରବୀନ କୁମାରଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଥିଲା।



ଧୀମାନ ଚକ୍ମା

### ବନ୍ଧା ହେଲେ ଆଇଏଏସ୍ ଅଧିକାରୀ

ଆଇଏଏସ୍ ଟ୍ରେନିଂ ପରେ ପ୍ରଥମ ନିଯୁକ୍ତିରେ ଭିଜିଲାନ୍ସ ଜାଲରେ ଫସିଯାଇଥିଲେ କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକ୍ମା (ଆଇଏଏସ୍-୨୦୨୧ ବ୍ୟାଚ୍)। ଜୁନ ୮ରେ ଜଣେ କ୍ରଶର ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ଏପରିକି ଭିଜିଲାନ୍ସ ଟିମ୍ ଧର୍ମଗଡ଼ସ୍ଥିତ ଉପଜିଲାପାଳ ଧୀମାନଙ୍କ ସରକାରୀ ଆବାସରୁ ଆଉ ୪୭ ଲକ୍ଷ ଟଙ୍କା ମଧ୍ୟ ଜବତ କରିଥିଲା।





୨୦୨୫ ବର୍ଷରେ ଦୁର୍ନୀତି ଜାଲରେ ଛନ୍ଦି ହୋଇଛନ୍ତି ଅନେକ ବଡ଼ ଅଧିକାରୀ। ଦୁର୍ନୀତିକୁ କୌଣସି ପ୍ରକାରେ ଗ୍ରହଣ କରିହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ କରିଥିବାବେଳେ ଦୁର୍ନୀତିଖୋର ମନୋବୃତ୍ତିକୁ ବହୁ ଅଧିକାରୀ ଛାଡ଼ି ପାରିନାହାନ୍ତି। ବିଭିନ୍ନ ଉପାୟରେ ଲାଞ୍ଚ ଏବଂ ଠକେଇ କରି ଅମାପ ସମ୍ପତ୍ତିର ଅଧିକାରୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆଇଏଏସ୍ ଅଧିକାରୀ, ଓଏଏସ୍ ଟପ୍ପର, ବନ ବିଭାଗ ଅଧିକାରୀ, ଯନ୍ତ୍ରୀ ରହିଛନ୍ତି। ଭିଜିଲାନ୍ସ ଏବଂ ସିବିଆଇ ଦ୍ୱାରା ଗିରଫ ହେବା ପରେ ଜେଲ ଏବେ ସେମାନଙ୍କ ନୂଆ ଠିକଣା ପାଲଟିଛି।

## ସାଙ୍ଗଙ୍କ ଆକାଉଣ୍ଟରେ କଳାଟଙ୍କା
# ରଖୁଥିଲେ ଜନସ୍ୱାସ୍ଥ୍ୟ ଅଧୀକ୍ଷଣ ଯନ୍ତ୍ରୀ

ଟଙ୍କା ସହ ଭିଜିଲାନ୍ସ ହାତରେ ଧରାପଡ଼ି ରାୟଗଡ଼ା ଜନସ୍ୱାସ୍ଥ୍ୟ (ପିଏଚ୍) ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ (ଏସ୍‌ଇ) ସହଦେବ କିଷାନଙ୍କ ଦୁର୍ନୀତି ଗୁମର ଖୋଲିଥିଲା। ମେ’ ୨୮ରେ କିଷାନ ଜଣେ ଠିକାଦାରଙ୍କଠାରୁ ୧.୫୦ ଲକ୍ଷ ଟଙ୍କା ନେଇ ଅଫିସରୁ ସରକାରୀ ବାସଭବନ ଅଭିମୁଖେ ଏକ ସ୍କର୍ପିଓରେ ଯିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ମାତ୍ର ୯ବର୍ଷର ଚାକିରି କାଳରେ କିଷାନ ବେଆଇନ ଭାବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବିପୁଳ ସମ୍ପତ୍ତି ଅର୍ଜିଥିଲେ। ଏପରିକି ସେ ସାଙ୍ଗଙ୍କ ନାଁରେ ଶେୟାର ମାର୍କେଟ୍‌ରେ ଲକ୍ଷାଧିକ କଳା ଟଙ୍କା ନିବେଶ କରିଥିଲେ।

## ପୂର୍ବତନ ଝାରସୁଗୁଡ଼ା ଉପଜିଲାପାଳଙ୍କ
# ୩.୧୦ କୋଟି ସମ୍ପତ୍ତି ବାଜ୍ୟାପ୍ତ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ଝାରସୁଗୁଡା ଉପ ଜିଲାପାଳ ପ୍ରଦୀପ କୁମାର ବାରିକଙ୍କ ୩ କୋଟି ୧୦ ଲକ୍ଷ ୮୨ ହଜାର ୮୧୫ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ପ୍ରାଧିକୃତ ଅଧିକାରୀ ଫେବୃଆରୀ ୧୨ରେ ନିର୍ଦ୍ଦେଶ ଦେଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୧୨ ନଭେମ୍ବର ୫ରେ ଭିଜିଲାନ୍ସ ପକ୍ଷରୁ ପ୍ରଦୀପଙ୍କ ଝାରସୁଗୁଡାସ୍ଥିତ ଅଫିସ ଚାମ୍ବର, ଘର ଆଦିରେ ଏକକାଳୀନ ଚଢ଼ଉ ହୋଇଥିଲା। ଯାଞ୍ଚରୁ ତାଙ୍କର କୋଠା, ପ୍ଲଟ୍, ୪ଟି ଦାମୀ କାର୍, ସୁନା ଓ ରୁପା ଅଳଙ୍କାର ଏବଂ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇଥିଲା।

# ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ୨ବର୍ଷ ଜେଲ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର (ଅବସରପ୍ରାପ୍ତ) ରଘୁନାଥ ମଲ୍ଲିକ ୨୧ ବର୍ଷ ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଦ୍ୱାରା ଅକ୍ଟୋବର ୨୯ରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ରଘୁନାଥଙ୍କୁ ୨ ବର୍ଷ ଜେଲଦଣ୍ଡ ଓ ଲକ୍ଷେ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୦୩ ଜୁଲାଇ ୩ ଓ ୪ ତାରିଖରେ ରଘୁନାଥଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରି ବହୁ ସମ୍ପତ୍ତି ଠାବ କରିଥିଲା।

# ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଘରୁ ୨ କୋଟି





ମାଲକାନଗିରି ଜିଲା ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଫେବୃଆରୀ ୫ରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଚଢାଉବେଳେ ଶାନ୍ତନୁଙ୍କ ଘର ଓ ସହକର୍ମୀଙ୍କ ଘରୁ ୨ କୋଟି ୬ ଲକ୍ଷ ୯୨ ହଜାର ୮୫୦ ଟଙ୍କା ସମେତ ଅନ୍ୟାନ୍ୟ ସମ୍ପତ୍ତି ମିଳିଥିଲା। ଠାବ ହୋଇଥିବା ୨.୦୬ କୋଟି ଟଙ୍କାରୁ ଶାନ୍ତନୁଙ୍କ ୧.୯୮ କୋଟି ଥିଲା। ତେବେ ସରକାରୀ ଅର୍ଥ ହଡ଼ପ ସହ ଲାଞ୍ଚ ଟଙ୍କା ନେଇ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ସହଯୋଗ କରିଥିବାରୁ ଶାନ୍ତନୁ ଓ ଅନ୍ୟ ୪ ସହଯୋଗୀଙ୍କୁ ଭିଜିଲାନ୍ସ ଗିରଫ କରିଥିଲା।

ଜୁନ୍ ୩୦ ତାରିଖ ଥିଲା ଚାକିରି କାଳର ଶେଷ ଦିନ। ଅବସର ନେବାକୁ ପ୍ରସ୍ତୁତ ହେଉଥିବାବେଳେ ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ସୁଶୀଲ କୁମାର ପଣ୍ଡା ଭିଜିଲାନ୍ସ ଜାଲରେ ଫସିଯାଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁଶୀଲଙ୍କ ଘର ସମେତ ୭ଟି ସ୍ଥାନରେ ଜୁନ ୨୮ରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁରରେ ୬ ଉଚ୍ଚମୂଲ୍ୟ ପ୍ଲଟ୍, ଗୋଟିଏ ବହୁତଳ ପ୍ରାସାଦ, ୨ ଫ୍ଲାଟ୍, ଘରୁ ନଗଦ ୨.୦୫ ଲକ୍ଷ ଟଙ୍କା ଆଦି ସମ୍ପତ୍ତି ଠାବ ହୋଇଥିଲା।



# ଅବସରର ଦିନକ ପୂର୍ବରୁ ଚଢ଼ାଉ





ନିତ୍ୟାନନ୍ଦ ନାୟକ

# ଜଙ୍ଗଲୀ ବାବୁଙ୍କ ୧୧୫ ପ୍ଲଟ୍

ଜଙ୍ଗଲୀ ବାବୁଙ୍କ ଜମି କିଣା ସଉକ। ଦୁର୍ନୀତି ଟଙ୍କାରେ ସ୍ତ୍ରୀ, ପୁଅ, ଝିଅ ଓ ନିଜ ନାଁରେ କିଣିଥିଲେ ମାଳମାଳ ପ୍ଲଟ। ବହୁ ମୂଲ୍ୟବାନ୍ କାଠରେ ଚୌକିଠୁ ଟେବୁଲ, ଆଲ୍‌ମିରା, କବାଟ, ପଲଙ୍କ, ଖୁଣ୍ଟ ଆଦି ଆକର୍ଷଣୀୟ ଉପକରଣ ପ୍ରସ୍ତୁତ କରିଥିଲେ। କେବଳ ଏତିକି ନୁହେଁ ଘର ଭିତରେ ବେଆଇନ ଭାବେ ରଖିଥିଲେ ବନ୍ଧୁକଠୁ ଆରମ୍ଭ କରି ତୀର, ଟାଙ୍ଗିଆ, ଖଣ୍ଡା ଆଦି ବହୁ ମାରଣାସ୍ତ୍ର। କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକ ଭିଜିଲାନ୍ସ ଜାଲରେ ଜୁଲାଇ ୨୦ରେ ଫସିବା ପରେ ତାଙ୍କ କଳା କାରନାମା ପଦାକୁ ଆସିଥିଲା। ତାଙ୍କ ନିକଟରୁ ବହୁ ସମ୍ପତ୍ତି ସମେତ ୧୧୫ ପ୍ଲଟ୍ ଠାବ ହୋଇଥିଲା।

# ସିବିଆଇ ଜାଲରେ ଇପିଏଫ୍‌ଓ ପିଆର୍‌ଓ

ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ବ୍ରହ୍ମପୁର ଇପିଏଫ୍‌ଓ ଆଞ୍ଚଳିକ କାର୍ଯ୍ୟାଳୟର ପିଆର୍‌ଓ ଅନିଲ ରଥଙ୍କୁ ଜୁନ ୧୨ରେ ସିବିଆଇ ଗିରଫ କରିଥିଲା। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜଣକ ଦୁଇ କମ୍ପାନୀ ପକ୍ଷରୁ ଡିଜିଟାଲ ଦସ୍ତଖତ ଅନୁମୋଦନ ପାଇଁ ଆବେଦନ କରିଥିଲେ। ହେଲେ ଇପିଏଫ୍‌ଓ ଅଫିସ ପକ୍ଷରୁ ବିଭିନ୍ନ ତ୍ରୁଟି ଦର୍ଶାଯାଇ ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରିଦିଆଯାଉଥିଲା। ପରେ କମ୍ପାନୀ ପିଛା ୫ ହଜାରେ ଟଙ୍କା ଦେଲେ କାମ ହୋଇଯିବ ବୋଲି ଅନିଲ୍ କହିଥିଲେ।

# ଲାଞ୍ଚ ନେବା ବେଳେ ଏମ୍‌ସିଏଲ୍ ଅଧିକାରୀଙ୍କୁ ମାଡ଼ିବସିଲା ସିବିଆଇ

୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ସୁନ୍ଦରଗଡ ଜିଲା ବସୁନ୍ଧରା ଏରିଆ ଜେନେରାଲ ମ୍ୟାନେଜର (ଜିଏମ୍) ଅଖିଳେଶ କୁମାର ବର୍ମାଙ୍କୁ ଜୁଲ ୧୦ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗିରଫ କରିଥିଲା। ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଖିଳେଶଙ୍କୁ ବିଭାଗୀୟ ହାଜତକୁ ଯାଇଥିଲେ। ଘର ଅଧିଗ୍ରହଣ ପାଇଁ ଏମ୍‌ସିଏଲ୍ ତରଫରୁ ଫଣ୍ଡ ରିଲିଜ୍ ଲାଗି ଲାଞ୍ଚ ମାଗି ଫସିଥିଲେ।



# ଡେପୁଟି ରେଞ୍ଜରଙ୍କ ଘରୁ ମିଳିଲା ଦେଢ଼ କେଜି ସୁନା

ଜଙ୍ଗଲ ସୁରକ୍ଷା ବଦଳରେ ସରକାରୀ କ୍ଷମତାର ଦୁରୁପଯୋଗ କରି ଅମାପ ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ ଥିଲେ ବନ ଅଧିକାରୀ। ଘରେ ଗଚ୍ଛିତ ରଖିଥିଲେ ଦେଢ଼କେଜି ସୁନା, ସାଢ଼େ ୩ କେଜି ରୁପା। ସିକ୍ରେଟ୍ ଚାମ୍ବରରେ ଲୁଚାଇଥିଲେ ଦେଢ଼ କୋଟି ଟଙ୍କା। କିଛିମାସରେ ଅବସର ନେବା ପୂର୍ବରୁ ଭିଜିଲାନ୍ସ ଜାଲରେ ଜୁଲାଇ ୨୫ରେ ଫସିଯାଇଥିଲେ ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍। ଠାବ ହୋଇଥିବା ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟ ଠାରୁ ୫୦୧ପ୍ରତିଶତ ଅଧିକ ଥିବା ବେଳେ ଗିରଫ ହୋଇ ଜେଲ ଯାଇଥିଲେ।

## ୮୦ ଲକ୍ଷର ବନୀକରଣ ଦୁର୍ନୀତି
# ୫ ବନ ଅଧିକାରୀ ଗିରଫ

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୟପାଟଣା ବନାଞ୍ଚଳରେ ବନୀକରଣ ନାଁରେ ବ୍ୟାପକ ଦୁର୍ନୀତି ହୋଇଥିଲା। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ଦାୟିତ୍ୱରେ ଥିବା ବନ ବିଭାଗର ଅଫିସରମାନେ ଏହି ଦୁର୍ନୀତି କରିଥିଲେ। କମ୍ପେନ୍‌ସେଟୋରି ଆଫୋରଷ୍ଟେଶନ ସ୍କିମ୍ (କାମ୍ପା) ଜରିଆରେ ଗଛ ଲଗାଇବା ନାଁରେ ୮୦ ଲକ୍ଷ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ମେ’ ୧୩ରେ ଜୟପାଟଣା ବନାଞ୍ଚଳ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର୍ ସୈରେନ୍ଦ୍ରୀ ବାଗଙ୍କ ସମେତ ୫ ଅଧିକାରୀଙ୍କୁ ଗିରଫ କରିଥିଲା।




# 'ଶିଶୁଙ୍କ ଜିଜ୍ଞାସୁ ମନୋଭାବକୁ ଗୁରୁତ୍ୱ ଦିଆଯିବା ଉଚିତ'

## ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ

କେନ୍ଦୁଝର,୨୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଛାତ୍ରୀଛାତ୍ର ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ବର୍ତ୍ତମାନର ଛାତ୍ରୀଛାତ୍ର ଆଗାମୀ ଦିନରେ ବଡ଼ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍ଭାବନ କରି ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିବା ଦରକାର। ତେଣୁ ଶିଶୁଙ୍କ ଜିଜ୍ଞାସୁ ମନୋଭାବକୁ ସର୍ବଦା ଗୁରୁତ୍ୱ ଦେବା ଉଚିତ। ଶନିବାର କେନ୍ଦୁଝର ଟାଉନ ଡିଏନ୍ ହାଇସ୍କୁଲ ପରିସରରେ ଅନୁଷ୍ଠିତ ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଭାରତରେ ରହିଛି ଜ୍ଞାନର ଏକ ସଂସ୍କୃତି। ସେଥିରେ ଆତ୍ମା ଓ ପରମାତ୍ମା ଭଳି ଦାର୍ଶନିକ ତତ୍ତ୍ୱର ଗବେଷଣା ଓ ଚର୍ଚ୍ଚା କରାଯାଉଛି। ସାମାଜିକ ପ୍ରଗତି ଓ ଅର୍ଥନୈତିକ ଉନ୍ନତି ପାଇଁ ପ୍ରଯୋଗଭିତ୍ତିକ ବିଜ୍ଞାନ ବା ଟେକ୍ନୋଲୋଜିର ବିକାଶରେ ମଧ୍ୟ ଉଦ୍ୟମ କରାଯାଇଛି। ଆଜିକାଲି ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ବହୁ ପ୍ରକାର ସାଧନ ଅଛି। ପାଠ୍ୟପୁସ୍ତକ ବ୍ୟତୀତ ଡିଜିଟାଲ ଲାଇବ୍ରେରି ଏବଂ ବିଭିନ୍ନ ଅନ୍‌ଲାଇନ ମାଧ୍ୟମରେ ଅନେକ ନୂଆ ତଥ୍ୟ ଓ ଜ୍ଞାନ ଉପଲବ୍ଧ ଅଛି। ଏହାକୁ ଉପଯୋଗ କରି ଛାତ୍ରୀଛାତ୍ରମାନେ ଅଧିକ ଗବେଷଣା କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ଆଜିକାର ଛାତ୍ରୀଛାତ୍ର ଆଗାମୀ ଦିନରେ ବଡ଼ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍ଭାବନ କରିବା ସହିତ ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଓଡିଶାରେ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରାଯାଇଛି। ଏଥିରେ ବିଶେଷକରି ସ୍କୁଲ ଶିକ୍ଷାରେ ବ୍ୟାପକ ପରିବର୍ତ୍ତନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାଥମିକ ସ୍ତରରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଗଠନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କାରେ ୨୨ ଶହ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝରଗଡ଼ ପୌର ପରିଷଦର ଅଧ୍ୟକ୍ଷା ନିକୁ ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଜିଲାପାଳ ବିଶାଲ ସିଂହ ଓ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ, ୧୮ ଆହତ

- ମା' ସମଲେଶ୍ୱରୀ ଦର୍ଶନ ପାଇଁ ଆସୁଥିଲେ
- ୨ ଭୁବନେଶ୍ୱର ସ୍ଥାନାନ୍ତର

ସମ୍ବଲପୁର,୨୭।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଝୁପୁଡ଼ା ଥାନା ଅନ୍ତର୍ଗତ ଜାତୀୟ ରାଜପଥ(୫୫)ର କଂସର ନିକଟ ଏକ ନାଳ ଉପରେ ଶନିବାର ସକାଳେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୁବନେଶ୍ୱରରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଟୁରିଷ୍ଟ ବସ୍ ରାସ୍ତାପାର୍ଶ୍ୱସ୍ଥ ଗାର୍ଡୱାଲରେ ପିଟି ହୋଇଯିବା ଫଳରେ ଡ୍ରାଇଭରଙ୍କ ସମେତ ୧୮ଜଣ ଗୁରୁତର ଆହତ ହୋଇଛନ୍ତି। ଝୁପୁଡ଼ା ଥାନା ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଝୁପୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା।

ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ୨ଜଣଙ୍କୁ ଭିମ୍‌ସାରରୁ ଭୁବନେଶ୍ୱରର ଏକ ଘରୋଇ ନର୍ସିଂହୋମକୁ ସ୍ଥାନାନ୍ତରିତ କରାଯାଇଛି। ଆହତଙ୍କ ମଧ୍ୟରେ ୩ରୁ ୧୭ ବର୍ଷ ମଧ୍ୟରେ ୭ ଜଣ ଥିବା ବେଳେ ଜଣେ ୭୫ ବର୍ଷୀୟା ବୃଦ୍ଧା ମଧ୍ୟ ରହିଛନ୍ତି ବୋଲି ପୋଲିସ ସୂଚନା ଦେଇଛି। ସମସ୍ତେ ପୁରୀ, ଖୋର୍ଦ୍ଧା ଓ ଯାଜପୁରର ବାସିନ୍ଦା ହୋଇଥିବା ବେଳେ ପରସ୍ପର ସମ୍ପର୍କୀୟ ବୋଲି କୁହାଯାଇଛି। ଏ ନେଇ ଝୁପୁଡ଼ା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଛି। ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ୧୭ ଜଣ ପର୍ଯ୍ୟଟକଙ୍କୁ ନେଇ ମା' ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ବସ୍(ନଂ.ଓଡି-୦୨-ସିଏଲ୍-୦୮୫୦) ସମ୍ବଲପୁର ଅଭିମୁଖେ ବାହାରିଥିଲା। ମାତ୍ର ସମ୍ବଲପୁର ପହଞ୍ଚିବା ପୂର୍ବରୁ ଶନିବାର ଭୋର ପ୍ରାୟ ୫ଟାରେ କଂସର ନିକଟରେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।


ଦୁର୍ଘଟଣା ପରେ ବସ୍‌ଟି ଜାତୀୟ ରାଜପଥର ପୋଲ ପାର୍ଶ୍ୱସ୍ଥ ଗାର୍ଡୱାଲରେ ଝୁଲି ରହିଛି।




# ମୁହାଁମୁହିଁ ଧକ୍କାରେ ୨ ଟ୍ରକ୍ ଚୂରମାର, ୨ ଚାଳକ ମୃତ

ବଣାଇଁ,୨୭।୧୨(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଚୂନା ଘାଟି କୁଦ୍ରୁବୁରୁ ନିକଟରେ ଶନିବାର ପ୍ରତ୍ୟୁଷରେ ଦୁର୍ଘଟଣା ଘଟିଛି। ମୁହାଁମୁହିଁ ଧକ୍କାରେ ୨ଟ୍ରକ୍ ଚୂରମାର ହେବା ସହ ୨ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ୨ ଚାଳକଙ୍କ ନାମ ଜଣାପଡ଼ି ନ ଥିବାବେଳେ ଜଣେ କେନ୍ଦୁଝର ଜିଲା ବଡବିଲ ଅଞ୍ଚଳର ଓ ଅନ୍ୟ ଜଣେ ଉତ୍ତର ପ୍ରଦେଶର। ଲୌହପଥର ବୋଝେଇ ଟ୍ରକ ଚୂନାଘାଟିରେ ଓହ୍ଲାଉଥିବା ସମୟରେ ବ୍ରେକ ଫେଲ୍ ହେବାରୁ ଭାରସାମ୍ୟ ହରାଇ ଟ୍ରକ ୪ଥାକିଆ ରାସ୍ତା ଡିଭାଇଡରକୁ ଡେଇଁ ଅପରପାର୍ଶ୍ୱକୁ ଚାଲିଯାଇଥିଲା। ଅପରପାର୍ଶ୍ୱରେ କୋଇଡ଼ା ପଟକୁ ଯାଉଥିବା କୋଇଲା ବୋଝେଇ ଟ୍ରକକୁ ଧକ୍କା ଦେଇଥିଲା। ଉଭୟ ଟ୍ରକ୍‌ର ସମ୍ମୁଖ ଭାଗ ଚୂରମାର ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ପୋଲିସ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ପରେ ମୃତଦେହ ବାହାର କରିଥିଲେ।

# ଓଏମ୍‌ଏସ୍‌ଏ ଦାବିର ବିଚାର କରିବ ଅନ୍ତର୍ବିଭାଗୀୟ କମିଟି

- ସାଧାରଣ ପ୍ରଶାସନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ
- ଦାବିଗୁଡ଼ିକୁ ବିଚାରକରି ରିପୋର୍ଟ ଦେବ କମିଟି

ଭୁବନେଶ୍ୱର,୨୭।୧୨(ସୁନିତ୍ ମିଶ୍ର)

ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ (ଓଏମ୍‌ଏସ୍‌ଏ) ଦାବିଗୁଡ଼ିକ ପୂରଣକରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଚଳିତ ସପ୍ତାହରେ ଓଏମ୍‌ଏସ୍‌ଏ ପକ୍ଷରୁ ଧାରଣାରେ ବସିଥିବା ସଦସ୍ୟମାନଙ୍କ ସହ ବୈଠକ କରିଥିଲେ। ସେଠାରେ ସେମାନଙ୍କ ଦାବିଗୁଡ଼ିକ ଉପରେ ବିଚାରକରିବା ଲାଗି କମିଟି ଗଠନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସେହି କ୍ରମରେ ରାଜ୍ୟର ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ଓ ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ ଦ୍ୱାରା କରାଯାଇଥିବା ବିଭିନ୍ନ ଦାବିର ଅନୁଧ୍ୟାନ ନିମନ୍ତେ ଏକ ଅନ୍ତର୍ବିଭାଗୀୟ କମିଟି ଶନିବାର ଗଠନ କରାଯାଇଛି। ଏହି କମିଟି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି। କମିଟିରେ ସଦସ୍ୟ ଭାବେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଏବଂ ଓଡ଼ିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଅଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ କମିଟିରେ ସଦସ୍ୟ-ସଂଯୋଜକ ଭାବେ କାର୍ଯ୍ୟ କରିବେ। ଏହି କମିଟି ଓଏମ୍‌ଏସ୍‌ଏର ବିଭିନ୍ନ ଦାବି ଉପରେ ଆଲୋଚନାକରି ସେଗୁଡ଼ିକର ବିଭିନ୍ନ ଦିଗକୁ ବିଚାରକରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ରାଜ୍ୟ ସରକାର ଚିକିତ୍ସକମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ଅଛନ୍ତି ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟସେବାକୁ ଅଧିକ କାର୍ଯ୍ୟକାରୀ କରିବା ପାଇଁ ସଦା ସକାରାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ୧୦ମ ଶ୍ରେଣୀ ଇତିହାସ, ରାଜନୀତି ବିଜ୍ଞାନ ବହିରେ ଭୁଲ୍ ତଥ୍ୟ

ଭଦ୍ରକ,୨୭।୧୨(ସନାତନ ରାଉତ)

୨୦୧୩ ମସିହାରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ୧୦ମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଭୁଲ୍ ତଥ୍ୟ ଦିଆଯାଇଛି। ପୃଷ୍ଠା ସଂଖ୍ୟା-୩୧ର ପାରା-୩ ଓ ପାରା-୫ରେ ଭାରତ ଛାଡ଼ ଆନ୍ଦୋଳନ ପରିପ୍ରେକ୍ଷୀରେ ଅବିଭକ୍ତ ବାଲେଶ୍ୱର ଜିଲା ତଥା ବର୍ତ୍ତମାନର ଭଦ୍ରକ ଜିଲାର ଶହୀଦନଗର ଓ ଇରମରେ ଶହୀଦ ହୋଇଥିବା ଶହୀଦମାନଙ୍କ ସଂଖ୍ୟା, ଗୁଳିକାଣ୍ଡର ସ୍ଥାନ, ତାରିଖ ସମ୍ପର୍କରେ ସମ୍ପୂର୍ଣ୍ଣ ଭୁଲ୍ ଲେଖା ହୋଇଛି। ଭାରତର ଛାତ୍ର ଫେଡେରେଶନ (ଏସ୍‌ଏଫ୍‌ଆଇ)ର ପୂର୍ବତନ ରାଜ୍ୟ ସଭାପତି ତଥା ସିପିଏମ୍ ଭଦ୍ରକ ଜିଲା କମିଟି ସଭ୍ୟ ବିକାଶ ନାଥ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ଏହି ଭୁଲ୍ ତଥ୍ୟକୁ ଖୁବ୍‌ଶୀଘ୍ର ପରିବର୍ତ୍ତନ କରି ଠିକ୍ ତଥ୍ୟ ପ୍ରକାଶିତ କରିବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଓ ରାଜ୍ୟ ଗଣଶିକ୍ଷା ବିଭାଗକୁ ଗଣମାଧ୍ୟମ ଜରିଆରେ ସେ ଶନିବାର ନିବେଦନ କରିଛନ୍ତି।

୧୯୪୨ ସେପ୍ଟେମ୍ବର ୨୨ରେ ଅବିଭକ୍ତ ବାଲେଶ୍ୱର ଜିଲା ତଥା ବର୍ତ୍ତମାନ ଭଦ୍ରକ ଜିଲାର ଲୁଣିଆ ଗାଁ ସଂଲଗ୍ନ ଚାନ୍ଦିଆପୋଖିଠାରେ ବ୍ରିଟିଶ ଗୁଳିରେ ୯ଜଣ ଆନ୍ଦୋଳନକାରୀ ଶହୀଦ ହୋଇଥିଲେ। କିନ୍ତୁ ଦଶମ ଶ୍ରେଣୀ ଇତିହାସ ଓ ରାଜନୀତିବିଜ୍ଞାନ ବହିରେ ୧୯୪୨ ସେପ୍ଟେମ୍ବର ୨୧ରେ ଶ୍ରୀଜଙ୍ଗ ଗାଁରେ ୧୦ ବା ୧୧ଜଣ ବ୍ୟକ୍ତି ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ ବୋଲି ଭୁଲ୍ ତଥ୍ୟ ପ୍ରକାଶିତ ହୋଇଛି। ଗୁଳିକାଣ୍ଡର ସ୍ଥାନ, ତାରିଖ ଓ ଶହୀଦଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ଭୁଲ୍ ଥିବାରୁ ଏହା ଭଦ୍ରକ ଜିଲାବାସୀ ଓ ଶହୀଦମାନଙ୍କ ସ୍ମୃତି ପ୍ରତି ଉପହାସ ବୋଲି ବିକାଶ କହିଛନ୍ତି। ସେହିଭଳି ୧୯୪୨ ସେପ୍ଟେମ୍ବର ୨୮ରେ ବିଦେଇପୁରରୁ ଇରମ ୧୯ ବର୍ଗମାଇଲ ସ୍ୱାଧୀନ ବାଞ୍ଛାନିଧି ଚକଡ଼ାରେ ଧାନ ଫସଲ ଓ ସାମୁଦ୍ରିକ ଲୁଣର କର ନ ଦେବା ପାଇଁ ସାଧାରଣ ଜନତା ଏକତ୍ରିତ ହୋଇ ଇରମ ମେଳନ ପଡ଼ିଆରେ ବୈଠକ କରୁଥିବା ବେଳେ ବାସୁଦେବପୁରର ପାଢ଼ୀ ଜମିଦାରର ଖବରକ୍ରମେ ତତ୍କାଳୀନ ପୋଲିସ ଅଫିସର କୁଞ୍ଜବିହାରୀଙ୍କ ସମେତ ବ୍ରିଟିଶ ପୋଲିସ ସେଠାରେ ପହଞ୍ଚି ଅତି ନିଷ୍ଠୁର ଭାବେ ଗୁଳି ଚାଳନା କରିଥିଲେ। ଏହି ରକ୍ତତୀର୍ଥ ଇରମରେ ମହିଳା ଶହୀଦ ପରୀ ବେୱାଙ୍କ ସମେତ ମୋଟ ୨୯ଜଣ ଶହୀଦ ହୋଇଥିଲେ। ଭାରତର ପୁରାତନ ରାଜଧାନୀ କୋଲକାତାଠାରେ ପ୍ରତିଷ୍ଠିତ ନ୍ୟାଶନାଲ ଲାଇବ୍ରେରିରେ ଏହି ଉଭୟ ଗୁଳିକାଣ୍ଡ ସମ୍ପର୍କରେ ବ୍ରିଟିଶ ସରକାରଙ୍କ ତଥ୍ୟକୁ ଭାରତ ସରକାର ସାଇତି ରଖିଛନ୍ତି। କିନ୍ତୁ ଭୁଲ୍ ଭାବେ ଏହି ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଇରମରେ ୨୮ଜଣ ଶହୀଦ ହୋଇଛନ୍ତି ବୋଲି ପ୍ରକାଶିତ ହୋଇଛି। ଦୀର୍ଘ ୧୨ ବର୍ଷ ଧରି ଏହି ଭୁଲ୍ ତଥ୍ୟକୁ ଛାତ୍ରୀଛାତ୍ରଙ୍କୁ ପଢ଼ାଯାଉଛି। ଇତିହାସ ଶିକ୍ଷୟିତ୍ରୀ ଶିକ୍ଷକମାନେ କାହିଁକି ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଏହି ବିଷୟ ଆଣିନାହାନ୍ତି ବୋଲି ବିକାଶ ପ୍ରଶ୍ନ ଉଠାଇଛନ୍ତି। ଏହି ତ୍ରୁଟିକୁ ୨୦୨୬ ଫେବୃଆରୀରେ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷା ପୂର୍ବରୁ ସଂଶୋଧନ କରା ନ ଗଲେ ଭଦ୍ରକ ଜିଲାରୁ ଛାତ୍ର ଆନ୍ଦୋଳନ ଆରମ୍ଭ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।


ଭୁଲ୍ ତଥ୍ୟ ଲେଖାଯାଇଥିବା ବହିର ୩୧ ପୃଷ୍ଠା।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ନେହୀ ସମାଜ ପକ୍ଷରୁ ୫୭ତମ ସାଧାରଣ ଅଧିବେଶନ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଶା ଖାଦ୍ୟ ମହୋତ୍ସବ ୨୦୨୫, ସ୍ଥାନ: ଇଡକୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ଆଲୋଚନାଚକ୍ର, ସ୍ଥାନ: ଶ୍ୟାମମାଧବ ବାସନ୍ତୀ ଦେବୀ ପାଠଗାର ସଭାଗୃହ, ସମୟ : ସକାଳ ୯ଟା।
- ନୂଆଗାଁ ପ୍ରିମିୟର ଲିଗ୍, ସ୍ଥାନ: ନୂଆଗାଁ ଖେଳପଡ଼ିଆ, ସମୟ : ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଶରଧାପୁର ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍, ସ୍ଥାନ : ଶରଧାପୁର ଖେଳପଡ଼ିଆ, ସମୟ : ଅପରାହ୍ନ ୩ଟା।

## ବାଲେଶ୍ୱର

- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ,ସ୍ଥାନ:ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱରସମୟ:ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ଗ୍ରନ୍ଥ ଉନ୍ମୋଚନ ଉତ୍ସବ,ସ୍ଥାନ:ଶ୍ରୀ ମାଧବେନ୍ଦ୍ର ଗୌଡ଼ୀୟ ମଠ, ରେମୁଣା, ସମୟ:ପୂର୍ବାହ୍ନ ୧୦ଟା।
- ଦରଖୁଳି ପ୍ରିମିୟର ଲିଗ୍ ଉଦଘାଟନୀ ଉତ୍ସବ, ସ୍ଥାନ:ଦରଖୁଳି ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସୋର-କୁପାରୀ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ, ସ୍ଥାନ:ଦୁଡ଼ିଗଡ଼ିଆ, ଖଇରା, ସମୟ:ପୂର୍ବାହ୍ନ ୧୧ଟା।
- ଚାନ୍ଦିପୁର ଗୋଲ୍ଡେନ୍ ବିଚ୍ ଫେଷ୍ଟିଭାଲ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ:ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର,ସମୟ:ମଧ୍ୟାହ୍ନ ୧୨ଟା ୩୦।
- ହରିପୁର ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଉଦଘାଟନୀ ସମାରୋହ, ସମୟ: ଅପରାହ୍ନ ୨ଟା, ସ୍ଥାନ:ସ୍କୁଲ ପରିସର, ଖଇରା।
- 'ଅଭିନନ୍ଦନ'ର ୧୭ତମ ସ୍ୱନକ୍ଷତ୍ର ଦିବସ, ସ୍ଥାନ:ଭେନିୟା ପାରାଡାଇଜ୍, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।
- ପୁସ୍ତକ ଲୋକାର୍ପଣ ଉତ୍ସବ,ସ୍ଥାନ:ଷ୍ଟେଶନ କ୍ଲବ, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।
- ଉପେନ୍ଦ୍ରନାଥ ପ୍ରଧାନ ସ୍ମୃତି ପରିଷଦ ଆନୁକୂଲ୍ୟରେ ଉପେନ୍ଦ୍ର ସମାରୋହ-୨୦୨୫, ସ୍ଥାନ:ଶିକ୍ଷକଭବନ, ସୋର,ସମୟ-ଅପରାହ୍ନ ୪ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ରାଜବାଟି ଛକ, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା।
- ଉତ୍ସବ ଉତ୍ତର ଓଡ଼ିଶା ଉଦ୍‌ଘାଟନୀ ସନ୍ଧ୍ୟା,ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- କୋଶମ୍ବ ମେଳାର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- କଂଗ୍ରେସର ପ୍ରତିଷ୍ଠା ଦିବସ, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୯ଟା।
- ବନ୍ଧୁମିଳନ ଓ ଗୁରୁପୂଜନ, ସ୍ଥାନ: କରଞ୍ଜଆଡ଼ିଆ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଚକ୍ଷୁ ଚିକିତ୍ସା ଓ ରକ୍ତ ପରୀକ୍ଷା ଶିବିର, ସ୍ଥାନ: ପୀରହାଟ ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ପ୍ରତିଷ୍ଠା ଦିବସ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ୧୯୮୭ ମସିହା ବ୍ୟାଚ୍ ବନ୍ଧୁମିଳନ, ସ୍ଥାନ: ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଆଗରପଡ଼ା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ଏଏମ୍‌ବି ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଧାମନଗର କଲେଜ ପାଖ, ସମୟ: ଅପରାହ୍ନ ୫ଟା।
- ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ଗୋଲପୁରସ୍ଥିତ ସ୍କୁଲ ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ବାଣିଜ୍ୟ ମେଳାର ୫ମ ସନ୍ଧ୍ୟା, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ପ୍ରଦେଶ ସେବା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ପୀରହାଟ ବଜାର ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ବିଦ୍ୟାରମ୍ଭ ସଂସ୍କାର ମହୋତ୍ସବ, ସ୍ଥାନ: ସଚ୍ଚିଦାନନ୍ଦ ଗୁରୁକୁଳ, ବିଜୟରାମଚନ୍ଦ୍ରପୁର, ବାରିପଦା, ସମୟ: ସକାଳ ୮ଟା।
- ସାରସ୍ୱତ ବନ୍ଧୁମିଳନ ଓ ସାହିତ୍ୟ ଉତ୍ସବ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ପଞ୍ଚବିଂଶ ପ୍ରତିଷ୍ଠା ଦିବସ ଓ ରୌପ୍ୟ ଜୟନ୍ତୀ, ସ୍ଥାନ: ରଙ୍ଗାମାଟିଆ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ବ୍ଲକ, କଳଗୁଳି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ

- ଶୀତ ମହୋତ୍ସବ ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ର, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ, ସମୟ: ସକାଳ ୯ ଟା।

## ଅନୁଗୋଳ

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ପୌରପାଳିକାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ, ସ୍ଥାନ : ଅନୁଗୋଳ ରାଜା ଛକ, ସମୟ : ସକାଳ ୭ଟା।
- ସମୂହ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ଅନୁଗୋଳ ପୌରପାଳିକାଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ : ସକାଳ ୭ଟା ୩୦।
- କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ଗାନ୍ଧୀ ପାର୍କ, ସମୟ : ସକାଳ ୮ଟା।
- ଅଙ୍ଗନୱାଡ଼ିକେନ୍ଦ୍ର ଶିଶୁଙ୍କ ସହ ସାକ୍ଷାତ, ସ୍ଥାନ : ଅନୁଗୋଳ ବ୍ରାହ୍ମଣୀଦେଇପଡ଼ା, ସମୟ : ସକାଳ ୮ଟା ୩୦।
- ରାଜ୍ୟସ୍ତରୀୟ ଚଷା ସମାଜ ମହାସମାବେଶ, ସ୍ଥାନ: ବାମୁର, ସମୟ: ସକାଳ ୧୦ଟା।
- ଅଖିଳ ଭାରତୀୟ ରାଷ୍ଟ୍ରୀୟ ମହାସଂଘ କାର୍ଯ୍ୟକ୍ରମ, ସ୍ଥାନ : ଅନୁଗୋଳ ସଭାଘର, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ଫୁଟବଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ପତାକା ଖେଳ ପଡ଼ିଆ, ସମୟ : ଅପରାହ୍ନ ୩ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: କିଶୋରନଗର ବରପଡ଼ିଆ, ସମୟ ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ପାରାଦୀପ ପ୍ରେସ ମିଡିଆର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଅଟଳ ମେମୋରିଆଲ ଟ୍ରଷ୍ଟ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ବିଶ୍ୱଜିତ୍ ଆଚାର୍ଯ୍ୟଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ସଦନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କଂଗ୍ରେସ ଭବନ, କଜଳା, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ପ୍ରଦାନ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସରସ୍ୱତୀ ଷ୍ଟାଡିୟମ, ଡାଳିକାଏନ୍ଦା, ରାଜକନିକା, ସମୟ:ପୂର୍ବାହ୍ନ ୧୦ଟା ।
- ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କାମେଶ୍ୱର ପୀଠ, ରସିଲାବାଦ, ଜିରାଳୋ, ଗରଦପୁର, ସମୟ:ସକାଳ ୯ଟା ।
- ବାଦିପାଲା ମହୋତ୍ସବ, ସ୍ଥାନ:ମାଆ ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।
- ରାଜ୍ୟସ୍ତରୀୟ ଡେରାବିଶ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ବାଲିଚନ୍ଦ୍ରପୁର ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ବାଲିଚନ୍ଦ୍ରପୁର ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସର, ସମୟ: ସକାଳ ୯ଟା।
- ଶ୍ୟାମ ସୁନ୍ଦର ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଦଶରଥପୁର ବ୍ଲକ ଶ୍ୟାମ ସୁନ୍ଦର ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ସାମୁହିକ ପ୍ରାର୍ଥନା ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ ଖଣ୍ଡିତର ଖ୍ରୀଷ୍ଟିଆନପଡ଼ା, ସମୟ : ପୂର୍ବାହ୍ନ ୧୧ଟା।
- କୁଆଖିଆ ମହୋତ୍ସବରେ କବିତା ଆସର, ସ୍ଥାନ: ସାରଙ୍ଗପୁର ମେଲଣ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଉଦୟବଟ ସମ୍ବାଦପତ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ଦୁର୍ଲଭ କଳା ପରିଷଦ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ, ସ୍ଥାନ: ଯାଜପୁର ପ୍ରଶାସନିକ ଭବନ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଧର୍ମଶାଳା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- କୁଆଖିଆ ମହୋତ୍ସବରେ ଗୋଟିପୁଅ ନୃତ୍ୟ, ସ୍ଥାନ: ସାରଙ୍ଗପୁର ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଶ୍ରୀ ଜଗନ୍ନାଥ ଧାମ ପୁରୀ ପକ୍ଷରୁ ୩୪ତମ ଚାରଣ ପ୍ରବଜ୍ୟାରେ ପ୍ରଭୁ ଜଗନ୍ନାଥ ବିମାନରେ ପରିକ୍ରମା, ସ୍ଥାନ:ଭାପୁର ବ୍ଲକ ମହୁଲବେରଣା, ଭୋଗଡା, ଲକ୍ଷ୍ମୀପ୍ରସାଦ, ଖପରାମଲ୍ଲ, ନୂଆଗାଁ, ଖଣ୍ଡପଡା ବ୍ଲକ କଣ୍ଟିଲୋ ନୀଳମାଧବ ପୀଠ, ସମୟ:ସକାଳ ୬ରୁ ସନ୍ଧ୍ୟା ୬ଟା ।
- ଘୋଡଲାଗି ପର୍ବର ୩୨ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୩୨ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର : ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା ।
- ରାମଚରିତ ମାନସର ୩ୟ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୯ଟା ।
- ଜିଲା ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ମହୋତ୍ସବ ପଡିଆ, ସମୟ: ପୂର୍ବାହ୍ନ ୧୦ରୁ ରାତ୍ର ୧୨ ।
- ଖଣ୍ଡପଡା ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ମଧୁବନ କ୍ରୀଡାଙ୍ଗନ, ସମୟ: ପୂର୍ବାହ୍ନ ୧୧ରୁ ରାତି ୧୦ଟା।
- ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କର ରାମ ତାରକ ମହାଯଜ୍ଞର ଅଙ୍କୁରାରୋପଣ, ସ୍ଥାନ:ଓଡଗାଁ ଶ୍ରୀଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ସେମି ଫାଇନାଲ ମ୍ୟାଚରେ ଏମଫିସି କୋଲକତା ବନାମ ଓଡ଼ିଶା ପୋଲିସ କଟକ, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳପଡିଆ, ସମୟ:ଅପରାହ୍ନ ୩ଟା ।

## ନବରଙ୍ଗପୁର

- ଅବସରପ୍ରାପ୍ତ ଡାକ୍ତର ସନ୍ତୋଷ ପଣ୍ଡାଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ, ସ୍ଥାନ: ଏସ୍‌ଏସ୍ ହୋଟେଲ, ସମୟ: ସନ୍ଧ୍ୟା ୬ ଟା।

## କୋରାପୁଟ

- ମା' ଠାକୁରାଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଗିର୍ଲା ପଞ୍ଚାୟତ ଆଙ୍କଲା ଗ୍ରାମ, କୋଟପାଡ଼, ସମୟ: ଅପରାହ୍ନ ୩ ଟା।
- ପ୍ରେସ କ୍ଲବର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: କ୍ଲବ ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ରଙ୍କ ଚତୁର୍ଥ କେନ୍ଦ୍ରରେ ବୃହସ୍ପତି କର୍ମକ୍ଷେତ୍ର ଓ ପାରିବାରିକ ଜୀବନର ବ୍ୟତିକ୍ରମକୁ ସୁଧାରି ନେବେ। ନିଜର ସମ୍ପର୍କୀୟମାନଙ୍କ କୌଣସି ଘରୋଇ ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ଉପରିସ୍ଥ କର୍ମଚାରୀଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରି ମନସ୍ତାପ କରିବାକୁ ପଡ଼ିପାରେ। ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାୟତଃ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ** କର୍ମକ୍ଷେତ୍ରରେ ରାହୁଙ୍କ ସ୍ଥିତିଜନିତ ଅସମ୍ପୂର୍ଣ୍ଣ କାର୍ଯ୍ୟ ସକାଶେ ଅନୁତାପ କରିବେ। ନିଜର ସ୍ୱାର୍ଥ ହାସଲ ସକାଶେ କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ କାମ କଲେ ପ୍ରଶଂସିତ ହେବେ। ସଙ୍ଗୀତ ଆସରରେ ଯୋଗଦେଇ ସୁନାମ ଅର୍ଜନ କରିବାର ସୁଯୋଗ ପାଇପାରନ୍ତି।

**ମିଥୁନ** ଶନି ସହ ଚନ୍ଦ୍ରଙ୍କ ସଂଯୋଗରୁ ଆଳସ୍ୟ ଓ ଅବହେଳାଜନିତ ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ବନ୍ଧୁମେଳରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ଅର୍ଥ ସହ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**କର୍କଟ** ରାଶ୍ୟାଧିପ ଭାଗ୍ୟସ୍ଥାନରେ ରହିବା ଯୋଗୁ ଯେଉଁ କାମ ଆରମ୍ଭ କରିବେ ସଫଳତା ନିଶ୍ଚିତ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ହେତୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କିନ୍ତୁ ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଅସଫଳତାଜନିତ ଟେନ୍‌ସନ ହେତୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ସିଂହ** ଚନ୍ଦ୍ରଙ୍କ କେନ୍ଦ୍ରରେ ରବି ଯୋଗୁ ସମ୍ପର୍କୀୟଙ୍କ ସହାୟତାରେ ଅସ୍ଥିରତା ଦୂରୀଭୂତ ହୋଇଯିବ। ତଥାପି ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଆଜିର ଫେରିବା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା** ତିନୋଟିଗ୍ରହ କର୍ମସ୍ଥ ବୃହସ୍ପତିଙ୍କୁ ଦେଖୁଥିବାରୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କରଜଦାତାଙ୍କ ଚାପ ବୃଦ୍ଧି ମାନସିକ ଅଶାନ୍ତିର କାରଣ ହେବ। ଦୂରରେ ରହୁଥିବା ବ୍ୟକ୍ତି ପରିବାରକୁ ମନେପକାଇ ନିଃସଙ୍ଗତାବୋଧ କରିପାରନ୍ତି। ବାଣିଜ୍ୟ ବ୍ୟବସାୟରେ ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହୁଥିବାରୁ ମନସ୍ତାପ କରିପାରନ୍ତି।

**ତୁଳା** ଭାଗ୍ୟସ୍ଥାନରେ ଷଷ୍ଠାଧିପ ଚନ୍ଦ୍ର କେନ୍ଦ୍ରରେ ରହି କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ ମତପାର୍ଥକ୍ୟଜନିତ ନିଜର ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହେବେ।

**ବିଛା** ଶନି ଓ ଚନ୍ଦ୍ର କୋଣଭାବରେ ଥିବାରୁ ପୂର୍ବ ପରିକଳ୍ପିତ ଯୋଜନା ବିଗିଡ଼ିଯିବାରୁ ମନ ଦୁଃଖ ହୋଇପାରେ। ପରିବାରରେ ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ହେଉଥିବା ଯୋଗୁ ମନ ଅଶାନ୍ତ ରହିବ। ସରକାରୀ ସ୍ତରରୁ ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ** ଚନ୍ଦ୍ରଙ୍କ ଦୁଃସ୍ଥାନରେ ରାହୁଥିବାରୁ କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କଲେ ସଫଳତା ପାଇବେ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ମନଗଢ଼ା କଥା କହି ସମସ୍ୟା ସୃଷ୍ଟି କରିବେ। କର୍ମକ୍ଷେତ୍ରରେ ହଠାତ୍ ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର** ଦ୍ୱାଦଶସ୍ଥ ଏକାଧିକ ଗ୍ରହ ପ୍ରଭାବରେ ବାରମ୍ବାର ଭ୍ରମଣ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ମୁଖରେ ମନ କଥାକୁ ଲୁଚାଇ ରଖି ସୌଜନ୍ୟମୂଳକ ସାକ୍ଷାତ୍ ଆଲୋଚନା କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ, ଫଳରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଦେଖାଶୁଣା ନଥିବା ଜଣେ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**କୁମ୍ଭ** ଚତୁର୍ଥାଧିପ ଶୁକ୍ରଙ୍କ ପ୍ରଭାବରୁ ସ୍ତ୍ରୀଙ୍କ ପରାମର୍ଶ ଗ୍ରହଣଯୋଗ୍ୟ ହେବା ସହ କାମକୁ ଆସିବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହେବେ। ଦୀର୍ଘଦିନରୁ ଲାଗି ରହିଥିବା କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। କର୍ମକ୍ଷେତ୍ରରେ ଆଶା କରୁଥିବା ସୁଯୋଗ ଆପଣାଛାଏଁ ଆସିବ ଏବଂ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହେବ।

**ମୀନ** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସୁବିଧା ସୁଯୋଗ ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ରାହୁଦୃଷ୍ଟ ବୃହସ୍ପତିଜନିତ କ୍ଳାନ୍ତିବୋଧ ସାଙ୍ଗକୁ ଦେହ ଭଲ ରହି ନ ପାରେ। ପଡ଼ୋଶୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବା ଭଲ ହେବ। ସ୍ୱତନ୍ତ୍ର ନିମନ୍ତ୍ରିତ ହୋଇ ପରିଜନଙ୍କ ସହିତ ବନ୍ଧୁଙ୍କ ଗୃହକୁ ଯାତ୍ରା କରିପାରନ୍ତି।

ଆଜି ଡିସେମ୍ବର ୨୮ ତାରିଖ, ପୌଷ ଶୁକ୍ଳ ଅଷ୍ଟମୀଯୁକ୍ତ ନବମୀ ରବିବାର, ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଦିବା ଘ.୦୮।୪୨ମି. ଗତେ, ରେବତୀ ନକ୍ଷତ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଏବଂ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୭ ଗତେ ଘ.୦୯।୧୬ ମଧ୍ୟେ, ଘ.୦୧।୦୯ ଗତେ ଘ.୦୩।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୧ମି. ଗତେ ଘ.୦୫।୧୨ମି. ମଧ୍ୟେ ରାହୁକାଳ ॥

## ପହିଲାରୁ ୩ ଡିଗ୍ରୀ ...

ସେହିପରି ରାତି ତାପମାତ୍ରା ୪.୮ ଡିଗ୍ରୀ(କୋରାପୁଟ)ରୁ ୧୬.୫ ଡିଗ୍ରୀ(ଗୋପାଳପୁର) ମଧ୍ୟରେ ରହିଥିଲା। ରବିବାର ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ଦେବଗଡ଼, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ସୋନପୁର, ଜଗତ୍‌ସିଂହପୁର ଓ ଝାରସୁଗୁଡ଼ାର କେତେକ ସ୍ଥାନରେ ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ି ଦେଖାଯିବାର ସମ୍ଭାବନା ରହିଛି। ଅନ୍ୟପଟେ ଘନକୁହୁଡ଼ି ନେଇ କନ୍ଧମାଳ, କୋରାପୁଟ ଓ ନୟାଗଡ଼ ଆଦି ଜିଲାର କିଛି ସ୍ଥାନକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ କଥା ଥିଲା ମନରେ
କାଳୀ କି ଘେନି କି ଘର କରିବି
ଗୋରୀ କି ଛାଡ଼ିଲି ବନରେ ?**

ଭଲକୁ ଆଶା କରି ଭେଲ ମିଳିଲେ ମନର ସରାଗ ମରିଯାଏ। ପରିସ୍ଥିତିରେ ପଡ଼ି ସୁନ୍ଦରୀ ଝିଅକୁ ଛାଡ଼ି ଅସୁନ୍ଦରୀ ଝିଅଟିକୁ ବିବାହ କରିଥିବା ଯୁବକଟିର ଅସହାୟ ଅବସ୍ଥା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏ ନାହାରେ ଗୋଡ଼େ,
ସେ ନାହାରେ ଗୋଡ଼େ।**

ଦୁଇ ନାଆରେ ଗୋଡ଼ ଦେଲେ ମଝି ଦରିଆରେ ବୁଡ଼ି ମରିବା ହିଁ ସାର ହୋଇଥାଏ। ଦୁଇପଟକୁ ଆଶା କରିଥିବା ବ୍ୟକ୍ତି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନେଇ ରଖିଥିବା ଆଶା ଆଶାରେ ହିଁ ରହିଯାଇଥାଏ। ଦୁଇପକ୍ଷକୁ ଆଶ୍ରା କରି ହଇରାଣ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଅଫ୍‌ଲାଇନରେ...

ବିଭାଗର ୱେବ୍‌ସାଇଟ, ଆପ୍ଲିକେଶନ କିମ୍ବା ଆର୍‌ଟିଓରେ ଅର୍ଥ ପୈଠ ପାଇଁ ଏସଟିଏ ଦ୍ୱାରା ପରାମର୍ଶ ଦିଆଯାଉଛି। ସାଧୁତା, ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ପୂର୍ବରୁ ଅନ୍‌ଲାଇନରେ ଅର୍ଥ ପୈଠ ପାଇଁ ବ୍ୟବସ୍ଥା ହୋଇଥିଲା। ତେବେ ଅଫ୍‌ଲାଇନ ବ୍ୟବସ୍ଥାରେ ମଧ୍ୟ ଅର୍ଥ ଗ୍ରହଣ ପାଇଁ ଗତ କିଛିଦିନ ଧରି ଜନସାଧାରଣ ଦାବି କରି ଆସୁଛନ୍ତି। ଜନସାଧାରଣଙ୍କ ଏହି ଦାବିକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନାନୁସାରେ, ରାଜ୍ୟର ସମସ୍ତ ଆର୍‌ଟିଓ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଇ-ଚାଲାଣ ଅର୍ଥ ଗ୍ରହଣ ପାଇଁ ଦାୟିତ୍ୱ ପ୍ରଦାନ କରାଯିବ। କେବଳ ଗାଡ଼ି ମାଲିକ କିମ୍ବା ଖିଲାପକାରୀଙ୍କଠାରୁ ସକ୍ରିୟ ବକେୟା ଇ-ଚାଲାଣ ବାବଦରେ ଅର୍ଥ ଗ୍ରହଣ କରାଯିବ। ଇ-ଚାଲାଣ ଗ୍ରହଣ ପରେ ରସିଦ ପ୍ରଦାନ କରାଯିବ ଏବଂ ଅର୍ଥ ପୈଠ ହେଲା ବୋଲି ଅନଲାଇନରେ ମଧ୍ୟ ଅପଡେଟ ହେବ। ଇ-ଚାଲାଣ ବାବଦରେ ଗ୍ରହଣ କରାଯାଇଥିବା ସମସ୍ତ ଅର୍ଥ ରାଶି ପରବର୍ତ୍ତୀ କାର୍ଯ୍ୟ ଦିବସରେ ସରକାରୀ କୋଷାଗାରରେ ଜମା କରାଯିବ। ଅଫ୍‌ଲାଇନ ବ୍ୟବସ୍ଥାରେ ସାଧୁତା ଏବଂ ପାରଦର୍ଶତାକୁ ସର୍ବୋତ୍ତମ ପ୍ରାଧାନ୍ୟ ସହ ଜନସାଧାରଣଙ୍କୁ ଉତ୍ତମ ସହାୟତା ପ୍ରଦାନ ପାଇଁ ଆର୍‌ଟିଓମାନଙ୍କୁ ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଫେବୃଆରୀରୁ ସବୁ ...

କଟିଗଲା। ଫଳରେ ଲୋକେ ଏକପ୍ରକାର ଭୟଭୀତ ହୋଇଗଲେ। ସିଧାସଳଖ ୧୦ ହଜାର ଟଙ୍କା ଜରିମାନାର ପ୍ରଭାବ ଏପରି ପଡ଼ିଲା ଯେ ମାଲିକମାନେ ଏହାପରଠାରୁ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଆଗରେ ଲାଇନ ଲଗାଇଲେ। ଏହାସହ ଲୋକଙ୍କ ନିକଟରୁ ବିଭିନ୍ନ ପ୍ରକାର ଅଭିଯୋଗ ମଧ୍ୟ ସାଧାରଣରେ ପ୍ରକାଶ ପାଇଲା। ଫଳରେ ସରକାର ଏହି କଡ଼ାକଡ଼ି ଯାଞ୍ଚ ପ୍ରକ୍ରିୟାକୁ ଫେବୃଆରୀ ପର୍ଯ୍ୟନ୍ତ ବୃଦ୍ଧିକଲେ। ଏବେ ସରକାରଙ୍କ ପକ୍ଷରୁ ଏହାକୁ ନେଇ ଏକ ବଡ଼ ଘୋଷଣା କରାଯାଇଛି। ୨୦୨୬ ଫେବୃଆରୀରୁ ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବା ବାଧ୍ୟତାମୂଳକ ହେବ ବୋଲି ପରିବହନ ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପ୍ରଦୂଷଣ ପ୍ରମାଣପତ୍ର ଥିବା ଗାଡ଼ିରେ ଫେବୃଆରୀରୁ ଗ୍ରୀନ୍ ଷ୍ଟିକର ଲାଗିବ। ମୋଟର ଭେହିକଲ ଆକ୍ଟ ଅନୁସାରେ ଗାଡ଼ି ମାଲିକମାନେ ସବୁ ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ ହେବ। ପିୟୁସିସି ନ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ୨୦୧୯ରେ ଯେଉଁ ଫାଇନ୍ ବଢ଼ାଯାଇଛି ତାହା କିପରି କୋହଳ କରାଯାଇପାରିବ ସେଥିପାଇଁ ତର୍ଜମା କରାଯିବ ବୋଲି ସେ କହିଛନ୍ତି। ସବୁଠୁ ବଡ଼ କଥା ହେଉଛି ଉଭୟ ନୂଆ ପୁରୁଣା ଗାଡ଼ିକୁ ପ୍ରଦୂଷଣ ପ୍ରମାଣପତ୍ର ମିଳୁଛି। ତାହାର ତର୍ଜମା କଡ଼ାକଡ଼ି ଭାବେ କରାଯିବ। ଅନ୍ୟପଟେ ପରିବହନ ବିଭାଗ ପକ୍ଷରୁ ଗ୍ରୀନ୍ ଷ୍ଟିକର ଯୋଗାଇ ଦିଆଯିବ। ସଡ଼କ ସୁରକ୍ଷା ମାସ ଆସୁଥିବାରୁ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କୋହଳ କରାଯାଇଛି। ୨୦୧୯ରେ ଯେଉଁ ଫାଇନ୍ ବଢ଼ାଯାଇଛି କୋହଳ କରିବାକୁ ସବୁ ଦିଗରୁ ତର୍ଜମା କରାଯାଉଛି। ଅନ୍ୟ ରାଜ୍ୟରେ ସବୁ ଫାଇନ୍ କମ୍ ରହିଛି, ସେସବୁ ଦିଗରୁ ଓଡ଼ିଶା କ୍ଷେତ୍ରରେ ପର୍ଯ୍ୟାଲୋଚନା ଚାଲିଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଜଳିଗଲେ ଦୋକାନୀ....



ସୁବାସ ଚନ୍ଦ୍ର ମଲ୍ଲିକ

ପୋଲିସ ନଂ.୩୪୯/୨୫ରେ ମାମଲା ରୁଜୁ କରି ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସାଇଣ୍ଟିଫିକ୍ ଟିମ୍ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନକୁ ଯାଇ ଘଟଣାର ବିଭିନ୍ନ ଦିଗରୁ ଅନୁଧ୍ୟାନ କରୁଛନ୍ତି । ସୁବାସଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ କଳାବୁଦା ବଜାର ଦୋକାନୀ ଓ ଗୋବିନ୍ଦପୁର ଗ୍ରାମର ଜନସାଧାରଣ ଘଟଣାର ନିରପେକ୍ଷ ତଦନ୍ତ ଦାବିକରି ଟାୟାର ଜାଳି କଳାବୁଦା ବଜାର ଛକରେ ରାସ୍ତାରୋକୋ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଓ ଏହାର ନିରପେକ୍ଷ ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା। ସୁବାସ ଚନ୍ଦ୍ର ମଲ୍ଲିକ କଳାବୁଦା ବାରୁଣୀ ଦୁର୍ଗାମଣ୍ଡପ ସଂଲଗ୍ନ ଘରକୁ ଭଡ଼ାରେ ନେଇ ସେଥିରେ କପଡ଼ା ଡ୍ରେସ୍ ଓ ପନିପରିବା ଆଦି ବ୍ୟବସାୟ କରନ୍ତି। ଶୁକ୍ରବାର ରାତିରେ ସେ ସାଙ୍ଗମାନଙ୍କ ସହ ମିଶି ଭୋଜି କରିଥିଲେ। ରାତି ପ୍ରାୟ ୧୧ଟାରେ ସୁବାସ ତାଙ୍କ ବାପାଙ୍କ ପାଇଁ ମାଂସ ତରକାରି ଆଣି ଘରେ ଦେଇଥିଲେ। ପରେ ସେ ଦୋକାନକୁ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୩ଟା ସମୟରେ ମହାଦେବ ପୂଜକ ନଳିନୀ ପଣ୍ଡା ସୁବାସଙ୍କ ବାପା ଅରକ୍ଷିତ ମଲ୍ଲିକଙ୍କୁ ତୁମ ଦୋକାନରେ ନିଆଁ ଲାଗିଛି ବୋଲି ଡାକ ପକାଇଥିଲେ। ଡାକ ଶୁଣି ଅରକ୍ଷିତ, ଦାଦା ଗଣେଶ ମଲ୍ଲିକ ଓ ପୁଅ ଓଁ ପ୍ରକାଶ ବାରୁଣୀ ଦୁର୍ଗାମଣ୍ଡପ ନିକଟରେ ଥିବା ଦୋକାନ ପାଖରେ ପହଞ୍ଚିଥିଲେ। ଦାଦା ଗଣେଶ ମଲ୍ଲିକ ଓ ପୁଅ ଓଁ ପ୍ରକାଶ ମଲ୍ଲିକ ଘର କବାଟ ବାହାର ପଟୁ ବନ୍ଦ ଥିବା ଦେଖି ଖୋଲିବା ବେଳକୁ ସୁବାସଙ୍କର ମୃତ୍ୟୁ ହୋଇ ସାରିଥିଲା।

ସୁବାସଙ୍କ ସ୍ତ୍ରୀ ଜୟଶ୍ରୀ ମଲ୍ଲିକ, ପୁଅ ଓଁ ପ୍ରକାଶ, ବାପା ଅରକ୍ଷିତ, ଦାଦା ଗଣେଶ ସୁବାସଙ୍କୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏହାର ବିଧିବଦ୍ଧ ତଦନ୍ତ ସହ ସମ୍ପୃକ୍ତ ଦୋଷୀ ଦଣ୍ଡ ପାଇବା ଦରକାର ବୋଲି କହିଛନ୍ତି। ଏପରିକି ଦୁର୍ଗାମଣ୍ଡପ ସମ୍ମୁଖରେ ଥିବା ମଇଁଷି ଉପରେ ସିଂହ ସିମେଣ୍ଟ ମୂର୍ତ୍ତି ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଛି ।

## ଅଭୟାରଣ୍ୟ ସୁରକ୍ଷା ...

୪ ଜଣ ଡେବ୍ରିଗଡ଼ ଅଭୟାରଣ୍ୟ ସଂଲଗ୍ନ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଆଦିବାସୀ ପରିବାରର। ସେମାନେ ପିଲାଦିନରୁ ଅଭୟାରଣ୍ୟକୁ ଲୋକଙ୍କ ଅନୁପ୍ରବେଶ, ବନଜନ୍ତୁଙ୍କଠାରୁ ଫସଲର ସୁରକ୍ଷା, ଅଭୟାରଣ୍ୟକୁ ଓଡ଼ିଶା-ଛତିଶଗଡ଼ ସୀମାରୁ ବନ୍ୟଜନ୍ତୁଙ୍କ ଅନୁପ୍ରବେଶ ଆଦି ସହିତ ଆଙ୍ଗାଙ୍ଗୀଭାବେ ଜଡ଼ିତ ହୋଇଆସିଛନ୍ତି। ତେବେ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପ୍ରତି ସେମାନଙ୍କର ପ୍ରତିବଦ୍ଧତା, ନିର୍ଭୀକ ମନୋଭାବ ଏବଂ ଜୀବନରେ କିଛି କରିଦେଖାଇବାର ଅଭିଳାଷକୁ ଦୃଷ୍ଟିରେ ରଖି ସେମାନଙ୍କୁ ପ୍ରବର୍ତ୍ତନ ସ୍କ୍ୱାଡ୍‌ରେ ନିଯୁକ୍ତି ଦିଆଯାଇଛି। ସେମାନେ ଗତ ଅକ୍ଟୋବର ମାସରୁ ତାଲିମ ନେଉଛନ୍ତି। ଆସନ୍ତା ୨୦୨୬ ଜାନୁଆରୀ ୧ରେ ସେମାନଙ୍କ ତାଲିମ ଶେଷ ହେବ ଏବଂ ଅଭୟାରଣ୍ୟରେ ସ୍ୱାଧୀନ ଭାବେ ସୁରକ୍ଷା ସ୍କ୍ୱାଡ୍ ରୂପେ କାର୍ଯ୍ୟାରମ୍ଭ କରିବେ। ସେମାନଙ୍କୁ ଡେବ୍ରିଗଡ଼ର ଫ୍ରଣ୍ଟଲାଇନ୍ ମହିଳା କର୍ମଚାରୀ ଓ ଅଭୟାରଣ୍ୟରେ ନିୟୋଜିତ ପୂର୍ବତନ ସେନା ଅଧିକାରୀଙ୍କ ଦ୍ୱାରା ୩ ମାସ ଧରି କଠୋର ଶାରୀରିକ ତାଲିମ ଦିଆଯାଇ



ଡେବ୍ରିଗଡ଼ ଅଭୟାରଣ୍ୟ ପ୍ରବର୍ତ୍ତନ ସ୍କ୍ୱାଡରେ ନବନିଯୁକ୍ତ ମହିଳା।

ଏହି କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଇଛି। ନବନିଯୁକ୍ତ ୫ ମହିଳା ସ୍କ୍ୱାଡଙ୍କ ମଧ୍ୟରୁ ନିବେଦିତା ରାଉତ ଓ ଅଲିଭା କାଲୋ ଦକ୍ଷ ସନ୍ତରଣକାରୀ ହୋଇଥିବାରୁ ସେମାନଙ୍କୁ କ୍ରୁଜ୍ ଡାଇଭିଂରେ ମଧ୍ୟ ତାଲିମ ଦିଆଯାଇଛି ଓ ହୀରାକୁଦ କର୍ତ୍ତୃପକ୍ଷଙ୍କ ସୁପାରିସ୍‌ରେ ଉଭୟ ଖୁବ୍‌ଶୀଘ୍ର ଭଦ୍ରକ ଜିଲା ଚାନ୍ଦବାଲିରେ କ୍ରୁଜ୍ ଡାଇଭିଂ ତାଲିମ ଶିବିରରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି ବନଖଣ୍ଡ ଅଧିକାରୀ ଦାସ। ତାଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଡେବ୍ରିଗଡ଼ ଅଭୟାରଣ୍ୟରେ ନିୟୋଜିତ ପ୍ରବର୍ତ୍ତନ ସ୍କ୍ୱାଡରେ ୧୫୦ଜଣ କର୍ମଚାରୀ ବର୍ଷତମାମ କାର୍ଯ୍ୟ କରନ୍ତି। ସମାନଙ୍କ ମଧ୍ୟରେ ୨୬ ଜଣ ପୂର୍ବତନ ସେନା ଅଧିକାରୀ ମଧ୍ୟ ଅଛନ୍ତି। ଏହି ନିଯୁକ୍ତି ପାଇଲା ପରେ ନିଜ ପ୍ରତିକ୍ରିୟାରେ ଅଞ୍ଜଳି ଟପ୍ପୋ କହିଛନ୍ତି, ପ୍ରବର୍ତ୍ତନ ସ୍କ୍ୱାଡ୍‌ରେ ସାମିଲ ହୋଇ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି। ଯଦ୍ୱାରା ମୁଁ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବି। ଏହାକୁ ନେଇ ପିସିସିଏଫ୍ ପି.କେ.ଝା କହିଛନ୍ତି, ସୁରକ୍ଷାରେ ମହିଳାମାନଙ୍କ ଅଂଶଗ୍ରହଣ ଅଭୟାରଣ୍ୟ ସୁରକ୍ଷା ଦିଗରେ ସଂଲଗ୍ନ ଗ୍ରାମବାସୀଙ୍କୁ ଉତ୍ସାହିତ କରିବାରେ ସହାୟକ ହେବ।

# ଥାଇଲାଣ୍ଡ, କାମ୍ବୋଡ଼ିଆ ମଧ୍ୟରେ ଯୁଦ୍ଧବିରତି ଚୁକ୍ତିନାମା ସ୍ୱାକ୍ଷର

ବ୍ୟାଙ୍କକ୍,୨୭।୧୨

ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ମଧ୍ୟରେ ସୀମା ବିବାଦକୁ ନେଇ ଗତ କିଛି ସପ୍ତାହ ହେଲା ସଂଘର୍ଷ ଲାଗିରହିଥିବାବେଳେ ଏହାକୁ ବନ୍ଦ କରିବା ପାଇଁ ଶନିବାର ୨ ଦେଶ ଏକ ଯୁଦ୍ଧବିରତି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଉକ୍ତ ଚୁକ୍ତିନାମା ତୁରନ୍ତ କାର୍ଯ୍ୟକାରୀ କରାଯାଇଛି। ତଦନୁଯାୟୀ ସାମରିକ ଅଭିଯାନ ବନ୍ଦ ହେବା ସହ ସାମରିକ ଉଦ୍ଦେଶ୍ୟରେ ବାୟୁସୀମା ଉଲ୍ଲଂଘନ ଲାଗି ଆହ୍ୱାନ ଦିଆଯାଇଛି। ଯୁଦ୍ଧବିରତି କାର୍ଯ୍ୟକାରୀ ହେବା ପୂର୍ବରୁ ଶନିବାର ସକାଳେ ଥାଇଲାଣ୍ଡ କାମ୍ବୋଡ଼ିଆ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା ବୋଲି କାମ୍ବୋଡ଼ିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଯୁଦ୍ଧବିରତିର ୭୨ ଘଣ୍ଟା ପରେ ଜୁଲାଇରୁ ବନ୍ଦୀ ଥିବା ୧୮ କାମ୍ବୋଡ଼ିଆ ସୈନ୍ୟଙ୍କୁ ଫେରାଇଦେବା ପାଇଁ ଥାଇଲାଣ୍ଡକୁ କୁହାଯାଇଛି। କାମ୍ବୋଡ଼ିଆ ପକ୍ଷରୁ ଏହା ମୁଖ୍ୟ ଦାବି ଥିଲା।

# ୫ରୁ ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ଅଭିଯାନ

## ଦେଶବ୍ୟାପୀ ଆନ୍ଦୋଳନ କରିବ କଂଗ୍ରେସ

ନୂଆଦିଲ୍ଲୀ,୨୭।୧୨(ପି.ଟି.)



କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଦଳର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀ, ବର୍ତ୍ତମାନର ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀ। ( ଫଟୋ– ଚମନ ଗୌତମ)

ଗ୍ରାମାଞ୍ଚଳ ନିଯୁକ୍ତି ଯୋଜନା ଏମ୍‌ଜିଏନ୍‌ଆର୍‌ଇଜିଏ ବଦଳରେ କେନ୍ଦ୍ର ସରକାର ଭିବି ଜି–ରାମ–ଜି ଆଇନ ଆଣିଥିବାରୁ ଏହାକୁ ବିରୋଧ କରି କଂଗ୍ରେସ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଶନିବାର ଘୋଷଣା କରିଛି। କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ବୈଠକ ପରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ନାମରେ ଉପା ସରକାର ସମୟରୁ ଚାଲିଆସୁଥିବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ଉଚ୍ଛେଦ କରାଯିବା ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ। ଏହା ବିରୋଧରେ ଜାନୁଆରୀ ୫ରୁ କଂଗ୍ରେସ ଦେଶବ୍ୟାପୀ ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ଅଭିଯାନ ଚଳାଇବ। ଏହି ଆନ୍ଦୋଳନ ପୂର୍ବରୁ କେନ୍ଦ୍ର ଆଣିଥିବା ୩ ବିବାଦୀୟ କୃଷି ଆଇନ ବିରୋଧରେ ହୋଇଥିବା ଆନ୍ଦୋଳନ ସଦୃଶ ହେବ। କୃଷକମାନଙ୍କ ଆନ୍ଦୋଳନ ଯୋଗୁ ନରେନ୍ଦ୍ର ମୋଦି ସରକାର ୩ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧ ହୋଇଥିଲେ ବୋଲି କଂଗ୍ରେସ ଅଧକ୍ଷ କହିଛନ୍ତି।

୨୦ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏ ବଦଳରେ କେନ୍ଦ୍ର ସରକାର ଭିବି–ଜି ରାମ ଜି ବିଲ୍ ଆଣିଥିଲେ, ଯାହା ସଦ୍ୟସମାପ୍ତ ପାର୍ଲାମେଣ୍ଟର ଶୀତ ଅଧିବେଶନରେ ବିପକ୍ଷ ଦଳଗୁଡ଼ିକର ଜୋର୍‌ଦାର ବିରୋଧ ମଧ୍ୟରେ ଗୃହୀତ ହୋଇଥିଲା। ନୂଆ ଆଇନରେ ଗ୍ରାମାଞ୍ଚଳ ଲୋକମାନଙ୍କୁ ବର୍ଷକୁ ୧୨୫ ଦିନ ନିଶ୍ଚିତ ନିଯୁକ୍ତି ପ୍ରଦାନ ବ୍ୟବସ୍ଥା ରହିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) କେବଳ ଏକ ଯୋଜନା ନୁହେଁ ବରଂ ସମ୍ବିଧାନ ପ୍ରଦତ୍ତ କାର୍ଯ୍ୟ କରିବା ଅଧିକାର। ଏହାକୁ ଉଚ୍ଛେଦ କରାଯିବାକୁ ନେଇ ଜନସାଧାରଣ କ୍ଷୁବ୍ଧ ହୋଇଛନ୍ତି। ସରକାରଙ୍କୁ ଏହାର ପରିଣାମର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଖାର୍ଗେ କହିଛନ୍ତି।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ କଂଗ୍ରେସ ଅଧକ୍ଷ କହିଛନ୍ତି, ଏହା ଏକ ଗମ୍ଭୀର ପ୍ରସଙ୍ଗ ଏବଂ ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୀମିତ କରିବା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ଚୋରି ସମ୍ପର୍କିତ ବହୁ ଉଦାହରଣ ଓ ତଥ୍ୟ ଦେଇଛନ୍ତି। ଭାଜପା ଏବଂ ନିର୍ବାଚନ କମିଶନ ମଧ୍ୟରେ ସଲାସୁତୁରା ଚାଲିଥିବା ଖାର୍ଗେ ଅଭିଯୋଗ କରିଛନ୍ତି। ଭୋଟର ତାଲିକାରୁ ଯେପରି ଲୋକମାନଙ୍କ ନାମ ନ ହଟେ, ଦଳିତ, ଆଦିବାସୀ, ଅତ୍ୟଧିକ ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁଙ୍କ ନାମ ଯେପରି ନ କଟେ, ତାହା ଆମକୁ ସୁନିଶ୍ଚିତ କରିବାକୁ ହେବ ବୋଲି ସେ କହିଛନ୍ତି। ବିହାର ନିର୍ବାଚନରେ ପରାଜୟ ପରେ ପ୍ରଥମ ଥର ପାଇଁ ସିଡବ୍ଲୁସି ବୈଠକ ବସିଥିଲା। ଏଥିରେ ପୂର୍ବତନ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏବଂ ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନେତା ଶଶୀ ଥରୁର ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

# ଅଲ୍ଲୁ ଅର୍ଜୁନଙ୍କ ନାଁରେ ଚାର୍ଜଶିଟ୍

## ପୁଷ୍ପା-୨ ଦଳାଚକଟା ମାମଲା

ହାଇଦ୍ରାବାଦ,୨୭।୧୨(ପି.ଟି.)



ପୁଷ୍ପା–୨ ଚଳଚ୍ଚିତ୍ର ପ୍ରିମିୟରବେଳେ ଦଳାଚକଟା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ହାଇଦ୍ରାବାଦ ପୋଲିସ ଚଳଚ୍ଚିତ୍ରର ତେଲୁଗୁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ସମେତ ୨୩ ଅଭିଯୁକ୍ତଙ୍କ ବିରୋଧରେ ଏକ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ଥିଏଟର ପରିଚାଳନା କର୍ତ୍ତୃପକ୍ଷଙ୍କୁ ମୁଖ୍ୟ ଅଭିଯୁକ୍ତ କରାଯାଇଥିବାବେଳେ ଅଲ୍ଲୁ ଅର୍ଜୁନ ୧୧ ନମ୍ବର ଅଭିଯୁକ୍ତ ଅଛନ୍ତି। ଗତବର୍ଷ ଡିସେମ୍ବର ୪ରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ପୁଷ୍ପା–୨ର ପ୍ରିମିୟର ବେଳେ ଦଳାଚକଟାରେ ଜଣେ ୩୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିବା ସହ ତାଙ୍କ ୮ ବର୍ଷର ପୁଅ ଆହତ ହୋଇଥିଲେ। ଅଭିନେତାଙ୍କୁ ଦେଖିବବା ପାଇଁ ପ୍ରଶଂସକଙ୍କ ଅତ୍ୟଧିକ ଭିଡ଼ରୁ ଦଳାଚକଟା ଘଟିଥିଲା। ଏହି ମାମଲାରେ ଅଲ୍ଲୁ ପୂର୍ବରୁ ଗିରଫ ହେବା ସହ ତାଙ୍କ ସମେତ ସୁରକ୍ଷା ଟିମ୍ ଓ ଥିଏଟର ମ୍ୟାନେଜ୍‌ମେଣ୍ଟ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେହିବର୍ଷ ଡିସେମ୍ବର ୧୪ରେ ତେଲଙ୍ଗାନା ହାଇକୋର୍ଟ ଅଲ୍ଲୁଙ୍କୁ ଅନ୍ତରୀଣ ଜାମିନ ଓ ପରେ ନିୟମିତ ଜାମିନ ପ୍ରଦାନ କରିଥିଲେ।

# ବାଂଲାଦେଶୀ ଗାୟକଙ୍କ ଶୋ' ସ୍ଥଳରେ ଆକ୍ରମଣ: ୨୫ ଆହତ

ଢାକା,୨୭।୧୨



ବାଂଲାଦେଶର ଲୋକପ୍ରିୟ ରକ୍ ସିଙ୍ଗର ଜେମ୍ସଙ୍କର ଫରିଦପୁରରେ ଶୁକ୍ରବାର ରାତି ୯ଟାରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ହେବାର ଥିଲା। ସ୍ଥାନୀୟ ସ୍କୁଲ୍‌ର ବାର୍ଷିକ ଉତ୍ସବ ଅବସରରେ ଏହି ଶୋ' ହୋଇଥାନ୍ତା। ତେବେ ଶୋ' ଆରମ୍ଭ ହେବାର କିଛି ସମୟ ପୂର୍ବରୁ କେତେଜଣ ଆକ୍ରମଣକାରୀ ଜବରଦସ୍ତ ସେଠାରେ ପ୍ରବେଶ କରି ଗହଳି ମଧ୍ୟକୁ ଟେକାପଥର ମାଡ଼ କରିଥିଲେ। ଛାତ୍ରୀଛାତ୍ର ସେମାନଙ୍କୁ ପ୍ରତିରୋଧ କରିବାକୁ ଉଦ୍ୟମ କରିବାରୁ ସଂଘର୍ଷ ଘଟି ଅନ୍ୟୁନ ୨୫ ଜଣ ଆହତ ହୋଇଛନ୍ତି। ଫଳରେ ଜେମ୍‌ସଙ୍କ ସଙ୍ଗୀତ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି।

ଗତ କିଛି ସପ୍ତାହ ହେଲା ବାଂଲାଦେଶର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଉପରେ ଆକ୍ରମଣ ଓ ଭଙ୍ଗାରୁଜା ଘଟଣା ଘଟିଚାଲିଛି। ଫରିଦପୁର ଜିଲା ସ୍କୁଲ୍‌ର ୧୮୫ତମ ଜନ୍ମବାର୍ଷିକୀ ଅବସରରେ ସେଠାରେ ଜେମ୍ସଙ୍କ କନ୍‌ସର୍ଟ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଉତ୍ତେଜନା ଯୋଗୁ ଏହାକୁ ବାତିଲ କରିଦିଆଯାଇଛି।

# ଆସାମରେ ୧୦.୫୬ ଲକ୍ଷ ଭୋଟର ବାଦ୍

## ଏସ୍‌ଆଇଆର୍
## ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

ଗୁଆହାଟୀ,୨୭।୧୨

ଆସାମରେ ବିଧାନସଭା ନିର୍ବାଚନ ଆଗାମୀ ୬ ମାସରୁ କମ୍ ସମୟ ମଧ୍ୟରେ ହେବାକୁ ଥିବାବେଳେ ଉକ୍ତ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଜାରି ରହିଛି। ଶନିବାର ପ୍ରକାଶିତ ଚିଠା ଭୋଟର ତାଲିକାରେ ୧୦.୫୬ ଲକ୍ଷ ଲୋକଙ୍କ ନାମ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଚିଠା ତାଲିକା ଅନୁଯାୟୀ ଆସାମରେ ୨,୫୧,୦୯,୭୫୪ ଭୋଟର ରହିଛନ୍ତି। ୯୩୦୨୧ ସନ୍ଦିଗ୍ଧ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହାବ୍ୟତୀତ ମୃତ୍ୟୁ, ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ଏକାଧିକ ସ୍ଥାନରେ ନାଁ ଥିବା କାରଣରୁ ୧୦,୫୬,୨୯୧ ଭୋଟରଙ୍କ ନାମ ବାଦ୍ ପଡ଼ିଛି। ଉପଯୁକ୍ତ ନାଗରିକତ୍ୱ ପ୍ରମାଣ ଅଭାବରୁ ଆସାମ ସରକାରଙ୍କ ଦ୍ୱାରା ବଞ୍ଚିତ ହୋଇଥିବା ଲୋକମାନଙ୍କୁ ସନ୍ଦିଗ୍ଧ ଭୋଟର ବର୍ଗରେ ନିଆଯାଇଛି। ବିଦେଶୀ ଆଇନ, ୧୯୪୬ ଅନୁଯାୟୀ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ସନ୍ଦିଗ୍ଧ ଭୋଟରଙ୍କୁ ଚିହ୍ନଟ କରିଥିଲା। ସେମାନଙ୍କୁ ଭୋଟର ପରିଚୟପତ୍ର ଦିଆଯାଇନାହିଁ।






ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ। -ଶ୍ରୀଅରବିନ୍ଦ



# ଉଦ୍ଦେଶ୍ୟ ଓ ଉଦାସୀନତା



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା) ଏହାର ବିଚାରଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଛି ଏବଂ ଏହା ତାହାର ମୂଳ ଉଦ୍ଦେଶ୍ୟ। ଦଳ କ୍ଷମତାରେ ଅଛି ଏବଂ ତାହାର ବିଚାରଧାରାକୁ କାର୍ଯ୍ୟକାରୀ କରିବା ପାଇଁ ବହୁ ସଂଖ୍ୟକ ଭାରତୀୟ ଚାହୁଁଛନ୍ତି। ବାସ୍ତବରେ ଏହାକୁ କମ୍ ସଂଖ୍ୟକ ଲୋକ ପ୍ରତ୍ୟେକ ନିର୍ବାଚନରେ ଜଣାପଡ଼ିଛି। ତଥାପି ଭାଜପା ତା' ଉଦ୍ଦେଶ୍ୟ ପୂରଣ ପାଇଁ ଆଗକୁ ବଢୁଛି। ଯେଉଁମାନେ ସଂଖ୍ୟାଗରିଷ୍ଠ ରହିଲେ ସେମାନେ ଏହାକୁ ପ୍ରତିରୋଧ କରିବାରେ ଅସମର୍ଥ ଏବଂ ତାହା ହେଉଛି ସେମାନଙ୍କ ଉଦାସୀନତା। ଆଶା କରାଯାଉଛି ସରକାର ସୃଷ୍ଟି କରୁଥିବା ସମସ୍ୟାଗୁଡ଼ିକୁ ବିରୋଧୀ ଦଳ, ସଂସଦ ଏବଂ ନ୍ୟାୟ ବ୍ୟବସ୍ଥା ନିୟନ୍ତ୍ରଣ କିମ୍ବା ସମାଧାନ କରିପାରିବେ। କିନ୍ତୁ ଏହା ସମ୍ଭବ ହୋଇନାହିଁ ଏବଂ ନୂତନ ବର୍ଷରେ ହେବ ନାହିଁ। ଯେଉଁମାନେ ଭାଜପାର ବିଚାରଧାରାକୁ ନୂଆକରି ଦେଖୁଛନ୍ତି ସେମାନେ ଜାଣିବା ଦରକାର ଯେ, ଭାଜପା ସଂଖ୍ୟାଲଘୁ ଭାରତୀୟ ମୁସଲମାନ ଓ ଖ୍ରୀଷ୍ଟିଆନଙ୍କୁ ନିର୍ଯାତନା ଦେବାକୁ ଏବଂ କ୍ଷତି କରିବାକୁ ଚାହୁଁଛି। ଏଭଳି ଉଦ୍ଦେଶ୍ୟ ସାଥୀ ଭାରତୀୟଙ୍କୁ ନିର୍ଯାତନା ଦେବା ବ୍ୟତୀତ ଅନ୍ୟ କିଛି ନୁହେଁ। ଏହା ଘୃଣା ଭାବ। ଏହି ଭାବନା ଶେଷ ହେବ ନାହିଁ, ଜାରି ରହିବ। ନୂତନ ବର୍ଷ ୨୦୨୬ରେ ବି ଏହା ଦେଖାଦେବ। ଦଶ ବର୍ଷ ପୂର୍ବେ ଆମେ ଯେଉଁ ଧାରା ଅବ୍ୟାହତ ରଖିଥିଲୁ, ତାହା ୨୦୨୫ରେ ଆପଣାଇଲୁ। ତିନି ମାସ ପୂର୍ବେ ଅର୍ଥାତ୍ ସେପ୍ଟେମ୍ବରରେ ଏବଂ ମୁସଲମାନ ବିବାହକୁ ନିଷିଦ୍ଧ କରିବାରେ ରାଜସ୍ଥାନ ଦେଶରେ ଅଷ୍ଟମ ରାଜ୍ୟ ହୋଇଗଲା। ୧୯୩୫ ସେପ୍ଟେମ୍ବରରେ ଜର୍ମାନୀ ଇହୁଦୀ ଏବଂ ଖ୍ରୀଷ୍ଟିଆନଙ୍କ ମଧ୍ୟରେ ବିବାହକୁ ନିଷେଧ କରିଥିଲା। ଏହି ସମ୍ପର୍କଗୁଡ଼ିକୁ 'ଜାତିଅପବିତ୍ରତା' ଭାବରେ ଦେଖାଯିବାରୁ ବିଶ୍ୱରେ ଭୟାବହ ସ୍ଥିତି ସୃଷ୍ଟି କରିଥିଲା। ଭାରତ ଚତୁରତାର ସହିତ ପ୍ରଣୟନ କରିଥିବା ଆଇନ ମାଧ୍ୟମରେ ଏହି ସମାନ କାର୍ଯ୍ୟ ହାସଲ କରିଛି। ଏହି ଆଇନ ଅନୁଯାୟୀ ଜଣେ ବୟସ୍କ ବ୍ୟକ୍ତି ତାଙ୍କ ଧର୍ମ ପରିବର୍ତ୍ତନ କରିପାରିବେ କି ନାହିଁ ତାହା ଜଣେ ଅମଲାତନ୍ତ୍ରୀ ନିଷ୍ପତ୍ତି ନେବେ। ବିଗତ କିଛିବର୍ଷ ହେଲା ଭାଜପା ଆଣିଥିବା ଆଇନଗୁଡ଼ିକର କଠୋର ଆଇନଗତ ବ୍ୟବସ୍ଥା ଏଥିରେ ପୁନରାବୃତ୍ତି ହୋଇଛି। ଏଭଳି ଉଦ୍ଦେଶ୍ୟ ବା ମନୋଭାବ ୨୦୧୮ରେ ଉତ୍ତରାଖଣ୍ଡ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟରେ ପ୍ରଥମେ ଦେଖାଯାଇଥିଲା। ଏହି ଆଇନରେ କିଛି ନୂତନତ୍ୱ ଥିଲା। ଏହି ଆଇନ ଆନ୍ତଃଧର୍ମ ବିବାହକୁ ରୋକିବା ପାଇଁ ଉଦ୍ଦିଷ୍ଟ ଏବଂ ଧର୍ମାନ୍ତରୀକରଣକୁ ଏହା ଅପରାଧ ଭାବେ ଦର୍ଶାଇଛି। କିନ୍ତୁ ଏହା କେବଳ 'ପୈତୃକ ଧର୍ମ'କୁ ପରିବର୍ତ୍ତନ କରିବା ପାଇଁ ସ୍ୱୀକୃତି ଦିଏ। ଏହି ଆଇନ ଗୃହୀତ ଏବଂ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ କୋର୍ଟରୁ କୌଣସି ପ୍ରତିରୋଧ ହୋଇ ନ ଥିଲା। ଏହି ପ୍ରକାର ଆଇନ ୨୦୧୯ରେ ହିମାଚଳ ପ୍ରଦେଶ, ୨୦୨୦ରେ ଉତ୍ତର ପ୍ରଦେଶ, ୨୦୨୧ରେ ମଧ୍ୟପ୍ରଦେଶ ଏବଂ ଗୁଜରାଟ, ୨୦୨୨ରେ ହରିଆଣା ଏବଂ କର୍ଣ୍ଣାଟକରେ ଆସିଥିଲା। ଉଲ୍ଲେଖନୀୟ ଯେ କର୍ଣ୍ଣାଟକରେ ସରକାର ପରିବର୍ତ୍ତନ ହେଲେ ମଧ୍ୟ ଆଇନ ବଳବତ୍ତର ଅଛି। ସଚେତନ ପାଠକେ ଲକ୍ଷ୍ୟ କରିପାରିବେ ଯେ କୌଣସି ସ୍ଥାନରେ ଏସବୁକୁ ବିରୋଧ କରା ନ ଯିବାରୁ କିଛି ବର୍ଷ ମଧ୍ୟରେ ସ୍ଥିତି ମଜଭୁତ ହୋଇଗଲା। ଗୋମାଂସ ପ୍ରସଙ୍ଗରେ ସମାନ ବିଷୟ ପୁନରାବୃତ୍ତି ହୋଇଛି। ଗୋମାଂସ ରଖିବା ଅପରାଧ ବୋଲି ବିବେଚନା କରୁଥିବା ଆଇନଗୁଡ଼ିକ ପ୍ରଥମେ ୨୦୧୫ରେ ମହାରାଷ୍ଟ୍ର ଏବଂ ହରିଆଣାର ଭାଜପା ସରକାର ଆଣିଥିଲେ। ଗୋମାଂସକୁ ନେଇ ଭିଡ଼ ହିଂସା ଏହା ଏକ ନୂଆ ପ୍ରକାର ହିଂସା ଏହି ଆଇନ ସୃଷ୍ଟି କରିଥିଲା। ସାମ୍ବାଦିକତା ଜୀବନ ଭିତରେ ମୁଁ ଏହା ପୂର୍ବରୁ ଭିଡ଼ ହତ୍ୟା ଭଳି କଥା ଶୁଣି ନ ଥିଲି। କିନ୍ତୁ ଏହା ଏବେ ସାଧାରଣ ହୋଇଗଲାଣି। ଆମ ଚାରିପାଖରେ ବହୁ ହତ୍ୟା ଘଟଣା ଘଟୁଛି ଏବଂ ଆମ ଉଦାସୀନତା ଭାଜପାକୁ ତାହାର ଉଦ୍ଦେଶ୍ୟ ପୂରଣ ପାଇଁ ସୁଯୋଗ ଦେଉଛି। ୨୦୧୭ରେ ଗୁଜରାଟ ପାସ୍ କରିଥିବା ଏକ ଆଇନରେ ଗୋ-ହତ୍ୟା ଘଟଣାରେ ଆଜୀବନ କାରାଦଣ୍ଡ ବ୍ୟବସ୍ଥା ରଖାଗଲା। ଏହା ଏକ ଆର୍ଥିକ ଅପରାଧ, କିନ୍ତୁ କୌଣସି ଅହିଂସକ ଆର୍ଥିକ ଅପରାଧ କ୍ଷେତ୍ରରେ ଆଜୀବନ କାରାଦଣ୍ଡ ହୁଏ ନାହିଁ। ଯେଉଁମାନେ ଅନେକ କୋଟି ଟଙ୍କା ଚୋରି କରୁଛନ୍ତି ସେମାନଙ୍କୁ ଛାଡ଼ି ଦିଆଯିବା ଘଟଣା ଆମେ ଦେଖୁଛୁ।

କିଛି ସପ୍ତାହ ପୂର୍ବେ, ଉତ୍ତର ପ୍ରଦେଶ ସରକାର ସେପ୍ଟେମ୍ବର ୨୦୧୫ରେ ଘଟିଥିବା ପ୍ରଥମ ଅଖଲାକଙ୍କ ଭିଡ଼ ହିଂସାର ଅଭିଯୁକ୍ତଙ୍କ ବିଚାର ମାମଲା ପ୍ରତ୍ୟାହାର କରିବାକୁ ଚାହିଁଥିଲେ। ହେଲେ ବିଚାରପତି ଏହାକୁ ପ୍ରତ୍ୟାଖ୍ୟାନ କରି ଏକ ଦଶନ୍ଧିର ପୁରୁଣା ବିଚାର ଜାରି ରହିବ ବୋଲି କହିଛନ୍ତି। ତେବେ ଉଦାସୀନତା ଭରି ରହିଥିବା ଏକ ଦେଶରେ ଆମକୁ ବ୍ୟକ୍ତିଗତ ସ୍ତରରେ ସାହସିକ କାର୍ଯ୍ୟ କରିବାକୁ ପଡ଼ିବ। କେନ୍ଦ୍ରରେ କ୍ଷମତାରୁ ୨୦୦ ନିୟୁତ ଭାରତୀୟ ମୁସଲମାନଙ୍କୁ ସମ୍ପୂର୍ଣ୍ଣ ବାଦ୍ ଦିଆଯିବା ଏକ ସାଧାରଣ କଥା। ଭେଦଭାବକୁ ବୈଧ ଭାବେ ବିଚାର କରୁଥିବା ଏକ ଦେଶରେ ଏହା ଘଟିବ। ଏଭଳି ଭେଦଭାବପୂର୍ଣ୍ଣ ଉଦ୍ଦେଶ୍ୟ ଖ୍ରୀଷ୍ଟିଆନଙ୍କ ବାର୍ଷିକ ପର୍ବକୁ ହିଂସାତ୍ମକ ଭାବରେ ବାଧା ଦେବ ଏବଂ ଆମେ ଏହା ଦେଖୁଥିବୁ। ୨୦୧୯ରେ କେବଳ ଗୋଟିଏ ଧର୍ମର ଛାଡ଼ପତ୍ରକୁ ଅପରାଧୀକରଣ କରି ଏକ ଆଇନ ଆସିଥିଲା ଏବଂ ଅନ୍ୟ ସମସ୍ତଙ୍କ ପାଇଁ ଏହା ଏକ ନାଗରିକ ଅପରାଧ ହୋଇ ରହିଛି। ୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନରୁ କେବଳ ଗୋଟିଏ ଧର୍ମକୁ ବାଦ ଦେଇ ଏକ ଆଇନ ଆସିଥିଲା। ଗୁଜରାଟରେ ୨୦୧୯ରେ ଆଉ ଏକ କଠୋର ଆଇନ ଅଣାଯାଇଥିଲା, ଯେଉଁଥିରେ ସମ୍ପତ୍ତି କିଣିବା ଏବଂ ଭଡ଼ାରେ ନେବା ପାଇଁ ଗୋଟିଏ ଧର୍ମର ଭାରତୀୟଙ୍କୁ ବାରଣ କରାଯାଇଥିବାବେଳେ ବିଦେଶୀମାନେ ତାହା କରିପାରିବେ ବୋଲି କୁହାଯାଇଛି। ଆମକୁ କୁହାଯାଏ ଯେ, ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୋଧରେ ଲଢ଼ିବାରେ ଭାରତ ଆଗରେ ଥିଲା, କିନ୍ତୁ ଆଜି ଆମେ ଆମ ଦେଶରେ ଆରାମରେ ଭେଦଭାବକୁ ଆପଣାଇ ନେଇଛୁ। ଯଦି ଆମେ ଏଥିରେ ଅସନ୍ତୁଷ୍ଟ ଥାଆନ୍ତୁ ତେବେ ଏ ବିଷୟରେ କିଛି ପଦକ୍ଷେପ ନେଇଥାଆନ୍ତୁ। କିନ୍ତୁ ଆମେ ନିଷ୍କ୍ରିୟ ହୋଇଯାଇଛୁ। ତେବେ ଭାଜପାର ଉଦ୍ଦେଶ୍ୟ ଶିଥିଳ ପଡ଼ିବ ନାହିଁ କାରଣ ଏହା କିଛି ହାସଲ କରିବାକୁ ଚାହୁଁଛି। ନାଗରିକ ଉଦାସୀନତା ବି ସେମିତି ରହିବ। ନୂତନ ବର୍ଷରେ ପୁନର୍ବାର ଉଦ୍ଦେଶ୍ୟ ଏବଂ ଉଦାସୀନତାର ପୁନରାବୃତ୍ତି ହେବ।

Email:aakar.patel@gmail.com

# ସଙ୍କଟରେ ପକ୍ଷୀକୁଳ



ନିରଞ୍ଜନ ସାହୁ

ବିବର୍ତ୍ତନର ସ୍ତରକୁ ଲକ୍ଷ୍ୟ କଲେ ଜଣାଯାଏ ମଣିଷ ଆଗମନର ଢେର ଆଗରୁ ସୃଷ୍ଟି ହୋଇଥିଲେ ଉଦ୍ଭିଦମାନେ ଆଉ କ୍ରମେ ଉଦ୍ଭବ ହୋଇଥିଲେ ବିବିଧ ପ୍ରାଣୀ। ମଣିଷ ହେଉଛି ଶେଷ ପ୍ରାଣୀ। ମଣିଷ ଆସିବା ପରେ ପ୍ରକୃତି କ୍ରମଶଃ ପତନ ଅଭିମୁଖୀ ହୋଇଛି ବୋଲି ବିଚାର କରାଯାଏ ଏବଂ ତା'ର ପ୍ରମୁଖ କାରଣ ହେଲା ମଣିଷର ଧାରଣା ଯେ ସମଗ୍ର ପ୍ରକୃତି ତା'ର ବିଭିନ୍ନ ଉଦ୍ଦେଶ୍ୟ ସାଧନ କରିବା ପାଇଁ ଉଦ୍ଦିଷ୍ଟ। ମାତ୍ର ବାସ୍ତବ କଥା ହେଲା ପ୍ରକୃତି ବ୍ୟତିରେକ ମଣିଷର ସ୍ଥିତି ଅସମ୍ଭବ ତାହା ମଣିଷ ଜାଣିପାରେ ନାହିଁ। ତାହା ହିଁ ବିଡ଼ମ୍ବନା।

ପ୍ରକୃତିର ବିବିଧ ସମ୍ପଦ ଭିତରେ ଏକ ପରମ ସମ୍ପଦ ହେଉଛି ତା'ର ବିଚିତ୍ର ପକ୍ଷୀକୁଳ। ପକ୍ଷୀମାନେ କ୍ରମାଗତ ଭାବରେ କମିଯାଉଥିବା ଯେ ଏକ ବିରାଟ ସମସ୍ୟା ତାହା ବୁଝିବାକୁ ହୁଏତ ମଣିଷର ବେଳ ନାହିଁ। ଏକ ସ୍ଥୂଳ ଅଥଚ ଅସମତୁଳ ବିକାଶର ନକ୍ସା ଯେ ମଣିଷ ପାଇଁ ମୃତ୍ୟୁର ଘଣ୍ଟା ବଜେଇ ଦେଇପାରେ ତାହା ଜଳଜଳ ହୋଇ ଦିଶିଲାଣି।

ପୃଥିବୀରେ ଏଯାବତ୍ ପ୍ରାୟ କୋଡ଼ିଏ ହଜାର ପ୍ରକାରର ପକ୍ଷୀ ବସବାସ କରୁଛନ୍ତି ଏବଂ ସମୟକ୍ରମେ ତନ୍ମଧ୍ୟରୁ ପ୍ରାୟ ନଅହଜାର ପ୍ରଜାତି ବିଲୋପ ହୋଇଯାଇଛନ୍ତି। ଏବେ ସେମାନଙ୍କ ସଂଖ୍ୟା ପ୍ରାୟ ଏଗାର ହଜାର ପ୍ରଜାତିର। କେବଳ ଗତ ପାଞ୍ଚଶହ ବର୍ଷଭିତରେ ଦୁଇଶହରୁ ଅଧିକ ଶ୍ରେଣୀର ପକ୍ଷୀ ଲୋପ ପାଇଗଲେଣି। ପିଲାବେଳେ ଆମେ ଘର ପାଖରେ କେତେ କୁନିକୁନି ଘରଚଟିଆମାନ ଦେଖୁଥିଲେ। ଏବେ ସେମାନଙ୍କୁ ପାଇବା ସାତସପନ। ଆଗରୁ କେତେ ରକମର ଶାଗୁଣା ଉଡୁଥିଲେ। ଆଜିକାଲି ସେମାନେ ବି ନଜରରେ ପଡୁନାହାନ୍ତି। ଶାଗୁଣାଙ୍କୁ କୁହାଯାଏ ସେମାନେ ହେଉଛନ୍ତି ପ୍ରକୃତରେ ପରିଷ୍କାରକ। ବିଶେଷତଃ କୌଣସି ପ୍ରାଣୀର ମୃତ୍ୟୁ ହେଲେ କିଛି ସମୟ ପରେ ସେଠାରେ ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟିହୁଏ। ଶାଗୁଣା ପଲ ସେହି ଶବକୁ ଖାଇଯିବା ଫଳରେ ଦୁର୍ଗନ୍ଧ ଅଳ୍ପ ସମୟ ଭିତରେ ନିବାରିତ ହୁଏ। ଅର୍ଥାତ୍ ପ୍ରକୃତିର ସଂରକ୍ଷଣ ପାଇଁ ଏଇମିତି ବହୁବିଧ ବ୍ୟବସ୍ଥା ନିଜେ ପ୍ରକୃତି ସୃଷ୍ଟି କରିଥିଲା।

ଆମେ ଭାବୁଥିବା ପକ୍ଷୀମାନେ ତ ଆମର ଶସ୍ୟ ନଷ୍ଟ କରିପକାନ୍ତି, ସେମାନେ କିପରି ମଣିଷର ବନ୍ଧୁ ହୋଇପାରନ୍ତି? ମାତ୍ର ବୋଧହୁଏ ଆମେ ଭୁଲି ଯାଉଛନ୍ତି ଯେ ଯେଉଁ ଖାଦ୍ୟଶସ୍ୟଗୁଡ଼ିକ ଆମର ଜୀବନ ଧାରଣର ପ୍ରଥମ ଅବଲମ୍ବନ ସେଗୁଡ଼ିକର ବଡ଼ଶତ୍ରୁ ହେଉଛନ୍ତି ବିଭିନ୍ନ ରକମର କୀଟ। ସେମାନେ ଏତେ ସଂଖ୍ୟାରେ ଅଛନ୍ତି ଯେ ହୁଏତ ମଣିଷ ଭାଗ୍ୟରେ ଖାଦ୍ୟଶସ୍ୟ ପହଞ୍ଚନ୍ତା ନାହିଁ। ପକ୍ଷୀମାନଙ୍କର ସେଇ କୀଟମାନେ ହେଉଛନ୍ତି ପ୍ରମୁଖ ଆହାର। ତେଣୁ ପ୍ରକୃତିର ବୈଚିତ୍ର୍ୟକୁ ଅନୁଭବ କଲେ ଆମେ ଜାଣିପାରିବା ପକ୍ଷୀମାନେ କେମିତି ମଣିଷ ସମାଜ ପାଇଁ ବରଦାନ ସଦୃଶ।

ପୃଥିବୀର ସ୍ଥିତି ପାଇଁ ବୃକ୍ଷର ଦାୟିତ୍ୱ କେତେ ଅଧିକ ତାହା ଆମେ ଜାଣୁ। ତା'ର ବଡ଼ କାରଣ ହେଲା କେବଳ ଏହା ଆମର ଖାଦ୍ୟ ରୂପରେ ବ୍ୟବହୃତ ହୁଏ ନାହିଁ। ଏହା ଆମର ଜୀବନ ଧାରଣର ପ୍ରାଥମିକ ସାଧନ ଅମ୍ଳଜାନର ସୃଷ୍ଟି କର୍ତ୍ତା। ମାତ୍ର ଏତେସଂଖ୍ୟକ ଗଛ ସାରା ପୃଥିବୀରେ କିଏ ସୃଷ୍ଟିକଲା ତା'ର ଉତ୍ତର ହେଉଛି ଏଇ ପକ୍ଷୀମାନେ। ସେମାନେ ବୀଜବିକ୍ଷେପ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଫଳ ଖାଇବା ପରେ ମଳତ୍ୟାଗ କରୁଥିବାରୁ ଗଛମାନ ବିଭିନ୍ନ ସ୍ଥାନରେ ସୃଷ୍ଟି ହୁଅନ୍ତି। ପକ୍ଷୀମାନେ ଏକ ପରିବେଶରେ ଜୀବନ ସଂଚାର କରନ୍ତି। ସେମାନଙ୍କର ବିବିଧ ସ୍ୱରରେ ମୁଖରିତ ହୁଏ ବାୟୁମଣ୍ଡଳ ଏବଂ ଏହା ମଣିଷର ଆବେଗିକ ଓ ଭାବନାତ୍ମକ ଦିଗକୁ ଉଜ୍ଜୀବିତ କରେ।

ପୌରାଣିକ ଯୁଗରେ ପକ୍ଷୀମାନେ ଅନେକ ସମୟରେ ମଣିଷକୁ କେବଳ ନୁହେଁ ଏପରି କି ଭଗବାନଙ୍କୁ ବି ସହାୟତା ଦେଇଛନ୍ତି – ଯେପରି ବିଷ୍ଣୁଙ୍କର ବାହନ ହେଉଛନ୍ତି ଗରୁଡ଼। ଗରୁଡ଼ଙ୍କୁ ହୁଏତ ଆପଣ କଳ୍ପନା କରିପାରିବେ ଏକ ପ୍ରଭୁତ ଶକ୍ତି ଓ ବେଗସମ୍ପନ୍ନ ବିମାନ ଭଳି, ଅର୍ଥାତ୍ ଯେଉଁଠି କି ଭଗବାନ ବିଷ୍ଣୁ ଚାହିଁବେ ସେଇଠିକି ତାଙ୍କର ବାହନ ଗରୁଡ଼ ତାଙ୍କୁ ତୁରନ୍ତ ପହଞ୍ଚେଇ ଦେଇପାରିବେ। ଏ ସମ୍ପର୍କରେ ଥିବା ଏକ ପ୍ରାଚୀନ ଗଳ୍ପ ବେଶ୍ ରୋମାଞ୍ଚକର।

ଦିନେ ଯମରାଜ ଦେଖିଲେ ଛୋଟିଆ ପକ୍ଷୀଟିଏ ଗଛରେ ବସିଛି। ସେ ଚିନ୍ତାରେ ପଡ଼ିଲେ। କାରଣ ମୃତ୍ୟୁର ଦେବତା ଭାବିଲେ ଆଉ କିଛି ସମୟ ଭିତରେ ତ ଏଇ ଟିକି ପ୍ରାଣୀଟିର ମୃତ୍ୟୁ ଯୋଗ ରହିଛି, ମାତ୍ର ସେଇ ମୃତ୍ୟୁ ଯୋଗ ହେବା କଥା ସେଠାରୁ ଯୋଜନ ଯୋଜନ ଦୂରରେ। ଟିକି ଛଡ଼େଇଟି ତ ଏତେ କମ୍ ସମୟରେ ସେଠାରେ ପହଞ୍ଚି ପାରିବ ନାହିଁ। ଏତିକି ବେଳେ ଯମରାଜ ଦେଖିଲେ ଯେ ସେଇ ଗଛ ଡାଳରେ ଗରୁଡ଼ଙ୍କର ଆବିର୍ଭାବ। ତାଙ୍କୁ ଜାଣିବାକୁ ବାକିରହିଲା ନାହିଁ ଯେ ସେଇଠି ଭଗବାନ ବିଷ୍ଣୁ କେଉଁଠି ନିକଟରେ ଅଛନ୍ତି। ଏତିକିବେଳେ ଭଗବାନ ବିଷ୍ଣୁ ଗରୁଡ଼ଙ୍କୁ କହିଲେ ଗୋଟିଏ ଦୂରଯାତ୍ରାକୁ ଯିବାର ଅଛି, ତାହା ଶୁଣୁଶୁଣୁ ଯମ ଏକାନ୍ତରେ ହସିଦେଲେ।



ଗରୁଡ଼ ହସର କାରଣ ପଚାରନ୍ତେ ଯମରାଜ କହିଲେ ଆଉ କିଛି ସମୟ ପରେ ସେ ସେଇ ହସର ରହସ୍ୟ ବୁଝେଇ ଦେଇପାରିବେ। ଏତିକିବେଳେ ଗରୁଡ଼ ଆସି ପହଞ୍ଚିଲେ ଏବଂ ଗରୁଡ଼ ଅନୁମାନ କଲେ ଯମଙ୍କର ନଜର ପକ୍ଷୀଟିକୁ ବୋଧହୁଏ ପଡ଼ିଛି। ସେ ପକ୍ଷୀଟିକୁ ତୁରନ୍ତ ବିମାନ ତଳେ ରଖିଥିଲେ ଏବଂ ଭାବିଲେ ପକ୍ଷୀଟି ରକ୍ଷା ପାଇଗଲା। ତା' ପରେ ସେ ଆକାଶ ମାର୍ଗକୁ ଉଠିଲେ ଓ ଅଦୃଶ୍ୟ ହୋଇଗଲେ। ଅଳ୍ପ ସମୟ ଭିତରେ ବିଷ୍ଣୁଙ୍କର ବାହନ ଯୋଜନ ଯୋଜନ ଅତିକ୍ରମ କରି ଗୋଟିଏ ଜାଗାରେ ପହଞ୍ଚିଲେ, ଏତିକିବେଳେ ନିଶ୍ଚିତ ହେଲେ ଯେ ଯମଙ୍କ କୋପରୁ ସେ ପକ୍ଷୀଟିକୁ ବଞ୍ଚେଇ ଦେଇଛନ୍ତି। ପକ୍ଷୀର ସୁରକ୍ଷା ପାଇଁ ସେ ଗଛର କୋରଡ଼ରେ ଛାଡ଼ିଦେଲେ, ମାତ୍ର ବିଧାତାଙ୍କ ବିଧାନ ବିଚିତ୍ର। ସେଇ ଗଛ କୋରଡ଼ରେ ଥିବା ସର୍ପଟି ପକ୍ଷୀଟିକୁ ତୁରନ୍ତ ଗିଳିଦେଲା। ଏହା ଏକ କୌତୂହଳପୂର୍ଣ୍ଣ ଗଳ୍ପ ହୋଇପାରେ, ମାତ୍ର ମୃତ୍ୟୁ କିପରି ଅବଶ୍ୟମ୍ଭାବୀ ତାହା ପ୍ରମାଣ କରିବା ଏହାର ଲକ୍ଷ୍ୟ ଏବଂ ଏଥିରେ ଗରୁଡ଼ ପରି ଅତି ବେଗବାନ ପକ୍ଷୀ ହିଁ କେବଳ ଅସମ୍ଭବକୁ ସମ୍ଭବ କରିବାରେ ସମର୍ଥ।

କେବଳ ଗରୁଡ଼ ନୁହେଁ ଦେବୀ ସରସ୍ୱତୀଙ୍କର ବାହନ ହଂସ, କାର୍ତ୍ତିକଙ୍କ ବାହନ ମୟୂର, ଲକ୍ଷ୍ମୀଙ୍କ ବାହନ ପେଚକ ଏବଂ ଶନିଙ୍କ ବାହନ କୁଆ। ଏହା ପଛରେ ବୈଜ୍ଞାନିକ କାରଣ ନାହିଁ ସିନା ଏହି ପକ୍ଷୀମାନଙ୍କର ବିଶେଷଗୁଣ ରହିଥିବାରୁ ସେମାନଙ୍କୁ ବିଭିନ୍ନ ଦେବଦେବୀ ନିଜର ବିମାନ ଦାୟିତ୍ୱ ଦେଇଥାନ୍ତି।

କେତେ ସାହିତ୍ୟ ଓ ଦର୍ଶନକୁ ଯୁଗେ ଯୁଗେ ପ୍ରଭାବିତ କରିଛନ୍ତି ପକ୍ଷୀକୁଳ। ସେମାନେ ହୋଇଛନ୍ତି ମୁକ୍ତିର ପ୍ରତୀକ। ସାରା ଆକାଶ ତାଙ୍କର ବିଚରଣସ୍ଥଳ, ରାମାୟଣରେ ଜଟାୟୁ ପରି ଏକ ଚରିତ୍ରର ଅବତାରଣା କରିଛନ୍ତି ମହାକବି ବାଲ୍ମୀକି। ରାବଣ ଯେତେବେଳେ ମାତାସୀତାଙ୍କୁ ଅପହରଣ କରି ନେଇଯିବାକୁ ଆକାଶ ମାର୍ଗରେ ନିଜର ପୁଷ୍ପକ ବିମାନକୁ ମୁତୟନ କରିଛନ୍ତି ସେତେବେଳେ ବହୁ ପଶୁପକ୍ଷୀ ବାହୁନୁଛନ୍ତି, ମାତ୍ର ଜଟାୟୁ ଏକମାତ୍ର ପକ୍ଷୀ ଯିଏ କି ତାଙ୍କୁ ସଶକ୍ତିବିରୋଧ କରିଛି। ଅନ୍ୟାୟ ବିରୋଧରେ ଯୁଦ୍ଧ କରି ପ୍ରାଣ ହରେଇବାକୁ ଯାଉଥିବା ଜଟାୟୁ ପାଖରୁ ପ୍ରଭୁ ଶ୍ରୀରାମଚନ୍ଦ୍ର ମାତାସୀତାଙ୍କ ଅପହରଣ ଘଟଣା ଜାଣିବାକୁ ପାଇଛନ୍ତି ଏବଂ ତାଙ୍କଠାରେ କୃତଜ୍ଞତା ଜଣେଇଛନ୍ତି। ଯେସବୁ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା ଯୁଗେ ଯୁଗେ ପକ୍ଷୀମାନେ କେବଳ ସ୍ଥୂଳ ଭାବରେ ମଣିଷ ସମାଜକୁ ସାହାଯ୍ୟ କରିନାହାନ୍ତି ସେମାନେ ମଣିଷର ଆବେଗକୁ କରିଛନ୍ତି ସକାରାତ୍ମକ।

ଆଜି ପ୍ରକୃତି ଉପରେ ଦାଉ ସାଧୁଛି ମଣିଷ। କ୍ରମେ ସଂକୁଚିତ ହୋଇଯାଉଛି ବନ୍ୟ ଅରଣ୍ୟଟି ଆଉ ତା' ସହିତ କମି ଆସୁଛି ପକ୍ଷୀକୁଳର ଆଶ୍ରୟସ୍ଥଳ। ମାଂସ ପାଇଁ ଚାଲିଛି ପକ୍ଷୀ ଶିକାର। ଏପରି କି ପକ୍ଷୀ ଅଭୟାରଣ୍ୟରେ ପଡ଼ିଛି ଶିକାରୀର ଲୋଲୁପ ଦୃଷ୍ଟି। ଜଳବାୟୁର ପରିବର୍ତ୍ତନ ଆଣୁଛି ବିବିଧ ଭୟଙ୍କର ପ୍ରାକୃତିକ ପ୍ରକୋପ ଓ ତା' କବଳରେ ପକ୍ଷୀକୁଳ ତ୍ରସ୍ତ ଓ ଭୟାର୍ତ୍ତ। ମଣିଷର କ୍ରୂରବୁଦ୍ଧି ଆଗରେ ପକ୍ଷୀଟିଏ ବଞ୍ଚିବାର ବାଟ ବନ୍ଦ ହୋଇଯାଉଛି। ଏଇ ଧାରା ଅବ୍ୟାହତ ରହିଲେ ହୁଏତ ଆଉ କିଛି ବର୍ଷ ଭିତରେ ଯେଉଁ ଖାଦ୍ୟ ସଙ୍କଟ ସୃଷ୍ଟିହେବ ତାହାର ସମ୍ମୁଖୀନ ହେବାକୁ ମଣିଷର ଜୁ' ନ ଥିବ, ମଣିଷ କ'ଣ କେବେ ସେକଥା ଚିନ୍ତା କରୁଛି?

–ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ
ମୋ: ୯୪୩୮୪୮୨୯୧୧

# ସର୍ବୋତ୍ତମ ପ୍ରତିନିଧିତ୍ୱ ବ୍ୟବସ୍ଥା



ରବିନାରାୟଣ ସାମଲ

ଦକ୍ଷତା, ଯୋଗ୍ୟତା ଓ ଲୋକପ୍ରିୟତା ନିର୍ବିଶେଷରେ ହାତୀ ସୁନାକଳସ ଢାଳିଲା ପରି ଆମ ଲୋକପ୍ରତିନିଧିମାନେ ସଦନକୁ ନିର୍ବାଚିତ ହୋଇଯାଉଛନ୍ତି। ନିର୍ବାଚନର ନୀତି ନିୟମ ଅନୁଯାୟୀ ଜଣେ ପ୍ରାର୍ଥୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଖଣ୍ଡେ ମାତ୍ର ଭୋଟ ଅଧିକ ପାଇଲେ ସେ ନିର୍ବାଚିତ ହେଲେ ବୋଲି ଧରାଯାଏ। ରାଜନୀତିରେ କ-ବ-ଚ ଜାଣି ନ ଥିବା ପ୍ରାର୍ଥୀମାନେ ବି ସଂସଦ ଓ ବିଧାନସଭାକୁ ନିର୍ବାଚିତ ହେଲାଭଳି ଉଦାହରଣ ଆମ ଇତିହାସରେ ବିରଳ ନୁହେଁ। ଏକଦା ପ୍ରଖ୍ୟାତ ରାଜନୀତିଜ୍ଞ ହେମବତୀ ନନ୍ଦନ ବହୁଗୁଣାଙ୍କୁ ହରାଇ ସିନେ ତାରକା ଅମିତାଭ ବଚ୍ଚନ ସଂସଦକୁ ନିର୍ବାଚିତ ହୋଇଥିଲେ। ମିର୍ଜାପୁର ଆସନରୁ ଦସ୍ୟୁ ନାୟିକା ଫୁଲନ ଦେବୀ, ସୋହାଗପୁର ଆସନରୁ କିନ୍ନର ପ୍ରାର୍ଥୀ ସବ୍‌ନମ୍ ମୌସୀ ଏବଂ ବିହାରରୁ ବାହୁବଳୀ ପପୁ ଯାଦବ ନିର୍ବାଚିତ ହେବା କଥା ସମସ୍ତେ ଜାଣନ୍ତି। ଏମାନଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳି ନ ଥିଲା ତ ଆଉ କ'ଣ କୁହାଯାଇ ପାରେ?

ଆମ ଦେଶର ବିଧାନସଭାଗୁଡ଼ିକରେ ବିଧାୟକଙ୍କ ମୋଟ ସଂଖ୍ୟା ୪,୦୩୩। ସେମାନଙ୍କ ମଧ୍ୟରୁ ଶତକଡ଼ା ୨୮ ଜଣଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ସେହିପରି ଶତକଡ଼ା ୪୭ ଜଣ ମନ୍ତ୍ରୀ ଅଭିଯୁକ୍ତ ତାଲିକାରେ ଅଛନ୍ତି। ଆମ ରାଜ୍ୟର ୮୫ ଜଣ ବିଧାୟକଙ୍କ ନାମରେ ଅଛି ଆପରାଧିକ ମାମଲା। କୌଣସି ମତଦାତା କ'ଣ କେବେ ଚାହିଁବ ଜଣେ ଅଭିଯୁକ୍ତଙ୍କୁ ତା' ଭୋଟ ଖଣ୍ଡିକ ଦେଇଦେବାକୁ?

କୋଟିପତିଙ୍କ ସଂଖ୍ୟା ଦେଖିଲେ, ଲୋକ ସଭାରେ ୫୪୩ ଜଣ ସାଂସଦଙ୍କ ମଧ୍ୟରୁ ୫୦୪ ଜଣ କୋଟିପତି। ଓଡ଼ିଶା ବିଧାନସଭାରେ ୧୪୭ ଜଣ ବିଧାୟକଙ୍କ ମଧ୍ୟରୁ ୧୦୭ ଜଣ କୋଟିପତି। ଏହି ଲୋକପ୍ରତିନିଧିମାନେ ଲକ୍ଷ ଲକ୍ଷ ଭୋଟରେ ଜିତିଯିବା କମ୍ ବିଡ଼ମ୍ବନାର ବିଷୟ ନୁହେଁ।

ରାଜ୍ୟ ଓ କେନ୍ଦ୍ରରେ ଯେଉଁ ଦଳ ସରକାର ଗଠନ କରିଛନ୍ତି ସେମାନେ କମ୍ ଭୋଟ ପାଇ ବେଶି ଆସନ ଦଖଲ କରିଛନ୍ତି। ନିକଟରେ ଶେଷ ହୋଇଥିବା ବିହାର ବିଧାନସଭା ନିର୍ବାଚନକୁ ତର୍ଜମା କଲେ ଏହା ଅଧିକ ସ୍ପଷ୍ଟ ହୁଏ। ଭାଜପା ଶତକଡ଼ା ୨୦ ଭାଗ ଭୋଟ ପାଇ ୮୯ଟି ଆସନ, ଜେଡିୟୁ ଶତକଡ଼ା ୧୯ ଭାଗ ଭୋଟ ପାଇ ୮୫ଟି ଆସନ ଏବଂ ଆର୍‌ଜେଡି ଶତକଡ଼ା ୨୩ ଭାଗ ଭୋଟ ପାଇ ୨୫ଟି ଆସନ ଦଖଲ କରିଛି। ଭୋଟ କମ୍ ଆସନ ବେଶି, ଆସନ କମ୍ ଭୋଟ ବେଶି। ବିହାର ବିଧାନସଭା ନିର୍ବାଚନରେ ଶତକଡ଼ା ୬୭ ଭାଗ ଭୋଟର ଭୋଟ ଦେଇଥିଲେ। ଅବଶିଷ୍ଟ ୩୩ ଭାଗ ଭୋଟର ଭୋଟଦାନରୁ ବିରତ ରହିଥିଲେ। ଏନ୍‌ଡିଏ ମେଣ୍ଟ ଶତକଡ଼ା ୪୬ ଭାଗ ଭୋଟ ପାଇ ସରକାର ଗଠନ କରିଛି। ସୁତରାଂ ଏନ୍‌ଡିଏ ବିପକ୍ଷରେ ୫୪ ଭାଗ ଭୋଟ ପଡ଼ିଛି। ଗାଣିତିକ ଭାବେ ଅନୁଶୀଳନ କଲେ ଶହକେ ମାତ୍ର ୧୩ ଜଣଙ୍କ ଭୋଟ ପାଇଥିବା ଏନ୍‌ଡିଏ ଅବଶିଷ୍ଟ ୮୭ ଜଣଙ୍କ ଉପରେ ଶାସନ କରୁଛି। ଏହି ଧରଣର ନିର୍ବାଚନ ପଦ୍ଧତି ଯୋଗୁ ଆମ ଦେଶରେ ସରକାରୀ ଯୋଜନାଗୁଡ଼ିକ ତୃଣମୂଳ ସ୍ତରରେ ପହଞ୍ଚି ପାରୁନାହିଁ। ନିର୍ଦ୍ଦିଷ୍ଟ କେତେଜଣ ମୁଷ୍ଟିମେୟ ଜନତାଙ୍କ ସ୍ୱାର୍ଥସାଧନରେ ଏହା ସହାୟକ ହେଉଛି। ବାସ୍ତବ ପକ୍ଷେ ଯୋଜନା ବାଟବଣା ହୋଇଯାଉଛି। କହିବା ନିଷ୍ପ୍ରୟୋଜନ ଯେ ଦକ୍ଷ ଓ ନିଃସ୍ୱାର୍ଥପର ଲୋକପ୍ରତିନିଧିଙ୍କ ଅଭାବରୁ ଦେଶର ବିକାଶ ବାଧାପ୍ରାପ୍ତ ହେଉଛି।



ପାଞ୍ଚ ବର୍ଷର ଅବଧି ପୂରଣ ପୂର୍ବରୁ ରାଜ୍ୟ ତଥା ଦେଶର ସରକାର ଭାଙ୍ଗିଯିବା, କୋଟି କୋଟି ଟଙ୍କାରେ ଆମ ପ୍ରତିନିଧିମାନେ ମୁଣ୍ଡ ବିକିବା, ଏ ଦଳ ଛାଡ଼ି ସେ ଦଳକୁ ଡେଇଁପଡ଼ିବା, ଆସ୍ଥା-ଅନାସ୍ଥାରେ ସରକାର ଇସ୍ତଫା ଦେବା ଆଦି ଘଟଣା ଆମେ ବହୁବାର ଦେଖିଛନ୍ତି। ବାରମ୍ବାର ନିର୍ବାଚନ ସଂସ୍କାର ହେଉଛି, ମାତ୍ର ଏହାର କୌଣସି ସମାଧାନ ହୋଇପାରୁ ନାହିଁ।

ଆମ ବିଚାରରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଏସବୁ ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରିପାରିବ। ଏହି ବ୍ୟବସ୍ଥାରେ ନିର୍ବାଚନରେ କୌଣସି ପ୍ରାର୍ଥୀ ନ ଲଢ଼ି ପାର୍ଟି ଲଢ଼ିବ। ଯେଉଁ ଦଳ ଶତକଡ଼ା ଯେତେ ଭୋଟ ପାଇବ ସେହି ଅନୁପାତରେ ସଂସଦ ଓ ବିଧାନସଭାକୁ ପ୍ରତିନିଧି ପଠାଇ ପାରିବ। ନିର୍ବାଚନ ପୂର୍ବରୁ ଦଳ ଦାଖଲ କରିଥିବା ଯୋଗ୍ୟ ତାଲିକାରୁ ନିର୍ବାଚନ କମିଶନ ପ୍ରତିନିଧି ଗ୍ରହଣ କରିବେ। ପରିଣାମରେ ସରକାର ଏକକ କିମ୍ବା ମିଳିତ ହୋଇପାରେ। କୌଣସି ପ୍ରତିନିଧିଙ୍କ ମୃତ୍ୟୁ ଘଟିଲେ ବା ସେ ଇସ୍ତଫା ଦେଲେ ସେହି ଆସନରେ ପୁଣି ଉପନିର୍ବାଚନ ହେଉଛି। କିନ୍ତୁ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ ତାହା ହେବ ନାହିଁ। ପୂର୍ବ ପ୍ରଦତ୍ତ କ୍ରମ ତାଲିକାରୁ ନିର୍ବାଚନ କମିଶନ ପରବର୍ତ୍ତୀ ପ୍ରତିନିଧି ଗ୍ରହଣ କରିବେ। ମନ୍ତ୍ରିମଣ୍ଡଳ ପୂରା ଅବଧି ପୂର୍ଣ୍ଣ କରିବ। ମଧ୍ୟବର୍ତ୍ତିକାଳୀନ ନିର୍ବାଚନର ପ୍ରଶ୍ନ ଉଠିବ ନାହିଁ। ଅନ୍ୟ ପକ୍ଷରେ ଅସାଧୁ ଓ ଅପରାଧୀମାନେ ପ୍ରତିନିଧି ହେବାରୁ ବଞ୍ଚିତ ହେବେ। ଅର୍ଥବଳ ଓ ବାହୁବଳର ପତିଆରା ଏଠାରେ ଅକାମୀ ହୋଇଯିବ।

ବିଶ୍ୱରେ ୮୫ଟି ଦେଶରେ ଏହି ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସୁଛି। ସେଗୁଡ଼ିକ ମଧ୍ୟରୁ ଜର୍ମାନୀ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ବ୍ରାଜିଲ, କଲମ୍ବିଆ, କ୍ରୋଏସିଆ, ଡେନ୍‌ମାର୍କ, ସ୍ୱିଡେନ୍, ଇଣ୍ଡୋନେସିଆ, ୟୁରୋପିଆନ ୟୁନିଅନ୍ ଅନ୍ୟତମ।

୧୯୯୬ରେ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳ ଏହି ନିର୍ବାଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲା। ୧୯୯୯ରେ ଲ' କମିଶନ ମଧ୍ୟ ଏହାକୁ ଅନୁମୋଦନ କରିଥିଲା। ମାତ୍ର କେତେକ ସ୍ୱାର୍ଥାନ୍ୱେଷୀ ପ୍ରଭାବଶାଳୀ ରାଜନେତାଙ୍କ କୁଚକ୍ରାନ୍ତ ଯୋଗୁ ଏହା ଶୀତଳ ଭଣ୍ଡାରକୁ ଚାଲିଗଲା। ଏବେ ବି ସମୟ ଅଛି ଦେଶରେ ଏହାକୁ ଲାଗୁ କରିବା ଶ୍ରେୟସ୍କର ହେବ। ଏଥିସକାଶେ ସମ୍ବିଧାନ ସଂଶୋଧନର ଆବଶ୍ୟକତା ନାହିଁ। ସଂଖ୍ୟାଧିକ ମତରେ ଏହା ପାର୍ଲାମେଣ୍ଟରେ ଗୃହୀତ ହୋଇପାରିବ। ଦେଶର ଗଣତାନ୍ତ୍ରିକ ଢାଞ୍ଚାକୁ ବିପର୍ଯ୍ୟସ୍ତ କରିବାକୁ ଯାଉଥିବା 'ଏକ ଦେଶ, ଏକ ନିର୍ବାଚନ' ପ୍ରକ୍ରିୟା ଆପେ ଆପେ ବିପର୍ଯ୍ୟୟର ସମ୍ମୁଖୀନ ହେବ।

ମୋ: ୭୯୭୫୦୪୬୮୬

## ଏଇ ଭାରତରେ

ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି)ର ଜଣେ ପୂର୍ବତନ ଅଧିକାରୀ ଉତ୍କୃଷ୍ଟ ପାଣ୍ଡେ। ଜୈବିକ ପଦ୍ଧତିରେ ସେ ହଳଦୀ ଏବଂ ଧାନଚାଷ କରି ବିହନ ସଂରକ୍ଷଣ କରୁଛନ୍ତି। ଉତ୍ତରପ୍ରଦେଶ ପ୍ରତାପଗଡ଼ ଭଦାଉନ୍ ଗାଁରେ ଏହି ଚାଷ କରୁଛନ୍ତି। ଜୈବିକ ପଦ୍ଧତିରେ ସ୍ଥାନୀୟ ଅଞ୍ଚଳର ପୁରୁଣା ତଥା କାଳାନମକ ବାସ୍ନାଧାନ ଚାଷରେ ସେ ସଫଳତା ପାଇଛନ୍ତି। ପାଣ୍ଡେ ଏବେ ୭ ଏକର ପରିମିତ ଫାର୍ମରେ ଚାଷ କରୁଛନ୍ତି। ଏହି ଫାର୍ମର ନାମ ଦେଇଛନ୍ତି 'ଋଷିଗ୍ରାମ ଅର୍ଗାନିକ୍ସ'। ତାଙ୍କ ଫାର୍ମରେ ବିଶେଷକରି କଳା ହଳଦୀ ଓ କସ୍ତୁରୀ ହଳଦୀ ଚାଷ ହେଉଛି। ଏହା ବ୍ୟତୀତ ୧୩ଟି ରାଜ୍ୟରେ ୫୦୦ରୁ ଅଧିକ କୃଷକଙ୍କୁ ହଳଦୀ ଚାଷରେ ସହଯୋଗ କରୁଛନ୍ତି। ଫାର୍ମର ସବୁ କାମ ସୌରଶକ୍ତି ଦ୍ୱାରା ପରିଚାଳିତ ହେଉଛି। ଗୋପାଳନ ସହ ଗୋବରରୁ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ସେ ମଧ ୩୦୦୦ରୁ ଊର୍ଦ୍ଧ୍ୱ ଚନ୍ଦନ ଗଛ ଲଗାଇଛନ୍ତି। ଚନ୍ଦନ ବୃକ୍ଷ ରୋପଣକୁ ବ୍ୟାପକ କରିବା ସକାଶେ ସେ 'ହର୍ ଘର୍ ଚନ୍ଦନ' ବା 'ପ୍ରତି ଘରେ ଚନ୍ଦନ' ଅଭିଯାନ ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସେ ୫୦,୦୦୦ ଚନ୍ଦନ ଚାରା ଉଠାରି ଲୋକମାନଙ୍କୁ ଯୋଗାଇ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଡିସେମ୍ବର ୧୯୭୬

- ସୁପରିଚିତ ହିନ୍ଦୀ ସାହିତ୍ୟିକ ଓ ବିପ୍ଳବୀ ଯଶପାଳଙ୍କ ୭୩ ବର୍ଷ ବୟସରେ ପରଲୋକ।
- ଶ୍ରୀ ବିନାୟକ ଆଚାର୍ଯ୍ୟ ରାଜ୍ୟ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ।
- ରେଙ୍ଗାଲି ଓ ଅପରକୋଲାବ ଜଳବିଦ୍ୟୁତ୍ ଯୋଜନା ସମେତ ୩୦ଟି ଶକ୍ତି ପ୍ରକଳ୍ପକୁ ଯୋଜନା କମିଶନଙ୍କ ମଞ୍ଜୁରୀ।
- ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଶିଶିର କୁମାର ମିତ୍ରଙ୍କ ୭୫ ବର୍ଷ ବୟସରେ ପରଲୋକ।

## sudoku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 9 | | 2 | 8 | | | 7 | |
| | 6 | | | 1 | | | | |
| | | | | | | 4 | 2 | |
| 4 | | 9 | | | | | | |
| | | | | 7 | | 2 | | |
| | | 3 | | | | 1 | 5 | |
| | 4 | 6 | 7 | | | | | |
| 3 | 8 | | 6 | | 4 | | | |
| 7 | | | | 2 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 6 | 4 | 7 | 5 | 8 | 1 | 9 |
| 8 | 7 | 9 | 1 | 2 | 6 | 3 | 4 | 5 |
| 1 | 4 | 5 | 8 | 3 | 9 | 6 | 2 | 7 |
| 9 | 2 | 8 | 3 | 1 | 4 | 5 | 7 | 6 |
| 7 | 1 | 3 | 6 | 5 | 2 | 4 | 9 | 8 |
| 6 | 5 | 4 | 7 | 9 | 8 | 2 | 3 | 1 |
| 3 | 6 | 7 | 2 | 8 | 1 | 9 | 5 | 4 |
| 5 | 8 | 2 | 9 | 4 | 7 | 1 | 6 | 3 |
| 4 | 9 | 1 | 5 | 6 | 3 | 7 | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦରମା-ଭତ୍ତା ବୃଦ୍ଧି ନୁହେଁ, ରାଜକୋଷ ଲୁଟ୍

ମହାଶୟ,

ନିର୍ଦ୍ଧାରିତ ସମୟ ପୂର୍ବରୁ ବିଧାନସଭାର ବୈଠକ ମୁଲତବୀ କଲେ ଏବଂ ତା' ପୂର୍ବରୁ ରାଜନେତା ଏବଂ ବିଧାୟକମାନଙ୍କର ଅହେତୁକ ଦରମା ଏବଂ ଭତ୍ତା ବୃଦ୍ଧି କରି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କଲେ। ଭାରତ ବର୍ଷର ସବୁ ରାଜ୍ୟଠାରୁ ଅଧିକ ଦରମା ଏବଂ ଭତ୍ତା ଘୋଷଣା କରି ସମସ୍ତଦଳର ସଭ୍ୟମାନେ ଖୁସି ହୋଇଗଲେ। ଭାଷଣ ବାଜିରେ ନିଜକୁ ଜନତାଙ୍କ ସେବକ ବୋଲି କହୁଥିବା ନେତାମାନେ ଭୁଲିଗଲେ ଯେ, ଆମ ରାଜ୍ୟରେ ଅର୍ଦ୍ଧାଧିକ ହେଲେ କୃଷକ, ଶ୍ରମିକ ଏବଂ ଦାଦନ; ଯେଉଁମାନଙ୍କ ମାସିକ ସର୍ବନିମ୍ନ ଆୟ ୫ ହଜାର ୧୧୧ ଟଙ୍କା। ନେତାଙ୍କ ବେତନ ଓ ଭତ୍ତା ବଢ଼ିଲା ବେଳକୁ ରାଜ୍ୟରେ ବେରୋଜଗାର ଅତ୍ୟଧିକ ବୃଦ୍ଧି ପାଇଲାଣି। ଫଳରେ ଶିକ୍ଷିତ ବେକାର ଯୁବକମାନେ ମାଫିଆ ସାଜି ଅସାଧୁ ନେତା ଏବଂ ଅଫିସରଙ୍କ ସହିତ ଭାଗୀଦାରି ବେପାର କରି ସାମାଜିକ ସମସ୍ୟାକୁ ଜଟିଳ କରୁଛନ୍ତି। ଏବକାର ସ୍ଥିତିରେ ଆନ୍ଦୋଳନ କରିବାକୁ କମ୍ୟୁନିଷ୍ଟ ବି ନାହାନ୍ତି। ଏବେ ସମସ୍ତେ ଏକାକାର।

– ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମନ୍ଥର ଧୀର ଅତି
ଅଚପଳ ଜଳଗତି
ତଳେ ତା'ର ତାଳଗଛ ଛାଇରେ
କାଟିଛି ସରଳ ରେଖା ମହୀରେ ।
(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଧାୟକ ଏକାଦଶକୁ ହରାଇଲା ପ୍ରଶାସନ ଏକାଦଶ



ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

ଭଦ୍ରକ,୨୭।୧୨(ସନାତନ ରାଉତ)

ଭଦ୍ରକ ଚରମ୍ପାସ୍ଥିତ ରାମଚନ୍ଦ୍ର ବିହାରୀଲାଲ ହାଇସ୍କୁଲ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ପ୍ରଶାସନ ଏକାଦଶ ବିଧାୟକ ଏକାଦଶକୁ ହରାଇଛି। ଟସ୍ ଜିତି ପ୍ରଶାସନ ଏକାଦଶ ପ୍ରଥମେ ବ୍ୟାଟିଂ କରି ବୁଦ୍ଧାନ ମାଝୀଙ୍କ ୫୨ ବଲ୍‌ରେ ୧୨୪ ରନ୍ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ହରାଇ ୨୭୮ ରନ୍ କରିଥିଲା। ଜବାବରେ ବିଧାୟକ ଏକାଦଶ ୨୦ ଓଭରରେ ୯ ଉଇକେଟ୍ ହରାଇ ୨୨୧ ରନ୍ କରି ମ୍ୟାଚ୍ ହାରିଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବୁଦ୍ଧାନ ମାଝୀ ବିବେଚିତ ହୋଇଥିଲେ।

କମିଟିର ସମ୍ପାଦକ ମଦନ ମୋହନ ମହାନ୍ତି ମ୍ୟାନ୍ ଅଫ୍ ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିବା ବେଳେ ବିଜୟୀ ଦଳକୁ ସଭାପତି ପଦ୍ମନାଭ ପଣ୍ଡା ଓ ରନରଅପ୍ ଦଳକୁ ରୋଟାରିଆନ ଶିଶିର ମିଶ୍ର ପୁରସ୍କୃତ କରିଥିଲେ। ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଗଗନ ରାଉଳ, ଜିତେନ୍ଦ୍ର ପଢ଼ିଆରୀ, ବିଶାଲ ଲଖାନୀ, ତପନ ରାଉତ, ରଞ୍ଜିତ ନାୟକ, ବିଭୂତି ଭୂଷଣ ପଲାଇ, ଅଶ୍ୱିନୀ ରଣା ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଏକାଦଶ ଦଳର ଅଧିନାୟକ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସମସ୍ତ ଖେଳାଳିଙ୍କୁ ଧନ୍ୟବାଦ ଦେଇଥିଲେ।

# ବୈତରଣୀ ନଦୀବନ୍ଧରେ ନିମ୍ନମାନର ପଥରପ୍ୟାକିଂ

## ଗ୍ରାମବାସୀଙ୍କ ବିରୋଧ, କାମ ବନ୍ଦ

ଧୁଷୁରୀ,୨୭।୧୨(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ପାଳସାହି ପଞ୍ଚାୟତର ତୋଟାସାହି ଗ୍ରାମ ନିକଟରେ ବୈତରଣୀ ନଦୀବନ୍ଧରେ ନିମ୍ନମାନର ପଥରପ୍ୟାକିଂ କାର୍ଯ୍ୟ ଅଭିଯୋଗ ଆଣି ଗ୍ରାମବାସୀ ବିରୋଧ କରିଛନ୍ତି। ଏଥିସହ ସ୍ଥାନୀୟ ଲୋକେ ଚାଲୁ ରହିଥିବା କାର୍ଯ୍ୟକୁ ଗୁରୁବାରଠାରୁ ବନ୍ଦ ରଖିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗତବର୍ଷ ଏଠାରେ ପଥରପ୍ୟାକିଂ କାର୍ଯ୍ୟ କରାଯାଇଥିଲା। ଏହି ପଥରପ୍ୟାକିଂ କାର୍ଯ୍ୟରେ ଅଟକଳ ମୂଲ୍ୟ କେତେ, କାର୍ଯ୍ୟାରମ୍ଭ, କାର୍ଯ୍ୟ ଶେଷ ତାରିଖ ସମ୍ବନ୍ଧୀୟ ଫଳକ ଲଗା ନ ଯାଇ ଠିକାଦାର କୋଟିଏରୁ ଅଧିକ ଅର୍ଥରାଶି ଉଠାଇଥିବା କୁହାଯାଉଛି। ଅଗଷ୍ଟରେ ହୋଇଥିବା ବନ୍ୟାରେ ପଥରପ୍ୟାକିଂରେ ବ୍ୟବହାର କରାଯାଇଥିବା ୩୦ପ୍ରତିଶତ ପଥର ନଦୀଗର୍ଭକୁ ଚାଲିଯାଇଛି। ପଥରପ୍ୟାକିଂ ନିକଟରେ ମଧ୍ୟ ନଦୀବନ୍ଧ ଧସିଯିବାରୁ ଗାଁ ପ୍ରତି ବିପଦ ସୃଷ୍ଟି ହୋଇଛି। ଚଳିତ ଡିସେମ୍ବରରେ ଜଣେ ଠିକାଦାର କୌଣସି ଫଳକ ନ ଲଗାଇ ହାତଗଣତି କେଇ ଟ୍ରିପ୍ ଛୋଟ ପଥର, ଯାହାକି ଗାଁ ରାସ୍ତାରେ ପଡୁଥିବା ମେଟାଲ ପରି ସେଗୁଡ଼ିକ ପୁରୁଣା ପଥରପ୍ୟାକିଂରେ ବ୍ୟବହାର କରି ପୁଣି ୨ କୋଟିରୁ ଊର୍ଦ୍ଧ୍ୱ ଅର୍ଥରାଶି ହଡ଼ପ କରିବାକୁ ବସିଛନ୍ତି। ବର୍ଷେ ତଳେ ନଦୀପଠାରେ ପୁରୁଣା ପଥରକୁ ମଧ୍ୟ ଜେସିବି ସାହାଯ୍ୟରେ ଉଠାଇ ଅନ୍ୟତ୍ର ନେବାରୁ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ନର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ ଓ ଏ ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରିଥିଲେ। କନିଷ୍ଠ ଯନ୍ତ୍ରୀ ଶନିବାର ସୁଦ୍ଧା ବଡ଼ ବଡ଼ ପଥର ଆଣିବାକୁ ଠିକାଦରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ପଥର ନ ଆସିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏଠାରେ ତୁରନ୍ତ ଫଳକ ଲଗାଇ କାର୍ଯ୍ୟ ଆରମ୍ଭ ନ କଲେ ଆଗାମୀ ୧୫ ଦିନ ମଧ୍ୟରେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ସେହି ଗ୍ରାମର ସାମାଜିକ କର୍ମୀ ନିରାକାର ଦାଶ କହିଛନ୍ତି। ଏ ସମ୍ପର୍କରେ ଗାନ୍ଧୀଘାଟ ଶାସନ ଜଳସମ୍ପଦ ବିଭାଗ ଜେଇ ବିମଳ ବେହେରାଙ୍କୁ ପଚାରିବାରୁ ପଥର ଆସିଲେ ଏଠାରେ କାମ ଆରମ୍ଭ ହେବ ବୋଲି କହିଛନ୍ତି।



ପାଳସାହି ପଞ୍ଚାୟତର ତୋଟାସାହି ଗ୍ରାମଠାରେ ନଦୀବନ୍ଧ ପଥରପ୍ୟାକିଂରେ ବ୍ୟବହାର କରାଯାଇଥିବା ଛୋଟ ପଥର।

# ବେଆଇନ ଗୋଚାଲାଣ: ଟ୍ରକ୍ ଚାଳକ ଓ ସହଯୋଗୀ କୋର୍ଟଚାଲାଣ

ବାସୁଦେବପୁର, ୨୭।୧୨
(କାଳିପଦ ରାୟ)

ବେଆଇନ ଗୋଚାଲାଣ ଅଭିଯୋଗରେ ବାସୁଦେବପୁର ବ୍ଲକ ନାୟକାଣିଡିହୀ ପୋଲିସ ଗିରଫ କରିଥିବା ଟ୍ରକ୍ ଚାଳକ ଓ ତାଙ୍କ ସହଯୋଗୀଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଧାମନଗର ଥାନା ଅଞ୍ଚଳର ଗାଡ଼ି ଚାଳକ ସେକ୍ ରାଜୁ ଓ ସହଯୋଗୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗୁଜିଦରଡ଼ାର ମୁସୀମ ଖାନ୍। ଶୁକ୍ରବାର ଏକ ଟ୍ରକ୍ ଧାମରାରୁ ୪୪ ଗୋରୁଙ୍କୁ ବୋଝେଇ କରି ବାଲେଶ୍ୱର ନେଉଥିବା ବେଳେ ବିଦେଇପୁର ଛକଠାରେ ଗୋସେବକ ଓ ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକାଇଥିଲେ। ନାୟକାଣିଡିହୀ ଓ ବାସୁଦେବପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଚାଳକଙ୍କ ସମେତ ୨ଜଣଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୩୨୦/୨୫) ରୁଜୁ ହୋଇଥିଲା।

# ‘ଭଦ୍ରାୟଣୀ’ରେ ଏକକ ସଙ୍ଗୀତ ପରିବେଷଣ ପାଇଁ ଚୟନ ପ୍ରକ୍ରିୟା

ଭଦ୍ରକ,୨୭।୧୨(ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲା ମହୋତ୍ସବ ‘ଭଦ୍ରାୟଣୀ’ରେ ଏକକ ସଙ୍ଗୀତ ପରିବେଷଣ ପାଇଁ ଶନିବାର ଜିଲା ସଂସ୍କୃତି ଭବନରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଜିଲାର ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉଜ୍ଜୀବିତ କରିବା ପାଇଁ ଜିଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଏପରି ଚୟନ ପ୍ରକ୍ରିୟା କରାଯାଇଛି। ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକ୍ରିୟା ସମ୍ପାଦନ ହୋଇଛି। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ସଙ୍ଗୀତଜ୍ଞ ରାମନାରାୟଣ ମହାନ୍ତି, ଶେଖ୍ ନିଜାମ, ଶ୍ୟାମସୁନ୍ଦର ଜେନା, ଆଇଯାକ ମହାନ୍ତି, ରାକେଶ ନାୟକ, ନରେନ୍ଦ୍ର ଦାସ, ତ୍ରିଲୋଚନ ପଣ୍ଡା, ସିଦ୍ଧାର୍ଥ ନାୟକ, ବିମଲ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରକ୍ରିୟାରେ ଚୟନ ହୋଇଥିବା ପିଲାମାନେ ଆଗାମୀ ଜିଲା ମହୋତ୍ସବ ଭଦ୍ରାୟଣୀରେ ଅଂଶଗ୍ରହଣ କରିବେ।



ଚୟନ ପ୍ରକ୍ରିୟାରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ଅନ୍ୟ ଅଧିକାରୀ।


GOVERNMENT OF ODISHA
e-mail: sebalangir@gmail.com

DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR
2nd Corrigendum to Notice “e-Procurement Notice No. ACE, BOIC-06/2025-26
BID Identification No. ACE, BOIC-06/2025-26

No. A-1199: Due to Technical Issues the 2nd Corrigendum to e-Procurement Notice No. ACE, BOIC - 06/2025-26 for the work 1. Construction of Inspection Bunglow (I.B.) At: Padampur under Ong Dam Division, Padampur for the financial year 2025-26, 2. Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26, 3. Construction of (G+1) style D-Type quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 are hereby made as follows.

| Sl. No. | As per Notice Inviting Tender | | Modified to/Read as per 2nd Corrigendum |
|---|---|---|---|
| 1 | Period of availability of bidding document in the portal | From Dt.11.12.2025 from 10.00 A.M. to Dt.02.01.2026 upto 5.30 P.M. | From Dt. 29.12.2025 from 10.00 A.M. to Dt. 19.01.2026 upto 5.30 P.M. |
| 2 | Last date & time for receipt of Bids | Date: 02.01.2026 upto 5.30 P.M. | Date: 19.01.2026 upto 5.30 P.M. |
| 3 | Time and date of opening of Technical Bid | Date: 03.01.2026 at 11.00 hours | Date: 20.01.2026 at 11.00 hours |

All other terms and conditions remain unchanged.
Further details can be seen from the e-procurement portal “https://www.tendersodisha.gov.in”.
OIPR-32347/11/0012/2526 Sd./- Additional Chief Engineer, Balangir Irrigation Circle, Balangir



ଘୋଷଣା

ଆମ୍ଭେ ଜଳବାୟୁ ସୁରକ୍ଷା ପରିଷଦ ତଥା Climate Defense Councilର ସଦସ୍ୟଗଣ ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଅଛୁ କି, ଆମ୍ଭ ଅନୁଷ୍ଠାନ ନାମରେ ବହୁ ପ୍ରାର୍ଥୀଙ୍କୁ H. Biswalଙ୍କ ଦସ୍ତଖତ ଥାଇ ବହୁସଂଖ୍ୟକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବାର ଆମ୍ଭ ନଜରକୁ ଆସିଛି, ଯାହାକି ସମ୍ପୂର୍ଣ୍ଣ ଭୁଲ୍ ଅଟେ। ଏଥିରେ ଆମ୍ଭ ସଂସ୍ଥା ତଥା ଆମର କୌଣସି ସଦସ୍ୟ ସମ୍ପୃକ୍ତ ନାହାନ୍ତି କିମ୍ବା ଏପରି ନିଯୁକ୍ତିପତ୍ର ପ୍ରଦାନ ପାଇଁ ଆମ୍ଭ ସଂସ୍ଥା କାହାରିକୁ ଅଧିକୃତ କରିନାହିଁ ଏବଂ ଏହିପରି ନିଯୁକ୍ତି ନିମନ୍ତେ ଆମ୍ଭେ ତଥା ଆମ୍ଭ ସଂସ୍ଥା ଦାୟୀ ନୁହେଁ।

ଜଳବାୟୁ ସୁରକ୍ଷା ପରିଷଦ
ପରିଚାଳନା ସମିତିର ସଦସ୍ୟ ବୃନ୍ଦ



ପୂର୍ବ ତଟ ରେଳପଥ

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-38, ତା.22.12.2025ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସୀମିତ ଉଚ୍ଚତା ବିଶିଷ୍ଟ ସବୱେ (LHS), ବ୍ରିଜ୍‌ର ପୁନଃନିର୍ମାଣ, ରୋଡ୍ ଓଭର ବ୍ରିଜ୍ (ROB) / ରୋଡ୍ ଅଣ୍ଡର ବ୍ରିଜ୍ (RUB) ଇତ୍ୟାଦି ଯୋଗୁଁ କେବୁଲ ଡାଏଭର୍ସନ ସମ୍ବନ୍ଧୀୟ ବିବିଧ କାର୍ଯ୍ୟ। କାର୍ଯ୍ୟର ପରିସର: LHS :- JT-01, JT-07, JT-36, JT-69, ST-14, 24, 45, ଆୟୋଦଲା - ଲାଞ୍ଜିଗଡ଼ ରୋଡ୍‌ର କି.ମି. 257/5-7 ନିକଟରେ ଟ୍ରେସପାସିଂ ସ୍ଥାନ।

ଟେଣ୍ଡର ମୂଲ୍ୟ (₹): 1,76,69,162.50, ବିଡ୍ ସିକ୍ୟୁରିଟି (₹) : 2,38,400.00।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-41, ତା.22.12.2025ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ 20K ଠାରୁ ଊର୍ଦ୍ଧ୍ୱ TVU ସହିତ 03 ଟି ଲେବୁଲ କ୍ରସିଂ ଗେଟ୍ (RV-163, RV-164 ଏବଂ ST-63)ର ଇଣ୍ଟରଲକିଂ।

ଟେଣ୍ଡର ମୂଲ୍ୟ (₹): 3,62,43,893.40, ବିଡ୍ ସିକ୍ୟୁରିଟି (₹) : 3,31,200.00।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 12.01.2026 ରିଖ 1100 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା. 15.01.2026 ରିଖ 1100 ଘଟିକାରେ (କ୍ରମ ସଂ. 2 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରରେ ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର),
PR-940/Q/25-26 ସମ୍ବଲପୁର


# ଛିନ୍ତାଇ ଉଦ୍ୟମ, ସ୍କୁଟିରୁ ପଡ଼ି ଶିକ୍ଷୟିତ୍ରୀ ଆହତ

ଭଦ୍ରକ,୨୭।୧୨(ସନାତନ ରାଉତ): ଲୁଟେରାଙ୍କ ଛିନ୍ତାଇ ଉଦ୍ୟମ ବେଳେ ଭଦ୍ରକ ଏସ୍‌ବିଡି ସ୍କୁଲର ଶିକ୍ଷୟିତ୍ରୀ ଦେବସ୍ମିତା ଜେନା ସ୍କୁଟିରୁ ପଡ଼ି ଆହତ ହୋଇଛନ୍ତି। ଶନିବାର ଅପରାହ୍ନ ୨ଟାରେ ସେ ବାର୍ଷିକ ଉତ୍ସବ ପାଇଁ ସ୍କୁଲକୁ ସ୍କୁଟିରେ ଯାଉଥିବା ବେଳେ ଆରଡ଼ିଛକ ପରେ ୨ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ୍ ଛିନ୍ତାଇ ଉଦ୍ୟମ କରିଥିଲେ। ସେମାନେ ଚେନ୍ ଛଡ଼ାଇବା ବେଳେ ଶିକ୍ଷୟିତ୍ରୀ ସ୍କୁଟି ସହ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ସେମାନେ ଘଟଣାସ୍ଥଳରୁ ଛୁ ମାରିଥିଲେ। ଶିକ୍ଷୟିତ୍ରୀଙ୍କ ୨ ହାତରେ କ୍ଷତ ହୋଇଥିବା ବେଳେ ବାମଗୋଡ଼ର ଆଣ୍ଠୁ ମାଡ଼ ହୋଇଛି। ଲିଗାମେଣ୍ଟରେ ବଡ଼ଧରଣର ଆଘାତ ହୋଇଥିବା ସେ କହିଛନ୍ତି।

# ‘ମାଟି, ମଣିଷର କଥା କହେ ମହୋତ୍ସବ’

## ଆଗରପଡ଼ା ଯୁବ ମହୋତ୍ସବର ୨ୟ ସନ୍ଧ୍ୟା

ଆଗରପଡ଼ା,୨୭।୧୨(ସୁଶାନ୍ତ ଦାସ): ଆଗରପଡ଼ା ହେମପଦ୍ମା ଗ୍ୟାଲେକ୍ସିରେ ଚାଲିଥିବା ୪ର୍ଥ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବର ଶୁକ୍ରବାର ଥିଲା ୨ୟ ସନ୍ଧ୍ୟା। କମିଟିର ସଭାପତି ଇଂ. ଅମିୟ ରଞ୍ଜନ ରାମଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିପିଏମ୍‌ର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଯୋଗଦେଇ କହିଥିଲେ, କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ମାଟି ଆଗରପଡ଼ା ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ମହୋତ୍ସବ ମାଟି ଓ ମଣିଷର କଥା କହେ। ମୁଖ୍ୟବକ୍ତା ସିପିଏମ୍‌ର ଜିଲା ସମ୍ପାଦକ ଆଇନଜୀବୀ ଦିବ୍ୟସିଂହ ନାୟକ, ଅନ୍ୟତମ ଅତିଥି ଭାବେ ସିପିଏମ୍ ସମ୍ପାଦନ ମଣ୍ଡଳୀ ସଦସ୍ୟ ଆଇନଜୀବୀ ଗିରିଧାରୀ ନାଥ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଭାସ ମହାପାତ୍ର, କମିଟିର ଉପଦେଷ୍ଟା ପ୍ରଣୟ କୁମାର ସିଂହ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ପ୍ରଦ୍ୟୁମ୍ନ ପୁହାଣ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ନୃସିଂହ ଖୁଣ୍ଟିଆ ମଞ୍ଚ ଆହ୍ୱାନ ଓ ଉପଦେଷ୍ଟା ମାନବାଧିକାର ସୂଚନା କମିଶନର ରାଜ୍ୟ ସମ୍ପାଦକ ନିରୋଜ ଆଇଚ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ରାଜ୍ୟସ୍ତରୀୟ ଶୀତ ସାହିତ୍ୟ ଆସର

ଚାନ୍ଦବାଲି,୨୭।୧୨(କିଷାନ ପାତ୍ର): ଚାନ୍ଦବାଲି ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶୀତ ସାହିତ୍ୟ ଆସର ଶୁକ୍ରବାର ସ୍ଥାନୀୟ ହୋଟେଲ କୈରବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ପ୍ରଫୁଲ୍ଲ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ବୈକୁଣ୍ଠ ନାଥ ପରିଡ଼ା, ବିଶିଷ୍ଟ ଅତିଥି ଓଡ଼ିଶା ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, କମିଶନ ସଦସ୍ୟା ଡ. କଳ୍ପନା ମଲ୍ଲିକ, ମୁଖ୍ୟବକ୍ତା କବି ସଞ୍ଜିତ କୁମାର ବଳ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଡ. କୁମାର ଗୋପାଳ, ଗୀତିକାର ଲଲାଟେନ୍ଦୁ ରାୟ, ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ, ଶିଳ୍ପପତି ଶିବ କୁମାର ଖଣ୍ଡେଲୱାଲ ପ୍ରମୁଖ ଯୋଗଦେଇ ଶୀତ କିଛି କଥା କିଛି କବିତା ସମ୍ପର୍କରେ ଦୀକ୍ଷାନ୍ତ ଅଭିଭାଷଣ ଦେଇଥିଲେ। ଗାଳ୍ପିକ ତପନ ସାହୁ ଅତିଥି ପରିଚୟ ଓ ସମ୍ପାଦକ କବି ଅମୂଲ୍ୟ ରାଉତ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରାୟ ୬୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଳ୍ପପତି ଓ ସାହିତ୍ୟ ପ୍ରାଣ ଖଣ୍ଡେଲୱାଲଙ୍କୁ ଚାନ୍ଦବାଲି ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।


ଓଡ଼ିଶା ସରକାର No. T–121
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR–09014/11/0215/2526



Government of Jharkhand
Urban Development And Housing Department
Dhanbad Municipal Corporation, Dhanbad
e-Procurement Re-Tender Notice No. DMC/40/2025-26
Reference No. : DMC/40/2025-26 Date : 27.12.2025

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/40/2025-26/01 | Development of Chanchani Colony park under Ward 21 under Dhanbad Municipal Corporation (2nd Call) | 1,71,00,000.00 | 2 % of BOQ | 10000.00 | 210 Days |
| 2 | DMC/40/2025-26/02 | Development of Azad Nagar Gaffar Colony Park near Silver School in Ward no 17 under Dhanbad Municipal Corporation (2nd Call) | 66,48,000.00 | 2 % of BOQ | 10000.00 | 180 Days |

Date of Publication of Tender on website :- From 05.01.2026 At 03.00 PM
Online Last Date / Time for receiving of bids :- 19.01.2026 (Online) till 03:00 PM
Date of Bid Opening :- From 20.01.2026 at 03:00 PM (Online)
NOTE:-
(i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
Executive Engineer,
Dhanbad Municipal Corporation, Dhanbad
PR 369516 Urban Development (25-26)_D



GOVERNMENT OF ODISHA No.B-895
OFFICE OF THE SUPERINTENDING ENGINEER
JEYPORE (R&B) DIVISION, JEYPORE
ID: ee.randbjyp@gmail.com
e-Procurement Notice
Bid Identification No. S.E. (R&B)-10/2025-26/JYP(K)
No.7104 Date: 22.12.2025

Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1 | Name of the work | : | Road and building works as mentioned in DTCN |
| 2 | No. of works | : | 09 Nos. |
| 3 | Estimated cost | : | Rs.4.99 lakhs to 39.28 lakhs |
| 4 | Period of completion | : | 2 (Two) to 3 (Three) months |
| 5 | Date & time of bidding | : | From 11.00 hours of 31.12.2025 upto 17.00 hours of 09.01.2026 |
| 6 | Last date & time for receipt of bids in portal | : | 17.00 hours of 09.01.2026 |
| 7 | Bids received online shall be opened on | : | 11.00 hours of 12.01.2026 |
| 8 | Name and address of the officer inviting bid | : | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in
OIPR-34027/11/0021/2526 Sd./- Superintending Engineer, Jeypore (R&B) Division



WORKS DEPARTMENT No.B-893
OFFICE OF THE SUPERINTENDING ENGINEER
RAIRANGPUR (R&B) DIVISION
e-mail: eerbrairangpur@yahoo.co.in
Government of Odisha ‘e’ Procurement Notice
Bid Identification No. SE41 of 2025-26

| | | | |
|---|---|---|---|
| 1 | Nature of work | : | Building work |
| 2 | Number of works | : | 03 (Three) Nos. |
| 3 | Amount put to tender | : | Rs.67,87,460.00 to Rs.44,05,117.00 |
| 4 | Class of contractor | : | B Class |
| 5 | Date & time of availability of bid document in the portal | : | Dt.31.12.2025 at 10.00 A.M. |
| 6 | Last date/ time of receipt of bid in the portal | : | Dt.06.01.2026 upto 04.00 P.M. |
| 7 | Date of opening of bid | : | Dt.07.01.2026 at 11.00 A.M. |
| 8 | Name & address of the office inviting bid | : | Superintending Engineer, Rairangpur (R&B) Division |
| 9 | The bidders have to participate in ONLINE bidding only. Further details can be seen from the e-procurement portal “http//tendersodisha.gov.in”. All future corrigendum will be available on ONLINE mode only. | | |

Sd./- Superintending Engineer, Rairangpur (R&B) Division
OIPR-34041/11/0023/2526



यूनियन बैंक ऑफ़ इंडिया Union Bank of India
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ-୭୫୩୦୦୧

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ “ଯେଉଁଠାରେ ଯେପରି ଅଛି”, “ଯାହା ଯେପରି ଅଛି” ଏବଂ “ସେଠାରେ ଯାହା ଅଛି” ଭିତ୍ତିରେ ତା.୨୮.୦୧.୨୦୨୬ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | ମହାବୀର ବଜାର ଢେଙ୍କାନାଳ ଶାଖା, ମୋ.: ୮୦୧୮୮୦୮୧୮୨ / ଋଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ, ସା: କୁଞ୍ଜକଣ୍ଟା, ସଦର ଆର୍‌ଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ /ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ, ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଟା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ / ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୫,୦୭,୩୩୧.୪୪ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ, ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର ୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ | ଟ.୮,୬୭,୦୦୦/- / ଟ.୮୬,୭୦୦/- / ଟ.୮,୬୭୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | ଶର୍ମା ଛକ ତାଳଚେର ଶାଖା, ମୋ.: ୯୫୫୮୮୫୫୯୫୮ / ଋଣଗ୍ରହୀତାମାନେ: ୧) ଶ୍ରୀ ନବଘନ ବିଶ୍ୱାଳ, ପିତା: ସନାତନ ବିଶ୍ୱାଳ, ୨) ଶ୍ରୀ କୁଶଧ୍ୱଜ ବିଶ୍ୱାଳ, ପିତା: ସନାତନ ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ଯୋରାଗାଡିଆ, ପୋ: ପଦ୍ମାବତୀପୁର, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୦୩ / ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୬,୮୭,୦୧୯.୧୭ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ନବଘନ ବିଶ୍ୱାଳ ଏବଂ ଶ୍ରୀ କୁଶଧ୍ୱଜ ବିଶ୍ୱାଳଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭/୭, ପ୍ଲଟ୍ ନଂ.: ୩୦୬/୮୮୬, ପରିମିତ କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ମୌଜା: ଯୋରାଗାଡିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପଦ୍ମନାଭ ପ୍ରଧାନ, ଦକ୍ଷିଣ: ଅଚ୍ୟୁତାନନ୍ଦ ପ୍ରଧାନ, ପୂର୍ବ: ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ | ଟ.୫,୧୪,୦୦୦/- / ଟ.୫୧,୪୦୦/- / ଟ.୫,୧୪୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା
ଇ-ନିଲାମ ତାରିଖ ଏବଂ ସମୟ : ତା.୨୮.୦୧.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍/ମ୍ୟାପ୍‌ଡ୍ କରି ଦାଖଲ କରିବେ
ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ
ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.bank.in/auction-property/view-auction-property.aspx ଦେଖନ୍ତୁ।
ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ, ତାରିଖ: ୨୬.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ୧୮ ପିକ୍‌ନିକ୍ ସ୍ପଟ୍ ହେବ ପ୍ଲାଷ୍ଟିକ୍ ଆବର୍ଜନାମୁକ୍ତ

ବାରିପଦା,୨୭।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରାକୃତିକ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗରେ 'ପ୍ଲାଷ୍ଟିକ୍ ମୁକ୍ତ ପିକନିକ ସ୍ପଟ୍ ଚ୍ୟାଲେଞ୍ଜ-୨୦୨୫' ନାମକ ଏକ ଅଭିଯାନ ଆରମ୍ଭ ହୋଇଛି । ଏଥିରେ ରାଜ୍ୟର ପ୍ରସିଦ୍ଧ ପିକନିକ୍‌ସ୍ଥଳୀ ଗୁଡ଼ିକରେ ଏକକ ପ୍ଲାଷ୍ଟିକ ବ୍ୟବହାର ଏବଂ ଅଳିଆ ଆବର୍ଜନା ସାମଗ୍ରୀ ମୁକ୍ତ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ହାତକୁ ନିଆଯାଇଛି। ଏହି ଅଭିଯାନ ଜନସଚେତନତା ସୃଷ୍ଟି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକଳାପ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ବୋଲି ଉଲ୍ଲେଖ ରହିଛି। ରାଜ୍ୟର ୫୦୦ ପିକନିକ୍ ସ୍ପଟ ମଧ୍ୟରୁ ମୟୂରଭଞ୍ଜ ଜିଲାର ୧୮ଟି ପ୍ରସିଦ୍ଧ ସ୍ଥାନ ତାଲିକାରେ ପ୍ରକାଶ ପାଇଛି। ସେଗୁଡ଼ିକ ହେଲା ଖଡ଼ଖାଇ ଡ୍ୟାମ(ସୁଲେଇପାଟ), ନେସା ଡ୍ୟାମ, ବାଙ୍କବଳ ଡ୍ୟାମ, ଝିଞ୍ଜିରାଣୀ ଜଳପ୍ରପାତ, ଅପ୍ସରାଘାଟି ଜଳପ୍ରପାତ,

**ମୟୂରଭଞ୍ଜ ଜିଲା**

କାଣ୍ଡିଆ ଜଳପ୍ରପାତ, ଭୀମକୁଣ୍ଡ ଇକୋ ଟୁରିଜିମ, ଭିଳିବେକୁଣ୍ଡ ଇକୋ ଟୁରିଜିମ, ଭିଳିବେକୁଣ୍ଡ, ବରେହିପାଣି ଜଳପ୍ରପାତ, ସୀତାକୁଣ୍ଡ, ଜୋରାଣ୍ଡା ଜଳପ୍ରପାତ, ଲୁଲୁଙ୍ଗ ପିକନିକ୍ ସ୍ପଟ, ଦେବକୁଣ୍ଡ ଜଳପ୍ରପାତ, ରାମତୀର୍ଥ ପାର୍କ, ଖିଚିଙ୍ଗ ହିଲ୍, କାଳ ଭିରର ବ୍ୟାଙ୍କ, ହରିପୁର ହିଲ୍ ଏବଂ କରଞ୍ଜିଆ ଭିରର ସାଇଡ୍। ଏହି ସ୍ଥାନଗୁଡ଼ିକରେ ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ କଡ଼ା ନିଷେଧାଦେଶ ଲାଗୁ ହେବ ଏବଂ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଜନସାଧାରଣଙ୍କୁ ଆଖପାଖ ପରିଷ୍କାର ପରିଚ୍ଛନ୍ନତା ରଖିବା ଏବଂ ଆନନ୍ଦଦାୟକ ପରିବେଶ ବଜାୟ ରଖିବା ପାଇଁ କଟକଣା ଏବଂ ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗ ଏହି ଅଭିଯାନର ଉଦ୍ଦେଶ୍ୟ ସଫଳ ହାସଲ କରିବାରେ ସାହାଯ୍ୟ କରିବ। ଆନନ୍ଦ ବାଣ୍ଟନ୍ତୁ, ଅଳିଆ ଆବର୍ଜନା କରନ୍ତୁ ନାହିଁ, ପ୍ରକୃତି ପ୍ରେମୀ ହୁଅନ୍ତୁ ବୋଲି ବାର୍ତ୍ତା ପ୍ରଦାନ କରାଯାଇଛି।

# ମଦ ଜବତ, ୨ ଗିରଫ

ଗୋପବନ୍ଧୁ ନଗର,୨୭।୧୨ (ଶାନ୍ତନୁ କୁମାର ମଣ୍ଡୁଆଲ)

ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ଶୁକ୍ରବାର ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ମୋଟ ୩୨ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ ଜଡ଼ବାଣୀ ଗ୍ରାମର ଦଶରଥ ବାସ୍କେଙ୍କ ଠାରୁ ୧୫ ଲିଟର ଓ ଉଦଳା ଗ୍ରାମର ବୈଦ୍ୟନାଥ ହାଁସଦାଙ୍କଠାରୁ ୧୭ ଲିଟର ଜବତ ହୋଇଛି। ଚଢ଼ାଉରେ କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ ପ୍ରମୁଖ ସାମିଲ ହୋଇଥିଲେ।

# ୪୦ ଫୁଟ୍ ତଳକୁ ଖସିଲା ବୋଲେରୋ



ଦୁର୍ଘଟଣାଗ୍ରସ୍ତ ବୋଲେରୋ।

ମୋରଡ଼ା/ରାସଗୋବିନ୍ଦପୁର, ୨୭।୧୨ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ନିକଟ ପୋଲ ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଶନିବାର ଭୋର ସମୟରେ ଏକ ବୋଲେରୋ ନଳଗଜାରୁ ଜଳେଶ୍ୱରକୁ ଯାଉଥିବା ସମୟରେ ଭାରସ୍ୟାମ ହରାଇ ପୋଲ ଉପରୁ ୪୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ଗାଡ଼ିରେ ଥିବା ଡ୍ରାଇଭର ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଚଳିତ ମାସ ୧୮ ତାରିଖରେ ଉକ୍ତ ପୋଲରୁ ଏକ ବୋଲେରୋ ୪୦ ଫୁଟ ତଳକୁ ଖସିବା ଫଳରେ ୩ ଜଣ ଗୁରୁତର ହେବା ସହିତ ୫ ଜଣ ଆହତ ହୋଇଥିଲେ। ୨୫ ତାରିଖରେ ମଧ ଏକ ବାଇକ୍ ପୋଲ ତଳକୁ ଖସି ପଡ଼ିଥିଲା। ତେବେ ଉକ୍ତ ପୋଲରେ ବହୁ ପୂର୍ବରୁ ବ୍ୟାରିକେଡ୍ ଥିଲା। ପରବର୍ତ୍ତୀ ସମୟରେ ବ୍ୟାରିକେଡ୍ ଭାଙ୍ଗି ଯାଇଥିଲେ ମଧ ଅଦ୍ୟାବଧି ସୁଦ୍ଧା ଲାଗି ପାରିନାହିଁ। ଫଳରେ ପୋଲକୁ ଲାଗି ବାଙ୍କ ରାସ୍ତା ଥିବା ବେଳେ ଭାରସ୍ୟାମ ହରାଇ ଗାଡ଼ିଗୁଡ଼ିକ ତଳକୁ ଖସି ପଡୁଥିବା କୁହାଯାଉଛି। ତେଣୁ ପୂର୍ତ୍ତବିଭାଗ ଏଠାରେ ବ୍ୟାରିକେଡ୍ ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବିଜେଡି ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ମୋରଡ଼ା,୨୭।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ମୋରଡ଼ା ବ୍ଲକ୍ ସଦର ମହକୁମା ଚିତ୍ରଡ଼ା ମାଉସୀ ମା' ମନ୍ଦିର ନିକଟରେ ଥିବା କଲ୍ୟାଣୀ ମଣ୍ଡପରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଜ କିଶୋର ଦାସ, ବିଧାୟିକା ପ୍ରାର୍ଥିନୀ ପ୍ରିତିନନ୍ଦା କାନୁନ୍‌ଗୋ, ବ୍ଲକ୍ ଅଧ୍ୟକ୍ଷା ପିଥ ନାଥ ସୋରେନ, ଜିଲା ପରିଷଦ ସଭ୍ୟ ମିନାକ୍ଷୀ ସୋରେନ ଓ ଅଭିରାମ ଭୋଇ, ବରିଷ୍ଠ ବିଜେଡ଼ି ନେତା କ୍ଷିତିଶ ଚନ୍ଦ୍ର ମହାନ୍ତ ଯୋଗଦେଇଥିଲେ। ବ୍ଲକ୍‌ର ଆଗ ଧାଡ଼ିର କିଛି କର୍ମକର୍ତ୍ତାଙ୍କ ଦେଖା ମିଳି ନ ଥିଲା। ନେତା ଓ କର୍ମୀଙ୍କ ଭିତରେ ପୂର୍ବ ଭଳି ଦୃଢ଼ତା ମନୋଭାବ ନ ଥିଲା। କାର୍ଯ୍ୟକ୍ରମକୁ ଦେଖିଲେ ବିଜେଡିର ଲୋକ ପ୍ରିୟତା ଧୀରେ ଧୀରେ କମିବାକୁ ଲାଗିଥିବା ପ୍ରତିଫଳିତ ହେଉଥିଲା। ଯାହାକୁ ନେଇ ମୋରଡା ବିଜେଡିର ଭବିଷ୍ୟତକୁ ନେଇ ଅଞ୍ଚଳବାସୀ ଆଲୋଚନା କରୁଥିବାର ଦେଖିବାକୁ ମିଳୁଛି।

# ଶିମିଳିପାଳରେ ୩ ଡିଗ୍ରୀ ତାପମାତ୍ରା

ବାରିପଦା,୨୭।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଜିଲାରେ ବଢୁଛି ଶୀତ

ମୟୂରଭଞ୍ଜ ଜିଲା ଶିମିଳିପାଳରେ ପାରଦ କମିବାରେ ଲାଗିଛି। ୩ ଡିଗ୍ରୀ ସେଲ୍‌ସିୟସରେ ତାପାମାତ୍ରା ରହୁଥିବାରୁ ସାରା ଜିଲାରେ ଶୀତର ପ୍ରକୋପ ବଢ଼ିଛି। ଶୀତୁଆ ପବନ ସାଙ୍ଗକୁ ଶୀତର ଲହରୀ ଦିନରାତି ଲାଗିରହିଛି। ଫଳରେ ବନ୍ୟଜନ୍ତୁଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରାଯାଉଥିବା ବେଳେ ଗୃହପାଳିତ ପ୍ରାଣୀମାନେ ପ୍ରଭାବିତ ହୋଇଛନ୍ତି। ଏପରିକି ହାଡ଼ଭଙ୍ଗା ଶୀତ ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜାତୀୟ ଉଦ୍ୟାନ ଶିମିଳିପାଳରେ ଶୀତର ଲହରୀ ବୃଦ୍ଧି ପାଇଛି । ଜୀବଜନ୍ତୁ ସୁରକ୍ଷିତ ଆଶ୍ରୟ ସ୍ଥଳୀରେ ରହୁଥିବା ବେଳେ ରାତ୍ରୀଚର ପ୍ରାଣୀମାନଙ୍କ ଚଳପ୍ରଚଳ କମିଥିବା ଦେଖାଯାଇଛି। ଏପରିକି ପର୍ଯ୍ୟଟକମାନେ ଶିମିଳିପାଳ ଭ୍ରମଣ କରିବା ସମୟରେ ମହାବଳ ବାଘ କିମ୍ବା କଲରାପତରିଆ ବାଘ ଦେଖିବାର ସୁଯୋଗ ପାଇପାରୁ ନାହାନ୍ତି। ସେହିପରି ଦିନତମାମ ଜିଲାରେ ଘଣ୍ଟାକୁ ୧୩ କି.ମି. ବେଗରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ସମଗ୍ର ଜିଲାରେ ଶୀତର ପ୍ରଭାବ ପାଇଁ ଦିନରାତି ଲୋକେ ଶୀତବସ୍ତ୍ର ଘୋଡ଼ାଇ ରହୁଛନ୍ତି। ଜିଲାର ୨୬ ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟା ଧିରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରାଯାଇଛି। ଶନିବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବାରହାକାମୁଡ଼ା ରେଞ୍ଜ୍‌ରେ ୩ ଡିଗ୍ରୀ, ଚହଲା ରେଞ୍ଜ୍‌ରେ ୫ ଡିଗ୍ରୀ, ରାମତୀର୍ଥରେ ୧୦ ଡିଗ୍ରୀ, ଗୁଡୁଗୁଡିଆ ଓ ବରେହିପାଣିରେ ୬ ଡିଗ୍ରୀ, କିଆଝରୀରେ ୧୨ ଡିଗ୍ରୀ ଏବଂ ସାତକୋଶିଆରେ ୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ମାସକ ମଧ୍ୟରେ ୫ଥର ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରହିଥିବାରୁ ଏହାର ପ୍ରଭାବରେ ଜିଲାରେ ତାପମାତ୍ରା ହ୍ରାସ ପାଇଛି ।

# ହାଟରୁ ବାଇକ୍ ଚୋରି

ଗୋପବନ୍ଧୁ ନଗର,୨୭।୧୨(ଶାନ୍ତନୁ କୁମାର ମଣ୍ଡୁଆଲ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ୍ ପୁରୁଣା ବାରିପଦା ସାପ୍ତାହିକ ହାଟରୁ ବାଇକ୍ ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଉଦଳା ଥାନା ଅନ୍ତର୍ଗତ ସିମିଳାବନ୍ଧ ଗ୍ରାମର ଗଜେନ୍ଦ୍ର ବାରିକ ଶୁକ୍ରବାର ଅପରାହ୍ନରେ ବାଇକ୍ (ଓଡି ୧୧ ଏମ୍ ୬୯୯୩) ସମ୍ମୁଖରେ ରଖି ସଉଦା ଆଣିବାକୁ ଯାଇଥିଲେ। କିଛି ସମୟ ପରେ ଫେରିବା ବେଳକୁ ସେଠାରେ ବାଇକ ନ ଥିବା ଦେଖିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦେଶୀମଦ ଭାଟି ଉପରେ ଚଢ଼ାଉ

ଗୋପବନ୍ଧୁ ନଗର,୨୭।୧୨ (ଶାନ୍ତନୁ କୁମାର ମଣ୍ଡୁଆଲ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଓ ଉଦଳା ଅବକାରୀ ଥାନା ପକ୍ଷରୁ ଶନିବାର ମିଳିତଭାବେ ଖୁଣ୍ଟା ଥାନା ଅନ୍ତର୍ଗତ କୁସୁମଘାଟି ଅଞ୍ଚଳର ଏକ ନିର୍ଜନ ସ୍ଥାନରେ ବେଆଇନ ଭାବେ ଗଢ଼ି ଉଠିଥିବା ଦେଶୀ ମଦ କାରଖାନା ଉପରେ ଚଢ଼ାଉ କରିଛି। ସେଠାରେ ଗଛିତ ଥିବା ୭୦ ଲିଟର ଦେଶୀ ମଦ ଓ ୧୮୫୦ କେଜି ପୋଚକୁ ନଷ୍ଟ କରାଯିବା ସହ ବ୍ୟବହୃତ ସାମଗ୍ରୀକୁ ଜବତ କରାଯାଇଛି। ଚଢ଼ାଉ ପୂର୍ବରୁ କୈଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତମାନେ ଖସି ପଳାଇଥିଲେ। ଚଢ଼ାଉରେ ଉଭୟ ଥାନାର ଏଏସ୍‌ଆଇ ରବିନ୍ଦ୍ର ରେଡ୍ଡି, ଦିବ୍ୟାଂଶୁ ପଣ୍ଡା, ଦୀପାଞ୍ଜଳୀ ଦାସ, କୃଷ୍ଣଚନ୍ଦ୍ର ସେଠୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ ପ୍ରମୁଖ ସାମିଲ ହୋଇଥିଲେ।

# କାଠଡିପୋ ଖୋଲିବା ସ୍ଥାନ ପରିଦର୍ଶନକଲେ ଅଧିକାରୀ

ପାଟଣା,୨୭।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟରେ ସରକାରୀ ଜାଳେଣି କାଠଡିପୋ ପାଇଁ ପାଟଣା ଆର୍‌ଆଇ ସର୍କଲ ଶିବନାରାୟଣପୁର ମୌଜାର ଏକ ଜମିର ଚିହ୍ନଟ ହୋଇଛି। ଶୁକ୍ରବାର ପ୍ରସ୍ତାବିତ କାଠ ଡିପୋ ପାଇଁ ପାଟଣା ତହସିଲ ଦ୍ୱାରା ଚିହ୍ନଟ ହୋଇଥିବା ଜମିରେ ମଞ୍ଜୁରୀ ସକାଶେ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ଏବଂ ଓଡ଼ିଶା ବନ ଉନ୍ନୟନ ନିଗମର ଏସ୍‌ଡିଏମ୍ ସମୀକ୍ଷା ବଳ, ପାଟଣା ଫରେଷ୍ଟର ନିରଞ୍ଜନ ସେଠୀ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଛନ୍ତି।

# ଗୁରୁ ଗୋବିନ୍ଦ ସିଂଙ୍କ ପ୍ରକାଶ ଉତ୍ସବ



କାର୍ଯ୍ୟକ୍ରମରେ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଓ ଅନ୍ୟମାନେ।

ବାରିପଦା,୨୭।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରର ପାଲବାଣୀସ୍ଥିତ ଶ୍ରୀଗୁରୁଦ୍ୱାର ସିଂ ସଭାରେ ଶ୍ରୀ ଗୁରୁ ଗୋବିନ୍ଦ ସିଂଙ୍କ ୩୫୯ତମ 'ପ୍ରକାଶ ଉତ୍ସବ' ଧାର୍ମିକ ଭକ୍ତି ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଗୁରୁ ଦର୍ଶନ ପାଇଁ ଉପସ୍ଥିତ ରହି ପ୍ରାର୍ଥନା ସଭାରେ ଯୋଗଦେଇଥିଲେ। ଏହି ଅବସରରେ ଗୁରୁବାଣୀ ପାଠ ଓ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରେ ସର୍ବସାଧାରଣ ଲଙ୍ଗର ସେବାର ବ୍ୟବସ୍ଥା କରାଯାଇଥିଲା। ସମସ୍ତ ଭକ୍ତମାନେ ମିଳିମିଶି ପ୍ରସାଦ ପ୍ରସ୍ତୁତ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ ଭେଦ ଭାବ ଛାଡ଼ି ପଂକ୍ତିରେ ବସି ପ୍ରସାଦ ସେବନ କରିଥିଲେ। ଯାହା ସମାନତା ଓ ଭାଇଚାରାର ସନ୍ଦେଶ ଦେଇଥିଲା। ଏହି ଅବସରରେ ଡିସେମ୍ବର ୨୬ ତାରିଖକୁ 'ବାଲ ଦିବସ' ରୂପେ ଘୋଷଣା କରାଯାଇଥିବାରୁ ବାରିପଦାର ଶିଖ ସମାଜ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଛି। ସୁଖଦୀପ ସିଂହ, ପଲବିନ୍ଦର ସିଂହ, ଅବତାର ସିଂହ, ମାଖନ ସିଂହ, ଦେବିନ୍ଦର ସିଂହ, ରବିନ୍ଦର ସିଂହ, ଚରଣଜୀତ ସିଂହ, ବଳଦେବ ସିଂହ, ହରଚରଣ ସିଂହ, ସତନାମ ସିଂହ, ମହିନ୍ଦର ସିଂହ, ସହିନ୍ଦର ସିଂହ, ଜଗତାର ସିଂହ ପରିଚାଳନାରେ ସହଯୋଗ କରିଥିଲେ। ୨୬ ତାରିଖ ଦିନ ବାଲ ଦିବସରେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ କବି ବିଷ୍ଣୁ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।


**ଘୋଷଣା**

ଆମ୍ଭେ ଜଳବାୟୁ ସୁରକ୍ଷା ପରିଷଦ ତଥା Climate Defense Councilର ସଦସ୍ୟଗଣ ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଅଛୁ କି, ଆମ୍ଭ ଅନୁଷ୍ଠାନ ନାମରେ ବହୁ ପ୍ରାର୍ଥୀଙ୍କୁ H. Biswalଙ୍କ ଦସ୍ତଖତ ଥାଇ ବହୁସଂଖ୍ୟକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବାର ଆମ୍ଭ ନଜରକୁ ଆସିଛି, ଯାହାକି ସମ୍ପୂର୍ଣ୍ଣ ଭୁଲ୍ ଅଟେ। ଏଥିରେ ଆମ୍ଭ ସଂସ୍ଥା ତଥା ଆମର କୌଣସି ସଦସ୍ୟ ସମ୍ପୃକ୍ତ ନାହାନ୍ତି କିମ୍ବା ଏପରି ନିଯୁକ୍ତିପତ୍ର ପ୍ରଦାନ ପାଇଁ ଆମ୍ଭ ସଂସ୍ଥା କାହାରିକୁ ଅଧିକୃତ କରିନାହିଁ ଏବଂ ଏହିପରି ନିଯୁକ୍ତି ନିମନ୍ତେ ଆମ୍ଭେ ତଥା ଆମ୍ଭ ସଂସ୍ଥା ଦାୟୀ ନୁହେଁ।

ଜଳବାୟୁ ସୁରକ୍ଷା ପରିଷଦ
ପରିଚାଳନା ସମିତିର ସଦସ୍ୟ ବୃନ୍ଦ



GOVERNMENT OF ODISHA e-mail: sebalangir@gmail.com

**DEPARTMENT OF WATER RESOURCES**

**OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR**

**2nd Corrigendum to Notice "e-Procurement Notice No. ACE, BOIC-06/2025-26**

**BID Identification No. ACE, BOIC-06/2025-26**

No. A-1199: Due to Technical Issues the 2nd Corrigendum to e-Procurement Notice No. ACE, BOIC - 06/2025-26 for the work 1. Construction of Inspection Bunglow (I.B.) At: Padampur under Ong Dam Division, Padampur for the financial year 2025-26, 2. Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26, 3. Construction of (G+1) style D-Type quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 are hereby made as follows.

| Sl. No. | As per Notice Inviting Tender | | Modified to/Read as per 2nd Corrigendum |
|---|---|---|---|
| 1 | Period of availability of bidding document in the portal | From Dt.11.12.2025 from 10.00 A.M. to Dt.02.01.2026 upto 5.30 P.M. | From Dt. 29.12.2025 from 10.00 A.M. to Dt. 19.01.2026 upto 5.30 P.M. |
| 2 | Last date & time for receipt of Bids | Date: 02.01.2026 upto 5.30 P.M. | Date: 19.01.2026 upto 5.30 P.M. |
| 3 | Time and date of opening of Technical Bid | Date: 03.01.2026 at 11.00 hours | Date: 20.01.2026 at 11.00 hours |

All other terms and conditions remain unchanged.
Further details can be seen from the e-procurement portal "https://www.tendersodisha.gov.in".

OIPR-32347/11/0012/2526 Sd./- Additional Chief Engineer, Balangir Irrigation Circle, Balangir



**ପୂର୍ବ ତଟ ରେଳପଥ**

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-38, ତା.22.12.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସୀମିତ ଉଚ୍ଚତା ବିଶିଷ୍ଟ ସବୱେ (LHS), ବ୍ରିଜ୍‌ର ପୁନଃନିର୍ମାଣ, ରୋଡ୍ ଓଭର ବ୍ରିଜ୍ (ROB) / ରୋଡ୍ ଅଣ୍ଡର ବ୍ରିଜ୍ (RUB) ଇତ୍ୟାଦି ଯୋଗୁଁ କେବୁଲ ଡାଏଭର୍ସନ ସମ୍ବନ୍ଧୀୟ ବିବିଧ କାର୍ଯ୍ୟ। କାର୍ଯ୍ୟର ପରିସର: LHS :- JT-01, JT-07, JT-36, JT-69, ST-14, 24, 45, ଆମ୍ବୋଦଲା - ଲାଞ୍ଜିଗଡ଼ ରୋଡ୍‌ର କି.ମି. 257/5-7 ନିକଟରେ ଟ୍ରେସପାସିଂ ସ୍ଥାନ।

**ଟେଣ୍ଡର ମୂଲ୍ୟ (₹):** 1,76,69,162.50, ବିଡ୍ ସିକ୍ୟୁରିଟି (₹) : 2,38,400.00।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-41, ତା.22.12.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 20K ଠାରୁ ଉର୍ଦ୍ଧ TVU ସହିତ 03 ଟି ଲେବୁଲ କ୍ରସିଂ ଗେଟ୍ (RV-163, RV-164 ଏବଂ ST-63)ର ଇଣ୍ଟରଲକିଂ।

**ଟେଣ୍ଡର ମୂଲ୍ୟ (₹):** 3,62,43,893.40, ବିଡ୍ ସିକ୍ୟୁରିଟି (₹) : 3,31,200.00।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 12.01.2026 ରିଖ 1100 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା. 15.01.2026 ରିଖ 1100 ଘଟିକାରେ (କ୍ରମ ସଂ. 2 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-940/Q/25-26



Government of Jharkhand
**Urban Development And Housing Department**
Dhanbad Municipal Corporation, Dhanbad

**e-Procurement Re-Tender Notice No. DMC/40/2025-26**

Reference No. : DMC/40/2025-26 Date : 27.12.2025

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/40/2025-26/01 | Development of Chanchani Colony park under Ward 21 under Dhanbad Municipal Corporation (2nd Call) | 1,71,00,000.00 | 2 % of BOQ | 10000.00 | 210 Days |
| 2 | DMC/40/2025-26/02 | Development of Azad Nagar Gaffar Colony Park near Silver School in Ward no 17 under Dhanbad Municipal Corporation (2nd Call) | 66,48,000.00 | 2 % of BOQ | 10000.00 | 180 Days |

Date of Publication of Tender on website :- From 05.01.2026 At 03.00 PM
Online Last Date / Time for receiving of bids :- 19.01.2026 (Online) till 03:00 PM
Date of Bid Opening :- From 20.01.2026 at 03:00 PM (Online)

NOTE:-
(i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
Executive Engineer,
Dhanbad Municipal Corporation, Dhanbad

PR 369516 Urban Development (25-26)_D



**ଓଡ଼ିଶା ସରକାର** No. T-121

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0215/2526



GOVERNMENT OF ODISHA No.B-895

**OFFICE OF THE SUPERINTENDING ENGINEER JEYPORE (R&B) DIVISION, JEYPORE**

ID: ee.randbjyp@gmail.com

e-Procurement Notice

**Bid Identification No. S.E. (R&B)-10/2025-26/JYP(K)**

No.7104 Date: 22.12.2025

Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1 | Name of the work | : | Road and building works as mentioned in DTCN |
| 2 | No. of works | : | 09 Nos. |
| 3 | Estimated cost | : | Rs.4.99 lakhs to 39.28 lakhs |
| 4 | Period of completion | : | 2 (Two) to 3 (Three) months |
| 5 | Date & time of bidding | : | From 11.00 hours of 31.12.2025 upto 17.00 hours of 09.01.2026 |
| 6 | Last date & time for receipt of bids in portal | : | 17.00 hours of 09.01.2026 |
| 7 | Bids received online shall be opened on | : | 11.00 hours of 12.01.2026 |
| 8 | Name and address of the officer inviting bid | : | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in

OIPR-34027/11/0021/2526 Sd./- Superintending Engineer, Jeypore (R&B) Division



WORKS DEPARTMENT No.B-893

**OFFICE OF THE SUPERINTENDING ENGINEER RAIRANGPUR (R&B) DIVISION**

e-mail: eerbrairangpur@yahoo.co.in

Government of Odisha 'e' Procurement Notice

Bid Identification No. SE41 of 2025-26

| | | | |
|---|---|---|---|
| 1 | Nature of work | : | Building work |
| 2 | Number of works | : | 03 (Three) Nos. |
| 3 | Amount put to tender | : | Rs.67,87,460.00 to Rs.44,05,117.00 |
| 4 | Class of contractor | : | B Class |
| 5 | Date & time of availability of bid document in the portal | : | Dt.31.12.2025 at 10.00 A.M. |
| 6 | Last date/ time of receipt of bid in the portal | : | Dt.06.01.2026 upto 04.00 P.M. |
| 7 | Date of opening of bid | : | Dt.07.01.2026 at 11.00 A.M. |
| 8 | Name & address of the office inviting bid | : | Superintending Engineer, Rairangpur (R&B) Division |
| 9 | The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in". All future corrigendum will be available on ONLINE mode only. | | |

Sd./- Superintending Engineer, Rairangpur (R&B) Division
OIPR-34041/11/0023/2526



Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଣ୍ଡାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୮.୦୧.୨୦୨୬ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | ମହାବୀର ବଜାର ଢେଙ୍କାନାଳ ଶାଖା, ମୋ.: ୮୦୧୮୮୦୮୧୮୨ / ଋଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ, ସା: କୁଞ୍ଜକଣ୍ଠା, ସଦର ଆର୍‌ଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ /ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ, ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଠା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ / ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୫,୦୭,୩୩୧.୪୪ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ, ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର ୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ | ଟ.୮,୬୭,୦୦୦/- / ଟ.୮୬,୭୦୦/- / ଟ.୮,୬୭୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | ଶର୍ମା ଛକ ତାଳଚେର ଶାଖା, ମୋ.: ୯୫୫୮୮୫୫୯୫୮ / ଋଣଗ୍ରହୀତାମାନେ: ୧) ଶ୍ରୀ ନବଘନ ବିଶ୍ୱାଳ, ପିତା: ସନାତନ ବିଶ୍ୱାଳ, ୨) ଶ୍ରୀ କୁଶଧ୍ୱଜ ବିଶ୍ୱାଳ, ପିତା: ସନାତନ ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ଯୋରାଗାଡିଆ, ପୋ: ପଦ୍ମାବତୀପୁର, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୦୩ / ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୬,୮୭,୦୧୯.୧୭ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ନବଘନ ବିଶ୍ୱାଳ ଏବଂ ଶ୍ରୀ କୁଶଧ୍ୱଜ ବିଶ୍ୱାଳଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭/୭, ପ୍ଲଟ୍ ନଂ.: ୩୦୬/୮୮୬, ପରିମିତ କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ମୌଜା: ଯୋରାଗାଡିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପଦ୍ମନାଭ ପ୍ରଧାନ, ଦକ୍ଷିଣ: ଅଚ୍ୟୁତାନନ୍ଦ ପ୍ରଧାନ, ପୂର୍ବ: ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ | ଟ.୫,୧୪,୦୦୦/- / ଟ.୫୧,୪୦୦/- / ଟ.୫,୧୪୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ : ତା.୨୮.୦୧.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.bank.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ, ତାରିଖ: ୨୬.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଭବ୍ୟ ଆୟୋଜନ, ବଡ଼ ଅବ୍ୟବସ୍ଥା



# ୮ ଦଳାଚକଟାରେ ୧୨୭ ମୃତ



ମନ୍ଦିର, ପାର୍ବଣରୁ ନେଇ ରେଳ ଷ୍ଟେଶନ୍ , ରାଜନୈତିକ ରାଲି ଓ କ୍ରୀଡ଼ାରେ ବିଜୟ ଉତ୍ସବ ପର୍ଯ୍ୟନ୍ତ ଭବ୍ୟ ଆୟୋଜନ କରାଯାଇଥିଲା। କିନ୍ତୁ ଏହି ବିଶାଳ ଜନ ସମାଗମଗୁଡ଼ିକରେ ଆୟୋଜକ ତଥା ପୋଲିସ ପ୍ରଶାସନ ପକ୍ଷରୁ ଉପଯୁକ୍ତ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରା ନ ଯିବାରୁ ଦେଶର ୮ ସ୍ଥାନରେ ଦଳାଚକଟା ହୋଇଥିଲା। ଏଥିରେ ମୋଟ ୧୨୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଶହ ଲୋକ ଆହତ ହୋଇଥିଲେ। ଜାନୁଆରୀ ୨୯ରେ ୟୁପିର ପ୍ରୟାଗରାଜରେ ମହାକୁମ୍ଭ ବେଳେ ଭୋର ସମୟରେ ମୌନୀ ଅମାବାସ୍ୟା ପାଇଁ ବହୁ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ସଙ୍ଗମସ୍ଥଳକୁ ଛୁଟି ଆସିଥିଲେ। ଅବ୍ୟବସ୍ଥା ଯୋଗୁ ଦଳାଚକଟାରେ ୩୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ୬୦ରୁ ଅଧିକ ଆହତ ହୋଇଥିବା ସରକାରୀ ଭାବେ କୁହାଯାଇଥିଲା। ତେବେ ମୃତାହତଙ୍କ ପ୍ରକୃତ ସଂଖ୍ୟା ଅଧିକ ହୋଇଥିବା ଆଶଙ୍କା କରି ବିରୋଧୀ ଦଳଗୁଡ଼ିକ ୟୁପି ସରକାର ଓ କେନ୍ଦ୍ରକୁ ସମାଲୋଚନା କରିଥିଲେ। ଭିଆଇପି ସଂସ୍କୃତି ଯୋଗୁ ଏପରି ଘଟିଥିବା କଂଗ୍ରେସ ଅଭିଯୋଗ ଆଣିଥିଲା। ଜାନୁଆରୀ ୯ରେ ଆନ୍ଧ୍ରପ୍ରଦେଶର ତିରୁମାଲା ହିଲ୍ସସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଦଳାଚକଟା ହେବାରୁ ୬ ଭକ୍ତଙ୍କ ମୃତ୍ୟୁ ଘଟିଥିଲା। ଫେବୃଆରୀ ୧୫ରେ ନୂଆଦିଲ୍ଲୀ ରେଳ ଷ୍ଟେଶନ୍‌ର ଏକ ଗହଳିପୂର୍ଣ୍ଣ ଫୁଟ୍‌ବ୍ରିଜରେ ଦଳାଚକଟା ଯୋଗୁ ୧୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଆର୍‌ସିବିର ପ୍ରଥମ ଆଇପିଏଲ୍ ଟାଇଟଲ ବିଜୟ ପରେ ଜୁନ୍ ୪ରେ ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଭିକ୍ଟ୍ରି ସେଲିବ୍ରେଶନ ଚାଲିଥାଏ। ଦଳାଚକଟା ହେବାରୁ ୧୧ ଜଣଙ୍କ ଜୀବନ ଚାଲିଗଲା। ଜୁଲାଇ ୨୭ରେ ତାମିଲନାଡୁର କରୁରରେ ଅଭିନେତା-ରାଜନେତା ବିଜୟଙ୍କ ରାଲି ବେଳେ ଦଳାଚକଟା ହେବାରୁ ୩୯ ପ୍ରାଣ ହରାଇଥିଲେ। ନଭେମ୍ବର ୧ରେ ଆନ୍ଧ୍ରର କାସିବୁଗା ସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଚଳାଚକଟାରେ ୯ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ହୋଇଥିଲା।

# ଏସ୍‌ଆଇଆର୍ ଭୋଟ ଚୋରି

ବିହାର ନିର୍ବାଚନ ପୂର୍ବରୁ ଜୁନ୍ ଶେଷ ଆଡ଼କୁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଭୋଟର ତାଲିକାର ଶୁଦ୍ଧୀକରଣ ନାମରେ ଆଣିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ନିର୍ବାଚନରେ ଭାଜପାର ଏକତରଫା ବିଜୟ ପରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସିଇସିଙ୍କ ସାଧୁତା ଓ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଶାସକ ଦଳ ବିପକ୍ଷରେ ଯାଉଥିବା ଭୋଟରଙ୍କୁ ତାଲିକାରୁ ହଟାଇବା ପାଇଁ କମିଶନ ଭୋଟ ଚୋରି ପନ୍ଥା ଆପଣାଇଥିବା ଅଭିଯୋଗ ଆଣିବା ସହ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ଏହାସତ୍ତ୍ୱେ ପଶ୍ଚିମବଙ୍ଗ ଓ ଆସାମ ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଚାଲିଥିବା ଏସ୍‌ଆଇଆର୍ ଯୋଗୁ ଅନେକ ଯୋଗ୍ୟ ମତଦାତା ଭୋଟର ତାଲିକାରୁ କଟିଯାଇଥିଲେ। ଏପରି କି ଏସ୍‌ଆଇଆର୍ କାର୍ଯ୍ୟଚାପରେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ଆତ୍ମହତ୍ୟା କରିବା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କ ପ୍ରଶ୍ନବାଣ ସିଇସି-କେନ୍ଦ୍ରକୁ ଘାଇଲା କରିଥିଲା।




କ୍ୟାଲେଣ୍ଡର ପୃଷ୍ଠାରୁ ଅପସରିଯାଉଛି ୨୦୨୫। କିନ୍ତୁ ସ୍ମରଣୀୟ ହୋଇ ରହିବ ବିଦାୟୀ ବର୍ଷର ଘଟଣାବଳୀ। ବିଶେଷକରି ଭାରତରେ ଘଟିଥିବା ଅନେକ ଘଟଣା, ଅଘଟଣକୁ ନେଇ ବିବାଦ ମୁଣ୍ଡ ଟେକିଥିବାବେଳେ ବହୁ ଆହ୍ୱାନ ସୃଷ୍ଟିକାରୀ ପ୍ରସଙ୍ଗ ଓ ଜଣାଶୁଣା ବ୍ୟକ୍ତିତ୍ୱ ୧୨ ମାସରେ ଯୋଡ଼ିଥିଲେ ଶତାଧିକ ବିତର୍କିତ ଅଧ୍ୟାୟ। ସୈଫ୍ ଅଲୀ ଖାନ୍‌ଙ୍କୁ ଛୁରାମାଡ଼ ପଛର ରହସ୍ୟ ଅସମାହିତ ହୋଇ ରହିଯାଇଥିବାବେଳେ ପୋଡ୍‌କାଷ୍ଟର ରଣବୀର ଆଲ୍ଲାହାବାଦିଆଙ୍କ ଅଶାଳୀନ ମନ୍ତବ୍ୟ ବିବାଦ ଛିଡ଼ା କରାଇଥିଲା। ମହାକୁମ୍ଭମେଳାରୁ ନେଇ ଦେଶର ବିଭିନ୍ନ ଭାଗରେ ୮ ଦଳାଚକଟାରେ ଅନ୍ୟୂନ ୧୨୭ ଜଣଙ୍କ ମୃତ୍ୟୁ ଘଟିବା କର୍ତ୍ତୃପକ୍ଷଙ୍କ ଭିଡ଼ ପରିଚାଳନାର ବିଫଳତାକୁ ଦର୍ଶାଇଥିଲା। ହରିୟାଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ପାକିସ୍ତାନ ଯାଇ ଭାରତ ବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ ହେବା ଖବର ଆସିବା ପରେ ସେ ପାଲଟିଯାଇଥିଲେ ଦେଶର ସବୁଠୁ ଘୃଣ୍ୟ ଯୁବତୀ। ଲଦାଖ ହିଂସାରେ ୪ ଜଣଙ୍କ ପ୍ରାଣହାନି ହେବା ପରେ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକ୍‌ଙ୍କୁ କାରାଗାରର କାଳ କୋଠରିକୁ ଠେଲିଦେଇଥିଲା କେନ୍ଦ୍ର। ମନ୍ଦିର-ମସ୍‌ଜିଦ ବିବାଦରୁ ସୃଷ୍ଟ ସାମ୍ପ୍ରଦାୟିକ ଉତ୍ତେଜନା ଏବଂ ୟୁପିରେ ଆଇ ଲଭ୍ ମହମ୍ମଦ ବିକ୍ଷୋଭ ଅନେକ ମାସ ଧରି ଖବର ତିଆରି କରିଥିଲା। ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ବାଦ୍ ଦେଇ ତା’ ବଦଳରେ ଜାତୀୟତାବାଦକୁ ପୂରାଇଦେବା ଏବଂ ଏନ୍‌ଇପିର ୩ ଭାଷା ନୀତିଜନିତ ବିତର୍କ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଥିଲା। ଆଲୋଚ୍ୟ ବର୍ଷରେ ନିର୍ବାଚନ କମିଶନଙ୍କ ଭୂମିକା ପ୍ରଥମ ଥର ପାଇଁ ବିରୋଧୀଙ୍କ ସନ୍ଦେହର ଜାଲରେ ଛନ୍ଦି ହୋଇଯାଇଥିଲା। ଏସ୍‌ଆଇଆର୍ ନାଁରେ ଭୋଟ ଚୋରି, କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ, ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନକରଙ୍କ ହଠାତ୍ ଇସ୍ତଫା, ୱାକ୍‌ଫ ଆଇନ, ଜାତିଗତ ଜନଗଣନା, ଆରାବଳୀ ଖନନ ଭଳି ପ୍ରସଙ୍ଗରେ କଂଗ୍ରେସ କେନ୍ଦ୍ରକୁ ଘେରିଥିଲା।

# ବିବାଦ ବିତର୍କ

## ହ୍ୱାଇଟ୍ କଲାର ଆତଙ୍କବାଦ
# ଦୋହଲିଗଲା ଦିଲ୍ଲୀ





ନଭେମ୍ବର ୧୦ ରାତି ୭ଟା ବାଜିବାକୁ ଯାଉଥାଏ, ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ବଜାର ନିକଟରେ ଘଟିଥିଲା ବଡ଼ ବିସ୍ଫୋରଣ। ଏକ ବିସ୍ଫୋରକ ବୋଝେଇ କାର୍‌ରେ ବସିଥିଲେ ଜଣେ ଡାକ୍ତର, ଯାହାଙ୍କ ଆତ୍ମଘାତୀ ଆକ୍ରମଣରେ ଚାଲିଗଲା ୧୪ ଜଣଙ୍କ ଜୀବନ। ପୂର୍ବରୁ ଭାରତରେ ପହଲଗାମ୍ ଭଳି ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନକୁ ଦୋଷ ଦିଆଯାଉଥିବାବେଳେ ସେବାର ସଫେଦ ଚାଦର ପରିହିତ ଦେଶ ଭିତର ଲୋକେ କିପରି ଜେହାଦ ନାମରେ ଗଣହତ୍ୟା କରିପାରନ୍ତି ତାହା ପ୍ରଥମ ଥର ସାମ୍ନାକୁ ଆସିଲା। ଜମ୍ମୁ-କଶ୍ମୀରରୁ ୟୁପି, ହରିୟାଣା ଓ ଜାତୀୟ ରାଜଧାନୀର ହାଇ ସିକ୍ୟୁରିଟି ଜୋନ୍ ପର୍ଯ୍ୟନ୍ତ ହ୍ୱାଇଟ୍ କଲାର ଆତଙ୍କବାଦର ଚେର ପ୍ରିମିୟର ସୁରକ୍ଷା ଏଜେନ୍ସିଗୁଡ଼ିକର ନିଦ ହଜାଇ ଦେଇଥିଲା। ଆତ୍ମଘାତୀ ସାଜିଥିବା ପୁଲ୍‌ୱାମା ଡାକ୍ତର ଉମର ମହମ୍ମଦଙ୍କ ସମେତ ଜଣେ ପରେ ଜଣେ ଚିକିତ୍ସକଙ୍କ ଭୂମିକା ଲୋକଲୋଚନକୁ ଆସିବା ପରେ ଆତଙ୍କବାଦର ଦେଶୀ ପାଠଶାଳା ଅଲ୍ ଫଲାହ ୟୁନିଭର୍ସିଟିର ପଞ୍ଜୀକରଣ ରଦ୍ଦ କରାଯାଇଥିଲା।

# ଧନ୍‌କର ବିଦା



ଭାରତର ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନକର ୨୦୨୭ ଅଗଷ୍ଟ ୧୦ରେ ଅବସର ନେଇଥାଆନ୍ତେ। କିନ୍ତୁ ୨ ବର୍ଷରୁ ଅଧିକ କାର୍ଯ୍ୟକାଳ ବାକି ଥିବାବେଳେ ଜୁଲାଇ ୨୧ରେ ଇସ୍ତଫା ଦେଇ ରାଜନୈତିକ ମହଲରେ ଅନେକ କଳ୍ପନାଜଳ୍ପନାକୁ ଜନ୍ମ ଦେଇଥିଲେ ସେ। ସଂସଦର ମୌସୁମୀ ଅଧିବେଶନ ଚାଲିଥିବାବେଳେ ରାଜ୍ୟ ସଭାର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇ ରାତି ପର୍ଯ୍ୟନ୍ତ ଧନ୍‌କର ପଦ ଛାଡୁଥିବା ନେଇ କେହି ଟେର୍ ପାଇ ନ ଥିଲେ। ସରକାରୀ ବାସଭବନକୁ ଯିବା ପରେ ରାତିରେ ହଠାତ୍ ନିଜ ‘X’ ହ୍ୟାଣ୍ଡଲରେ ସେ ଉପରାଷ୍ଟ୍ରପତି ପଦରୁ ତତ୍କାଳ ଇସ୍ତଫା ଦେଇଥିବା ସୋସିଆଲ ମିଡିଆରେ ଘୋଷଣା କଲେ। ଅର୍ଥାତ୍ ଧନକର ସୋମବାର ରାତିରେ ହିଁ ଇସ୍ତଫା ଦେବେ ବୋଲି ଦିନବେଳା ତାଙ୍କ ମନରେ ନ ଥିଲା କିମ୍ବା ଏ ସମ୍ପର୍କରେ ସେ ଆଦୌ ଅବଗତ ନ ଥିଲେ। ଘରକୁ ଯିବା ପରେ କୌଣସି ଆଡୁ ତାଙ୍କ ଉପରେ ପଦ ଛାଡ଼ିବାକୁ ଚାପ ପଡ଼ିଥାଇପାରେ ବୋଲି ଦିଲ୍ଲୀ ମହଲରେ କୌତୂହଳର ସହ ଚିନ୍ତା କରାଗଲା। ଏପରି କି ଧନ୍‌କର ମୋଦି ବିରୋଧୀଙ୍କୁ ମେଳି କରୁଥିବାରୁ ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ହେଲା, ଯାହାର ସତ୍ୟାସତ୍ୟ ଜାଣିବା କଷ୍ଟକର।

ଯୁବପିଢ଼ି ନଜରରେ ସେ ଥିଲେ ରୋଲ୍ ମଡେଲ। କିନ୍ତୁ ଫେବୃଆରୀ ୧୦ରେ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ ଶୋ’ ପ୍ରସାରିତ ହେବା ପରେ ପାଲଟିଯାଇଥିଲେ ବିବାଦୀୟ ପୋଡ୍‌କାଷ୍ଟର। ରଣବୀର ଆଲ୍ଲାହାବାଦିଆ ମା’ବାପାଙ୍କ ଶାରୀରିକ ସମ୍ପର୍କ କଥା ଉଠାଇ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ତୀବ୍ର ସମାଲୋଚିତ ହୋଇଥିଲେ। ମହାରାଷ୍ଟ୍ର ଓ ଆସାମ ସମେତ ବିଭିନ୍ନ ଭାଗରେ ରଣବୀର, ସମୟ ରୈନା ଏବଂ ଅନ୍ୟ ସହଯୋଗୀମାନଙ୍କ ବିରୋଧରେ ମାମଲା ରୁଜୁ ହେଲା। ବିବାଦକୁ ଦେଖି ୟୁଟ୍ୟୁବ୍ ମଧ୍ୟ ଏହି ଚର୍ଚ୍ଚିତ ଶୋକୁ ହଟାଇଦେଇଥିଲା। ପରବର୍ତ୍ତୀ ସମୟରେ ରଣବୀର ବୟକଟ୍ ହୋଇ କ୍ଷମା ମାଗିବାକୁ ବାଧ୍ୟ ହୋଇଥିଲେ। ଏପରି କି ଏହି ପ୍ରସଙ୍ଗରେ ସଂସଦ ଓ ସର୍ବୋଚ୍ଚ ଅଦାଲତରେ ବିଚାର ହୋଇଥିଲା। ଡିଜିଟାଲ ସ୍ପେସ୍‌ରେ କଣ୍ଟେଣ୍ଟ ନିୟନ୍ତ୍ରଣ ପାଇଁ ଦେଶରେ କଡ଼ା ଆଇନ ପ୍ରଣୟନର ଆବଶ୍ୟକତାକୁ ସୂଚାଇ ଦେଇଥିଲା ରଣବୀର ଆଲ୍ଲାହାବାଦିଆଙ୍କ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ।

## ଆଲ୍ଲାହାବାଦିଆଙ୍କ ଅଶାଳୀନ ମନ୍ତବ୍ୟ


ରଣବୀର ଆଲ୍ଲାହାବାଦିଆ

ମାର୍ଚ୍ଚ ୧୭ରେ ବଳାତ୍କାର ପ୍ରସଙ୍ଗରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ରାମମନୋହର ନାରାୟଣ ମିଶ୍ରାଙ୍କ ଏକ ରାୟ ବିବାଦୀୟ ହୋଇଥିଲା। ଜଷ୍ଟିସ୍ ମିଶ୍ରା କହିଥିଲେ, ଜଣେ ଝିଅଙ୍କ ସ୍ତନ ସ୍ପର୍ଶ କରିବା, ତାଙ୍କ ପାଇଜାମାକୁ ଟାଣିବା ଭଳି କାର୍ଯ୍ୟକୁ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ବୋଲି କୁହାଯାଇପାରିବ ନାହିଁ। ଏହା ପରିବର୍ତ୍ତେ ବିଚାରପତି ଏଭଳି କାର୍ଯ୍ୟକୁ ଯୌନ ଉତ୍ପୀଡ଼ନ ଭାବେ ବର୍ଗୀକୃତ କରିଥିଲେ। ଏହି ରାୟ ଭାରତରେ ଯୌନ ଅପରାଧ ନିରୋଧୀ ଆଇନ ପ୍ରତି ଦୃଷ୍ଟିଭଙ୍ଗୀ ଓ ଏହାର କାର୍ଯ୍ୟକାରିତା ଉପରେ ଏକ ବ୍ୟାପକ ବିତର୍କ ସୃଷ୍ଟି କରିଥିଲା। ଏଥିସହ ମହିଳାଙ୍କ ଅଧିକାର ଓ ସୁରକ୍ଷା ପାଇଁ ସମ୍ବେଦନଶୀଳତା ଏବଂ ପୀଡ଼ିତାଙ୍କ ସହ ଘଟିଥିବା ବର୍ବରତାକୁ ନେଇ ନ୍ୟାୟିକ ଆଭିମୁଖ୍ୟରେ ପରିବର୍ତ୍ତନର ଆବଶ୍ୟକତାକୁ ବିତର୍କ ରେଖାଙ୍କିତ କରିଥିଲା। ହାଇକୋର୍ଟ ବିଚାରପତିଙ୍କ ରାୟକୁ ରାଜନେତା ଓ ମହିଳା ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ସମାଲୋଚନା କରିଥିଲେ। ସେହି ମାସ ୨୬ ତାରିଖରେ ଜଷ୍ଟିସ୍ ମିଶ୍ରାଙ୍କ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଥିଲେ।

**ଝିଅଙ୍କ ସ୍ତନ ସ୍ପର୍ଶ ବଳାତ୍କାର ନୁହେଁ କହିଥିଲେ ବିଚାରପତି**

# ନାଇଟ୍ କ୍ଲବ୍ ନିଆଁରେ ୨୫ ଜଳିଗଲେ






ଉତ୍ତର ଗୋଆର ‘ବର୍ଚ ବାଇ ରୋମିଓ ଲେନ୍’ ନାଇଟ୍ କ୍ଲବ୍‌ରେ ଡିସେମ୍ବର ୬ ମଧ୍ୟରାତ୍ରିରେ ପର୍ଯ୍ୟଟକମାନେ ସପ୍ତାହନ୍ତ ମଉଜରେ ମସ୍‌ଗୁଲ ଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨୫ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଥିଲେ। ନାଇଟ୍ କ୍ଲବ୍‌ରେ ଆବଶ୍ୟକ ସୁରକ୍ଷା ଓ ଅଗ୍ନି ନିର୍ବାପକ ବନ୍ଦୋବସ୍ତ କରାଯାଇ ନ ଥିବାରୁ ଏତେ ବଡ଼ ଘଟଣା ଘଟିଗଲା। ଅଗ୍ନିକାଣ୍ଡ ପରେ କ୍ଲବ୍ ମାଲିକ ସୌରଭ ଲୁଥ୍ରା ଓ ଗୌରବ ଲୁଥ୍ରା ଥାଇଲାଣ୍ଡ ଫେରାର ହୋଇଯାଇଥିଲେ। ପରେ ଦୁଇଭାଇଙ୍କୁ ଭାରତ ଅଣାଯାଇଥିଲା।

## ବିଚାରପତିଙ୍କ ବିଡ଼ା ବିଡ଼ା ନୋଟ୍



ମାର୍ଚ୍ଚ ୧୪ ହୋଲି ପୂର୍ଣ୍ଣିମା ରାତିରେ ଦିଲ୍ଲୀ ହାଇକୋର୍ଟରେ ତତ୍କାଳୀନ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଘରେ ହଠାତ୍ ନିଆଁ ଲାଗିଲା। ଫୋନ୍ କଲ୍ ପାଇ ଅଗ୍ନିଶମ ବାହିନୀ ଲିଭାଇବାକୁ ପହଞ୍ଚିଲା। ନିଆଁ ଲିଭାଳି ଯାହା ଦେଖିଲେ, ଆଖିକୁ ବିଶ୍ୱାସ କରିପାରିଲେନି। ଜଷ୍ଟିସ୍ ବର୍ମାଙ୍କ ଘରେ ଜଳିଯାଉଥିଲା ବିଡ଼ା ବିଡ଼ା ଟଙ୍କା। ଆୟ ବହିର୍ଭୂତ ମନେ କରାଯାଉଥିବା ସେହି ଟଙ୍କା ପାଉଁଶ ହେଉଥିବା ବେଳର ଭିଡିଓ ଭାଇରାଲ ହେବାରୁ ମୁଣ୍ଡ ଟେକିଲା ବିବାଦ। ବିଚାରପତି ଭଳି ସମ୍ମାନାସ୍ପଦ ପଦରେ ଆସୀନ ବ୍ୟକ୍ତିସଙ୍କୋଚ ହୋଇଥିବେ ବୋଲି ସାଧାରଣରେ ରହିଥିବା ଧାରଣା ଏଇଠୁ ଦୂରେଇବାକୁ ଲାଗିଲା। ଏହି ମାମଲା ଯାଇ ସୁପ୍ରିମକୋର୍ଟରେ ପହଞ୍ଚିଲା। କିନ୍ତୁ ‘ବାଡ଼ି ନ ଭାଙ୍ଗୁ କି ସାପ ନ ମରୁ’ ନ୍ୟାୟରେ ଶୀର୍ଷ ଅଦାଲତ ରାୟ ଦେଲେ। ଜଷ୍ଟିସ୍ ବର୍ମାଙ୍କୁ ତାଙ୍କ ମୂଳ ଅଦାଲତ ଆଲ୍ଲାହାବାଦ ହାଇକୋର୍ଟକୁ ଟ୍ରାନ୍ସଫର କରାଯିବାରୁ ଏଭଳି ବିଚାରପତିଙ୍କୁ କାହିଁକି ଏଠାକୁ ପଠାଯାଉଛି ବୋଲି ଓକିଲ ସଂଘ ଖୋଲାଖୋଲି ବିରୋଧ କରିଥିଲା। କିନ୍ତୁ ବର୍ମା କହିଥିଲେ, କାହା ଟଙ୍କା ତାଙ୍କୁ ଜଣାନାହିଁ। ଏହା ଏକ ଷଡ଼ଯନ୍ତ୍ର।

# ପାକ୍‌ର ‘ଆସେଟ୍’ ଜ୍ୟୋତି ମାଲହୋତ୍ରା



ପାକିସ୍ତାନକୁ ଭାରତର ସମ୍ବେଦନଶୀଳ ପ୍ରତିରକ୍ଷା ତଥ୍ୟ ପ୍ରଦାନ ଅଭିଯୋଗରେ ହରିୟାଣା ହିସାରର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ମେ’ ୧୭ରେ ଗିରଫ କରାଯାଇଥିଲା। ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣ ପୂର୍ବରୁ ଜ୍ୟୋତି ବହୁବାର ପାକିସ୍ତାନ ଯାଇଥିବାରୁ ଏହି ଆକ୍ରମଣ ସହ ତାଙ୍କ ଗସ୍ତର ସମ୍ପର୍କ ଥିବା ସନ୍ଦେହ କରି ତଦନ୍ତକାରୀ ସଂସ୍ଥାଗୁଡ଼ିକ ତନାଘନା ଚଳାଇଥିଲେ। ପାକିସ୍ତାନର ଗୋଇନ୍ଦା ଅପରେଟିଭମାନେ ତାଙ୍କୁ ‘ଆସେଟ୍’ ଭାବେ ବିକଶିତ କରିଥିଲେ। ସ୍ପନ୍‌ସର ଟ୍ରିପ୍‌ରେ ସେ ପାକିସ୍ତାନ ଯାଉଥିଲେ। ଜ୍ୟୋତି ପାକିସ୍ତାନ ସୂଚନା ଅଧିକାରୀ (ପିଆଇଓ) ଏବଂ ଭାରତୀୟ ଇନ୍‌ଫ୍ଲୁଏନ୍ସରମାନଙ୍କ ଯୋଗାଯୋଗରେ ଥିଲେ। ତାଙ୍କ ଜରିଆରେ ଅନ୍ୟ କେତେଜଣ ଇନ୍‌ଫ୍ଲୁଏନ୍ସର ମଧ୍ୟ ପିଆଇଓମାନଙ୍କ ସମ୍ପର୍କରେ ରହିଥିଲେ। ଏହା ଏକ ଯୁଦ୍ଧ ଭଳି କାର୍ଯ୍ୟ, ଯହିଁରେ ସେମାନେ ଇନ୍‌ଫ୍ଲୁଏନ୍ସରଙ୍କୁ ନିଯୁକ୍ତ କରି ନିଜ ନ୍ୟାରେଟିଭ୍‌କୁ ଆଗକୁ ବଢ଼ାଉଥିଲେ ବୋଲି ସୁରକ୍ଷା ଏଜେନ୍ସିଗୁଡ଼ିକ ତଦନ୍ତରୁ ଜାଣିବାକୁ ପାଇଥିଲେ। ଜ୍ୟୋତିଙ୍କ ବିରୋଧରେ ୨,୫୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ ହୋଇଛି। ସେ ଏବେ ମଧ୍ୟ ଜେଲରେ ରହିଛନ୍ତି।

## ଶିକ୍ଷାନଗରୀରେ ଛାତ୍ର ଆତ୍ମହତ୍ୟା

ଦେଶର ଅନ୍ୟତମ ଶିକ୍ଷାନଗରୀ ଭାବେ ପରିଚିତ ରାଜସ୍ଥାନର କୋଟା ସହରରେ ଛତୁ ଫୁଟିଲା ଭଳି କୋଚିଂ ସେଣ୍ଟର ଗଢ଼ିଉଠିଛି। ପ୍ରତିଯୋଗିତାମୂଳକ ଚାପ ଯୋଗୁ ପ୍ରତିବର୍ଷ ସେଠାରେ ଅନେକ ଛାତ୍ରୀଛାତ୍ର ଆତ୍ମହତ୍ୟା କରୁଥିବା ଅଭିଯୋଗ ହୋଇଆସୁଛି। ଏହି କ୍ରମରେ ୨୦୨୫ରେ ଏନ୍‌ଇଇଟି ଏବଂ ଜେଇଇ ପାଇଁ ପ୍ରସ୍ତୁତ ହେଉଥିବା ଅନ୍ୟୂନ ୧୪ ଛାତ୍ର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲାର ୧୮ ବର୍ଷୀୟ ଛାତ୍ର ଅଭିଜିତ୍ ଗିରି ଅନ୍ୟତମ। ଅଭିଜିତ୍ ଜାନୁଆରୀ ୧୬ ରାତିରେ ନିଜ ହଷ୍ଟେଲ ରୁମ୍ ପଙ୍ଖାରେ ରଶି ଲଗାଇ ଝୁଲିପଡ଼ିଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଥିଲା। ଏହି ବିତର୍କିତ ପ୍ରସଙ୍ଗର ସମାଧାନ ପାଇଁ ଅଭିଭାବକମାନେ ସତର୍କ ଓ ସଚେତନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଏନ୍‌ସିଇଆର୍‌ଟି ବହି ବିବାଦ

ମୋଗଲ ସମ୍ରାଟ ଆକବରଙ୍କ ଶାସନ କାଳରେ ବର୍ବର ଓ ସହିଷ୍ଣୁତାର ସମାହାର ଦେଖିବାକୁ ମିଳିଥିବାବେଳେ ବାବର ଜଣେ ନିର୍ଦ୍ଦୟୀ ବିଜେତା ଥିଲେ। ସେହିପରି ଔରଙ୍ଗଜେବ ଜଣେ ସାମରିକ ଶାସକ ଥିଲେ, ଯିଏକି ଅଣମୁସଲିମ୍‌ମାନଙ୍କ ଉପରେ ପୁନଃ ଟିକସ କଷିଥିଲେ ବୋଲି ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ଅଷ୍ଟମ ଶ୍ରେଣୀର ନୂଆ ପାଠ୍ୟପୁସ୍ତକରେ ଉଲ୍ଲେଖ କରାଯିବା ବିଷୟ ଜୁଲାଇ ୧୬ରେ ଜଣାପଡ଼ିଥିଲା। ଏହାବାଦ୍ ଏନ୍‌ସିଇଆର୍‌ଟି ପକ୍ଷରୁ ପିଲାଙ୍କ ବହିରେ ଅନେକ ପରିବର୍ତ୍ତନ କରି ଜାତୀୟତାବାଦ ସମ୍ବଳିତ ତଥ୍ୟ ସ୍ଥାନିତ କରାଯାଇଥିଲା, ଯାହାକୁ ନେଇ ବିତର୍କ ସୃଷ୍ଟି ହୋଇଥିଲା। ପରେ ଏନ୍‌ସିଇଆର୍‌ଟି ଏନେଇ ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ତାକୁ ବୁଦ୍ଧିଜୀବୀ ମହଲ ଗ୍ରହଣ କରି ନ ଥିଲା।

## ଆରାବଳୀର ନୂଆ ସଂଜ୍ଞା

ପିଲାବେଳେ ସ୍କୁଲ ବହିରେ ଆରାବଳୀ ପର୍ବତମାଳା କଥା ପଢ଼ିଥିଲେ। ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟ ପର୍ଯ୍ୟନ୍ତ ପରିବ୍ୟାପ୍ତ ଆରାବଳୀ ହେଉଛି ବିଶ୍ୱର ଅନ୍ୟତମ ପ୍ରାଚୀନ ପର୍ବତମାଳା। ୬୯୦ କି.ମି. ବିସ୍ତୃତ ଅଞ୍ଚଳରେ ରହିଥିବା ଆରାବଳୀ ପ୍ରଦୂଷଣ ରୋକିବା ସହ ଭୂତଳ ଜଳ ସଂରକ୍ଷଣ ଦିଗରେ ବିଶେଷ ସହାୟକ ହୋଇଥାଏ। ଏହି ଗିରିଶୃଙ୍ଗ ପୁନର୍ବାର ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ନଭେମ୍ବରରେ। ନିୟାମକ ଉଦ୍ଦେଶ୍ୟରେ ଆରାବଳୀକୁ କିପରି ପରିଭାଷିତ କରାଯିବ, ସେନେଇ କେନ୍ଦ୍ର ନିର୍ଦ୍ଧାରିତ ସଂଜ୍ଞାକୁ ସୁପ୍ରିମକୋର୍ଟ ଗ୍ରହଣ କରିନେଇଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଂଜ୍ଞାରେ ଆରାବଳୀ ହିଲ୍‌କୁ ୧୦୦ ମିଟର ଉଚ୍ଚତା ଉପରେ ଅବସ୍ଥିତ ପର୍ବତ ଘେରା ଏକ ଅଞ୍ଚଳ ବୋଲି ଦର୍ଶାଯାଇଥିଲା। ପରିବେଶ ସୁରକ୍ଷା ସହ ବିକାଶମୂଳକ କାର୍ଯ୍ୟକୁ ଗତି ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ଏଭଳି ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରିଥିଲା। ତେବେ ଏଥିଯୋଗୁ ପରିବେଶ ମଧ୍ୟ ଧ୍ୱଂସହେବ ବୋଲି କେନ୍ଦ୍ରକୁ କଂଗ୍ରେସ ସମାଲୋଚନା କରିଥିଲା। ଆରାବଳୀ ପର୍ବତମାଳାରେ ନୂଆ ଖନନ ସକାଶେ ଲିଜ୍ ପ୍ରଦାନ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିବା ପାଇଁ କେନ୍ଦ୍ର ସରକାର ଡିସେମ୍ବର ୨୪ରେ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଆରାବଳୀ ଗିରିଶୃଙ୍ଗର ସୁରକ୍ଷା ପାଇଁ ଏକ ବିସ୍ତୃତ ମ୍ୟାନେଜ୍‌ମେଣ୍ଟ ଯୋଜନା ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ନୂଆ ମାଇନିଂ ଲିଜ୍‌ଗୁଡ଼ିକ ଉପରେ ସୁପ୍ରିମକୋର୍ଟଙ୍କ କଟକଣା ପରେ ନିଆଯାଇଥିବା ଏହି ନିଷ୍ପତ୍ତିକୁ ବିରୋଧୀ ଦଳ କହିଥିଲା, ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ନିର୍ବୋଧ ଉପାୟ। ଅନ୍ୟପକ୍ଷେ ରାଜସ୍ଥାନର ଅଶୋକ ଗେହଲଟ୍ ସରକାର ଅମଳରେ ଆରାବଳୀରେ ବେଆଇନ ଖନନ ଅଧିକ ହୋଇଥିବା କହି କଂଗ୍ରେସକୁ ପାଲଟା ଆକ୍ରମଣ କରିଥିଲା ଭାଜପା।



## ଜେଲରେ ସୋନମ୍ ୱାଙ୍ଗଚୁକ୍



କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ସାମିଲ ସହ ରାଜ୍ୟ ମାନ୍ୟତା ପ୍ରଦାନ ଦାବିରେ ସେପ୍ଟେମ୍ବର ୯ରେ ଲେହ୍‌ଠାରେ ବନ୍ଦ ପାଳନ ସମୟରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଲେହ୍ ଆପେକ୍ସ ବଡି (ଏଲ୍‌ଏବି) ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ବେଳେ ପୋଲିସ ଗୁଳିରେ ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି କ୍ଲାଇମେଟ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକ ଅନଶନ ଭଙ୍ଗକରି ତତ୍କାଳ ବନ୍ଦ ପ୍ରତ୍ୟାହାର କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାର ଏହି ହିଂସା ପାଇଁ ସୋନମ୍‌ଙ୍କ ଉତ୍ତେଜନାପୂର୍ଣ୍ଣ ଭାଷଣକୁ ଦାୟୀ କରିଥିଲେ। ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରି ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲରେ ସୋନମ୍‌ଙ୍କୁ ରଖାଯାଇଛି।

## ସୈଫ୍‌ଙ୍କୁ ଛୁରାମାଡ଼



ଜାନୁଆରୀ ୧୬ ବିଳମ୍ବିତ ରାତିରେ ବଲିଉଡ୍ ଷ୍ଟାର ସୈଫ୍ ଅଲୀ ଖାନ୍‌ଙ୍କ ବାନ୍ଦ୍ରା ୱେଷ୍ଟସ୍ଥିତ ‘ସତ୍‌ଗୁରୁ ଶରଣ’ ବିଲ୍ଡିଂରେ ଜଣେ ବ୍ୟକ୍ତି ଅନୁପ୍ରବେଶକରି ତାଙ୍କୁ ୬ ଥର ଛୁରାମାଡ଼ କରିଥିଲେ। ଅନୁପ୍ରବେଶକାରୀ ଚୋରି ଉଦ୍ଦେଶ୍ୟରେ ସୈଫ୍‌ଙ୍କ ଘରକୁ ଯାଇଥିବା ତାଙ୍କ ସାନପୁଅ ଜେହାଙ୍ଗୀର(୪)ଙ୍କ ନର୍ସ ଏଲିୟାମା ଫିଲିପ୍ସ ଓରଫ୍ ଲିମା ବାନ୍ଦ୍ରା ଥାନାରେ ଏତଲା ଦେଇଥିଲେ। ଷଷ୍ଠ ଫ୍ଲୋର୍‌ର ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ପରେ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ଫଟୋ ଜାରି କରାଯାଇଥିଲା। ଆକ୍ରମଣକାରୀଙ୍କୁ ଧରିବା ପାଇଁ ମୁମ୍ବାଇ ପୋଲିସର ୩୫ ଟିମ୍ ଗଠନ କରାଯାଇଥିଲା। ଏହି ଘଟଣାରେ ପୋଲିସ ଜଣେ ପରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଧରି ଥାନାରେ ଅଟକ ରଖି ପରେ ଛାଡ଼ିଦେଉଥିଲା। ଶେଷରେ ଜଣେ ବ୍ୟକ୍ତିଙ୍କୁ ବାଂଲାଦେଶୀ କହି ଗିରଫ କରାଗଲା। ତେବେ ପ୍ରକୃତରେ ଆକ୍ରମଣ କରିଥିବା ବ୍ୟକ୍ତି ଜଣକ କିଏ ଏବଂ ଏହା ପଛରେ ତାଙ୍କର କି ଉଦ୍ଦେଶ୍ୟ ଥିଲା ତାକୁ ନେଇ ଅନେକ ଚର୍ଚ୍ଚା ଓ ବିବାଦ ଲାଗି ରହିଥିଲା।

## ପୁଣି ବାବ୍ରି ମସ୍‌ଜିଦ





୧୯୯୨ ଡିସେମ୍ବର ୬ରେ ଅଯୋଧ୍ୟାସ୍ଥିତ ବାବ୍ରି ମସ୍‌ଜିଦକୁ କାରସେବକମାନେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଏହା ପରେ ଦେଶରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାରେ ୨,୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ଏହାର ୩୩ତମ ବର୍ଷପୂର୍ତ୍ତି ଦିନ ଅଯୋଧ୍ୟା ସମେତ ବିଭିନ୍ନ ଭାଗରେ ସାମ୍ପ୍ରଦାୟିକ ସଦ୍ଭାବନା ନଷ୍ଟ ହେବା ଆଶଙ୍କାରେ ଶୋଭାଯାତ୍ରା ବିକ୍ଷୋଭ ଆଦି ଉପରେ ରୋକ ଲଗାଯାଇଲା। କିନ୍ତୁ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ରେଜିନଗରରେ ମୁଣ୍ଡ ଟେକିଲା ଆଉ ଏକ ‘ବାବ୍ରି ମସ୍‌ଜିଦ’। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସିରୁ ନିଲମ୍ବିତ ବିଧାୟକ ହୁମାୟୁନ୍ କବିର ଏହି ମସ୍‌ଜିଦର ମୁଖ୍ୟ କାର୍ପଟଦାର ହୋଇଥିବାରୁ ବିଧାନସଭା ନିର୍ବାଚନ ପୂର୍ବରୁ ଏହା ସଂଖ୍ୟାଲଘୁ ଭୋଟ ପୋଲାରାଇଜେଶନ୍‌ର ଏକ ଅସ୍ତ୍ର ବୋଲି ଭାଜପା ସମାଲୋଚନା କଲା। ସଂଖ୍ୟାଲଘୁ ନେତା ହୁମାୟୁନ୍ ଉକ୍ତ ମସ୍‌ଜିଦ ପାଇଁ ମୂଳଦୁଆ ପକାଇଲେ। ଏହା ଦେଶରେ ବିଦ୍ୱେଷ ବିସ୍ତାରର ବିଷମଞ୍ଜି ବୁଣିଲା।

# ଚାନ୍ଦବାଲିରେ ପିସିସି ସଭାପତି

## ମୃତ ନାବାଳିକାଙ୍କ ପରିବାରକୁ ୫୦ଲକ୍ଷ ସହାୟତା ଦାବି

ଭଦ୍ରକ/ଚାନ୍ଦବାଲି,୨୭।୧୨ (ସନାତନ ରାଉତ/ କିଷାନ ପାତ୍ର)

ରାଜ୍ୟରେ ମହିଳା ବିରୋଧୀ ସରକାର ଚାଲିଛି। ଗତ ୧୦ ମାସ ମଧ୍ୟରେ ରାଜ୍ୟରେ ୪୨ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ ହେଲାଣି। ଏହି କ୍ଷେତ୍ରରେ ଭଦ୍ରକ ଜିଲା ଏବେ ରାଜ୍ୟରେ ୨ ନମ୍ବର ସ୍ଥାନରେ ପହଞ୍ଚିଛି, ଯାହାକି ଉଦ୍‌ବେଗର ଜନକ ଘଟଣା ବୋଲି ଶନିବାର ଚାନ୍ଦବାଲି ଗସ୍ତରେ ଆସିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଚାନ୍ଦବାଲିରେ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ମୃତ ନାବାଳିକାଙ୍କ ପରିବାରକୁ ରାଜ୍ୟ କଂଗ୍ରେସର ଏକ ଟିମ୍ ଭେଟିବା ପରେ ବିଜୁ ସ୍ମୃତି ଭବନରେ ଆୟୋଜିତ ସଭାରେ ପିସିସି ସଭାପତି ଦାସ କହିଛନ୍ତି, ବାଲେଶ୍ୱରର ସୌମ୍ୟାଶ୍ରୀ ବିଶିଙ୍କଠାରୁ ଚାନ୍ଦବାଲିର ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ଏବେ ସାରା ରାଜ୍ୟକୁ ଆନ୍ଦୋଳିତ କରିଛି। ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା କ୍ଷେତ୍ରରେ ନିଶା ହେଉଛି ମୁଖ୍ୟ କାରଣ। ଏହାକୁ ମଧ ରୋକିବାରେ ସରକାର ବିଫଳ ହୋଇଛନ୍ତି। ସରକାର ତୁରନ୍ତ ଫାଷ୍ଟ୍ରାକ୍ କୋର୍ଟ ମାଧ୍ୟମରେ ଉକ୍ତ ମାମଲାକୁ ବିଚାର କରି ଅଭିଯୁକ୍ତଙ୍କୁ ୩ ମାସ ମଧ୍ୟରେ ଫାଶୀ ଖୁଣ୍ଟରେ ଝୁଲିବାର ବ୍ୟବସ୍ଥା କରିବା ସହ ମୃତ ନାବାଳିକାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ବ୍ଲକ ସଭାପତି କୈଳାଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ପୂର୍ବତନ ମନ୍ତ୍ରୀ ନରେନ୍ଦ୍ର ପ୍ରଧାନ, ବାସୁଦେବପୁର ବିଧାୟକ ଅଶୋକ ଦାସ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି, ମହିଳା ନେତ୍ରୀ ମଧୁମିତା ସେଠୀ, ଜୟସ୍ମିତା ମହାନ୍ତି, ସୁଲୋଚନା ନାୟକ, ଜିଲା କଂଗ୍ରେସ ସଭାପତି ନଳିନୀ ମହାନ୍ତି, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ଅସିତ ପଟ୍ଟନାୟକ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ନେତା ଅମିୟ କୁମାର ମହାପାତ୍ର, ଦିଗମ୍ବର ଦାସ, ତିହିଡ଼ି ବ୍ଲକ ସଭାପତି ସରୋଜ ଦାସ, ଯୁବନେତା ମନୋଜ ବିଶ୍ୱାଳ ପ୍ରମୁଖ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଚାନ୍ଦବାଲିରୁ ଫେରିବା ପରେ ଭଦ୍ରକରେ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ କଂଗ୍ରେସ ଟିମ୍ ଆଲୋଚନା କରିଛି।



ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ କଂଗ୍ରେସ ଟିମ୍ ମୃତ ନାବାଳିକାଙ୍କ ପରିବାରକୁ ଭେଟୁଛନ୍ତି।

# ବ୍ଲକ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା

ତିହିଡ଼ି,୨୭।୧୨ (ସର୍ଜିତ ବଳ)

ତିହିଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ଶନିବାର ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତଚରଣ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଚାନ୍ଦବାଲିରେ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ମୃତ ନାବାଳିକାଙ୍କ ପରିବାରକୁ ଭେଟି ଫେରିବା ରାସ୍ତାରେ ପିସିସି ସଭାପତି ଦାସଙ୍କୁ କମାରିଆ ବଜାରରେ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପିସିସି ସଭାପତିଙ୍କ ସହ ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ରାଜ୍ୟ ଉପସଭାପତି ଦେବାଶିଷ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ରାଜ୍ୟ ଯୁବ ସଭାପତି ରଣଜିତ ପାତ୍ର, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ମୁରଲୀଧର ଜେନା, ଭଦ୍ରକ ଜିଲା ପ୍ରଭାରୀ ଦେବସ୍ମିତା ଶର୍ମା, ଜିଲା ସଭାପତି ନଳିନୀ ମହାନ୍ତି, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ଅସିତ କୁମାର ପଟ୍ଟନାୟକ, ବରିଷ୍ଠ ନେତ୍ରୀ ମଧୁସ୍ମିତା ସେଠୀ, ଚାନ୍ଦବାଲି ନେତା ମନୋଜ ବିଶ୍ୱାଳ, ଧାମନଗର ନେତା ବିଦ୍ୟାଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ, ମୀନକେତନ ସେନାପତି, ସୁରେନ୍ଦ୍ର ସାହୁ, କରୁଣାକର ମହାରଣା, ପୀତାମ୍ବର ସେଠୀ, ଦୀପକ କୁମାର ଦାସ, ଗୋରାବାବୁ ସାହା, ଶିବପ୍ରସାଦ ନାୟକ, ସୌମ୍ୟ ଗୋପାଳ ନାୟକ, ସରୋଜ ପାଣି, ଅନାଥ ରାଉତ, ଚିନ୍ତାମଣି ସାହୁ, ସୁମନ୍ତ ଲେଙ୍କା, ବିକ୍ରମ ଜେନା, ମୃତ୍ୟୁଞ୍ଜୟ ମଲ୍ଲିକଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସମ୍ବର୍ଦ୍ଧନା ଦେଇଥିଲେ।

# ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

ବାସୁଦେବପୁର,୨୭।୧୨ (ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ବ୍ଲକ ଅଧୀନ ଖରିଡ଼ାବିନାୟକପୁର ପଞ୍ଚାୟତର ବିନାୟକପୁର ଗ୍ରାମରେ ଶୁକ୍ରବାର ରାତିରେ ଜଣେ ନାବାଳିକାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ନାବାଳିକାଙ୍କୁ ଝୁଲନ୍ତା ଅବସ୍ଥାରେ ଘରୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନା ସୂତ୍ରରୁ ଖବର ପାଇ ବାସୁଦେବପୁର ପୋଲିସ ଶନିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଏହି ଘଟଣାରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୫) ରୁଜୁ ହୋଇଛି। ପରିବାର ପକ୍ଷରୁ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ କେଉଁକାରଣ ପାଇଁ ନାବାଳିକା ଏପରି ଚରମ ପଦକ୍ଷେପ ନେଲେ, ତାହା ତଦନ୍ତସାପେକ୍ଷ। ନାବାଳିକା ଜଣକ ୭ମ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡ଼ିଛି।

# ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍



ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

**ଭଦ୍ରକ,୨୭।୧୨(ସନାତନ ରାଉତ):** ଭଦ୍ରକ ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନରେ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା(ଟାଓ)ର ୨୨ତମ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଟାଏକୋଣ୍ଡୋର ଜନକ ତଥା ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ଡ. ଜିମ୍ମି ଆର୍ ଜାଗତିଆନି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶ, ଆଇନଜୀବୀ ଅତିଶ ବେହେରା, ସାମାଜିକ କର୍ମୀ ମଦନ ମୋହନ ଅଗ୍ରୱାଲ ଓ ରାଜକିଶୋର ଖେରିଆ ଯୋଗ ଦେଇଥିଲେ। ହାପିହୋମ୍ ସ୍କୁଲର ଡାଇରେକ୍ଟର ପ୍ରଜ୍ଞା ପରିମିତା ପଲାଇ ସଭା ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ପ୍ରତିଯୋଗିତାର ବିବରଣୀ ପାଠ କରିଥିଲେ। ଦୁଇଦିନ ବ୍ୟାପୀ ଏହି ପ୍ରତିଯୋଗିତାରେ 'କ୍ୟୁରୋଗୀ'ଓ 'ପୁମ୍‌ସେ' ବିଭାଗରେ ଉଭୟ ବାଳକ, ବାଳିକା ବର୍ଗରେ ୪ଶହରୁ ଅଧିକ ପ୍ରତିଯୋଗୀ ଯୋଗ ଦେଇଥିବାବେଳେ ୩୦ଜଣ ବ୍ଲାକ୍‌ବେଲ୍ଟ, ୧୮ଜଣ ଜାତୀୟ ରେଫରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଟାଓର ଉପସଭାପତି ରମେଶ ପ୍ରଧାନ, ଯୁଗ୍ମ ସମ୍ପାଦକ ଯୋଗେଶ୍ୱର ମହନ୍ତ, ପବନ ଶର୍ମା, କୋଷାଧ୍ୟକ୍ଷା ସଂଘମିତ୍ରା ଦାଶ, ବିଦ୍ୟାଧର ବାରିକ, ବିଶାଲ ଲଖାନୀ, ଅଜୟ କୁମାର ଧଳ, ରମେଶ ଜେନା, ଧନେଶ୍ୱର ଜେନା, ସୁରେଶ ନାୟକ, ହରିହର ବାରିକ, ଶଶଧର ଜେନା, ଗୌରହରି ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନାବଶ୍ୟକ ସ୍ଥାନରେ ଖୋଳାଯାଇଛି ସରକାରୀ ନଳକୂପ

## କେତେକ ଜାଗାରେ ପ୍ଲାଟ୍‌ଫର୍ମ ନାହିଁ

ଭଣ୍ଡାରିପୋଖରୀ,୨୭।୧୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନକୁ ମେଗା ପାନୀୟ ଜଳ ପ୍ରକଳ୍ପ ପାଇପ୍ ବିଛା ଯାଇଥିଲେ ସୁଦ୍ଧା ଲୋକେ ଏଥିରୁ ପାଣି ମୁନ୍ଦାଏ ପାଇପାରୁ ନାହାନ୍ତି। ବ୍ୟକ୍ତିଗତ ନଳକୂପ ସହ କେତେକ ସରକାରୀ ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଉଛି। ସମ୍ପ୍ରତି ମେଗା ପ୍ରକଳ୍ପ ଏକ ପ୍ରକାର ସ୍ଥାଣୁ ରହିଥିବା ବେଳେ ସରକାରୀ ନଳକୂପ ଖନନ ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ତଦନୁଯାୟୀ କେତେକ ଜାଗାରେ ବକ୍ସ ନଳକୂପ ଖୋଳାଯାଇଛି। ଆବଶ୍ୟକ ଅନୁଯାୟୀ ବ୍ଲକର ୨୩ଟି ପଞ୍ଚାୟତରେ କିଛି ନଳକୂପ ଖୋଳାଯାଇଥିବା ବେଳେ ଅନାବଶ୍ୟକ ସ୍ଥାନରେ ମଧ ଲକ୍ଷାଧିକ ଟଙ୍କାର ନଳକୂପ ଖନନ ହୋଇଥିବା ଜଣାପଡ଼ିଛି। ଏହା ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତାକୁ ଦର୍ଶାଇଥିବା ବେଳେ ଏଭଳି ନଳକୂପ ଖନନର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ରହଣିଆ-ବେଲଗଡ଼ିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାର ନୂଆପୋଖରୀ ନିକଟ ଏକ ଜନଶୂନ୍ୟ ଜାଗାରେ ଗୋଟିଏ ବକ୍ସ ନଳକୂପ ଖୋଳାଯାଇଛି। ପ୍ରାୟ ଏକ ମାସ ପୂର୍ବରୁ ରାସ୍ତା ପାର୍ଶ୍ୱରେ ଏହା ଖନନ ହୋଇଥିବା ବେଳେ ଆଖପାଖ ୫/୭ଶହ ମିଟର ଭିତରେ କୌଣସି ଜନବସତି ନାହିଁ। ଅନୁରୂପ ଭାବେ ମାଳଦା ପଞ୍ଚାୟତର ଚତୁର୍ଭୁଜପୁରଠାରେ ପ୍ରାୟ ୩୦୦ ମିଟର ବ୍ୟବଧାନରେ ୨ଟି ନଳକୂପ ଖୋଳାଯାଇଛି। ଗୋଟିଏ ସରିଥିବା ବେଳେ ଅନ୍ୟଟି ଅସମ୍ପୂର୍ଣ୍ଣ ଭାବେ ପଡ଼ିଛି। ଅନ୍ୟପଟେ ଖନନ କାର୍ଯ୍ୟ ସରିବାର ମାସାଧିକ କାଳ ବିତିଯାଇଥିଲେ ସୁଦ୍ଧା ନଳକୂପ ସୁରକ୍ଷା ପାଇଁ ଏଯାଏ ପ୍ଲାଟଫର୍ମ ନିର୍ମାଣ ହୋଇନାହିଁ। ବ୍ଲକ ପାନୀୟ ଜଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ ଭଣ୍ଡାରିପୋଖରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ଦାସଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ରହଣିଆ ପଞ୍ଚାୟତର ନୂଆପୋଖରୀ ଗ୍ରାମରେ ପ୍ଲାଟଫର୍ମ ନ ଥିବା ଏକ ନଳକୂପ।


**Orissa Lift Irrigation Corporation Ltd**
(A Govt of Orissa undertaking)
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, JAJPUR ROAD**
eeli.jajpurroad@gmail.com
TIME EXTENSION CORRIGENDUM-I
Corrigendum Notice No. 4292, Dt.24.12.2025

**No.CAD-2835:** Sealed quotations are invited as per the Short Tender Call Notice No. 3009 Dt.06.12.2025 published on the paper "Dharitri" on Dt.13.12.2025 is now extended for 5 days more for selling of papers from Dt.26. 12.2025 to Dt.01.01.2026 (from11:00 A.M to 05:00 P.M) Keeping all term and condition unchanged only date has been extended. The tender paper will be received in office of the Executive Engineer ,L.I. Division, Jajpur Road on Dt.02.01.26 (from 11:00 A.M to 2:00 P.M) and shall be opened on the same day at 3:00 P.M in presence of the bidders or their authorized representatives. The authority shall reserves the right to cancel or reject all the tender papers without assigning reason there off.

Sd./- Executive Engineer
Lift Irrigation Division, Jajpur Road
OIPR-32146/11/0009/2526



**OFFICE OF THE NOTIFIED AREA COUNCIL, RAMBHA**
Tender Reference No.- RMB-04-NAC/2025-26
Letter No. 2694 Date: 23.12.25

No. C-1898:- The Rambha N.A.C. invites online bid in single cover system through e-Procurement as mentioned below.

- Total Numbers of work:- **16 Nos.**
- Value of works - **Rs.84636/- to Rs.2000000/-**
- Date and time of availability of bid documents in the portal **from 10 A.M of 26.12.2025 to 5 P.M of 03.01.2026.**
- Last date of receipt of bids in the portal **dt. 03.01.2026 up to 5 P.M.**
- Last date of submission of documents in the office of Rambha NAC is upto 11.00 A.M. of Dt. 05.01.2026. However participation online is mandatory.
- Date of opening of e-tender: Dt.05.01.2026 at 02.00 PM
- Further details can be seen from the website:- **https://tendersodisha.gov.in**

Sd./- Executive Officer, NAC, Rambha
OIPR-13114/11/0042/2526



**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER: JAJPUR**
TENDER CALL NOTICE
Ref.No. 10289/ Dated 22.12.2025

**No.E-**"Sealed tenders are invited from the reputed eligible registered diet preparation and catering firm/agency/ effective SHG (Home district only) to prepare and distribute diet in the District Head Quarter Hospital of the district of Jajpur on annual contract basis. The details Terms and conditions, guidelines etc. including tender paper format can be downloaded from the district website https://jajpur.odisha.gov.in/ The tenders in the prescribed format along with all relevant documents for DHH, Jajpur should reach the office of the undersigned on or before Dt.22.01.2026, 05.00 PM. through Regd. Post / Speed Post / Courier only. The envelope should be duly super-scribed on top of envelope as 'Tender for supply of Diet for DHH, Jajpur for the year 2026-27". The tender will be opened on Dt.23.01.2026 at 3.00 PM. The undersigned reserves the right to reject any or all the bids/Tenders without assigning any reason thereof."

Sd/- Dr. Bijay Kumar Misra,
Chief District Medical &
Public Health Officer, Jajpur
OIPR-10042/11/0024/2526



**ODISHA HYDRO POWER CORPORATION LIMITED**
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT
POST: BALIMELA, DIST.: MALKANGIRI (ODISHA), PIN - 764051
Phones: 06861-291058(O)/06861-291048(R)
<Email: bhep.balimela@gmail.com, unit.head_balimela@yahoo.com>

TENDER CALL NOTICE NO.: BHEP/54/2025-26 DATED:23.12.2025

No. CAD-2820: Sealed tenders are invited in single part bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of Tender paper (Non-refundable) in Rs. | EMD in shape of DD/BC (Refundable) In Rs. | Period of availability of tender at OHPC website | Last date & time of receipt of tender | Date & time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Hiring of 01 (One) Number of Mahindra Bolero Ambulance or Equivalent vehicle along with provision of Driver for (03) Three years under BHEP, Balimela | Rs.7080/- (Rupees seven thousand eighty only) | Rs.19,006/- | From 30.12.2025 upto 11.30 hrs. on 13.01.2026 | 11.30 hrs. of 13.01.2026 | 12.00 hrs. of 13.01.2026 |

For details of the tender documents, terms & conditions please visit our website www.ohpcltd.com.
OIPR-04019/11/0135/2526
Sd./- C&P Head, BHEP, Balimela



**ODISHA HYDRO POWER CORPORATION LTD.**
OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE: 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963
CAD-2833

No. HHEP/Tech-R&M-P-30, Vol-VI/ 8406 Date :24.12.2025

TENDER CALL NOTICE NO. HHEP-75/2025

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/ Authorized Dealers / Authorized Distributors only for supply and demonstration of the following materials as mentioned below.

| Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply and Demonstration of Digital Multimeter and Clamp meters at HHEP, Burla | Rs. 2360/- (Rs. 2000 + GST @ 18%) | 2750/- |

- Sale of tender paper : **30.12.2025 (10.00AM) to 12.01.2026 upto 05.30PM**
- Receipt of tender paper : **13.01.2026 upto 03.30PM**
- Date & time of opening of tender: **13.01.2026 at 04.00PM**

Further details like tender documents / terms & conditions (corrigendum / erratum / addendum, if any), please visit our official website **www.ohpcltd.com**

OIPR-04007/11/0086/2526
Sd/-
C & P Head, HHEP, Burla



**OFFICE OF THE DIVISIONAL FOREST OFFICER**
BERHAMPUR DIVISION, AT: COURTPETA, BRAHMAPUR - 760004
Phone/Fax: 0680-2281354, Mob.: +91-7653908594, Email: dfo.berhampur@odisha.gov.in
Short Tender Call Notice No. 05/2025/1F Dated: 24th December 2025
TENDER FOR ENGAGEMENT OF CONSULTANT FOR PREPARATION OF DPR FOR EXTENSION OF ECO-TOURISM SITE OF SONAPUR OF BERHAMPUR FOREST DIVISION

No. MM-432: The Divisional Forest Officer, Brahmapur Forest Division on behalf of Governor of Odisha invites percentage rate bid in OFFLINE mode from eligible contractors with valid licenses for execution of Architectural Design & other work as detailed in DTCN.

| | | | |
|---|---|---|---|
| 1. | Nature of Works | : | Preparation of DPR for Extension of Sonapur Eco-Tourism Site of Brahmapur Forest Division |
| 2. | No. of Work | : | |
| 3. | Tender Form Cost | : | Rs.2,000/- |
| 4. | Estimate cost for DPR Preparation | : | Rs.1.79/- (One Lakh Seventy Nine thousand) Only. |
| 5. | Class of Contractor | : | Consultant/Architect |
| 6. | Availability of bid document in the Office of the Divisional Forest Officer, Brahmapur Division | : | From Dt.26.12.2025 10.00 A.M. to Dt.01.01.2026 5.00 P.M. |
| 7. | Last date and time of submission of bids in tender box of office | : | 01.01.2026 at 5.00 P.M. |
| 8. | Date of opening of Bid | : | Dt.02.01.2026 at 11.00 A.M. |
| 9. | The bidders have to participate in OFFLINE bidding only. | | |

Sd./- Divisional Forest Officer, Brahmapur Division
OIPR-08038/11/0053/2526



**MUNICIPAL OFFICE, JEYPORE**
Ph No.: 06854-321098, Fax No. 06854-230104
Email: jeyporem.hud@nic.in
Letter No. 5388/JM Date: 24.12.2025
JM-TCN 04/2025-26

No. C-1886: Bid documents consisting of specification the Bill of Quantity and the Tender Call Notice can be seen in the Govt. website **https://tendersorissa.gov.in/nicgep/app.**

| | |
|---|---|
| Bid documents including Schedule of Quantity available for online bidding | **https://tendersorissa.gov.in/nicgep/app.** |
| No of Works | 23 |
| Estimated Cost | As per DTCN |
| Date & time of Bidding in portal | From 26.12.2025 at 11.00 hours to 08.01.2026 upto 16.00 hours |
| Last date & time for receipt of bids in portal | 08.01.2026 upto 16.00 hours |
| Offline Documents Received through Speed Post | 08.01.2026 at 16.00 hours to 13.01.2026 utp 11.00 hours (Working Days Only) |
| Bids received online shall be opened on | 13.01.2026 at 11.00 hours onwards |
| Offline documents shall be opened in presence of the Participate Bidders | 13.01.2026 at 11.00 hours onwards |

Sd./- Executive Officer, Jeypore Municipality
OIPR-13079/11/0080/2526



**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, GHUMSUR SOUTH DIVISON**
Bhejiput, Bhanjanagar, Ganjam, Odisha, Pin-761126
Tele/Fax-06821-241015, E-mail:dfo.ghumsursouth@odisha.gov.in
Letter No.6997/Dtd.24.12.2025
No.MM-431
INVITATION FOR BIDS (IFB)
E-Procurement Bid Identification No.GH(S)-BNJ-F.E & C.C-03/2025-26

| | | |
|---|---|---|
| 11. Name of work | : | Construction of Buildings |
| 12. No. of Works | : | 01 No. |
| 13. No. of Covers | : | Single Cover |
| 14. Estimated Cost | : | Rs.17.95 Lakhs |
| 15. Period of Completion | : | Three Calendar Months |
| 16. Date & Time of availability of bid documents in portal | : | From 10.00 AM of dated 29.12.2025 to 05.00 P.M. of dated 04.01.2026 |
| 17. Last date/time for receipt of bids in the portal | : | Upto 5.00 PM of 04.01.2026 |
| 18. Date of Opening of bid documents | : | At 11.00 AM of 05.01.2026 |
| 19. Class of Contractor | : | "D" & "C" Class Contractor |
| 20. Name and address of officer inviting bid | : | Divisional Forest Officer Ghumsur South Forest Division, Bhejiput, Bhanjanagar |

Further details can be seen from the e-Procurement portal www.tenderodisha.gov.in. The Addendum/Corrigendum if any will be hosted in the website only.

OIPR-08051/11/0014/2526
Sd./- Divisional Forest Officer
Ghumsur South Forest Division



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHARMAGARH**
Email:- rw_dharmagarh@yahoo.com
BID IDENTIFICATION NO. DMGH/Online-11 OF 2025-26 Dated: 15.12.2025
"e" PROCUREMENT NOTICE

No. O-1823:- Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Road & Building works in the district of Kalahandi as mentioned in DTCN.
2. Total No. of Works : 21 Nos.
3. Estimated Cost : Rs.44.06 lakhs to Rs.2.54 lakhs
4. Period of Completion : 01 & 02 Calendar Month
5. Other Details:

| Availability of Tender online for bidding | | Last date & time of seeking tender clarification | Date & time of Opening of tender |
|---|---|---|---|
| From | To | | |
| 29.12.2025 At 10.00 AM | 08.01.2026 Up to 5.00 PM | 05.01.2026 Up to 5.00 PM | 09.01.2026 At 11.00 AM |

Further details can be seen from the website **www.tendersorissa.gov.in**
Sd./- Superintending Engineer,
Rural Works Division, Dharmagarh
OIPR-25100/11/0037/2526



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
INVITATIONS FOR BIDS (IFB)
E-mail ID:cebuildings_orissa@yahoo.co.in, cebuildings@rediffmail.com, Tel.(0674)-2391523
File No.B-IV-H-(Ayur) 41/23 Lr.No.47515 Bhubaneswar, the 19th Dec, 2025
No.B-866
Invitation for Bids
Bid Identification No.C.E.(B)-37/2025-26

| | | | |
|---|---|---|---|
| 1. | The Chief Engineer (Buildings-I), Odisha on behalf of Governor of Odisha invites bids from reputed Indian Firms/ Contractor registered with the State Government and bidders of equivalents Grade/Class registered with Central Government/MES/ Railways for the infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | | |
| 2. | Nature of Work | : | Construction of New Govt. Ayurvedic Medical College in Mouza- Murugaghutu, P.S.-Rairangpur in the district of Mayurbhanj, Odisha on Turnkey basis |
| 3. | No. of Work | : | 01 No. |
| 4. | Bid Cost. | : | Rs.10,000/- |
| 5. | Class of Contractor | : | Super Class |
| 6. | Availability of Bid documents in the website | : | From dt.29.12.2025 to 05.30 PM of dt.19.01.2026 |
| 7. | Pre-Bid Meeting | : | Dt.05.01.2026 at 11.30 AM |
| 8. | Last date of online submission of bid | : | Dt.19.01.2026 upto 5.30 PM |
| 9. | Last dt. of submission of hardcopy (Cover-III) | : | Dt.22.01.2026 upto 5.30 PM |
| 10. | Date of Opening of Bid | : | Dt.27.01.2026 at 11.30 AM |
| 11. | The Bidders have to participate in ONLINE bidding only. Further details can be seen from the website:https://tendersodisha.gov.in. Any addendum/corrigendum/ cancelation of tender can also be seen in the said website only. | | |

OIPR-34117/11/0166/2526
Sd./- Chief Engineer (Buildings-I),
Odisha, Bhubaneswar



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ), ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ - ୧, ଭୁବନେଶ୍ୱର-୭୫୧୦୦୯
ଚିଠି ସଂଖ୍ୟା: ୮୮୧ ତାରିଖ: ୨୬।୧୨।୨୦୨୫
**ବିଜ୍ଞାପନ**

No. V-29: ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଆଦିବାସୀ ମେଳା-୨୦୨୬ ନିମନ୍ତେ ଅଭିଜ୍ଞ ଇଭେଣ୍ଟ ପରିଚାଳନା ସଂସ୍ଥାମାନଙ୍କଠାରୁ ପୃଥକ୍ ଆବେଦନପତ୍ର ଆହ୍ୱାନ କରାଯାଉଅଛି। ଯୋଗ୍ୟ ଏବଂ ଆଗ୍ରହୀ ସଂସ୍ଥାମାନେ ସଦସ୍ୟ ସଚିବ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀଙ୍କ ଠିକଣାରେ ତା୧୨।୦୧।୨୦୨୬ରିଖ ସୁଦ୍ଧା ଡାକ ଯୋଗେ ଆବେଦନ ପତ୍ର ପଠାଇପାରିବେ। ବିଜ୍ଞାପନର ସବିଶେଷ ସର୍ତ୍ତ ଓ ନିୟମାବଳୀ କାର୍ଯ୍ୟାଳୟ ୱେବ୍‌ସାଇଟ୍ **www.stsc.odisha.gov.in, www.scstrti.in & www.atlcodisha.in** ରେ ଉପଲବ୍ଧ ଅଛି।

OIPR-26011/11/0021/2526
ସ୍ୱା./- ସଦସ୍ୟ ସଚିବ



**Govt. of Odisha**
**OFFICE OF THE SUPERINTENDING ENGINEER (AGRIL.), NORTHERN ZONE, SAMBALPUR, ODISHA**
E-mail ID - senzsambalpur@gmail.com
"e" -Procurement Notice No- 2163/Agril, Date-22.12.2025
Bid Identification No. : 05/Agril./NZ/2025-26 dt.22.12.2025

No. L- :-The Superintending Engineer (Agril.), Northern Zone, Sambalpur, Odisha on behalf of Governor of Odisha, invites percentage rate bids in double cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed below.

1. Nature/Type of the work: As Mentioned in Column - 02
2. Estimated Cost put to Tender: Rs. 5,00,014/- to Rs. 58,53,944/-
3. EMD Amount: Rs. 5,000/- to Rs.58,539/-
4. Bid Cost: As Mentioned in Column - 07
5. Period of completion: As Mentioned in Column - 08
6. No. of work (Tender): 10 nos.
7. Class of Contractor: 'D' or 'C' or B' class with valid License as Mentioned in Column - 06
8. Date & Time of availability of bid document in the portal: 26.12.2025 at 10.AM. to Dt.06.01.2026 at 5.30 P.M.
9. Last date / Time for receipt of bids in the portal: Dt.06.01.2026 at 5.30 P.M
10. Date of submission of original documents in the tender box: From Dt. 03.01.2026 at 10.AM. to Dt.07.01.2026 at 5.00 P.M. (Working days) only.
11. Date & time of opening of online bids: Dt.08.01.2026 at 11.00 AM
12. Name and address of the officer inviting Bid: Superintending Engineer (Agril.), Northern Zone, Remed Chowk, Sambalpur, Odisha, Pin-768006

NB: The Bidders have to participate in ONLINE bidding only in the e- Procurement website: https://tendersodisha.gov.in with matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website. Authority reserves the right to reject/accept any or all of the tenders, increase/decrease the quantities of works without assigning any reason thereof.

Sd./- Superintending Engineer (Agril.), Northern Zone, Sambalpur
OIPR-01495/11/0012/2526



**OFFICE OF THE ADDITIONAL CHIEF ENGINEER ANGUL MINOR IRRIGATION CIRCLE, DHENKANAL**
No. 681 Dt.24.12.25
e-Procurement Notice
Bid Identification No. - AMIC/11/2025-26
e-mail ID: ace.dkl2023@gmail.com

No. A-1197: The Additional Chief Engineer, Angul Minor Irrigation Circle, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the Work | As per Annexure to this bid notice |
| No. of Works | 01 (One) only |
| Estimated Cost | 130.65 lakh (Approximately) |
| Period of Completion | 6 (Six) Calendar Months |
| Availability of bid documetns for sale and receipt through Online | From Dt.30.12.2025, 10.00 A.M. to Dt.15.01.2026 upto 5.00 P.M. |
| Last date/time of receipt of bids in the portal | 15.01.2026 (5.00 P.M.) |
| Date of Technical bid opening through online | On Dt.16.01.2026 at 11.00 A.M. in the Office of the Addl. C.E., Angul M.I. Circle, Dhenkanal |
| Mode of payment of Bid cost | Online |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website **http://dowrorissa.gov.in** | |
| **Name & Address of the OIT** | Additional Chief Engineer, Angul Minor Irrigation Circle, Dhenkanal, At/P.O./District - Dhenkanal, Email ID: **ace.dkl2023@gmail.com** |
| Further details can be seen from the e-Procurement market place **http://tendersorissa.gov.in** | |

OIPR-32522/11/0019/2526
Sd./- Additional Chief Engineer
Angul M.I. Circle, Dhenkanal

# ଚାନ୍ଦବାଲିରେ ପିସିସି ସଭାପତି

ଭଦ୍ରକ/ଚାନ୍ଦବାଲି,୨୭।୧୨
(ସନାତନ ରାଉତ/ କିଷାନ ପାତ୍ର)

ରାଜ୍ୟରେ ମହିଳା ବିରୋଧୀ ସରକାର ଚାଲିଛି। ଗତ ୧୦ ମାସ ମଧ୍ୟରେ ରାଜ୍ୟରେ ୪୨ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ ହେଲାଣି। ଏହି କ୍ଷେତ୍ରରେ ଭଦ୍ରକ ଜିଲା ଏବେ ରାଜ୍ୟରେ ୨ ନମ୍ବର ସ୍ଥାନରେ ପହଞ୍ଚିଛି, ଯାହାକି ଉଦ୍‌ବେଗ ଜନକ ଘଟଣା ବୋଲି ଶନିବାର ଚାନ୍ଦବାଲି ଗସ୍ତରେ ଆସିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଚାନ୍ଦବାଲିରେ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ମୃତ ନାବାଳିକାଙ୍କ ପରିବାରକୁ ରାଜ୍ୟ କଂଗ୍ରେସର ଏକ ଟିମ୍ ଭେଟିବା ପରେ ବିଜୁ ସ୍ମୃତି ଭବନରେ ଆୟୋଜିତ ସଭାରେ ପିସିସି ସଭାପତି ଦାସ କହିଛନ୍ତି, ବାଲେଶ୍ୱରର ସୌମ୍ୟାଶ୍ରୀ ବିଶିଙ୍କଠାରୁ ଚାନ୍ଦବାଲିର ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ଏବେ ସାରା ରାଜ୍ୟକୁ ଆନ୍ଦୋଳିତ କରିଛି। ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା କ୍ଷେତ୍ରରେ ନିଶା ହେଉଛି ମୁଖ୍ୟ କାରଣ। ଏହାକୁ ମଧ୍ୟ ରୋକିବାରେ ସରକାର ବିଫଳ ହୋଇଛନ୍ତି। ସରକାର ତୁରନ୍ତ ଫାଷ୍ଟଟ୍ରାକ୍ କୋର୍ଟ ମାଧ୍ୟମରେ ଉକ୍ତ ମାମଲାକୁ ବିଚାର କରି ଅଭିଯୁକ୍ତଙ୍କୁ ୩ ମାସ ମଧ୍ୟରେ ଫାଶୀ ଖୁଣ୍ଟରେ ଝୁଲିବାର ବ୍ୟବସ୍ଥା କରିବା ସହ ମୃତ ନାବାଳିକାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

ବ୍ଲକ ସଭାପତି ତ୍ରୈଲୋଚନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ବାସୁଦେବପୁର ବିଧାୟକ ଅଶୋକ ଦାସ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି, ମହିଳା ନେତ୍ରୀ ମଧୁମିତା ସେଠୀ, ଜୟସ୍ମିତା ମହାନ୍ତି, ସୁଲୋଚନା ନାୟକ, ଜିଲା କଂଗ୍ରେସ ସଭାପତି ନଳିନୀ ମହାନ୍ତି, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ଅସିତ ପଟ୍ଟନାୟକ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ନେତା ଅମିୟ କୁମାର ମହାପାତ୍ର, ଦିଗମ୍ବର ଦାସ, ତିହିଡ଼ି ବ୍ଲକ ସଭାପତି ସରୋଜ ଦାସ, ଯୁବନେତା ମନୋଜ ବିଶ୍ୱାଳ ପ୍ରମୁଖ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଚାନ୍ଦବାଲିରୁ ଫେରିବା ପରେ ଭଦ୍ରକରେ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ କଂଗ୍ରେସ ଟିମ୍ ଆଲୋଚନା କରିଛି।

## ମୃତ ନାବାଳିକାଙ୍କ ପରିବାରକୁ ୫୦ଲକ୍ଷ ସହାୟତା ଦାବି


ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ କଂଗ୍ରେସ ଟିମ୍ ମୃତ ନାବାଳିକାଙ୍କ ପରିବାରକୁ ଭେଟୁଛନ୍ତି।

# ‘ମୁଁ ଗଛ କହୁଛି’ କାର୍ଯ୍ୟକ୍ରମକୁ ଏମ୍‌ପିଙ୍କ ପ୍ରଶଂସା

ଆନନ୍ଦପୁର,୨୭।୧୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଫକୀରପୁର ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ ‘ମୁଁ ଗଛ କହୁଛି’ କାର୍ଯ୍ୟକ୍ରମକୁ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ପ୍ରଶଂସା କରିଛନ୍ତି। ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଏବଂ ଏହାର ଯତ୍ନ ନେବା ପାଇଁ ତ୍ରିଲୋଚନ ସଚେତନ କରୁଛନ୍ତି। ଆନନ୍ଦପୁର ପ୍ରେସ୍ କ୍ଲବ୍ ଦ୍ୱାରା ଆୟୋଜିତ ହୋଇଯାଇଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ସମୟରେ କେନ୍ଦୁଝରର ଏମ୍‌ପି ଅନନ୍ତ ନାୟକ ଯୋଗଦେଇ ତ୍ରିଲୋଚନ ସାହୁଙ୍କ ପରିବେଶ ସୁରକ୍ଷା, ଚାରାରୋପଣ ଓ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ତାଙ୍କର କାର୍ଯ୍ୟକୁ ପ୍ରସଂଶା କରିବା ସହିତ ଅଧିକରୁ ଅଧିକ ଔଷଧୀୟ ଚାରା ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ତ୍ରିଲୋଚନ ଫକୀରପୁରରେ ସୃଷ୍ଟି କରିଥିବା କ୍ଷୁଦ୍ର ବନ ଏବଂ ବିଭିନ୍ନ ସ୍ଥାନରେ ଲଗାଇଥିବା ଚାରାରୋପଣ, ପରିବେଶ ସୁରକ୍ଷା ଓ ବନ୍ୟପ୍ରାଣୀ ସଂରକ୍ଷଣ କାର୍ଯ୍ୟକୁ ଏମ୍‌ପି ପ୍ରଶଂସା କରିଥିଲେ। ଏଥିସହ କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦୁଝର ପୌରପରିଷଦ ଅଧ୍ୟକ୍ଷା ନିକୁ ସାହୁ, ଭାଜପା ରାଜ୍ୟ ସମ୍ପାଦିକା ମମତା ସିଂହ, ଆନନ୍ଦପୁର ପୌରପରିଷଦର ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ଘଷିପୁରା ଭାଜପା ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ, ଏମ୍‌ପିଙ୍କ ପ୍ରତିନିଧି ଟୁକୁନା ମହାନ୍ତ, ପ୍ରେସ୍ କ୍ଲବ୍‌ର ସଭାପତି ନାରାୟଣ ସାହୁ, ସମ୍ପାଦକ ସନ୍ତୋଷ ରାଉତଙ୍କ ସମେତ ଉପସ୍ଥିତ ବୁଦ୍ଧିଜୀବୀ ମଧ୍ୟ ତ୍ରିଲୋଚନଙ୍କ ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ।


ଏମପି ଅନନ୍ତ ନାୟକଙ୍କ ନିକଟରେ ତ୍ରିଲୋଚନ।

# ବିଚିତ୍ର ଆନନ୍ଦପୁର କୋର୍ଟରେ ପିପି ନିଯୁକ୍ତ

ବଞ୍ଜୋ,୨୭।୧୨(ପ୍ରଦୋଷ କୁମାର ବିଶ୍ୱାଳ)


ବିଚିତ୍ର ଚକ୍ର

କେନ୍ଦୁଝର ଜିଲା ଆନନ୍ଦପୁର ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଆନନ୍ଦପୁର କୋର୍ଟ ପାଇଁ ସରକାରୀ ଓକିଲ ତଥା ପିପି (ପବ୍ଲିକ୍ ପ୍ରସିକ୍ୟୁଟର) ଭାବେ ଆଇନ୍‌ଜୀବୀ ବିଚିତ୍ର ଚକ୍ରଙ୍କୁ ନିଯୁକ୍ତ କରାଯାଇଛି। ଦୀର୍ଘବର୍ଷ ଧରି ଆଇନ୍ ପ୍ରୟୋଗ କ୍ଷେତ୍ରରେ ତାଙ୍କର ଅନୁଭବ, ସତ୍ୟତା ଓ ପେଶାଦାରି ଦକ୍ଷତାକୁ ଦୃଷ୍ଟିରେ ରଖି ସରକାର ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରିଛନ୍ତି। ରାଜ୍ୟ ପକ୍ଷରୁ ମାମଲା ପରିଚାଳନା, ଆଇନ ଓ ସମ୍ବିଧାନ ଅନୁଯାୟୀ ନ୍ୟାୟ ସ୍ଥାପନା, ଅପରାଧିକ ମାମଲାରେ ସରକାରଙ୍କ ଯୁକ୍ତିକୁ ସୁଦୃଢ଼ ଭାବେ ଉପସ୍ଥାପନ ଏବଂ କୋର୍ଟ ପ୍ରକ୍ରିୟାକୁ ଠିକ୍ ଓ ପାରଦର୍ଶୀ ରୂପେ ଆଗେଇ ନେବା ମୁଖ୍ୟ କର୍ତ୍ତବ୍ୟ ରହିବ ବୋଲି କହିଛନ୍ତି। ଏହି ଅବସରରେ ପ୍ରଦୀପ ବିଶ୍ୱାଳ, ମାର୍କଣ୍ଡ ଓଝା, ସନ୍ତୋଷ ରାଉତ, ସୁନୀଲ ବରାଳ, ଦେବରଞ୍ଜନ ସାହୁ, ସୁବାସିସ ବରାଳ, ବିଚିତ୍ର ଚକ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କର୍ତ୍ତବ୍ୟକୁ ନିଷ୍ଠା, ସାହସ ଓ ନ୍ୟାୟପ୍ରତି ଅତୁଟ ବିଶ୍ୱାସ ସହ ପାଳନ କରି ସାଧାରଣ ଲୋକଙ୍କ ହିତରେ କାର୍ଯ୍ୟ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

# ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

ବାସୁଦେବପୁର,୨୭।୧୨
(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ବ୍ଲକ ଅଧୀନ ଖଡିବିନାୟକପୁର ପଞ୍ଚାୟତର ବିନାୟକପୁର ଗ୍ରାମରେ ଶୁକ୍ରବାର ରାତିରେ ଜଣେ ନାବାଳିକାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ନାବାଳିକାଙ୍କୁ ଝୁଲନ୍ତା ଅବସ୍ଥାରେ ଘରୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନା ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନା ସୂତ୍ରରୁ ଖବରପାଇ ବାସୁଦେବପୁର ପୋଲିସ ଶନିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଏହି ଘଟଣାରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୬/୨୫) ରୁଜୁ ହୋଇଛି। ପରିବାର ପକ୍ଷରୁ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ କେଉଁ କାରଣ ପାଇଁ ନାବାଳିକା ଏପରି ଚରମ ପଦକ୍ଷେପ ନେଲେ, ତାହା ତଦନ୍ତସାପେକ୍ଷ। ନାବାଳିକା ଜଣକ ୭ମ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡ଼ିଛି।

# ଅନାବଶ୍ୟକ ସ୍ଥାନରେ ଖୋଲାଯାଇଛି ସରକାରୀ ନଳକୂପ

## କେତେକ ଜାଗାରେ ପ୍ଲାଟ୍‌ଫର୍ମ ନାହିଁ

ଭଣ୍ଡାରିପୋଖରୀ,୨୭।୧୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନକୁ ମେଗା ପାନୀୟ ଜଳ ପ୍ରକଳ୍ପ ପାଇପ୍ ବିଛା ଯାଇଥିଲେ ସୁଦ୍ଧା ଲୋକେ ଏଥିରୁ ପାଣି ମୁନ୍ଦାଏ ପାଇପାରୁ ନାହାନ୍ତି। ବ୍ୟକ୍ତିଗତ ନଳକୂପ ସହ କେତେକ ସରକାରୀ ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଉଛି। ସମ୍ପ୍ରତି ମେଗା ପ୍ରକଳ୍ପ ଏକ ପ୍ରକାର ସ୍ଥାଣୁ ରହିଥିବା ବେଳେ ସରକାରୀ ନଳକୂପ ଖନନ ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ତଦନୁଯାୟୀ କେତେକ ଜାଗାରେ ବକ୍ସ ନଳକୂପ ଖୋଲାଯାଇଛି। ଆବଶ୍ୟକ ଅନୁଯାୟୀ ବ୍ଲକର ୨୭ଟି ପଞ୍ଚାୟତରେ କିଛି ନଳକୂପ ଖୋଲାଯାଇଥିବା ବେଳେ ଅନାବଶ୍ୟକ ସ୍ଥାନରେ ମଧ୍ୟ ଲକ୍ଷାଧିକ ଟଙ୍କାର ନଳକୂପ ଖନନ ହୋଇଥିବା ଜଣାପଡ଼ିଛି। ଏହା ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତାକୁ ଦର୍ଶାଇଥିବା ବେଳେ ଏଭଳି ନଳକୂପ ଖନନର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ରହଣିଆ-ବେଲଗଡ଼ିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାର ନୂଆପୋଖରୀ ନିକଟ ଏକ ଜନଶୂନ୍ୟ ଜାଗାରେ ଗୋଟିଏ ବକ୍ସ ନଳକୂପ ଖୋଲାଯାଇଛି। ପ୍ରାୟ ଏକ ମାସ ପୂର୍ବରୁ ରାସ୍ତା ପାର୍ଶ୍ୱରେ ଏହା ଖନନ ହୋଇଥିବା ବେଳେ ଆଖପାଖ ୫/୭ଶହ ମିଟର ଭିତରେ କୌଣସି ଜନବସତି ନାହିଁ। ଅନୁରୂପ ଭାବେ ମାଳଦା ପଞ୍ଚାୟତର ଚତୁର୍ଭୁଜପୁରଠାରେ ପ୍ରାୟ ୩୦୦ ମିଟର ବ୍ୟବଧାନରେ ୨ଟି ନଳକୂପ ଖୋଲାଯାଇଛି। ଗୋଟିଏ ସରିଥିବା ବେଳେ ଅନ୍ୟଟି ଅସମ୍ପୂର୍ଣ୍ଣ ଭାବେ ପଡ଼ିଛି। ଅନ୍ୟପଟେ ଖନନ କାର୍ଯ୍ୟ ସରିବାର ମାସାଧିକ କାଳ ବିତିଯାଇଥିଲେ ସୁଦ୍ଧା ନଳକୂପ ସୁରକ୍ଷା ପାଇଁ ଏଯାଏ ପ୍ଲାଟଫର୍ମ ନିର୍ମାଣ ହୋଇନାହିଁ। ବ୍ଲକ ପାନୀୟ ଜଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ ଭଣ୍ଡାରିପୋଖରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ଦାସଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


ରହଣିଆ ପଞ୍ଚାୟତର ନୂଆପୋଖରୀ ଗ୍ରାମରେ ପ୍ଲାଟଫର୍ମ ନ ଥିବା ଏକ ନଳକୂପ।


**Orissa Lift Irrigation Corporation Ltd**
(A Govt of Orissa undertaking)
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, JAJPUR ROAD**
eeli.jajpurroad@gmail.com
TIME EXTENSION CORRIGENDUM-I
Corrigendum Notice No. 4292, Dt.24.12.2025

**No.CAD-2835:** Sealed quotations are invited as per the Short Tender Call Notice No. 3009 Dt.06.12.2025 published on the paper "Dharitri" on Dt.13.12.2025 is now extended for 5 days more for selling of papers from Dt.26. 12.2025 to Dt.01.01.2026 (from11:00 A.M to 05:00 P.M) Keeping all term and condition unchanged only date has been extended. The tender paper will be received in office of the Executive Engineer ,L.I. Division, Jajpur Road on Dt.02.01.26 (from 11:00 A.M to 2:00 P.M) and shall be opened on the same day at 3:00 P.M in presence of the bidders or their authorized representatives. The authority shall reserves the right to cancel or reject all the tender papers without assigning reason there off.

Sd./- Executive Engineer
Lift Irrigation Division, Jajpur Road
OIPR-32146/11/0009/2526

**OFFICE OF THE NOTIFIED AREA COUNCIL, RAMBHA**
Tender Reference No.- RMB-04-NAC/2025-26
**Letter No. 2694 Date: 23.12.25**

No. C-1898:- The Rambha N.A.C. invites online bid in single cover system through e-Procurement as mentioned below.
- Total Numbers of work:- **16 Nos.**
- Value of works - **Rs.84636/- to Rs.2000000/-**
- Date and time of availability of bid documents in the portal **from 10 A.M of 26.12.2025 to 5 P.M of 03.01.2026.**
- Last date of receipt of bids in the portal **dt. 03.01.2026 up to 5 P.M.**
- Last date of submission of documents in the office of Rambha NAC is upto 11.00 A.M. of Dt. 05.01.2026. However participation online is mandatory.
- Date of opening of e-tender: Dt.05.01.2026 at 02.00 PM
- Further details can be seen from the website:- https://tendersodisha.gov.in

Sd./- Executive Officer, NAC, Rambha
OIPR-13114/11/0042/2526

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER: JAJPUR**
TENDER CALL NOTICE
Ref.No. 10289/ Dated 22.12.2025

**No.E-**"Sealed tenders are invited from the reputed eligible registered diet preparation and catering firm/agency/ effective SHG (Home district only) to prepare and distribute diet in the District Head Quarter Hospital of the district of Jajpur on annual contract basis. The details Terms and conditions, guidelines etc. including tender paper format can be downloaded from the district website https://jajpur.odisha.gov.in/ The tenders in the prescribed format along with all relevant documents for DHH, Jajpur should reach the office of the undersigned on or before Dt.22.01.2026, 05.00 PM. through Regd. Post / Speed Post / Courier only. The envelope should be duly super-scribed on top of envelope as 'Tender for supply of Diet for DHH, Jajpur for the year 2026-27". The tender will be opened on Dt.23.01.2026 at 3.00 PM. The undersigned reserves the right to reject any or all the bids/Tenders without assigning any reason thereof."

Sd/- Dr. Bijay Kumar Misra,
Chief District Medical &
Public Health Officer, Jajpur
OIPR-10042/11/0024/2526

**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT
POST: BALIMELA, DIST.: MALKANGIRI (ODISHA), PIN - 764051
Phones: 06861-291058(O)/06861-291048(R)
<Email: bhep.balimela@gmail.com, unit.head_balimela@yahoo.com>
TENDER CALL NOTICE NO.: BHEP/54/2025-26 DATED:23.12.2025

No. CAD-2820: Sealed tenders are invited in single part bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of Tender paper (Non-refundable) in Rs. | EMD in shape of DD/BC (Refundable) In Rs. | Period of availability of tender at OHPC website | Last date & time of receipt of tender | Date & time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Hiring of 01 (One) Number of Mahindra Bolero Ambulance or Equivalent vehicle along with provision of Driver for (03) Three years under BHEP, Balimela | Rs.7080/- (Rupees seven thousand eighty only) | Rs.19,006/- | From 30.12.2025 upto 11.30 hrs. on 13.01.2026 | 11.30 hrs. of 13.01.2026 | 12.00 hrs. of 13.01.2026 |

For details of the tender documents, terms & conditions please visit our website www.ohpcltd.com.
OIPR-04019/11/0135/2526 Sd./- C&P Head, BHEP, Balimela

**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE: 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963
CAD-2833

No. HHEP/Tech-R&M-P-30, Vol-VI/ 8406 Date :24.12.2025
TENDER CALL NOTICE NO. HHEP-75/2025

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/ Authorized Dealers / Authorized Distributors only for supply and demonstration of the following materials as mentioned below.

| Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply and Demonstration of Digital Multimeter and Clamp meters at HHEP, Burla | Rs. 2360/- (Rs. 2000 + GST @ 18%) | 2750/- |

- Sale of tender paper : **30.12.2025 (10.00AM) to 12.01.2026 upto 05.30PM**
- Receipt of tender paper : **13.01.2026 upto 03.30PM**
- Date & time of opening of tender: **13.01.2026 at 04.00PM**

Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpcltd.com
Sd/-
OIPR-04007/11/0086/2526 C & P Head, HHEP, Burla

**OFFICE OF THE DIVISIONAL FOREST OFFICER**
BERHAMPUR DIVISION, AT: COURTPETA, BRAHMAPUR - 760004
Phone/Fax: 0680-2281354, Mob.: +91-7653908594, Email: dfo.berhampur@odisha.gov.in
Short Tender Call Notice No. 05/2025/1F Dated: 24th December 2025
TENDER FOR ENGAGEMENT OF CONSULTANT FOR PREPARATION OF DPR FOR EXTENSION OF ECO-TOURISM SITE OF SONAPUR OF BERHAMPUR FOREST DIVISION

No. MM-432: The Divisional Forest Officer, Brahmapur Forest Division on behalf of Governor of Odisha invites percentage rate bid in OFFLINE mode from eligible contractors with valid licenses for execution of Architectural Design & other work as detailed in DTCN.

| | | |
|---|---|---|
| 1. | Nature of Works | Preparation of DPR for Extension of Sonapur Eco-Tourism Site of Brahmapur Forest Division |
| 2. | No. of Work | |
| 3. | Tender Form Cost | Rs.2,000/- |
| 4. | Estimate cost for DPR Preparation | Rs.1.79/- (One Lakh Seventy Nine thousand) Only. |
| 5. | Class of Contractor | Consultant/Architect |
| 6. | Availability of bid document in the Office of the Divisional Forest Officer, Brahmapur Division | From Dt.26.12.2025 10.00 A.M. to Dt.01.01.2026 5.00 P.M. |
| 7. | Last date and time of submission of bids in tender box of office | 01.01.2026 at 5.00 P.M. |
| 8. | Date of opening of Bid | Dt.02.01.2026 at 11.00 A.M. |
| 9. | The bidders have to participate in OFFLINE bidding only. | |

Sd./- Divisional Forest Officer, Brahmapur Division
OIPR-08038/11/0053/2526

**MUNICIPAL OFFICE, JEYPORE**
Ph No.: 06854-321098, Fax No. 06854-230104
Email: jeyporem.hud@nic.in
Letter No. 5388/JM Date: 24.12.2025
**JM-TCN 04/2025-26**

No. C-1886: Bid documents consisting of specification the Bill of Quantity and the Tender Call Notice can be seen in the Govt. website **https://tendersorissa.gov.in/nicgep/app.**

| | |
|---|---|
| Bid documents including Schedule of Quantity available for online bidding | https://tendersorissa.gov.in/nicgep/app. |
| No of Works | 23 |
| Estimated Cost | As per DTCN |
| Date & time of Bidding in portal | From 26.12.2025 at 11.00 hours to 08.01.2026 upto 16.00 hours |
| Last date & time for receipt of bids in portal | 08.01.2026 upto 16.00 hours |
| Offline Documents Received through Speed Post | 08.01.2026 at 16.00 hours to 13.01.2026 utp 11.00 hours (Working Days Only) |
| Bids received online shall be opened on | 13.01.2026 at 11.00 hours onwards |
| Offline documents shall be opened in presence of the Participate Bidders | 13.01.2026 at 11.00 hours onwards |

Sd./- Executive Officer, Jeypore Municipality
OIPR-13079/11/0080/2526

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, GHUMSUR SOUTH DIVISON**
Bhejiput, Bhanjanagar, Ganjam, Odisha, Pin-761126
Tele/Fax-06821-241015, E-mail:dfo.ghumsursouth@odisha.gov.in
Letter No.6997/Dtd.24.12.2025
No.MM-431 INVITATION FOR BIDS (IFB)
E-Procurement Bid Identification No.GH(S)-BNJ-F.E & C.C-03/2025-26

11. Name of work : Construction of Buildings
12. No. of Works : 01 No.
13. No. of Covers : Single Cover
14. Estimated Cost : Rs.17.95 Lakhs
15. Period of Completion : Three Calendar Months
16. Date & Time of availability of bid documents in portal : From 10.00 AM of dated 29.12.2025 to 05.00 P.M. of dated 04.01.2026
17. Last date/time for receipt of bids in the portal : Upto 5.00 PM of 04.01.2026
18. Date of Opening of bid documents : At 11.00 AM of 05.01.2026
19. Class of Contractor : "D" & "C" Class Contractor
20. Name and address of officer inviting bid : Divisional Forest Officer Ghumsur South Forest Division, Bhejiput, Bhanjanagar

Further details can be seen from the e-Procurement portal www.tenderodisha.gov.in. The Addendum/Corrigendum if any will be hosted in the website only.
Sd./- Divisional Forest Officer
OIPR-08051/11/0014/2526 Ghumsur South Forest Division

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHARMAGARH**
Email:- rw_dharmagarh@yahoo.com
BID IDENTIFICATION NO. DMGH/Online-11 OF 2025-26 Dated: 15.12.2025
"e" PROCUREMENT NOTICE

No. O-1823:- Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Road & Building works in the district of Kalahandi as mentioned in DTCN.
2. Total No. of Works : 21 Nos.
3. Estimated Cost : Rs.44.06 lakhs to Rs.2.54 lakhs
4. Period of Completion : 01 & 02 Calendar Month
5. Other Details:

| Availability of Tender online for bidding | | Last date & time of seeking tender clarification | Date & time of Opening of tender |
|---|---|---|---|
| From | To | | |
| 29.12.2025 At 10.00 AM | 08.01.2026 Up to 5.00 PM | 05.01.2026 Up to 5.00 PM | 09.01.2026 At 11.00 AM |

Further details can be seen from the website www.tendersorissa.gov.in
Sd./- Superintending Engineer,
OIPR-25100/11/0037/2526 Rural Works Division, Dharmagarh

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
INVITATIONS FOR BIDS (IFB)
E-mail ID:cebuildings_orissa@yahoo.co.in, cebuildings@rediffmail.com, Tel.(0674)-2391523
File No.B-IV-H-(Ayur) 4/25 Lr.No.47515 Bhubaneswar, the 19th Dec, 2025
No.B-866 **Invitation for Bids**
Bid Identification No.C.E.(B)-37/2025-26

| | | |
|---|---|---|
| 1. | The Chief Engineer (Buildings-I), Odisha on behalf of Governor of Odisha invites bids from reputed Indian Firms/ Contractor registered with the State Government and bidders of equivalents Grade/Class registered with Central Government/MES/ Railways for the infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | |
| 2. | Nature of Work | Construction of New Govt. Ayurvedic Medical College in Mouza- Murugaghutu, P.S.-Rairangpur in the district of Mayurbhanj, Odisha on Turnkey basis |
| 3. | No. of Work | 01 No. |
| 4. | Bid Cost. | Rs.10,000/- |
| 5. | Class of Contractor | Super Class |
| 6. | Availability of Bid documents in the website | From dt.29.12.2025 to 05.30 PM of dt.19.01.2026 |
| 7. | Pre-Bid Meeting | Dt.05.01.2026 at 11.30 AM |
| 8. | Last date of online submission of bid | Dt.19.01.2026 upto 5.30 PM |
| 9. | Last dt. of submission of hardcopy (Cover-III) | Dt.22.01.2026 upto 5.30 PM |
| 10. | Date of Opening of Bid | Dt.27.01.2026 at 11.30 AM |
| 11. | The Bidders have to participate in ONLINE bidding only. Further details can be seen from the website:https://tendersodisha.gov.in. Any addendum/corrigendum/ cancelation of tender can also be seen in the said website only. | |

Sd./- Chief Engineer (Buildings-I),
OIPR-34117/11/0166/2526 Odisha, Bhubaneswar

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ), ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ - ୧, ଭୁବନେଶ୍ୱର-୭୫୧୦୦୯
ଚିଠି ସଂଖ୍ୟା: ୮୮୧ ତାରିଖ: ୨୬।୧୨।୨୦୨୫
**ବିଜ୍ଞାପନ**

No. V-29: ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଆଦିବାସୀ ମେଳା-୨୦୨୬ ନିମନ୍ତେ ଅଭିଜ୍ଞ ଇଭେଣ୍ଟ ପରିଚାଳନା ସଂସ୍ଥାମାନଙ୍କଠାରୁ ପୃଥକ୍ ଆବେଦନପତ୍ର ଆହ୍ୱାନ କରାଯାଉଅଛି। ଯୋଗ୍ୟ ଏବଂ ଆଗ୍ରହୀ ସଂସ୍ଥାମାନେ ସଦସ୍ୟ ସଚିବ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀଙ୍କ ଠିକଣାରେ ତା୧୨।୦୧।୨୦୨୬ରିଖ ସୁଦ୍ଧା ଡାକ ଯୋଗେ ଆବେଦନ ପତ୍ର ପଠାଇପାରିବେ। ବିଜ୍ଞାପନର ସବିଶେଷ ସର୍ତ୍ତ ଓ ନିୟମାବଳୀ କାର୍ଯ୍ୟାଳୟ ୱେବ୍‌ସାଇଟ୍ **www.stsc.odisha.gov.in, www.scstrti.in & www.atlcodisha.in** ରେ ଉପଲବ୍ଧ ଅଛି।

OIPR-26011/11/0021/2526 ସ୍ୱା./- ସଦସ୍ୟ ସଚିବ

**Govt. of Odisha**
**OFFICE OF THE SUPERINTENDING ENGINEER (AGRIL.), NORTHERN ZONE, SAMBALPUR, ODISHA**
E-mail ID - senzsambalpur@gmail.com
"e" -Procurement Notice No- 2163/Agril, Date-22.12.2025
Bid Identification No. : 05/Agril./NZ/2025-26 dt.22.12.2025

No. L- :-The Superintending Engineer (Agril.), Northern Zone, Sambalpur, Odisha on behalf of Governor of Odisha, invites percentage rate bids in double cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for the work as detailed below.

1. Nature/Type of the work: As Mentioned in Column - 02
2. Estimated Cost put to Tender: Rs. 5,00,014/- to Rs. 58,53,944/-
3. EMD Amount: Rs. 5,000/- to Rs.58,539/-
4. Bid Cost: As Mentioned in Column - 07
5. Period of completion: As Mentioned in Column - 08
6. No. of work (Tender): 10 nos.
7. Class of Contractor: 'D' or 'C' or B' class with valid License as Mentioned in Column - 06
8. Date & Time of availability of bid document in the portal: 26.12.2025 at 10.AM. to Dt.06.01.2026 at 5.30 P.M.
9. Last date / Time for receipt of bids in the portal: Dt.06.01.2026 at 5.30 P.M
10. Date of submission of original documents in the tender box: From Dt. 03.01.2026 at 10.AM. to Dt.07.01.2026 at 5.00 P.M. (Working days) only.
11. Date & time of opening of online bids: Dt.08.01.2026 at 11.00 AM
12. Name and address of the officer inviting Bid: Superintending Engineer (Agril.), Northern Zone, Remed Chowk, Sambalpur, Odisha, Pin-768006

NB: The Bidders have to participate in ONLINE bidding only in the e- Procurement website: https://tendersodisha.gov.in with matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website. Authority reserves the right to reject/accept any or all of the tenders, increase/decrease the quantities of works without assigning any reason thereof.
Sd./- Superintending Engineer (Agril.), Northern Zone, Sambalpur
OIPR-01495/11/0012/2526

**OFFICE OF THE ADDITIONAL CHIEF ENGINEER ANGUL MINOR IRRIGATION CIRCLE, DHENKANAL**
No. 681 Dt.24.12.25
**e-Procurement Notice**
Bid Identification No. - AMIC/11/2025-26
e-mail ID: ace.dkl2023@gmail.com

No. A-1197: The Additional Chief Engineer, Angul Minor Irrigation Circle, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the Work | As per Annexure to this bid notice |
| No. of Works | 01 (One) only |
| Estimated Cost | 130.65 lakh (Approximately) |
| Period of Completion | 6 (Six) Calendar Months |
| Availability of bid documetns for sale and receipt through Online | From Dt.30.12.2025, 10.00 A.M. to Dt.15.01.2026 upto 5.00 P.M. |
| Last date/time of receipt of bids in the portal | 15.01.2026 (5.00 P.M.) |
| Date of Technical bid opening through online | On Dt.16.01.2026 at 11.00 A.M. in the Office of the Addl. C.E., Angul M.I. Circle, Dhenkanal |
| Mode of payment of Bid cost | Online |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http://dowrorissa.gov.in | |
| Name & Address of the OIT | Additional Chief Engineer, Angul Minor Irrigation Circle, Dhenkanal, At/P.O./District - Dhenkanal, Email ID: ace.dkl2023@gmail.com |
| Further details can be seen from the e-Procurement market place http://tendersorissa.gov.in | |

Sd./- Additional Chief Engineer
OIPR-32522/11/0019/2526 Angul M.I. Circle, Dhenkanal

## ଗୁହାଳିଆରେ ହାତୀ ଆତଙ୍କ

ନୀଳଗିରି,୨୭।୧୨(ପ୍ରଶାନ୍ତ ବିଶ୍ୱାଳ)– ନୀଳଗିରିରେ ବାରମ୍ବାର କୁଲଡ଼ିହା ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଥିବା ବେଳେ ପୁଣି ଆତଙ୍କସୃଷ୍ଟି କରିଛି ଗୋଟିଏ ହାତୀ। ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମରେ ଗତ ଶୁକ୍ରବାର ବିଳମ୍ବିତ ରାତ୍ରିରେ କୁଲଡ଼ିହା ଅଭୟାରଣ୍ୟରୁ ଏକ ହାତୀ ପଶି ଆସିଥିଲା। ଉକ୍ତ ଗ୍ରାମର ଶାନ୍ତନୁ ପୁଟିଙ୍କ ପକ୍କା ଘରର ଝରକା ଗ୍ରୀଲ୍ ଭାଙ୍ଗିବା ସହିତ ଘରଭିତରେ ଅମଳକରି ରଖିଥିବା ଧାନବସ୍ତାରୁ ଧାନ ଖାଇବାପରେ ଧାନ ବସ୍ତା ଗୁଡ଼ିକୁ ନଷ୍ଟ କରିଥିଲା। ସେହିପରି ଗ୍ରାମର କାର୍ତ୍ତିକ ଚନ୍ଦ୍ର ପୁଟିଙ୍କ ଘରର ଛପର ଏବଂ ବାଡ଼ିରେ ପଶି ଦୁଇଘଣ୍ଟାରୁ ଅଧିକ ସମୟ ହାତୀଟି ଉପଦ୍ରବ କରିଥିଲା। ଗ୍ରାମବାସୀ ବନବିଭାଗକୁ ଖବର ଦେବାପରେ ବନବିଭାଗ ପହଞ୍ଚି ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଛି।

# ନିମ୍ନମାନର ରାସ୍ତା କାମକୁ ନେଇ ଅସନ୍ତୋଷ

କାଳିପଦା,୨୭।୧୨
(ରାଜଶ୍ରୀ ପାଣିଗ୍ରାହୀ)

ବିଭାଗୀୟ ଅଧିକାରୀଙ୍କର ଅନୁପସ୍ଥିତିରେ ରାସ୍ତା କାମ ଚାଲିଥିବାରୁ ଗ୍ରାମବାସୀ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି।

ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପ୍ରତ୍ୟେକ ଗ୍ରାମକୁ ଯାତାୟାତର ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପକ୍କା ରାସ୍ତା ତିଆରି ହେଉଛି। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଥିବା ମଧୁପୁରା ପଞ୍ଚାୟତରେ ବଡ଼ ସିମୁଳିଆ ଗ୍ରାମରେ ସିସି ରୋଡ୍ ହାଣ୍ଡିଆ ଖାଇ ମୁହଁ ଠାରୁ ବଡ଼ ସିମୁଳିଆ ମହାଦେବ ମନ୍ଦିର ପର୍ଯ୍ୟନ୍ତ ୨୬୦ ମିଟର ରାସ୍ତାର ନିର୍ମାଣ ପାଇଁ ଆର୍ଥିକ ବର୍ଷ ଅଟକଳ ମୂଲ୍ୟ ୪,୫୧,୪୪୭ ଟଙ୍କାରେ କାର୍ଯ୍ୟ ଚାଲିଛି। ମେଟାଲ ଢଳେଇରେ ସିମେଣ୍ଟର ଭାଗ ମାପ କମ ରହିବା, ବାଲି, ମେଟାଲ ସିମେଣ୍ଟକୁ ସଠିକ୍ ମିଶ୍ରଣ ନକରି ୪ ଇଞ୍ଚ ବଦଳରେ ୩ ଇଞ୍ଚ ଢଳେଇ ପକାଇ କାମ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ପଚାରିବାରୁ ଛୁଟି ଦିନରେ କାମ କରୁଥିବା ଠିକାଦାରଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଉଚିତ୍ ତଦନ୍ତ କରାଯାଇ ରାସ୍ତା କାମ ଉନ୍ନତମାନର କରାଯିବ ବୋଲି କହିଛନ୍ତି।



ରାସ୍ତା କାମ ଚାଲିଛି।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ଶିବିରରେ ଉପସ୍ଥିତ ଅତିଥି ଓ କ୍ଲବ୍ ସଦସ୍ୟମାନେ।

ବାଲେଶ୍ୱର,୨୭।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ରୋଟାରୀ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ରୋଟାରୀ ଭବନ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଆପୋଲୋ ହସ୍ପିଟାଲ ସହଯୋଗରେ ଆୟୋଜିତ ଏହି ଶିବିରକୁ ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତୃଣମୂଳସ୍ତରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଚିକିତ୍ସା ସେବା ପ୍ରଦାନ ପାଇଁ କ୍ଲବର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ଯୋଗଦେଇ କ୍ଲବର ପଦକ୍ଷେପ ପ୍ରେରଣାଦାୟୀ ବୋଲି କହିଥିଲେ।

କ୍ଲବ୍ ସଭାପତି ଦେବାଶିଷ ଦାସ ଏଥିରେ ପୌରହିତ୍ୟ କରି ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ଲବର ବରିଷ୍ଠ ସଦସ୍ୟ ସୁବ୍ରତ କର, ବିଷ୍ଣୁ ଦାସ କୁଣ୍ଡୁ, ଡା. ଗୀତା ଗିରି ପ୍ରମୁଖ ଯୋଗଦେଇ ସାଧାରଣ ଲୋକଙ୍କ ନିକଟରେ ଖର୍ଚ୍ଚ ବହୁଳ ଚିକିତ୍ସାକୁ ସୁଲଭ କରିବା ପାଇଁ ସର୍ବଦା ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ଆପୋଲୋ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ଦେବାଶିଷ ନାୟକ, ମସ୍ତିଷ୍କ ରୋଗ ବିଶେଷଜ୍ଞ ଡା. ଦୀପକ ପରିଡ଼ା, ଅସ୍ଥି ଶଲ୍ୟ ବିଶେଷଜ୍ଞ ଡା. ବୈଭବ ମହାନ୍ତି, ରକ୍ତ ବିଜ୍ଞାନ ବିଶେଷଜ୍ଞ ଡା. ପ୍ରୀତିଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ଶତାଧିକ ରୋଗୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଜନିତ ପରୀକ୍ଷା ସହ ଉପାଦେୟ ପରାମର୍ଶ ଦେଇଥିଲେ। ଆୟୋଜନ କମିଟିର ସଭାପତି ପ୍ରବାଳ ସିହ୍ନା ଧନ୍ୟବାଦ ଦେଇଥିଲେ।

# ପୂର୍ବତନ ସମ୍ପାଦକଙ୍କୁ ୩ ବର୍ଷ ଜେଲ

### ଗଡ଼ପୋଖରୀ ସେବା ସମବାୟ ସମିତିରେ ଆର୍ଥିକ ହେରଫେର ମାମଲା

ବାଲେଶ୍ୱର,୨୭।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ଅଧୀନ ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡ଼ପୋଖରୀ ସେବା ସମବାୟ ସମିତିରେ ଆର୍ଥିକ ହେରଫେର ମାମଲାର ବିଚାର କରି ଶନିବାର ଭିଜିଲାନ୍ସ ସ୍ପେଶାଲ କୋର୍ଟ ଜଜ୍ ଲଳିତ କୁମାର ଦାଶ ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ଆଇଚଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ପୂର୍ବତନ ସମ୍ପାଦକ ଆଇଚ ସମିତିରେ ଦାୟିତ୍ୱରେ ଥିବା ସମୟରେ ୧୯୯୭-୯୮ରୁ ୨୦୦୦-୦୧ ମଧ୍ୟରେ ସମିତିର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ତଥା କେତେକ ଡିପୋଜିଟ୍ ଚାଲାଣମାନ ଜାଲିଆତି କରି ୭ଲକ୍ଷ ୪୮ହଜାର ଟଙ୍କା ଆତ୍ମସାତ୍ କରିଥିଲେ। ଏହି ଘଟଣା ସ୍ପେଶାଲ ଅଡିଟ୍ ସମୟରେ ଜଣାପଡ଼ିଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୫୩/୨୦୦୮) ରୁଜୁ ହୋଇଥିଲା। ତଦନ୍ତ ପୂର୍ବକ ଚାର୍ଜସିଟ୍ ଦାଖଲ ହୋଇଥିଲା। ସରକାରଙ୍କ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ମୋକଦ୍ଦମା ପରିଚାଳନା କରୁଥିଲେ।

# ଆରମ୍ଭ ହେଲା କୁପାରୀ ଶୀତ ମହୋତ୍ସବ



ଉଦଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଖଇରା,୨୭।୧୨(ଉତ୍କଳବନ୍ଧୁ ପଣ୍ଡା)

ଗବାଲେଶ୍ୱର ଜିଲାର ବୌଦ୍ଧ. ଜୈନ,ଶୈବ ଓ ଶାକ୍ତ ପୀଠର ମିଳନ ସ୍ଥଳ କୁପାରୀଠାରେ ୨ଦିନିଆ ଶୀତ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ମହୋତ୍ସବ କମିଟିର ସଭାପତି ସୁମନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ପରିବହନ, ବାଣିଜ୍ୟ ଓ ଖଣି ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ,ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ପ୍ରମୁଖ ସମ୍ମାନନୀତ ଅତିଥି ଭାବେ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ପ୍ରୀତିଶ କୁମାର ବିବରଣୀ ପାଠ କରିଥିଲେ। ସେହିଭଳି ଯୁବନେତା ନୀଳମାଧବ ପଣ୍ଡା, ଖଇରା ମଣ୍ଡଳ ସଭାପତି ଲକ୍ଷ୍ମୀଧର ନାୟକ, କୁପାରୀ ଜୋନର ପୂର୍ବତନ ମଣ୍ଡଳ ସଭାପତି ପତିତପାବନ କର, ସ୍ଥାନୀୟ ସମିତି ସଭ୍ୟ ଅକ୍ଷୟ କୁମାର ଜେନା,ବରିଷ୍ଠ ନାଗରିକ ସୁଦର୍ଶନ ମହାପାତ୍ର, ଅନ୍ତରା ମଣ୍ଡଳ ସଭାପତି ରମେଶ କୁମାର ଜେନା, ତୁଡିଗଡିଆ ମଣ୍ଡଳ ସଭାପତି ମାନସ କୁମାର ମୁଦୁଲି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସଙ୍ଗୀତର ଯାଦୁ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ପ୍ରଦାନ କରିଥିଲା। ଶିଶୁ କଳାକାରମାନଙ୍କ ଦ୍ୱାରା ମନୋମୁଗ୍ଧକର ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ମହୋତ୍ସବ କମିଟିର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜଳେଶ୍ୱରପୁର ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ

ଭୋଗରାଇ,୨୭।୧୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ପରିଚାଳନା ସମିତିର ସଭାପତି ଶୈଳଜା ନନ୍ଦନ ଚାଟାର୍ଜୀ ସଭାପତିତ୍ୱ କରିଥିଲେ। ଶିକ୍ଷାନୁଷ୍ଠାନର ସମ୍ପାଦକ ଶ୍ରୀନିବାସ ପ୍ରଧାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଆଶିଷ ପାତ୍ର, ମୁଖ୍ୟ ବକ୍ତା ଡ. ନରୋତ୍ତମ ପରିଡ଼ା, ସମ୍ମାନିତ ଅତିଥି ଅନନ୍ତ ଦାସ ଫାଉଣ୍ଡେସନର ସଭାପତି ଇଂ. ଅଭିଜିତ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନେ ସାଧନା ମନ୍ଦିରରେ ଭଲ ମଣିଷ ହେବାର ସ୍ୱପ୍ନ ଦେଖିଥାନ୍ତି ବୋଲି ପ୍ରକାଶ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଭାଗ୍ୟଶିଷ ପତି ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ କ୍ଷେତ୍ରରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆକର୍ଷଣୀୟ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହେଇଥିଲା। ବିଜୟିନୀ ପ୍ରଧାନ, ସୁଶୀଲ କୁମାର ମହାନ୍ତି, ଗଣେଶ ଚନ୍ଦ୍ର ଦେ, ମଞ୍ଜୁଲତା ପାଣିଗ୍ରାହୀ, ସନ୍ତୋଷୀ ବାଳା ନାଥ, ଗୀତାଞ୍ଜଳୀ ମହାନ୍ତି, ଚନ୍ଦ୍ର ଶେଖର ଦେ, ସବିତା ଦାସ, ସଞ୍ଜିତା ଦାସ, ଅନୁଶ୍ରୁତି ମିଶ୍ର, ମିନତୀ ଗିରି, ସଂଘମିତ୍ରା ପ୍ରଧାନ, ସୁଧାପ୍ରୀୟା ଦାସ, ଅମୂଲ୍ୟ ସାହୁ, ସମସ୍ତ ଗୁରୁମା ଗୁରୁଜୀ, ଅଭିଭାବକ ଓ ପରିଚାଳନା ସମିତିର କର୍ମକର୍ତ୍ତା ପରିଚାଳନା କରିଥିଲେ।

# ବନ୍ଦ କୋଠରିରୁ ବୃଦ୍ଧାଙ୍କ ମୃତଦେହ ଜବତ

ବସ୍ତା,୨୭।୧୨(ହରିଶଙ୍କର ପାଢ଼ୀ)

### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଗିଲାଯୋଡ଼ି ଗ୍ରାମର ଏକ ବନ୍ଦ କୋଠରୀ ଭିତରୁ ଜଣେ ବୃଦ୍ଧାଙ୍କ ମୃତଦେହ ପୋଲିସ ଚଜବତ କରିଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ହେଲେ ଲକ୍ଷ୍ମୀମଣି ଜେନା(୭୦)।

ସୂଚନା ଅନୁଯାୟୀ, ପରିବାର ଲୋକେ କୌଣସି କାମରେ ବାହାରକୁ ଯାଇଥିବା ବେଳେ ଲକ୍ଷ୍ମୀମଣି ଏକୁଟିଆ ଘରେ ରହୁଥିଲେ। ଶନିବାର ସକାଳେ ସେ କବାଟ ନ ଖୋଲିବାରୁ ସାହି ପଡ଼ିଶା ଲୋକେ ପୋଲିସକୁ ଖବର ଦେଇଥିଲେ। ସିଂଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ଲକ୍ଷ୍ମୀମଣିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲା। ତେବେ ପରିବାର ଲୋକେ ଏହା ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ଗ୍ରାମର ୨୫ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ସିଂଲା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି। ପ୍ରକାଶଥାଉକି ଗିଲାଯୋଡ଼ି ଗ୍ରାମ ଦେଇ ବାଲି ପରିବହନକୁ ନେଇ ବେଶ କିଛି ଦିନ ଧରି ଗଣ୍ଡଗୋଳ ଲାଗି ରହିଥିଲା। ଏହାକୁ ନେଇ ପୋଲିସ ପକ୍ଷରୁ ଉକ୍ତ ଗ୍ରାମରେ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ଗ୍ରାମରେ ଅନେକ ଲୋକ ଭୟଭୀତ ଅବସ୍ଥାରେ ଥିବା ବେଳେ, ବହୁ ଲୋକ ଗ୍ରାମ ଛାଡ଼ି ବାହାରେ ରହୁଛନ୍ତି।

# ଦୋଷୀ ଜ୍ୟୋତିଷଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର,୨୭।୧୨(ବାଞ୍ଛାନିଧି ଦେ)

### ନାବାଳିକା ଅସଦାଚରଣ ମାମଲା

ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ଶୁଣାଣି କରି ଶନିବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ ଇନ୍ଦିରା ପ୍ରିୟଦର୍ଶିନୀ ଅଭିଯୁକ୍ତ ଜ୍ୟୋତିଷ ସରୋଜ ନାରାୟଣ ତ୍ରିପାଠୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଯୋଗ୍ୟ, ୨୦୨୫ ଅପ୍ରେଲ ୨୪ ତାରିଖରେ ରେମୁଣା ଥାନା ଦୁର୍ଗାଦେବୀ ଗ୍ରାମର ଜ୍ୟୋତିଷ ସରୋଜ ନାରାୟଣ ତ୍ରିପାଠୀ (୫୦) ଟାଉନ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ ଆସିଥିଲେ। ତାଙ୍କ ୧୭ ବର୍ଷୀୟ ନାବାଳିକା ଝିଅର ମୁଣ୍ଡରେ ବିଭିନ୍ନ ରୋଗ ଅଛି। ନାବାଳିକା ଜଣକ ଯେଉଁ ରୁମ୍‌ରେ ପାଠ ପଢ଼େ ସେହି ରୁମ୍‌ରେ ସେ ଏକାକୀ ରହି ଝଡ଼ାଫୁଙ୍କା କରିବେ ବୋଲି କହିଥିଲେ। ଜ୍ୟୋତିଷ ତ୍ରିପାଠୀ ଝଡ଼ାଫୁଙ୍କା ବାହାନାରେ ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ଅପ୍ରେଲ ୨୫ ତାରିଖରେ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୦୧/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ୍ ବାଲେଶ୍ୱର ଦୀପ୍ତିରଞ୍ଜନ ସେଣ୍ଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଗଣଦୌଡ଼

ସୋର,୨୭।୧୨(ଜନ୍ମେଜୟ ମିଶ୍ର): ସୋର ବ୍ଲକ କେଶରୀପୁର ଶତୃଘ୍ନନାଥ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଶନିବାର ଏକ ଗଣଦୌଡ ଅନୁଷ୍ଠିତ ହୋଇଯାଇଛ। ଏହି ଗଣଦୌଡଟି ମାଣତ୍ରୀ ହୋଲି ପଡିଆଠାରୁ ବାହାରି ତରତୁଆ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ନିକଟରେ ଶେଷ ହୋଇଥିଲା। ମୁଖ୍ୟ ଅତିଥିଭାବେ ମାଣିତ୍ରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜେଶ ମହାପାତ୍ର ଓ ସୋର ବିଡିଓ ସତ୍ୟନାଥ ନାୟକ ଯୋଗଦେଇ ମିଳିତ ଭାବେ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶରୀପୁର ପଞ୍ଚାୟତର ସମିତିସଭ୍ୟ ମୁକେଶ ମଲିକ, ଜିତେନ୍ଦ୍ର ଦାସ, ମଧୁସ୍ମିତା ସିଂ, ଶ୍ରୀନୀବାସ ସିଂ, ଆଲୁମ୍ନି କମିଟିର ସଭାପତି ଡ, ସୁରେନ୍ଦ୍ର କୁମାର ବିଶ୍ୱାଳ, ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ପ୍ରିୟନାଥ ପଣ୍ଡା, ସମ୍ପାଦକ କମଳାକାନ୍ତ ପଲେଇ, ଉପ ସଭାପତି ଗୋଲକ ପାତ୍ର, ଉପସଭାପତି ରମାକାନ୍ତ ବେହେରା, ଆଶିଷ ରାଉତ, ସହ ସମ୍ପାଦକ ନରେନ୍ଦ୍ର ସାମଲ, ଅନନ୍ତ ଧଳ, ଶ୍ୟାମସୁନ୍ଦର ପ୍ରଧାନ, ଶ୍ରୀଧର ମହାକୁଡ, ସୁଧାକର ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳ, ସାମାଜିକକର୍ମୀ ରାକେଶ ମଲିକ, ଗୋପିନାଥ ରାଉତ, ମାନସ ସାହୁ, ରବିନ୍ଦ୍ର ସାହୁଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୁରାତନ ଛାତ୍ରୀ ଛାତ୍ରମାନେ ଉପସ୍ଥିତ ଥିଲେ।

# ପ୍ରଣାମ ଭାରତ ବିଜ୍‌ନେସ୍ କନ୍‌କ୍ଲେଭ୍-୨୦୨୫

ବାଲେଶ୍ୱର,୨୭।୧୨(ବାଞ୍ଛାନିଧି ଦେ)

ବିଦେଶରେ ଓଡ଼ିଶାବାସୀଙ୍କ ପାଇଁ ବ୍ୟବସାୟର ସୁଯୋଗ ସମ୍ପର୍କରେ ବାଲେଶ୍ୱରରେ ଗୁରୁବାର ପ୍ରଣାମ ଭାରତ ବିଜିନେସ୍ କନକ୍ଲେଭ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଆମେରିକା, ନ୍ୟୁଜିଲାଣ୍ଡ, ଭିଏତନାମ୍, ଆଫଗାନିସ୍ଥାନ ଭଳି ରାଷ୍ଟ୍ର ମାନଙ୍କରେ ଓଡ଼ିଶାର ଉଦ୍ୟୋଗପତିଙ୍କ ପାଇଁ ବଜାର, ଉତ୍ପାଦନ, କଞ୍ଚାମାଲ ଓ ଯୋଗାଯୋଗର ମାଧ୍ୟମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନ୍ୟୁଜିଲାଣ୍ଡରେ ଅବସ୍ଥାପିତ ଭାରତର କନସୁଲେଟର ଜେନେରାଲ ଡ. ମଦନ ମୋହନ ସେଠୀ ଯୋଗଦେଇ ଉଦ୍ୟୋଗପତିଙ୍କୁ ଏ ସମ୍ପର୍କିତ ପରାମର୍ଶ ଦେଇଥିଲେ। ବିଶ୍ୱରେ ବିଭିନ୍ନ ଦେଶରେ ଥିବା ବ୍ୟବସାୟିକ ବ୍ୟବସ୍ଥା ସମ୍ପର୍କରେ ସେ ଆଲୋଚନା କରିଥିଲେ।

ପ୍ରଣାମ ଭାରତର ସଭାପତି ଇଂ. ତ୍ରିଭୁବନ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଡିଆଇସିର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା, ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂ ପ୍ରମୁଖ ଯୋଗଦେଇ ବିଦେଶରେ ବ୍ୟବସାୟର ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିଷ୍ଠିତ ବ୍ୟବସାୟୀ ତଥା ପ୍ରଣାମ ଭାରତର ସଂଯୋଜକ ପରମାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କନକ୍ଲେଭ୍‌ରେ ବାଲେଶ୍ୱର ଜିଲାର ଚାଟାର୍ଡ଼ ଆକାଉଣ୍ଟାଣ୍ଟ, ଶିଳ୍ପପତି, ଚିଙ୍ଗୁଡ଼ି ବ୍ୟବସାୟୀ, ଯୁବ ଶିଳ୍ପଦ୍ୟୋଗୀ, ବିସିଆଇସି, କେଟ୍, ହରି ଉଦ୍ୟୋଗ, ହୋଟେଲ, ପର୍ଯ୍ୟଟନ, ଏକ୍ସପୋର୍ଟର୍ସ, ଡାଏରୀ ବ୍ୟବସାୟୀ ଭଳି ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱ ଯୋଗଦେଇ ସେମାନଙ୍କର ବ୍ୟବସାୟ ସମ୍ପର୍କିତ ସମସ୍ୟା ସମ୍ପର୍କରେ କନସୁଲେଟ୍ ଜେନେରାଲଙ୍କ ସହିତ ପ୍ରଶ୍ନ ଉତ୍ତର ମାଧ୍ୟମରେ ସମାଧାନ ପାଇଥିଲେ। ଏହି ଅବସରରେ ଡା. ଅରୁଣ କୁମାର ଗିରି, ଶିଳ୍ପପତି ସଂଗ୍ରାମ କୁମାର ଦାସ, ଏଡ଼ଭେଞ୍ଚର୍ସ ବାଇକର୍ସ କୃଷ୍ଣଚନ୍ଦ୍ର ଶତପଥୀ, ଯୁବ ବଂଶୀ ବାଦକ ଓମ୍‌ପ୍ରକାଶ ଗିରି, ବରିଷ୍ଠ ସାମ୍ବାଦିକ ରାଜକିଶୋର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦିକା ଯୋଗସ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ନୃସିଂହ ପ୍ରସାଦ ଦାସମହାପାତ୍ର, ମୌସମ ସିଂ, ଦେବଜ୍ୟୋତି ଦାସମହାପାତ୍ର, ପର୍ଶୁରାମ ପରିଡା, ଉମେଶ କୁମାର ପଣ୍ଡା, ସଂଗ୍ରାମ ପରିଡା, ମୋହିତ ପୋଦାର, ମନୋଜ ପୋଦାର, ଶୁସାନ୍ତ କୁମାର ବେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିଳ୍ପପତି ସଂଗ୍ରାମ ଦାସଙ୍କୁ ସମ୍ମାନିତ କରାଯାଉଛି।

# 'ଅଭିଭାବକଙ୍କ ଆକାଂକ୍ଷା ପିଲାମାନଙ୍କ ଉପରେ ଲଦି ଦିଆ ନ ଯାଉ'

ସିମୁଳିଆ,୨୭।୧୨(ସନ୍ତୋଷ ନାୟକ)

### ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ନିଜର ଆକାଂକ୍ଷାକୁ ପିଲାମାନଙ୍କ ଉପରେ ଲଦି ନ ଦେଇ ସେମାନଙ୍କ ଆଗ୍ରହ ଅନୁଯାୟୀ ସୁଯୋଗ ଦେଲେ ଛାତ୍ରୀଛାତ୍ରମାନେ ଜୀବନରେ ଅଗ୍ରସର ହୋଇପାରିବେ ବୋଲି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍ ଅଧୀନ ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ଯୋଗ ଦେଇଥିବା ଅତିଥି ପ୍ରକାଶ କରିଛନ୍ତି।

ପୁରାତନ ଛାତ୍ର ସଂସଦ ସଭାପତି ଡ. ସୁଶୀଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାନ୍ଧ୍ୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ ଯୋଗଦେଇ ଛାତ୍ରୀଛାତ୍ରମାନେ ବଡ଼ ସ୍ୱପ୍ନ ଦେଖିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ନଟବର ଶତପଥୀ ଯୋଗଦେଇ ଆଧାତ୍ମିକ ଓ ପୌରାଣିକ ବିଷୟବସ୍ତୁ ଅବତାରଣା କରି ସମାଜରେ କୃଷ୍ଣମାନେ କଂସ ସୃଷ୍ଟି କରୁଥିବା କହିଥିଲେ। ସମ୍ମାନିତ ଅତିଥିଭାବେ ଧରିତ୍ରୀର ଡେପୁଟି ନ୍ୟୁଜ ଏଡିଟର ତଥା ଆକାଶବାଣୀ ଓ ଦୂରଦର୍ଶନର ସମାଚାର ଉପସ୍ଥାପକ ଜିତେନ୍ଦ୍ର କୁମାର ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁପରିବେଶ ସଚେତନତା ଦିଗରେ ସଚେତନ ହୋଇ କାର୍ଯ୍ୟ କରିବା ସମ୍ପର୍କରେ ପରାମର୍ଶ ଦେଇଥିଲେ। ନିଜର ଆକାଂକ୍ଷାକୁ ପିଲାମାନଙ୍କ ଉପରେ ଲଦି ନ ଦେଇ କିମ୍ବା ରୋଜଗାରର ମେଶିନ ରୂପେ ପରିଚୟ ସୃଷ୍ଟି ନ କରି ପିଲାମାନଙ୍କ ଆଗ୍ରହ ଅନୁସାରେ ସୁଯୋଗ ଦେଲେ ଛାତ୍ରୀଛାତ୍ରମାନେ ଜୀବନରେ ଅଗ୍ରସର ହୋଇପାରିବେ ବୋଲି ଶିକ୍ଷକ ଓ ଅଭିଭାବକମାନଙ୍କ ଉଦ୍ଦେଶ୍ୟରେସେ କହିଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ଗଣେଶ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପୂର୍ବାହ୍ନ ୧୦ଟାରେ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବିରାଜ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବ୍ୟାଚର ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ବିଗତ ଦିନର ସ୍ମୃତି ରୋମନ୍ଥନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ପୁରାତନ ଛାତ୍ର ଡ. ରାଧାକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ସୁନାମଧନ୍ୟ କବି ବ୍ରଜ ସୁବୁଦ୍ଧି, ରବିନ୍ଦ୍ର ରାଉତ, ସତ୍ୟାନାଶ, ଜ୍ଞାନ ହୋତା ପ୍ରମୁଖ ଯୋଗଦେଇ ବିଭିନ୍ନ ବ୍ୟଙ୍ଗ କବିତା ପରିବେଷଣ କରିଥିଲେ। ବ୍ୟଙ୍ଗ କବି ଡ. କୁଳାଙ୍ଗାର ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନା କରିଥିଲେ। ବିଭିନ୍ନ ବିଭାଗରେ କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ ହୋଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦ୍ୱିତୀୟ ଦିବସରେ ଉପସ୍ଥିତ ଅତିଥିମାନେ।

# ‘୨୦୩୬ ସୁଦ୍ଧା ୫ ଶ୍ରେଷ୍ଠ ରାଜ୍ୟରେ ରହିବ ଓଡ଼ିଶା’



ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ।

କେନ୍ଦୁଝର,୨୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଗୋନାସିକା କେନ୍ଦୁଝର ମହୋତ୍ସବ**

ଓଡ଼ିଶାକୁ ସମୃଦ୍ଧ କରିବା ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ଆସନ୍ତା ୧୦ ବର୍ଷ ମଧ୍ୟରେ ଓଡ଼ିଶା ଦେଶର ପ୍ରଥମ ପାଞ୍ଚଗୋଟି ଶ୍ରେଷ୍ଠ ବିକଶିତ ରାଜ୍ୟର ଅଂଶବିଶେଷ ହେବ। ଏଥିସହ ଆମ ପରମ୍ପରା, କଳା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନକୁ ସମୃଦ୍ଧ କରିବା ସହିତ ଏହାର ପ୍ରଚାର ପ୍ରସାର ପାଇଁ ମହୋତ୍ସବ ଏକ ପ୍ରଶଂସନୀୟ ଉଦ୍ୟମ। କେନ୍ଦୁଝରଠାରେ ଶୁକ୍ରବାର ଗୋନାସିକା-କେନ୍ଦୁଝର ମହୋତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମତବ୍ୟକ୍ତ କରିଥିଲେ।

ମହୋତ୍ସବକୁ ନେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଯେତେବେଳେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର କଥା ଆଲୋଚନା ହେବ, ଆଦିବାସୀ ସଂସ୍କୃତି, ପରମ୍ପରା ବିନା ତାହା ଅସମ୍ପୂର୍ଣ୍ଣ ରହିବ। ରାଜ୍ୟରେ ୬୨ ବର୍ଗର ଜନଜାତି ବସବାସ କରନ୍ତି। ଏହି ସବୁ ଜନଜାତି ଲୋକକଳାରେ ଓଡ଼ିଶାର ସଂସ୍କୃତି ଋଦ୍ଧିମନ୍ତ। ପ୍ରତି ବର୍ଷ ମହୋତ୍ସବ ମାଧ୍ୟମରେ ପୂର୍ବସୂରୀଙ୍କ ସ୍ମୃତିଚାରଣ ସହିତ ଆଗାମୀ ପିଢ଼ିଙ୍କୁ ସଂସ୍କୃତି ମନସ୍କ ହେବା ପାଇଁ ପ୍ରୋତ୍ସାହନ ମଧ୍ୟ ମିଳେ। କେନ୍ଦୁଝରର ସଂସ୍କୃତି ଓ ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ଏହି ମହୋତ୍ସବ ଏକ ପ୍ରକୃଷ୍ଟ ମଞ୍ଚ ଭାବେ ସାବ୍ୟସ୍ତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶାର ନୂତନ ନିର୍ମାଣର ଯଜ୍ଞ ଆରମ୍ଭ ହୋଇଛି। ଏଥିପାଇଁ ଆମ ସରକାର ରେକର୍ଡ ୬୫ ହଜାର କୋଟି ଟଙ୍କାରୁ ବି ଅଧିକ ବ୍ୟବସ୍ଥା କରିଛନ୍ତି। ୨୦୨୭ ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମକୁ ସବୁଦିନିଆ ରାସ୍ତା, ବିଜୁଳି ଏବଂ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ‘ମିଶନ ପାୱାର’ ଗଠନ ହୋଇଛି। ୨୦୩୬ ସୁଦ୍ଧା ଓଡ଼ିଶା ଦେଶର ପ୍ରଥମ ପାଞ୍ଚଗୋଟି ଶ୍ରେଷ୍ଠ ବିକଶିତ ରାଜ୍ୟର ଅଂଶବିଶେଷ ହେବ। ଏଥିପାଇଁ ରାଜ୍ୟରେ ଏକ ନୂତନ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉତ୍କର୍ଷ ଓଡ଼ିଶାର ମାତ୍ର ୧୧ ମାସ ମଧ୍ୟରେ ରାଜ୍ୟରେ ୨ ଲକ୍ଷ ୪୦ ହଜାର କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ ହୋଇସାରିଛି। କେନ୍ଦୁଝରଠାରେ ଖୁବ୍‌ଶୀଘ୍ର ମେଗା ଷ୍ଟିଲ ପ୍ଲାଣ୍ଟ ଶିଳାନ୍ୟାସ ହେବ। କେନ୍ଦୁଝରରେ ଅନେକ ବିକାଶ ପ୍ରକଳ୍ପ ଜାରି ରହିଛି। ସୁନାର କେନ୍ଦୁଝର କେବଳ ଏକ କଥା ହୋଇ ରହିବ ନାହିଁ, ଏହା ସାରା ରାଜ୍ୟ ପାଇଁ ବାସ୍ତବତା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଜିଲାପାଳ ବିଶାଳ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅନନ୍ତ ଚରଣ ନାୟକ, ବିଧାୟକ ବଦ୍ରି ନାରାୟଣ ପାତ୍ର, ବିଧାୟକ ଡ. ଫକୀର ମୋହନ ନାୟକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଡିଆଇଜି ବ୍ରିଜେସ୍ ରାଏ, ଏସ୍‌ପି ନୀତିନ କୁଶଲକର ଉପସ୍ଥିତ ଥିଲେ।

## କୈଳାସ ଖେର, ସୁଖ୍‌ବିନ୍ଦରଙ୍କ ଗୀତରେ ଝୁମିଲେ ଦର୍ଶକ

**କେନ୍ଦୁଝର** ଗୋନାସିକା ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟ ଆକର୍ଷଣ ସାଜିଥିଲେ ବଲିଓଡ୍ ଗାୟକ କୈଳାସ ଖେର। ଶୀତୁଆ ସନ୍ଧ୍ୟାରେ ନିଜ ଗୀତ ମାଧ୍ୟମରେ ଦର୍ଶକଙ୍କୁ ଝୁମାଇବା ସହ ବାନ୍ଧି ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗୀତ ଶୁଣିଥିଲେ। ତାଙ୍କୁ ଦେଖିବାକୁ ଓ ଗୀତ ଶୁଣିବାକୁ ତାଙ୍କ ପ୍ରଶଂସକ ଓ ଗୀତପ୍ରେମୀଙ୍କ ଭିଡ ଜମିଥିଲା। ଶନିବାର ଦ୍ୱିତୀୟ ଦିନରେ ବଲିଉଡ ଗାୟକ ଶୁଖବିନ୍ଦର ସିଂହଙ୍କ ଗୀତରେ ଦର୍ଶକ ନାଚି ମଜା ନେଇଥିଲେ। ଏହି ଅବସରରେ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳାରେ ଦେଶ ଓ ରାଜ୍ୟ ତଥା ଜିଲାର ହସ୍ତକଳା, ହ୍ୟାଣ୍ଡଲୁମ୍, ମହିଳା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ଆଦିବାସୀ ଚିତ୍ରକଳା, ପାରମ୍ପାରିକ ଖାଦ୍ୟ, ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ପୁସ୍ତକ ଷ୍ଟଲ୍ ଭଳି ୨୦୦ ଷ୍ଟଲ୍ ପଡ଼ିଥିବା ବେଳେ ସ୍ଥାନୀୟ କଳା ସଂଗଠନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବହୁ ସଂଖ୍ୟାରେ ଜିଲା ଓ ଜିଲା ବାହାର ଲୋକ ଆସି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ସହ ମେଳା ବୁଲି ଆନନ୍ଦ ଉଠାଉଛନ୍ତି। ନିଜର ପସନ୍ଦ ମୁତାବକ ସାମଗ୍ରୀ ଘରକୁ କିଣି ନେଉଛନ୍ତି।



କୈଳାସ ଖେର ସଙ୍ଗୀତ ପରିବେଷଣ କରୁଛନ୍ତି।

# ଟୁସୁଦେବୀଙ୍କୁ ଧରି ସହର ପରିକ୍ରମା



କେନ୍ଦୁଝର,୨୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଅନ୍ୟତମ ସାଂସ୍କୃତିକ କଳା ସମୃଦ୍ଧ ଟୁସୁ ପର୍ବ ବିଭିନ୍ନ ଗ୍ରାମରେ ଆରମ୍ଭ ହୋଇଯାଇଛି। ବିଶେଷ କରି କୁଡୁମୀ ସମ୍ପ୍ରଦାୟର ମହିଳାମାନେ ଏହାକୁ ଧୁମ୍‌ଧାମରେ ପାଳନ କରୁଛନ୍ତି। ସାଧାରଣତଃ ଡିସେମ୍ବର ୧୪ରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ଅର୍ଥାତ ଜାନୁୟାରୀ ୧୫ରେ ଶେଷ ହୋଇଥାଏ। ଏଥି ପାଇଁ ବିଭିନ୍ନ ସ୍ଥାନରେ ଟୁସୁ ପ୍ରତିଯୋଗିତା ସାଙ୍ଗକୁ ଟୁସୁଗୀତ, ନୃତ୍ୟଗୀତ ଆଦି ପରିବେଷଣ ହୋଇଥାଏ। ମହିଳାମାନେ ଟୁସୁ ଗୀତଗାଇ ଗାଁ ଗାଁ ସହର ଆଦି ବୁଲିଥାନ୍ତି। ଶନିବାର ଘଟଗାଁ ବ୍ଲକ୍ ପଇଦା ପାଟଣା ଗ୍ରାମରୁ ମହିଳାମାନେ କେନ୍ଦୁଝର ସହରକୁ ଆସି ଟୁସୁମୂର୍ତ୍ତିକୁ ମୁଣ୍ଡରେ ଧରି ବୁଲାଉଥିବା ଦେଖିବାକୁ ମିଳିଛି। ଯାହା ଦାନ ସଂଗ୍ରହ ହୁଏ, ସେଥିରେ ଗ୍ରାମରେ ଉତ୍ସବ ଅନୁଷ୍ଠିତ ହୋଇଥାଏ ବୋଲି କହିଛନ୍ତି। ମକର ସଂକ୍ରାନ୍ତି ଦିନ ନିକଟ ଧାନବେଣୀକୁ ଟୁସୁ ନେଇ ଯାଇ ସେଠାରେ ପାଖ ଜଳାଶୟରେ ବିସର୍ଜନ କରିବେ ବୋଲି କେଶରୀ ମହାନ୍ତ, ସୁମତି ମହାନ୍ତ ଓ ଅନ୍ୟମାନେ କହିଛନ୍ତି। ଘରେ ଟୁସୁ ଦେବୀଙ୍କୁ ସ୍ଥାପନା କରାଯାଇ ପ୍ରତ୍ୟେକ ଦିନ ପୂଜା କରାଯାଏ। ବୁଲାଇବା ପାଇଁ ଏଭଳି ମୂର୍ତ୍ତି ନିର୍ମାଣ କରାଯାଇଥାଏ ବୋଲି କହିଛନ୍ତି ଛବିରାଣୀ ମହାନ୍ତ। ଏଥିରେ ଝିଅ, ପୁଅ ପିଲା ମଧ୍ୟ ସାମିଲ ହୋଇଥାନ୍ତି। ଟୁସୁ ବୁଲାଇ ଯେଉଁ ଅର୍ଥ ସଂଗ୍ରହ ହୁଏ ସେସବୁରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ ବୋଲି ଅନୁସୂୟା ମହାନ୍ତ କୁହନ୍ତି।

# ଜାତୀୟ ସେବା ଯୋଜନା ଶିବିର

ବଡଲା,୨୭।୧୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ପନ୍ଦାଡୋ ପଞ୍ଚାୟତର ପୋଡ଼ାସିଙ୍ଗିଡି ଗ୍ରାମରେ ୭ ଦିନିଆ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମର ଅଧିକାରୀ ଅଜୟ ଦାସଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତରଞ୍ଜନ ରାଉତ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରର ଉଦ୍ଦେଶ୍ୟ ସମ୍ବନ୍ଧରେ ଚକ୍ରଧର ଦାସ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଜଳଧର ଦାସ, ଅଧ୍ୟାପକ ବିଶ୍ୱରଞ୍ଜନ ଜେନା, ଅଧ୍ୟାପିକା ପ୍ରିୟଙ୍କା ମହାନ୍ତି, ଅନନ୍ତଚନ୍ଦ୍ର ବେହେରା ଓ ଅନ୍ୟ ଅଧ୍ୟାପକମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଆନନ୍ଦମାର୍ଗ ଯୋଗ ଗୁରୁ ଡ. ଭାସ୍କର ଚନ୍ଦ୍ର ଜେନା ଯୋଗଦେଇଥିଲେ।

# ଫସଲ ଉଜାଡ଼ିଲେ ହାତୀପଲ



ଜଣେ ଯୁବ ଚାଷୀ ହାତୀପଲ ଦ୍ୱାରା କ୍ଷତିଗ୍ରସ୍ତ ମକା ଗଛ ଦେଖାଉଛନ୍ତି।

ଚମ୍ପୁଆ,୨୭।୧୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳରେ ହାତୀ ଉପଦ୍ରବ ବର୍ଷସାରା ଲାଗି ରହିଛି। ଗ୍ରାମାଞ୍ଚଳ ଛାଡ଼ି ହାତୀପଲ ବର୍ତ୍ତମାନ ସହର ମୁହାଁ ହେଉଥିବା ଦେଖିବାକୁ ମିଳିଛି। ବନବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ପାଇଁ ଯେତେ ପ୍ରକାର କୌଶଳ ଅବଲମ୍ବନ କରାଯାଉଥିଲେ ମଧ୍ୟ ସୁଫଳ ମିଳିପାରୁନାହିଁ। ଶୁକ୍ରବାର ରାତିରେ ହାତୀପଲ ଚମ୍ପୁଆ ଏନ୍‌ଏସି ଅଧୀନ ଗୋଧୂଳି ଗ୍ରାମରେ ପ୍ରବେଶ କରି ମନୋଜ ନାଏକ, ନିର୍ମଳ ନାଏକ, ଗାନ୍ଧାରୀ ନାଏକ, ଶୁଦର୍ଶନ ନାଏକ, ଦଶରଥ ନାଏକ, ମଙ୍ଗଲ ନାଏକ, ଫକିର ନାଏକ, ମିଟୁ ନାଏକ, ସରୁଜୁ ନାଏକ, ଜିତେନ୍ଦ୍ର ନାଏକ ପ୍ରମୁଖଙ୍କ ଅନେକ ଏକର ମକା କଶି ବା ଫୁଲ ଲାଗିଥିବା ଗଛକୁ ଭାଙ୍ଗି ଉଜାଡ଼ି ଦେଇଛନ୍ତି। ଏଥିସହ ବାଇଗଣ, ମଟର, ବିନ୍‌ସ, କୋବି ଆଦି ପନିପରିବା ନଷ୍ଟ କରିଛନ୍ତି। ହାତୀପଲ ଆସିବାର କୌଣସି ପୂର୍ବ ସୂଚନା ନ ଥିବାରୁ ଗ୍ରାମବାସୀ ନିଜ କଷ୍ଟ ଉପାର୍ଜିତ ଫସଲର ସୁରକ୍ଷା ଦେଇ ପାରି ନ ଥିଲେ। ୧୪ ଟିକିଆ ହାତୀପଲ ଚମ୍ପୁଆ ସେକ୍ସନର ବିଭିନ୍ନ ସ୍ଥାନରେ ରହୁଥିବା ବେଳେ ରାତି ହେଲେ ଗାଁ ଓ ସହର ମୁହାଁ ହେଉଛନ୍ତି। ଏସିଏଫ ଅକ୍ଷୟ ଛତ୍ରିଆ କହିଛନ୍ତି, କ୍ଷତିଗ୍ରସ୍ତ ଚାଷୀ ଆବେଦନ କଲେ ତଦନ୍ତ କରାଯାଇ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବ।

# ଶିଶୁ ବିଦ୍ୟାମନ୍ଦିରରେ ଅଭ୍ୟାସ ବର୍ଗ



ଆଚାର୍ଯ୍ୟାଙ୍କୁ ସାଲ୍ ପ୍ରଦାନ କରାଯାଉଛି।

ପାଟଣା,୨୭।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଅଭ୍ୟାସ ବର୍ଗ ଅନୁଷ୍ଠିତ ହୋଇଛି। ପାଟଣା ସଞ୍ଚ ପ୍ରମୁଖ ଗୀତାଞ୍ଜଳି ମହାନ୍ତଙ୍କ ନେତୃତ୍ୱରେ ୨୮ଜଣ ଆଚାର୍ଯ୍ୟାଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ କେନ୍ଦୁଝର ସଞ୍ଚ ପକ୍ଷରୁ ପ୍ରଦତ୍ତ ସାଲ୍ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥିଭାବେ ସଞ୍ଚ ସମ୍ପାଦକ ସତ୍ୟାନନ୍ଦ ବେହେରା, ସମ୍ମାନିତ ଅତିଥିଭାବେ ଯୁବ ପ୍ରମୁଖ ବିଜୟ ମହାନ୍ତ, କାର୍ଯ୍ୟାଳୟ ପ୍ରମୁଖ ନବୀନ ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ପାଟଣା,୨୭।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ମଲ୍ଲିପୋଷି ବିଟ୍ କୁମୁଳା ବାହାଳି ନାଳ ନିକଟ ଗ୍ରାମ୍ୟ ଜଙ୍ଗଲରେ ଶନିବାର ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ହେଉଛନ୍ତି ରାମ ମୁଣ୍ଡାଙ୍କ ସ୍ତ୍ରୀ ବିଳାସ(୩୫)। ବିଳାସ ଶନିବାର ଦିନ ୧୧ଟା ବେଳକୁ ୪ ଜଣ ମହିଳାଙ୍କ ସହ ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଉଥିଲେ। ନାଳ ନିକଟରେ ଅତର୍କିତ ଭାବେ ଏକ ଭାଲୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ବିଳାସଙ୍କ ବାମ ଜଙ୍ଘରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପାଟଣା ବନପାଳ ନିରଞ୍ଜନ ସେଠୀ ଓ ବନ କର୍ମଚାରୀ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ‘ସମୟର ପଥେ ଆମ ଗାଁ ଦନେଇପୁର’ ପୁସ୍ତକ ଉନ୍ମୋଚିତ

ବଡଲା,୨୭।୧୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଢ଼ିଆରିପଲ୍ଲୀ ପଞ୍ଚାୟତ ଦନେଇପୁର ଗ୍ରାମର ଶ୍ରୀ ଶ୍ରୀ ଲଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ‘ସମୟର ପଥେ ଆମ ଗାଁ ଦନେଇପୁର’ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ଉତ୍ସବରେ ଶରତ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶୁଭେନ୍ଦ୍ର କୁମାର ମିଶ୍ର, ମୁଖ୍ୟ ବକ୍ତାଭାବେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ସ୍ୱତନ୍ତ୍ର ଅତିଥି ସାହିତ୍ୟିକ ହଳଧର ପଣ୍ଡା, ସମ୍ମାନିତ ଅତିଥି ପ୍ରତିଭା ପ୍ରଣାମ ମଞ୍ଚର ଆବାହକ ତଥା ଶିଶୁ ସାହିତ୍ୟିକ ରତ୍ନାକର ଦାସ, ସାହିତ୍ୟିକ ହରିହର ପାଣିଗ୍ରାହୀ, ପ୍ରାକ୍ତନ ପ୍ରଶାସକ ନୃସିଂହ ଚରଣ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷାବିତ୍ ମୋହନ କୁମାର ମହାନ୍ତି ଓ ଅନ୍ତର୍ଯ୍ୟାମୀ ରାଉତ ସଂଯୋଜନା କରିଥିଲେ। ଅମୂଲ୍ୟ ମିଶ୍ରଙ୍କ ଦ୍ୱାରା ରଚିତ ‘ସମୟର ପଥେ ଆମ ଗାଁ ଦନେଇପୁର’ ପୁସ୍ତକକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶିକ୍ଷାବିତ୍ ମୋହନ ମହାନ୍ତି ପୁସ୍ତକଟିର ସମୀକ୍ଷା କରିଥିଲେ। ପୁସ୍ତକରେ ବିଭିନ୍ନ ଲେଖା ଶୈଳୀ, ବିଭିନ୍ନ ଗ୍ରାମର ଐତିହ୍ୟ ଲିପିବଦ୍ଧ ହୋଇଥିବାରୁ ଅତିଥିଙ୍କ ଦ୍ୱାରା ଆଦୃତ ହେବା ସହିତ ସବୁବେଳେ ପୁସ୍ତକଟିର ଗୁରୁତ୍ୱ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଇଂ .ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶତାଧିକ କବୟିତ୍ରୀ, କବି ଓ ଗ୍ରାମବାସୀ ଯୋଗଦେଇଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଛାତ୍ରୀଛାତ୍ର ବିକଶିତ ଭାରତର ସୂତ୍ରଧର: ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୨୭।୧୨(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

**ପ୍ରଗତି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ**

ଶିକ୍ଷା ହେଉଛି ମାନବ ସଭ୍ୟତା ବିକାଶର ପ୍ରଥମ ପାହଚ। ଏହି ପାହଚ ଦ୍ୱାରା ହିଁ ବିକଶିତ ଭାରତ ସମ୍ଭବ। ଛାତ୍ରୀଛାତ୍ର ବିକଶିତ ଭାରତର ସୂତ୍ରଧର। ତେଣୁ ଛାତ୍ରୀଛାତ୍ର ଜୀବନରେ ସବୁବେଳେ ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ। କେନ୍ଦୁଝର ମଇଦାନକେଲସ୍ଥିତ ପ୍ରଗତି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣରେ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆଜିର ପିଲାମାନେ ଅତ୍ୟନ୍ତ ବିଚକ୍ଷଣ, ବୁଦ୍ଧିମାନ୍। ଆଗାମୀ ଦିନରେ ଏହି ଜ୍ଞାନର ପରିସୀମା ଆହୁରି ବୃଦ୍ଧି ହେବ। ଛାତ୍ରୀଛାତ୍ର ବିକଶିତ ଭାରତର ସୂତ୍ରଧର ସାଜିବେ। ନିଜ ପ୍ରତିଭା ଅନୁଯାୟୀ ଆଗକୁ ବଢ଼ିଲେ କେହି ରୋକିପାରିବେ ନାହିଁ ବୋଲି କହିଥିଲେ। ଆଜିକାଲି ଯୁଗ ହେଉଛି, ପ୍ରଫେସନାଲ ଏକ୍ସେଲେନ୍ସର ଯୁଗ। ଯେକୌଣସି କ୍ଷେତ୍ରରେ କେହି ପାଦ ଦେଇପାରେ, କିନ୍ତୁ ଦକ୍ଷ ହେବାକୁ ପଡ଼ିବ। ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ନୂତନ ଶିକ୍ଷାନୀତି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେଉଛି। ନୂତନ ଶିକ୍ଷାନୀତି ଫଳରେ ବିଦ୍ୟାର୍ଥୀଙ୍କ ସାମଗ୍ରିକ ବିକାଶ ହେବା ସହ ସେମାନେ ଜୀବନରେ ଉତ୍ତମ ମଣିଷ ମଧ୍ୟ ହୋଇପାରିବେ। ଶିକ୍ଷାର ବିକାଶ ପାଇଁ ଶିଶୁ ବାଟିକା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ପଞ୍ଚସଖା ଶିକ୍ଷାସେତୁ ଅଭିଯାନ ଆଦି ଜରିଆରେ ସ୍କୁଲ ଶିକ୍ଷାର ସୁଦୃଢ଼ୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଶିଶୁ ବାଟିକାଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ଖାଲିଥିବା ଶିକ୍ଷକ ପଦବୀ ପୂରଣ ସହିତ ନୂତନ ଶିକ୍ଷକ ପଦବୀ ସୃଷ୍ଟି କରାଯାଉଛି। ଡବଲ ଇଞ୍ଜିନ ସରକାର ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପିଏମ୍‌ଶ୍ରୀ ସ୍କୁଲ ରୂପେ ପ୍ରତ୍ୟେକ ଜିଲାର କିଛି ବିଦ୍ୟାଳୟର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ସେହିପରି ଆଦିବାସୀ ପିଲାମାନଙ୍କ ମଧ୍ୟରେ ଡ୍ରପ୍‌ଆଉଟ ହାର କମାଇବା ପାଇଁ ସରକାର ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଆରମ୍ଭ କରିଛନ୍ତି। ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ର ନିଶ୍ଚିତ ଭାବରେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ନାଏକ, ଜିଲାପାଳ ବିଶାଲ ସିଂହ, ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତ, ଭାଜପା ଉପସଭାପତି ବିବେକାନନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ‘ପଣ୍ଡିତ ରଘୁନାଥ ସାନ୍ତାଳୀ ଅସ୍ମିତାର ପ୍ରତୀକ’

କେନ୍ଦୁଝର,୨୭।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖୁଛନ୍ତି।

ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ କେବଳ ଜଣେ ବ୍ୟକ୍ତି ଭାବେ ନୁହେଁ, ସେ ଏକ ଆନ୍ଦୋଳନ, ଏକ ଚେତନା, ଅନୁଷ୍ଠାନ ଓ ସଂସ୍କୃତିର ଅଭିଜ୍ଞାନ। ଏକ ଅବହେଳିତ ଓ ଅନ୍ତର୍ଭୁକ୍ତ ହୋଇ ନ ଥିବା ସମାଜକୁ ଶିକ୍ଷା, ଅସ୍ମିତା ଓ ଗର୍ବର ଅନୁଭୂତି ଦେଇଥିଲେ। ସେ ସାନ୍ତାଳୀ ଅସ୍ମିତାର ପ୍ରତୀକ ବୋଲି ସାନ୍ତାଳୀ ଭାଷା ସାହିତ୍ୟର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ସିଲିସୁଆଁଠାରେ ସାନ୍ତାଳୀ ଭାଷା ସାହିତ୍ୟର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସୃଷ୍ଟି ଅଲଚିକି ଲିପିର ପ୍ରସାର ଆମକୁ ଆମ ବର୍ତ୍ତମାନ ସହ ପରିଚୟ କରାଉଛି, ଭବିଷ୍ୟତ ପାଇଁ ବିଚାର କରିବାକୁ ପ୍ରେରଣା ଦେଉଛି। ପଣ୍ଡିତ ମୁର୍ମୁ ‘ସ୍ରଷ୍ଟା’ ହେଲେ, ଅଲଚିକି ଲିପି ହେଉଛି ‘ସୃଷ୍ଟି’। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ତାଙ୍କ ଦ୍ୱାରା ରଚିତ ଗଦ୍ୟ ଓ ପଦ୍ୟ ସାହିତ୍ୟ, ନାଟକ, ପାଠ୍ୟପୁସ୍ତକ ଓ ଲୋକସାହିତ୍ୟ ଆଜି ବି ଆମକୁ ସଂସ୍କୃତିର ମୂଳସୂତ୍ର ସହିତ ବାନ୍ଧି ରଖିଛି। ଅଲଚିକିର ପ୍ରସାର ପାଇଁ ସେ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳ ବୁଲି ଲିପିର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ସାନ୍ତାଳୀ ସାହିତ୍ୟର ପ୍ରଚାର ପାଇଁ ସେ ‘ସାଗେନ ସାକାମ’ ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ତାଙ୍କ ପ୍ରେରଣାରେ ବାବା ତିଲକା ମାଝୀ ପାଠାଗାର ମଧ୍ୟ ପ୍ରତିଷ୍ଠା ହୋଇଥିଲା। ସାନ୍ତାଳୀ ସମାଜର ସାମାଜିକ, ଶିକ୍ଷାଗତ୍ ଓ ସାଂସ୍କୃତିକ ଉନ୍ନତି ପାଇଁ ସେ ଏକ ଆଦିବାସୀ ସୋସିଓ-ଏଜୁକେସନାଲ ଆଣ୍ଡ କଲ୍‌ଚରାଲ ଆସୋସିଏଶନ ଗଠନ କରିଥିଲେ। ୨୦୦୩ରେ ଭାରତ ସରକାର ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିଲେ। ଆଜି ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରର ଆଦିବାସୀବହୁଳ ଅଞ୍ଚଳରେ ସାନ୍ତାଳୀ ଭାଷାରେ ସ୍କୁଲ ଶିକ୍ଷା ଦିଆଯାଉଛି। ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷା ସାହିତ୍ୟ ପଢ଼ାଯାଉଛି। ଏପରିକି ରାଜ୍ୟ ସରକାର, ହୋ, ମୁଣ୍ଡାରୀ, ଗାଦବା , କୁଇ, ଓରାଓଁ ଭଳି ଅନେକ ଆଦିବାସୀ ଭାଷାର ପ୍ରସାର ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଯାଦବ ଟୁଡୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସାରସକଣା ବିଧାୟକ ଭାଦବ ହାଂସଦା, ବିଧାୟକ ସଞ୍ଜଲୀ ମୁର୍ମୁ, ଡ. ପ୍ରିୟଙ୍କା ମାର୍ଣ୍ଡି, ବିଧାୟକ ଡ. ଫକୀର ମୋହନ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ହୋଟେଲରେ ଯୁବକଙ୍କୁ ହତ୍ୟା

ବାଲେଶ୍ୱର,୨୭।୧୨(ବାଞ୍ଛାନିଧି ଦେ)


ହୋଟେଲ ସମ୍ମୁଖରେ ଲୋକଙ୍କ ଭିଡ଼।

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଏକ ହୋଟେଲରୁ ଶନିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୫୦୫/୨୫) ରୁଜୁକରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ମୃତ ଯୁବକ ଜଣକ ହେଲେ ମୟୂରଭଞ୍ଜ ଜିଲା ବେତନଟୀ ଥାନା ଦାନ୍ତିଆମୁହାଁ ଫାଣ୍ଡି ଜାମବଣୀ ଗାଁର ଆକାଶ ମହାନ୍ତ।

ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ମୃତ ଆକାଶ ଜାମବଣୀ ଗ୍ରାମର ସାଙ୍ଗ ରାମଚନ୍ଦ୍ର ସିଂଙ୍କ ପାଇଁ ହୋମ୍‌ଗାର୍ଡ ପରୀକ୍ଷା ଆଡ୍‌ମିଟ୍ କାର୍ଡ ନେବାକୁ କହି ଘରୁ ଉଭୟେ ବାଲେଶ୍ୱର ଆସିଥିଲେ। ହୋଟେଲ ସୂରଜରେ ଆକାଶ ନିଜର, ନିଜ ଭାଇ ଓ ସ୍ତ୍ରୀଙ୍କ ଆଧାର କାର୍ଡ ଦେଇ ରାମଚନ୍ଦ୍ର ଓ ଜଣେ ଅଜଣା ମହିଳାଙ୍କ ସହ ରୁମ୍ ନଂ.୫୦୨ରେ ରହିଥିଲେ। ଶୁକ୍ରବାର ଅପରାହ୍ନ ସମୟରେ ରୁମ୍‌ର କବାଟ ଅଧା ଖୋଲାଥିଲା। ହୋଟେଲ କର୍ମଚାରୀ ଦେଖିବା ବେଳକୁ ଜଣେ ପୁରୁଷଙ୍କ ମୃତଦେହ ବେଡ୍ ଉପରେ ପଡ଼ିଥିଲା। ସାଙ୍ଗ ଓ ମହିଳା ଜଣକ ହୋଟେଲରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ରୁମ୍ କବାଟ ଲକ୍‌କରି ହୋଟେଲର ଏଣ୍ଟ୍ରି ରେକର୍ଡ ଖାତା ଜବତ କରିଥିଲା। ତେବେ ମହିଳା ଜଣକ କିଏ, ତାଙ୍କର ପରିଚୟ କ'ଣ, ମହିଳାଙ୍କୁ ନେଇ ଦୁଇ ସାଙ୍ଗ ହୋଟେଲକୁ କାହିଁକି ଆସିଥିଲେ ଓ କ'ଣ ପାଇଁ ରହିଥିଲେ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ଶନିବାର ମୃତ ଆକାଶଙ୍କ ମା', ସ୍ତ୍ରୀ ଓ ସମ୍ପର୍କୀୟ ଆସିବା ପରେ ସାଇଣ୍ଟିଫିକ୍ ଟିମ୍ ସହ ସହଦେବଖୁଣ୍ଟା ଥାନା ଆଇଆଇସି ବିରଞ୍ଚି ସାହୁ ହୋଟେଲରେ ପହଞ୍ଚି ରୁମ୍‌ରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି।

# ମାଙ୍ଗାନିଜ ବୋଝେଇ ୩ ଡମ୍ପର ଜବତ

ଯୋଡ଼ା,୨୭।୧୨(ମାନସ ମହାନ୍ତି)


ଜବତ ଗାଡ଼ି ନିକଟରେ ବନ କର୍ମଚାରୀମାନେ।

କେନ୍ଦୁଝର ଜିଲା ଯୋଡ଼ା ସେକ୍ସନର ବୈତରଣୀ କ ସଂରକ୍ଷିତ ଜଙ୍ଗଲ ନିକଟ ଚିରିଂ ପାହାଡ଼ ନିକଟରୁ ବନ ବିଭାଗ ଚଢ଼ାଉ କରି ଚୋରାଚାଲାଣ ସମୟରେ ୩ ମାଙ୍ଗାନିଜ ବୋଝେଇ ଡମ୍ପର ଜବତ କରିଛି। ଘଟଣାରେ ଗୋଟିଏ ବାଇକ୍ ମଧ୍ୟ ଜବତ ହୋଇଛି। ଜବତ ଖଣିଜର ଆନୁମାନିକ ମୂଲ୍ୟ ୫ଲକ୍ଷ୍ୟ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ଜଙ୍ଗଲରେ ଚୋରାରେ ଉନ୍ନତମାନର ମାଙ୍ଗାନିଜ ଡମ୍ପରରେ ଚୋରାଚାଲାଣ ନିମନ୍ତେ ବୋଝେଇ ହେଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆଙ୍କ ନେତୃତ୍ୱରେ ଯୋଡ଼ା ବନପାଳ ତ୍ରିନାଥ ଜେନା, ଯୋଡ଼ା ବନରକ୍ଷୀ ଦେବାଶିଷ ମହାପାତ୍ର, ଜୁରୁଡ଼ି ବନରକ୍ଷୀ ସୂରଜ କୁମାର ଦାସ, ଦୁବୁନା ବନରକ୍ଷୀ ସୁବ୍ରତ ପାତ୍ର ଏବଂ ସରୋଜ ନାଏକଙ୍କ ସହିତ ବାମେବାରି ଓ ଯୋଡ଼ା ବନ ସ୍କ୍ୱାଡ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୩ଟି ମାଙ୍ଗାନିଜ ବୋଝେଇ ଡମ୍ପର (ନଂ. ଓଆର୍ ୦୯ ଏଲ ୭୫୧୬, ଓଆର୍ ୦୯ କେ ୭୬୨୩, ଓଆର୍ ୦୯ ଜେ ୭୭୩୧) ଓ ଘଟଣାସ୍ଥଳରୁ ଗୋଟିଏ ବାଇକ୍ (ନଂ. ଓଆର୍ ୦୯ ପି ୮୯୫୭)କୁ ଜବତ କରାଯାଇଛି। ୩ଟି ଡମ୍ପରରେ ପ୍ରାୟ ୨୫ ମେଟ୍ରିକ୍ ଟନ୍ ଉନ୍ନତମାନର ଗୁଣ୍ଡ ମାଙ୍ଗାନିଜ ବୋଝେଇ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଚମ୍ପୁଆ ରେଞ୍ଜ୍ ଅଧିକାରୀ ଅକ୍ଷୟ ଛତ୍ରିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ନେଇ ଚମ୍ପୁଆ ରେଞ୍ଜ୍‌ରେ ୟୁଡି କେସ୍ ନଂ. ୧୭ ରୁଜୁ କରାଯାଇଛି।

ପ୍ରକାଶଯୋଗ୍ୟ, ଚଳିତ ବର୍ଷ ଜୁଲାଇ ୧ ତାରିଖ ଦିନ ଦଲ ପାହାଡ଼ଠାରେ ଚୋରା ମାଙ୍ଗାନିଜ ଖନନ ସମୟରେ ମାଟି ଅଡ଼ା ଧସି ୩ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଭୁବନେଶ୍ୱରର ଖଣି ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି କେନ୍ଦୁଝରର ବଡ଼ ଅଧିକାରୀମାନେ ସେଠାକୁ ଗସ୍ତ କରି ଚୋରା କାରବାର ରୋକିବା ପାଇଁ ପଦକ୍ଷେପ ନେଇଥିଲେ। ମାତ୍ର ଏବେ ବି ଚୋରି ରୋକିବାରେ ଖଣି ବିଭାଗ ସମ୍ପୂର୍ଣ୍ଣ ବିଫଳ ବୋଲି ମତ ପ୍ରକାଶ ପାଇଛି। ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟରେ ଏକ ସ୍ୱତନ୍ତ୍ର ଟିମ୍ ଖଣିଜ ଚୋରିକୁ ରୋକିବା ପାଇଁ ନିୟୋଜିତ କରାଯାଇଛି। ଏହା ମଧ୍ୟ ବହୁ ଆଡ଼ମ୍ବରେ ଲଘୁକ୍ରିୟା ସଦୃଶ ହୋଇଛି।

## ଗଣେଶଙ୍କ ମୃତଦେହ ନେଲେ ପରିବାର



ପରିବାର ଲୋକେ ମୃତଦେହ ନେଉଛନ୍ତି।

ଫୁଲବାଣୀ, ୨୭।୧୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ସୁରକ୍ଷା କର୍ମୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ଗଣେଶ ଉଇକେଙ୍କ ମୃତଦେହକୁ ପୋଲିସ ଶନିବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବାକି ୫ ଜଣଙ୍କ ମୃତଦେହ ନେବାକୁ ପରିବାର ଲୋକେ ପୋଲିସ ସହ ଯୋଗାଯୋଗ କରିନାହାନ୍ତି। ଫଳରେ ସେମାନଙ୍କ ମୃତଦେହ ମେଡିକାଲ ଶବ ସଂରକ୍ଷିତ ଗୃହରେ ରହିଛି। ଆଉ ୩ ଦିନ ମଧ୍ୟରେ ଯଦି କେହି ମୃତଦେହ ନେବାକୁ ଦାବି ନ କରିବେ କିମ୍ବା ନ ଆସିବେ ତେବେ ନିୟମ ଅନୁସାରେ ସେମାନଙ୍କ ମୃତଦେହ ସଂସ୍କାର କରାଯିବ।

ମୃତ ଗଣେଶଙ୍କ ସାନଭାଇ ପାକା ସତ୍ୟ, ଭଣଜା ଲୋଡାଙ୍ଗି ପ୍ରଭାତ ୨ ଜଣ

### ମୃତ ୫ ମାଓବାଦୀଙ୍କ ଦାବିଦାର ଆସିନାହାନ୍ତି

ଗ୍ରାମବାସୀଙ୍କ ସହ ଏକ ଆମ୍ବୁଲାନ୍ସରେ ଆସି ଫୁଲବାଣୀରେ ପହଞ୍ଚିଥିଲେ। ମଧ୍ୟାହ୍ନ ସାଢ଼େ ୧୨ଟାରେ ମୃତଦେହ ହସ୍ତାନ୍ତର ପାଇଁ ଆବଶ୍ୟକ କାଗଜପତ୍ର କାର୍ଯ୍ୟ ଶେଷ ହେବା ପରେ ପରିବାର ଲୋକଙ୍କୁ ଗଣେଶଙ୍କ ମୃତଦେହ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ଏହି ସମୟରେ ଦୁଃଖରେ ମ୍ରିୟମାଣ ହୋଇଯାଇଥିଲେ। ଭଣଜା ଲୋଡାଙ୍ଗି ତେଲଙ୍ଗାନା ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଘଟଣା ବିଷୟରେ ତାଙ୍କୁ ପଚାରିବାରୁ ସେ କହିଲେ, ଆମେ ଅତ୍ୟନ୍ତ ଦୁଃଖୀ ଆମକୁ ଆଉ କିଛି ପଚାରନ୍ତୁନି ବୋଲି କହିଥିଲେ।

## ସ୍ୱାଇଁଙ୍କ ଟାଙ୍ଗିଆ ଚୋଟରେ ଶାଶୁ ମୃତ

ବାଲିଗୁଡା,୨୭।୧୨
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନାର ସିର୍ତିଗୁଡା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାରିବାରିକ କଳହରୁ ସ୍ୱାଇଁଙ୍କ ଟାଙ୍ଗିଆ ଚୋଟରେ ଶାଶୁଙ୍କ ମୃତ୍ୟୁ ଘଟିଛି। ସିର୍ତିଗୁଡା ଗ୍ରାମର ସ୍ୱାଇଁ ସୁରତ ପ୍ରଧାନ ସବୁବେଳେ ନିଶାସକ୍ତ ହୋଇ ପରିବାରରେ ଝଗଡ଼ା କରୁଥିଲେ। ଶନିବାର ସକାଳେ ମଧ୍ୟ ନିଜ ସ୍ତ୍ରୀ ତିଲିମା ପ୍ରଧାନଙ୍କ ସହିତ ଝଗଡ଼ା କରିଥିଲେ। ତାଙ୍କୁ ମାରପିଟ କରିବା ସହ ମାରିବାକୁ ଟାଙ୍ଗିଆରେ ଉଠାଇଥିଲେ। ଏହି ସମୟରେ ସୁରତଙ୍କ ଶାଶୁ ପେଟି ମଳିକ(୮୦) ପ୍ରତିବାଦ କରିବାରୁ ସେହି ଟାଙ୍ଗିଆରେ ସୁରତ ଶାଶୁଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ନେଇ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ପେଟିଙ୍କୁ ଫୁଲବାଣୀସ୍ଥିତ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପେଟିଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ଅଭିଯୋଗ ପରେ ଏହାକୁ ଭିତ୍ତିକରି କ.ନୂଆଗାଁ ପୋଲିସ ନଂ. ୧୯୬/୨୫ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସୁରତ ଫେରାର ଥିବାରୁ ତାଙ୍କୁ ଖୋଜାଚାଲିଛି ବୋଲି କ.ନୂଆଗାଁ ଥାନା ଅଧିକାରୀ ଅଶୋକ ହାଁସଦା କହିଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ, ଶିକ୍ଷକ ଗିରଫ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଖାରପୋଖରିଆ
(ସୁଧୀର କୁମାର ମହାନ୍ତ),୨୭।୧୨

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରି ଗିରଫ ହୋଇଛନ୍ତି। ଅଭିଯୁକ୍ତ ଶିକ୍ଷକ ଜଣକ ହେଲେ ମନୋରଞ୍ଜନ ମାଝୀ(୪୦)। ଏ ସଂକ୍ରାନ୍ତରେ ପୋଲିସ ପୋକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ.୩୨୨/୨୫) ରୁଜୁକରି ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଶିକ୍ଷକ ଜଣକ ତାଙ୍କ ଘରେ ଏକ ଦୋକାନ ଖୋଲିଛନ୍ତି। ସ୍କୁଲ ଛୁଟି ସମୟରେ ଦୋକାନରେ ବସି ବିକ୍ରି କରୁଥିବାବେଳେ ୧୦ ବର୍ଷୀୟ ନାବାଳିକା ଛାତ୍ରୀ ଜଣକ ଜିନିଷ କିଣିବାକୁ ଆସିଥିଲେ। ଏକୁଟିଆ ସୁଯୋଗ ନେଇ ଶିକ୍ଷକ ଜଣକ ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। କାହାକୁ କିଛି ନ ଜଣାଇବାକୁ ଧମକଚମକ ଦେଇଥିଲେ। ତେବେ ଛାତ୍ରୀ ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କୁ ଗିରଫକରିବା ସହ ଛାତ୍ରୀଙ୍କ ବୟାନ ରେକର୍ଡ କରାଇଛି।

## ମାଲକାନଗିରି ବ୍ଲକ୍ କନିଷ୍ଠ ଯନ୍ତ୍ରୀ ଗିରଫ

ମାଲକାନଗିରି/ଜୟପୁର,୨୭।୧୨
(ଦୁର୍ଯ୍ୟୋଧନ ପାତ୍ର/ପବନ ପାଣିଗ୍ରାହୀ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ମାଲକାନଗିରି ଜିଲା ସଦର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାରଙ୍କୁ ଜୟପୁର ଭିଜିଲାନ୍ସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। କନିଷ୍ଠ ଯନ୍ତ୍ରୀ ଓ ତାଙ୍କ ସ୍ତ୍ରୀଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ଜୟପୁର ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଶୁକ୍ରବାର ଭିଜିଲାନ୍ସ ବିଭାଗ ପକ୍ଷରୁ ମାଲକାନଗିରି ବ୍ଲକ୍ କନିଷ୍ଟ ଯନ୍ତ୍ରୀ ସରକାରଙ୍କ କାର୍ଯ୍ୟାଳୟ ଓ ପୈତୃକ ଘର ସମେତ ୪ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ନୀହାରଙ୍କ ୮ଟି ଦାମୀ ପ୍ଲଟ୍, ନଗଦ ୨ଲକ୍ଷ ୧୧ହଜାର ଟଙ୍କା ଓ ଏକ ଚାରିଚକିଆ ଯାନ ଠାବ ହୋଇଛି। ମାଲକାନଗିରି ସହର ଜୟନଗରରେ ୨ କୋଟି ଟଙ୍କାର ୩ ମହଲା କୋଠା, କାଳିମେଳାସ୍ଥିତ ପୈତୃକ ଘର, ନବରଙ୍ଗପୁରସ୍ଥିତ ଶ୍ୱଶୁର ଘର ଓ ମାଲକାନଗିରି ବିଡିଓ ଅଫିସ୍‌ସ୍ଥିତ ଚାମ୍ବରରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ନୀହାର ଆୟଠାରୁ ୪୪୪ ପ୍ରତିଶତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି। ଭିଜିଲାନ୍ସ ବିଭାଗ ନଂ.୪୦/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି। କୋର୍ଟ ନୀହାରଙ୍କ ଜାମିନ ଖାରଜ କରିଥିବା ବେଳେ ତାଙ୍କୁ ଆସନ୍ତା ୯ ତାରିଖ ଯାଏ ଜେଲ ହାଜତକୁ ପଠାଇଛନ୍ତି। କନିଷ୍ଟ ଯନ୍ତ୍ରୀଙ୍କୁ ଜୟପୁରସ୍ଥିତ ସ୍ୱତନ୍ତ୍ର କାରାଗାରରେ ରଖାଯାଇଥିବା ଜଣାପଡ଼ିଛି।

**Business**

# ମାଲାବାରର 'ମାଇନ୍ ଡାଇମଣ୍ଡ ଫେଷ୍ଟିଭାଲ'

ଭୁବନେଶ୍ୱର,୨୭।୧୨(ଅନୁରାଧା ମହାରଣା)



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର 'ମାଇନ୍ ଡାଇମଣ୍ଡ ଫେଷ୍ଟିଭାଲ'ରେ ଗହଣା କଲେକ୍ସନ୍ ପ୍ରଦର୍ଶନ କରାଯାଉଛି। (ଫଟୋ–ବିକାଶ ନାୟକ)

ପୂର୍ବରୁ କେବଳ ବିବାହ ପାଇଁ ଲୋକମାନେ ହୀରାଗହଣା କିଣୁଥିବାବେଳେ ବର୍ତ୍ତମାନ ଜନ୍ମଦିନ, ବିବାହ ବାର୍ଷିକୀ ସହ ଅନ୍ୟାନ୍ୟ ସଫଳତାକୁ ସ୍ମରଣୀୟ କରିବା ପାଇଁ ଉପହାର ସ୍ୱରୂପ ହୀରାଗହଣା କିଣୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ 'ମାଇନ୍ ଡାଇମଣ୍ଡ ଫେଷ୍ଟିଭାଲ' ଘୋଷଣା କରାଯାଇଛି। ଏହି ଅବସରରେ କେବଳ ହୀର ନୁହେଁ ପ୍ଲାଟିନମ୍ ମୂଲ୍ୟ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଶନିବାର ଶହୀଦନଗର ଷ୍ଟୋରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସିଦ୍ଧେଶ୍ୱର ରଥ ଏହି ସୂଚନା ଦେଇଛନ୍ତି। ସାଧାରଣତଃ କେବଳ ମହିଳାମାନେ ଗହଣାପ୍ରିୟ ବୋଲି ଅନେକେ ଚିନ୍ତା କରିଥା'ନ୍ତି। ବାସ୍ତବରେ କିନ୍ତୁ ପୁରୁଷମାନେ ମଧ୍ୟ ଗହଣା ପ୍ରତି ରୁଚି ରଖନ୍ତି । ତେଣୁ ପୁରୁଷଙ୍କ ପାଇଁ ମଧ୍ୟ ଏକ୍ସକ୍ଲୁସିଭ୍ ଡିଜାଇନର ଗହଣା ଷ୍ଟୋରରେ ଉପଲବ୍ଧ କରାଯାଇଛି। ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଏହି ଫେଷ୍ଟିଭାଲ ଚାଲିବ ବୋଲି ସେ କହିଛନ୍ତି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଚେୟାରମ୍ୟାନ ଏମ୍‌ପି ମହମ୍ମଦ କହିଛନ୍ତି, ଗ୍ରାହକ ପ୍ରାକୃତିକ ହୀରାକୁ ଗୁରୁତ୍ୱ ଦେଉଥିବାବେଳେ ଆମେ ସେମାନଙ୍କ ନିକଟରେ ସ୍ୱୀକୃତିପ୍ରାପ୍ତ ଶୁଦ୍ଧ ହୀରା ପହଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ। ସ୍ୱତନ୍ତ୍ର ଅଫର ପ୍ରଦାନ ସହ ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିଥିବା ସେ କହିଛନ୍ତି।

## ଆଇଜି ଡ୍ରୋନ୍‌ସ ହେଲା ଆଇଜି ଡିଫେନ୍ସ

ଭୁବନେଶ୍ୱର,୨୭।୧୨

ଅନ୍‌ମ୍ୟାନ୍ଡ ସିଷ୍ଟମ୍‌ସ କମ୍ପାନୀ ଆଇଜି ଡ୍ରୋନ୍‌ସ ଆଇଜି ଡିଫେନ୍ସରେ ରୂପାନ୍ତରିତ ହୋଇଛି। ଆଇଜି ଡିଫେନ୍ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ଆଇଜି ଡିଫେନ୍ସ ଦାୟିତ୍ୱର ଏକ ଗଭୀର ଭାବନାର ପ୍ରତିନିଧିତ୍ୱ କରୁଛି। ଭାରତ ଏଭଳି ଏକ ଯୁଗରେ ପ୍ରବେଶ କରୁଛି ଯେଉଁଠାରେ ଯୁଦ୍ଧ ବିଭିନ୍ନ କ୍ଷେତ୍ରରେ ଇଣ୍ଟେଲିଜେନ୍ସ, ଅଟୋନୋମି ଓ ଇଣ୍ଟିଗ୍ରେଶନ ଦ୍ୱାରା ରୂପ ନେବ । ଏଭିଏସ୍‌ଏମ୍, ଭିଏସ୍‌ଏମ୍, ଏସ୍‌ଏମ୍ (ଅବସରପ୍ରାପ୍ତ) ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅନୀଲ କୁମାର ସାମନ୍ତରା, ପୂର୍ବତନ ଚିଫ୍ ଅଫ୍ ଇଣ୍ଟିଗ୍ରେଟେଡ୍ ଡିଫେନ୍ସ ଷ୍ଟାଫ, ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅନୀଲ ଚୈତ (ଅବସରପ୍ରାପ୍ତ) ଏବଂ ଏଭିଏସ୍‌ଏମ୍, ଭିଏସ୍‌ଏମ୍ (ଅବସରପ୍ରାପ୍ତ), ଏୟାର କମୋଡର ରାଜେନ୍ଦ୍ର ଏନ୍. ଗାଏକ୍‌ୱାଡ ଆଇଜି ଡିଫେନ୍ସରେ ଯୋଗଦେଇଛନ୍ତି।

## ରିଲାଏନ୍ସ ଫାଉଣ୍ଡେଶନର ଛାତ୍ରବୃତ୍ତି ଘୋଷଣା




ଭୁବନେଶ୍ୱର,୨୭।୧୨(ଅନୁରାଧା ମହାରଣା)

ରିଲାଏନ୍ସର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ଧୀରୁଭାଇ ଅମ୍ବାନୀଙ୍କ ୯୩ତମ ଜନ୍ମବାର୍ଷିକୀ ଅବସରରେ ରିଲାଏନ୍ସ ଫାଉଣ୍ଡେଶନ ୨୦୨୫–୨୬ ପାଇଁ ଏହାର ପ୍ରତିଷ୍ଠିତ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରବୃତ୍ତିର ଫଳାଫଳ ଘୋଷଣା କରାଯାଇଛି। ରିଲାଏନ୍ସ ଫାଉଣ୍ଡେଶନ ଏହି ବର୍ଷର ଛାତ୍ରବୃତ୍ତି ପାଇଁ ୫,୦୦୦ ସ୍ନାତକ ଏବଂ ୧୦୦ ସ୍ନାତକୋତ୍ତର ଛାତ୍ରଙ୍କୁ ଚୟନ କରିଛି। ୨୦୨୨ରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଅମ୍ବାନୀ ୧୦ ବର୍ଷ ମଧ୍ୟରେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ତେବେ ୨୦୨୫–୨୬ରେ ୧,୨୫,୦୦୦ ରୁ ଅଧିକ ଆବେଦନ ଆସିଥିଲା। ସେଥିମଧ୍ୟରୁ ୧୫,୫୪୪ ଅନୁଷ୍ଠାନର ୫,୧୦୦ ଜଣଙ୍କୁ ମନୋନୀତ କରାଯାଇଛି। ସ୍ନାତକ ଛାତ୍ରୀଛାତ୍ର ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପାଇବାକୁ ଥିବାବେଳେ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପାଇବେ। ସୂଚନାନୁସାରେ, ମନୋନୀତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୩% ଗୋଷ୍ଠୀ ୨.୫ ଲକ୍ଷ ଟଙ୍କାରୁ କମ୍ ବାର୍ଷିକ ଆୟ ଥିବା ପରିବାରରୁ ଆସିଥାନ୍ତି। ୯୭% ସ୍ନାତକ ଛାତ୍ର ସେମାନଙ୍କର ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ୫୦୦୦ ସ୍ନାତକଙ୍କ ମଧ୍ୟରେ ୪୮% ଛାତ୍ରୀ ଏବଂ ୫୨% ଛାତ୍ର ଅଛନ୍ତି। ଏହିବର୍ଷ ୧୪୬ ଜଣ ଭିନ୍ନକ୍ଷମ ମଧ୍ୟ ଏହି ଛାତ୍ରବୃତ୍ତି ପାଇବେ।

## ସିଦ୍ଧିଲକ୍ଷ୍ମୀ ମୋଟର୍ସରେ ମହିନ୍ଦ୍ରା ଶୋ'ରୁମ୍ ଉଦ୍‌ଘାଟିତ


କମ୍ପାନୀର ବରିଷ୍ଠ ଅଧିକାରୀ ଶୋ'ରୁମ୍‌ର ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ, ୨୭।୧୨ (ମାନସ ବିଶ୍ୱାଳ)

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମରର୍ସିଆଲର ଅଧୀକୃତ ବିକ୍ରେତା ଅନୁଗୋଳ ପଞ୍ଚମହଲାସ୍ଥିତ ସିଦ୍ଧି ଲକ୍ଷ୍ମୀ ମୋଟର୍ସରେ ମହିନ୍ଦ୍ରାର ନୂଆ ଶୋ'ରୁମ୍ ଉଦ୍‌ଘାଟିତ ହୋଇଛି। ମହିନ୍ଦା ଆଣ୍ଡ ମହିନ୍ଦ୍ରା ତରଫରୁ ରିଜିଓନାଲ ସେଲ୍ସ ମ୍ୟାନେଜର ସୁମିତ ଅରୋରା ଏବଂ ଆର୍‌ସିସିଏମ୍ ଗୌରବ ଶର୍ମା ଉକ୍ତ ଶୋ'ରୁମ୍‌ର ଉଦ୍‌ଘାଟନ କରିଥିଲେ। ଜିଲାର ପ୍ରାୟ ସମସ୍ତ ବ୍ୟାଙ୍କିଙ୍ଗ ଏବଂ ଫାଇନାନ୍ସ କମ୍ପାନୀ ସହ ଅନେକ ଗ୍ରାହକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସିଦ୍ଧିଲକ୍ଷ୍ମୀ ମୋଟର୍ସ ତରଫରୁ ଗ୍ରହକଙ୍କ ପାଇଁ ସୁଲଭ ଫାଇନାନ୍ସ ଏବଂ ଏକ୍ସଚେଞ୍ଜ ସୁବିଧା ରଖାଯିବା ସହ ଭବିଷ୍ୟତରେ ଆହୁରି ଅତ୍ୟାଧୁନିକ ଗାଡ଼ି ସହିତ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ସ୍ୱତ୍ୱାଧିକାରୀ ରାଜକୁମାର ଅଗ୍ରୱାଲ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଏହି ଉତ୍ସବରେ ସହରର ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ।

## କ୍ୟାପିଟାଲ ଟୟୋଟା ପକ୍ଷରୁ ଗାଡି ଚାଳନା କୌଶଳ ଶିକ୍ଷା

ଫୁଲନଖରା,୨୭।୧୨(ସତ୍ୟରଞ୍ଜନ ଦାଶମହାପାତ୍ର)




ଭୁବନେଶ୍ୱର କ୍ୟାପିଟାଲ ଟୟୋଟା ଶୋ'ରୁମ୍ ପକ୍ଷରୁ ଗ୍ରାହକମାନଙ୍କୁ କମ୍ପାନୀର ହାଇଲକ୍ସ ଓ ଫର୍ଚୁନର ଗାଡ଼ିର ଦନ୍ତୁରିତ ଖାଲ ଓ ଖମାରେ ଚାଳନା କରିବା ପାଇଁ ଏକ କୌଶଳ ଶିକ୍ଷା ଶିବିର ଶନିବାର ଆରମ୍ଭ ହୋଇଛି। ପାହାଳ ଜଗନ୍ନାଥପୁରସ୍ଥିତ କଲ୍ୟାଣୀ ଓମ୍‌ଫେଡ୍ ପଡ଼ିଆରେ ଚାଲିଥିବା ଏହି କାର୍ଯ୍ୟକ୍ରମ ରବିବାର ସରିବ। ଏହି ଗାଡି ଚାଳନା କୌଶଳ କାର୍ଯ୍ୟକ୍ରମରେ ଉଭୟ ଗାଡ଼ିରେ ଲାଗିଥିବା ଅତ୍ୟାଧୁନିକ ଯାନ୍ତ୍ରିକ ସରଞ୍ଜାମର ଉପଯୁକ୍ତ ବିନିଯୋଗକରି ଖାଲଖମା ଓ ଦାନ୍ତୁରିତ ରାସ୍ତାରେ ଚାଳନା କରିବା ପାଇଁ ଗ୍ରାହକମାନଙ୍କୁ ଶିକ୍ଷା ଦିଆଯିବା ସହ ଗାଡ଼ିର ବିଭିନ୍ନ ପ୍ରକାର ବୈଶିଷ୍ଟ୍ୟ ବୁଝାଯାଇଛି। ଫଳରେ ଚାଳକମାନେ ସେମାନଙ୍କ ଗାଡ଼ିଗୁଡ଼ିକୁ ଘାଟି ରାସ୍ତା ଓ ପାର୍ବତ୍ୟାଞ୍ଚଳରେ ଚାଳନା କରିବା ପାଇଁ କୌଣସି ଅସୁବିଧା ହେବନାହିଁ। କ୍ୟାପିଟାଲ ଟୟୋଟା ମ୍ୟାନେଜିଂ ଡାଇରେକ୍ଟର ସିଦ୍ଧାର୍ଥ ଗର୍ଗ, ଗର୍ଗସନ ଗ୍ରୁପ୍‌ର ଚେୟାରମ୍ୟାନ ସତୀଶ ଗର୍ଗ ପ୍ରମୁଖ ଶିବିରରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ କ୍ୟାପିଟାଲ ଟୟୋଟା ଜେନେରାଲ ମ୍ୟାନେଜର ଚମ୍ପକ କୁମାର ଦାସ ପରିଚାଳନା କରିଥିବା ବେଳେ କ୍ୟାପିଟାଲ ଟୟୋଟାର କର୍ମଚାରୀମାନେ ସହଯୋଗ କରିଥିଲେ।

## ନୂଆବର୍ଷ ପାଇଁ କଳାମନ୍ଦିରରେ ସ୍ୱତନ୍ତ୍ର କଲେକ୍ସନ

ଭୁବନେଶ୍ୱର,୨୭।୧୨(ଅନୁରାଧା ମହାରଣା)


ରାଜିନ୍ଦର ସିଂ

କଳାମନ୍ଦିର ଶୋ'ରୁମ୍‌ରେ ଗ୍ରାହକମାନଙ୍କ ପସନ୍ଦ ମୁତାବକ ବିବାହ ଏବଂ ଶୀତ ଉପଲକ୍ଷେ ନୂଆ ନୂଆ ଡିଜାଇନର ଶାଢ଼ି ଏବଂ ଶୀତ ବସ୍ତ୍ର ଉପଲବ୍ଧ ରହିଛି। ନୂଆବର୍ଷକୁ ଦୃଷ୍ଟିରେ ରଖି ଷ୍ଟୋରରେ ସ୍ୱତନ୍ତ୍ର କଲେକ୍ସନ ଅଣାଯାଇଛି। ବିବାହ ଉପଲକ୍ଷେ ଏଠାରେ ମହିଳାମାନଙ୍କ ପାଇଁ ବିଭିନ୍ନ ଭେରାଇଟି ଓ ସୁନ୍ଦର ବନାରସୀ, ସମ୍ବଲପୁରୀ, ଖଣ୍ଡୁଆ, ମଟ୍‌କା ଶାଢ଼ି ସହ ଲେହେଙ୍ଗା, ଗାଉନ୍ ଓ ପଞ୍ଜାବୀ ବ୍ରାଇଡାଲ ସୁଟ୍ ଆଦି ରହିଛି। ପୁରୁଷମାନଙ୍କ ପାଇଁ ଲାଟେଷ୍ଟ ଡିଜାଇନର ଶେରୱାନୀ, କୁର୍ତ୍ତା, ପାଇଜାମା, ବ୍ଲେଜର ଓ ଧୋତି କୁର୍ତ୍ତା ଆଦି ରହିଛି। ଏଥିସହ ଶୀତ ଉପଲକ୍ଷେ ପୁରୁଷମାନଙ୍କ ପାଇଁ ଅକର୍ଷଣୀୟ ଡିଜାଇନର ପୁଲ୍‌ଓଭର, ଜ୍ୟାକେଟ୍, ସୁଟ୍ସ ଏବଂ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାର କାର୍ଡିଗନ୍, ପୁଲ୍‌ଓଭର, ଉଲେନ ବ୍ଲାଉଜ୍, ବିଭିନ୍ନ ପ୍ରକାର ସାଲ କଲେକ୍ସନ ଯେପରି ପସ୍‌ମିନା କାନିସାଲ, କଶ୍ମୀର ଶାଲ, ଜମେବର ସ୍ଲୋସେର ଆଦି ରହିଛି। ଏହାସହ ବିବାହ ପାଇଁ କିଣାକିଣି କରୁଥିବା ଗ୍ରାହକମାନଙ୍କ ଲାଗି କଷ୍ଟମର ରୟାଲ୍‌ଟି ପ୍ରୋଗ୍ରାମ ସହ ବିଭିନ୍ନ ଅଫର ମଧ୍ୟ ରହିଛି। କଳାମନ୍ଦିରର ମ୍ୟାନେଜିଂ ପାର୍ଟନେର ରାଜିନ୍ଦର ସିଂ କହିଛନ୍ତି, କଳାମନ୍ଦିର ୫୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗାର୍ମେଣ୍ଟ ସେଗ୍‌ମେଣ୍ଟରେ ପ୍ରବେଶକରି ନିଜର ବ୍ୟବସାୟ ଜାରି ରଖିଛି। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟ, ଉତ୍ତମ ବ୍ୟବହାର ଓ ଦୀର୍ଘକାଳୀନ ସେବା ମାଧ୍ୟମରେ କଳାମନ୍ଦିର ଗ୍ରାହକଙ୍କ ନିକଟତର ହୋଇପାରିଛି ବୋଲି ରାଜିନ୍ଦର ପ୍ରକାଶ କରିଛନ୍ତି।

# ୭୦% ଚାଷୀଙ୍କୁ ମିଳୁନି କେସିସି ଋଣ

ଭୁବନେଶ୍ୱର,୨୭।୧୨ (ରବିନାରାୟଣ ଜେନା)

ରାଜ୍ୟରେ ଚାଷୀଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବା ଲାଗି ବିଭାଗୀୟ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ବାସ୍ତବରେ ତାହା ଚାଷୀଙ୍କ ନିକଟରେ ପହଞ୍ଚୁଛି କି ନାହିଁ ତାହା ପରଖୁ ନାହାନ୍ତି କେହି। ଫଳରେ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ଅନ୍ତରାୟ ସୃଷ୍ଟି ହେଉଛି।

ରାଜ୍ୟସ୍ତରୀୟ ବ୍ୟାଙ୍କ ସମୂହ କମିଟି(ଏସ୍‌ଏଲ୍‌ବିସି) ବୈଠକରେ ଉନ୍ନୟନ ଆୟୁକ୍ତ ଓ ଅର୍ଥ ବିଭାଗର ପ୍ରମୁଖ ସଚିବ ସବୁବେଳେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କିଷାନ କ୍ରେଡିଟ୍ କାର୍ଡ(କେସିସି) ଥିବା ଚାଷୀଙ୍କୁ ଋଣ ଦେବାପାଇଁ ବାରମ୍ବାର ନିର୍ଦ୍ଦେଶ ଦେଉଛନ୍ତି। ହେଲେ ତାହା କିଭଳି ପ୍ରତିଫଳିତ ହେଉନାହିଁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ତଥ୍ୟରୁ ଜଣାପଡ଼ିଛି। ବିଭାଗୀୟ ସୂଚନା ଅନୁଯାୟୀ, ପଶୁପାଳନ ଓ ମତ୍ସ୍ୟଚାଷୀଙ୍କ ପାଇଁ କେସିସି ମାଧ୍ୟମରେ ଯେଉଁ ଋଣ ଆବେଦନ ଆସିଥିଲା ତା'ର ମାତ୍ର ୩୦ପ୍ରତିଶତ ଆବେଦନକୁ ବିଚାରକୁ ନିଆଯାଇଥିବାବେଳେ ପ୍ରାୟ ୭୦ ପ୍ରତିଶତ ଆବେଦନକୁ ନାକଚ କରି ଦିଆଯାଇଛି।

ବିଭାଗ ପକ୍ଷରୁ ଡିସେମ୍ବର ୧୭ରେ ଏସ୍‌ଏଲ୍‌ବିସିକୁ ପ୍ରଦାନ କରାଯାଇଥିବା ବିବରଣୀରେ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି ଯେ, ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ବିଭିନ୍ନ ବ୍ୟାଙ୍କରେ ମୋଟ ୭୯,୧୮୭ଟି ପଶୁପାଳନ ଆବେଦନ ଗ୍ରହଣ ହୋଇଥିବା ବେଳେ ଏଥିମଧ୍ୟରୁ ୧୯,୧୬୭ଟି ମଞ୍ଜୁର, ୪୭,୬୭୦ଟି ନାକଚ ଏବଂ ୨,୪୦୦ଟି ବିଚାରାଧୀନ ରହିଛି। ବ୍ୟାଙ୍କ ପକ୍ଷରୁ ଏତେସଂଖ୍ୟକ ଚାଷୀଙ୍କ ଆବେଦନ ଖାରଜ ହେବା ଚିନ୍ତା ବଢ଼ାଇଛି। ତଥ୍ୟ ଅନୁସାରେ, ମତ୍ସ୍ୟଚାଷ କ୍ଷେତ୍ରରେ ୧୧,୮୪୫ଟି ଗ୍ରହଣ ଆବେଦନମଧ୍ୟରୁ ୨,୫୪୪ଟିମଞ୍ଜୁର, ୯,୦୬୧ଟି ନାକଚ ଏବଂ ୪୪୦ଟି ବିଚାରାଧୀନ ରହିଛି। ଏଥିମଧ୍ୟରୁ ଚଳିତ ବର୍ଷ ମାତ୍ର ୩୪ଟି ଆବେଦନ ମଞ୍ଜୁର ହୋଇଛି। ଏନେଇ ମତ୍ସ୍ୟ ନିର୍ଦ୍ଦେଶକ ବୈଠକରେ ପରାମର୍ଶ ଦେଇଛନ୍ତି ଯେ, କେସିସି ମଞ୍ଜୁର କରୁଥିବା ଗ୍ରାମ୍ୟ ଶାଖାଗୁଡ଼ିକର ନିୟମିତ ସମୀକ୍ଷା କରାଯାଇ ଆବେଦନଗୁଡ଼ିକର ବିଚାରାଧୀନ ଅବସ୍ଥା ହ୍ରାସ କରାଯାଉ। ଏହାଦ୍ୱାରା ଅଧିକ ସଂଖ୍ୟକ ଚାଷୀ ଯୋଜନାର ଲାଭ ପାଇପାରିବେ ବୋଲି ସେ ମତ ଦେଇଛନ୍ତି। ପଶୁପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶକ ଗୁରୁତ୍ୱ ଦେଇ କହିଛନ୍ତି ଯେ, ଦସ୍ତାବିଜ ପ୍ରକ୍ରିୟାକୁ ସରଳୀକରଣ କରାଯାଇ ସର୍ବାଧିକ ଚାଷୀ ଯୋଜନାଗୁଡ଼ିକର ସୁବିଧା ପାଇପାରିବେ। ଏହା ଦ୍ୱାରା ଆବେଦନ ନାକଚ ହେବାର ସଂଖ୍ୟା ହ୍ରାସପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପଶୁପାଳନ ଓ ପଶୁଚିକିତ୍ସା ଉପ-ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ଯେ, ନିର୍ଦ୍ଦେଶାଳୟର ବିଭିନ୍ନ ଯୋଜନା ଅଧୀନରେ ସହାୟତାପ୍ରାପ୍ତ ଚାଷୀଙ୍କୁ ବ୍ୟାଙ୍କଗୁଡ଼ିକ କାର୍ଯ୍ୟକାରୀ ପୁଞ୍ଜି (ୱାର୍କିଂ କ୍ୟାପିଟାଲ) ଋଣ ଯୋଗାଇ ଦେବା ଉଚିତ। ମୟୂରଭଞ୍ଜ ଜିଲାର ଉଦାହରଣ ଦେଇ ସେ କହିଛନ୍ତି, ସେଠାରେ ବ୍ୟାଙ୍କଗୁଡ଼ିକ କାର୍ଯ୍ୟକାରୀ ପୁଞ୍ଜି ଋଣ ବଢ଼ାଉନାହାନ୍ତି। ଏହା ଚାଷୀଙ୍କ ପାଇଁ ବଡ଼ ଅସୁବିଧା ସୃଷ୍ଟି କରୁଛି ବୋଲି ସେ ମତ ଦେଇଛନ୍ତି। ମତ୍ସ୍ୟ ନିର୍ଦ୍ଦେଶକ ଆହୁରି ସୂଚନା ଦେଇଛନ୍ତି ଯେ, ସମସ୍ତ ବ୍ୟାଙ୍କ ମତ୍ସ୍ୟଚାଷୀଙ୍କ କେସିସି ପ୍ରସ୍ତାବଗୁଡ଼ିକରେ ସର୍ବାଧିକ ମଞ୍ଜୁରୀ କରିଛି। ଅନ୍ୟ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇ ସେ କହିଛନ୍ତି, ପଶୁପାଳନ ଓ ମତ୍ସ୍ୟଚାଷୀଙ୍କୁ କେସିସି ପ୍ରଦାନରେ ଅଧିକ ଗୁରୁତ୍ୱ ଦିଆଯାଉ ଏବଂ କୃଷି କେସିସି ସହିତ ଏହାକୁ ଏକ ଯୌଗିକ ଋଣ (କମ୍ପୋଜିଟ୍ ଲୋନ୍) ରୂପେ ବଢ଼ାଇ ଦିଆଯାଉ। କାରଣ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୌଣସି ଜାମିନ (କୋଲାଟେରାଲ) ଆବଶ୍ୟକତା ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି।

## ଦ୍ୱିତୀୟ ଚିଲିକାରେ ନୌକାବିହାର ଆରମ୍ଭ

ପାଲଲହଡ଼ା,୨୭।୧୨(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ କରଡ଼ାପାଳ ପଞ୍ଚାୟତ ମାହାଳସରୁଆଠାରେ ଥିବା ପର୍ଯ୍ୟଟନସ୍ଥଳୀ ଦ୍ୱିତୀୟ ଚିଲିକାରେ ଆରମ୍ଭ ହୋଇଛି ନୌକାବିହାର। ବ୍ରାହ୍ମଣୀ ନଦୀ ଉପରେ ଥିବା ରେଙ୍ଗାଳି ଜଳ ଭଣ୍ଡାରର ବିସ୍ତୃର୍ଣ୍ଣ ଜଳରାଶିରେ ନୌକାରେ ବୁଲି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକମାନେ ଏଠାରେ ଉପଭୋଗ କରି ବେଶ୍ ଖୁସି ହେଉଛନ୍ତି।

ଅନୁଗୋଳ ସଦରମହକୁମାଠାରୁ ପ୍ରାୟ ୧୧୦ କି.ମି. ଓ ଦେବଗଡ଼ଠାରୁ ୭୦ କିଲୋମିଟର ଦୂରରେ ଥିବା ଏହି ପର୍ଯ୍ୟଟନସ୍ଥଳୀ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଦେବଗଡ଼ ବନବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଦ୍ୱିତୀୟ ଚିଲିକା ଇକୋ ଟୁରିଜିମ। ପ୍ରାରମ୍ଭିକ ପର୍ଯ୍ୟାୟରେ



ପାଲଲହଡ଼ାଠାରେ ଥିବା ଦ୍ୱିତୀୟ ଚିଲିକାରେ ନୌକା ବିହାର କରୁଛନ୍ତି ପର୍ଯ୍ୟଟକ।

୨ଟି ନୌକା ଯୋଗାଇ ଦିଆଯାଇଥିବା ବେଳେ ଆଗାମୀ ଦିନରେ ଏହାକୁ ବଢ଼ାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବନବିଭାଗ ସହାୟତାରେ ଗାଁ କମିଟି ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ଦିନ ରାସ୍ତାରେ ପାଣି ପକାଯିବା ସହିତ ପରିବେଶକୁ ସ୍ୱଚ୍ଛ ରଖାଯାଉଛି। ଖମାର ବନାଞ୍ଚଳ ଅଧିକାରୀ ମନୋଜ କୁମାର ଟିଗା କହିଛନ୍ତି, ଗତ ରବିବାରଠାରୁ ନୌକା ବିହାର ଆରମ୍ଭ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ପ୍ରାରମ୍ଭିକ ଭାବେ ୧୦୦ ଟଙ୍କା ଦେୟ ରଖାଯାଇଛି। ସ୍ଥାନୀୟ ଭିଏସ୍‌ଏସ୍ କମିଟି ତତ୍ତ୍ୱାବଧାନରେ ଗ୍ରାମର ୫୦ରୁ ଅଧିକ ଯୁବକ ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ କରୁଛନ୍ତି। ଭିଏସ୍‌ଏସ୍ କମିଟି ମାଧ୍ୟମରେ ଆଦାୟ ହେଉଥିବା ଅର୍ଥରୁ ଯାହାକିଛି ଯୁବକମାନଙ୍କୁ ପ୍ରଦାନ କରାଯିବ।

## ଜୋଲାପୁଟ ଜଳଭଣ୍ଡାରରେ ବୁଡ଼ି ଯୁବକ ମୃତ

ନନ୍ଦପୁର,୨୭।୧୨
(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ବିଲାପୁଟ ପଞ୍ଚାୟତ ଲାମାଡୁର ଗ୍ରାମର ଜଣେ ଯୁବକଙ୍କ ଜୋଲାପୁଟ ଜଳଭଣ୍ଡାରେ ବୁଡ଼ି ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଲାମାଡୁର ରାମ ପାଙ୍ଗୀ (୩୧)।

ସୂଚନାନୁଯାୟୀ, ରାମ ଶନିବାର ସକାଳୁ ଗ୍ରାମପାର୍ଶ୍ୱ ଜଳଭଣ୍ଡାର କୂଳକୁ ଶୌଚହେବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। ଅପରାହ୍ନରେ ନନ୍ଦପୁର ଅଗ୍ନିଶମ ବାହିନୀ କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ଟିମ୍ ମାଛକୁଣ୍ଡ ଥାନା ଅଧୀନ ଜୋଲାପୁଟ ଫାଣ୍ଡି ଅଧିକାରୀ ମୀନକେତନ ପାତ୍ର, ବିଲାପୁଟ ପଞ୍ଚାୟତ ସରପଞ୍ଚ ରାଜେଶ ଲେନ୍ଦ୍ରୁ, ପିଇଓ ଜୟରାମ ଜାରସିଂ, ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଜଳଭଣ୍ଡାରରୁ ମୃତଦେହ ଜବତ କରାଯାଇଛି। ଏ ନେଇ ରାମଙ୍କ ଭାଇ ମାଛକୁଣ୍ଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଥିବା ଥାନାଧିକାରୀ ମଧୁସୂଦନ ଭୋଇ ସୂଚନା ଦେଇଛନ୍ତି। ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପଞ୍ଚାୟତ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ରିପୋର୍ଟ ସଂଗ୍ରହ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ମୃତ୍ୟୁ ପ୍ରମାଣପତ୍ର ଆଧାରରେ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।


### GOVERNMENT OF ODISHA
### OFFICE OF THE PANCHAYAT SAMITI, PURI SADAR, PURI

Email- ori-bpuri@nic.in

**OPEN TENDER BIDDING THROUGH e-PROCUREMENT**

Bid Identification No.: - 02/2025-26/PURI SADAR BLOCK

No.i-440:- **The OFFICE OF THE PANCHAYAT SAMITI PURI SADAR, Puri, Odisha** on behalf of Governor of Odisha invites **Percentage Rate Bids** through **e-Procurement** in **Single and Double Cover System** as applicable from eligible Class of Contractors for execution of Civil Works as per NIT and DTCN on Percentage Rate Bids. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in e-procurement portal **https://tendersodisha.gov.in**. The bid should be submitted on-line only on the website **www.tendersodisha.gov.in** by an eligible class of contractor.

| | | | |
|---|---|---|---|
| 1 | Name of the works | : | Construction of Additional Classroom for Primary and Secondary Schools, CFC for Palm Leaf Engraving and Higher Education Institute under CMSA by Panchayat Samiti, Puri Sadar |
| 2 | No. of works | : | 04 (Four) Nos. |
| 3 | Estimated cost (in Rs.) | : | Varies from Rs.12.73 Lakh to Rs.77.86 Lakh (Approximately) |
| 4 | Period of completion | : | Approximately 04 (Four) & 06 (Six) calendar months as applicable |
| 5 | Date and time of availability of Bid documents in the portal: | : | From Dt.24.12.2025 at 05:00 PM to Dt.09.01.2026 up to 05:00 PM. |
| 6 | Last date/time of receipt of Bids in the portal | : | Dt. 09.01.2026 up to 05:00 PM. |
| 7 | Date of opening of bids | : | Dt. 12.01.2026 11:00 AM onwards |
| 8 | Name and address of the OIT | : | Office of The Panchayat Samiti, Puri Sadar, Puri, Odisha. |

OIPR-19380/11/0007/2526

Sd./- BLOCK DEVELOPMENT OFFICER,
PURI SADAR, PURI



### ପୌରପରିଷଦ କାର୍ଯ୍ୟାଳୟ:ସୁନ୍ଦରଗଡ଼

ସଂଖ୍ୟା 2724, ତା.22.12.25 ରିଖ

No.C-1915:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ ପୌରପରିଷଦ ଅନ୍ତର୍ଗତ ଦୟା ଧର୍ମଶାଳାରେ ଥିବା ୧୬ ଗୋଟି ଦୋକାନ ଗୃହର ଆବଣ୍ଟନ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ଟେଣ୍ଡର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା ।

| କ୍ରମିକ ନଂ. | ଦୋକାନ | ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ |
|---|---|---|---|
| ୧ | ଦୟା ଧର୍ମଶାଳାରେ ଥିବା ୧୬ ଗୋଟି ଦୋକାନ ଗୃହ | ଟ.୫୦,୦୦୦.୦୦ | ଟ.୫,୦୦୦.୦୦ |

**ସର୍ତ୍ତାବଳୀ:** ୧.ଆବେଦନକାରୀ ଅତିକମ୍‌ରେ ୩୦ ବର୍ଷ ସୁନ୍ଦରଗଡ଼ ପୌରପାଳିକାର ବାସିନ୍ଦା ହୋଇଥିବା ଆବଶ୍ୟକ । ୨. ପୂର୍ବ ବର୍ଷରୁ ବକେୟା ଦେୟ ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ । ୩. ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ,ସ୍ଥାନ, ସମୟରେ ନିର୍ଦ୍ଧାରିତ ଆବେଦନ ଟ.୧୫୦୦.୦୦ ଙ୍କା (ଏକ ହଜାର ପାଞ୍ଚ ଶତ ଟଙ୍କା ମାତ୍ର) ମୂଲ୍ୟ ଆବେଦନ ଫର୍ମ ପୂରଣ କରି ସମ୍ପୃକ୍ତ ୧୬ ଗୋଟି ଦୋକାନ ଗୃହ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ । ଟେଣ୍ଡର ଦାଖଲକାରୀ ନିର୍ଦ୍ଧାରିତ ଦୋକାନର ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଦ୍ୱାରା ଜମା କରିବେ । ଅନ୍ୟଥା ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ଟେଣ୍ଡର ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ । ୪. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଟେଣ୍ଡର ସିଦ୍ଧ ହେବ, ସେ ଉକ୍ତ ଟେଣ୍ଡରର ପୂର୍ଣ୍ଣ ରାଶି ଏକକାଳୀନ ଦାଖଲ କରିବେ । ନଚେତ୍ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦର ଦାଖଲକାରୀ ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ । ନଚେତ୍ ଉକ୍ତ ଦୋକାନର ପୁନର୍ବାର ଟେଣ୍ଡର କରାଯିବ । ୫. ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ । ୬.ଟେଣ୍ଡର ପାଇଥିବା ବ୍ୟକ୍ତି ତାଙ୍କର ପଇଠ ଜମା କରିବାପାଇଁ ଚୁକ୍ତିନାମା କରିବେ । ଚୁକ୍ତିନାମାରେ ଥିବା ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟ କରିବେ । ୭. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ । ୮. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇପାରିବେ । ୯. ଟେଣ୍ଡରରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ । ୧୦.ଦୋକାନ ଗୃହ ମଧ୍ୟରେ କୌଣସି ପ୍ରକାର ଖାଦ୍ୟ ଜିନିଷ ରୋଷେଇ କରିପାରିବେ ନାହିଁ । ୧୧. ତଫସିଲଭୁକ୍ତ ଜାତି ପାଇଁ ୧ଟି (ଏକ ଗୋଟି), ତଫସିଲ ଭୁକ୍ତ ଜନଜାତି ପାଇଁ ୧ଟି (ଏକ ଗୋଟି), ବିଧବା ପାଇଁ ୧ଟି (ଏକ ଗୋଟି), ଭିନ୍ନକ୍ଷମ ପାଇଁ ୧ଟି (ଏକ ଗୋଟି) ଦୋକାନ ଆରକ୍ଷଣ ରଖାଯାଇଅଛି । ୧୨. ପ୍ରତି ୨ ବର୍ଷରେ ଥରେ ଲିଜ ନବୀକରଣ ହେବ ଏବଂ ପ୍ରତି ବର୍ଷ ୧୦% ଭଡା ବୃଦ୍ଧି କରାଯିବ । ୧୩. ପ୍ରତି ଦୋକାନ ଗୃହ ପିଛା ପ୍ରତି ମାସ ଟ.୫୦୦/- ଭଡା ଓ ଟ.୧୦୦/- ସୁରକ୍ଷା ବାବଦକୁ ନିଆଯିବ । ୧୪. ଯେଉଁ ବ୍ୟକ୍ତି ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟଠାରୁ କମ ଦର ଦେବେ ତାଙ୍କର ଟେଣ୍ଡର ଅସିଦ୍ଧ ଘୋଷଣା କରାଯିବା ସହିତ ଅମାନତ ରାଶି ବାଜ୍ୟାପ୍ତ ହୋଇଯିବ । ୧୫.ଆବେଦନକାରୀଙ୍କର ଭୋଟ ପରିଚୟପତ୍ର, ଆଧାର କାର୍ଡ ଏବଂ ବିଦ୍ୟୁତ ବିଲ୍ ଥିବା ଆବଶ୍ୟକ । ୧୬. ଆବେଦନକାରୀଙ୍କର ପୌରାଞ୍ଚଳ ମଧ୍ୟରେ କୌଣସି ଦୋକାନ (ସରକାରୀ/ବେସରକାରୀ/RDA) ନଥିବ । (ଆତ୍ମଘୋଷଣା ହଲପନାମା) ୧୭. ଆବେଦନକାରୀ ଯଦି ଟେଣ୍ଡର ପାଇବ ନାହିଁ, ତାହେଲେ ତାର ଅମାନତ ରାଶି ପ୍ରଥମ ସର୍ବୋଚ୍ଚ ଟେଣ୍ଡରଧାରୀଙ୍କ ଚୁକ୍ତିନାମା ସ୍ୱାକ୍ଷର ହେଲାପରେ ଫେରସ୍ତ ପାଇବେ । ୧୮.କାର୍ଯ୍ୟନିର୍ବାହୀ ଅଧିକାରୀ ଯେକୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି । ୧୯.ସର୍ତ୍ତାବଳୀ ଲାଗୁ । ୨୦.ଟେଣ୍ଡର ସଂକ୍ରାନ୍ତୀୟ ତଥ୍ୟ ପୌରପାଳିକା କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ମିଳିପାରିବ । ୨୧. ବିଶଦ ବିବରଣୀ ପାଇଁ ସୁନ୍ଦରଗଡ଼ ପୌରପାଳିକା ସହିତ ଯୋଗାଯୋଗ କରନ୍ତୁ ।

କ) ତା.24.12.25 ରିଖରୁ ତା.06.01.26 ରିଖ ଟେଣ୍ଡର ପେପର ବିକ୍ରୟ କରାଯିବ ।
ଖ) ତା.06.01.26 ରିଖ ସମୟ-ଅପରାହ୍ନ ୧୨.୩୦ ପର୍ଯ୍ୟନ୍ତ - ଟେଣ୍ଡର ପେପର ଗ୍ରହଣ କରାଯିବ (ପୋଷ୍ଟ/କୁରିଅର ସେବା/ବାକ୍ସ ଦ୍ୱାରା) ।
ଗ) ତା.07.01.26 ରିଖ ସମୟ- ପୂର୍ବାହ୍ନ ୧୧ଟା- ଟେଣ୍ଡର ଖୋଲାଯିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପରିଷଦ

OIPR-13130/11/0055/2526



### OFFICE OF THE EXECUTIVE ENGINEER, RURAL WORKS DIVISION, BARGARH

No. O-1879 Email: rd_bgh@yahoo.co.in, Gmail: rwd.bgh@gmail.com

**e-Procurement Notice No. ONLINE-BGH-22 of 2025-26**

| | | | |
|---|---|---|---|
| 1 | Name of the Work | : | Road work during 2025-26 in the district of Bargarh |
| 2 | EMD | : | @1% of the Estimated Cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-22 of 2025-26 | 29.12.2025 at 11.00 A.M. | 04.01.2026 upto 5.00 P.M. | 04.01.2026 upto 4.00 P.M. | 06.01.2026 at 11.00 A.M. |

Further details can be seen from the website **www.tendersorissa.gov.in**.

OIPR-25062/11/0045/2526 Sd./- Executive Engineer, R.W. Division, Bargarh



### GOVERNMENT OF ODISHA
### OFFICE OF THE EXECUTIVE ENGINEER, RURAL WORKS DIVISION: RAYAGADA

No.O-1852

e-mail ID:rw_rayagada@yahoo.co.in

**GEPNIC e-Procurement Notice**
**Bid Identification No: EERWRGD-Online-14/2025-26**
**Letter No.4399, Date 22.12.2025**

1. Name of the Work: Construction of Building works, Repair of Buildings and Maintenance of Road Work. 2. Total No. of Works: 04 No. (Percentage rate tender). 3. Estimated Cost: Varies from 4.62 to 95.58 Lakh. 4. Class of Contractor: "B" or "C" or "D" Class. 5. Time of Completion: Specified in DTCN. 6. Mode of Submission of tender: Tender should be submitted only in online https://www.tendersodisha.gov.in. 7. Other details: Detailed tender condition specified in DTCN. The intending tenderer (s) should have the joint venture agreement with the electric contractor for execution of electric works Sl No. of work 01. The opening of the financial bid for the work vide Sl.No.-02 will be intimated later.

| Procurement Officer | Bid Identification No. | No. of Works | Availability of tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | |
| Executive Engineer, Rural Works Division, Rayagada | EERWRGD On-line- 14/2025-26 | 04 (Four) Nos. | 29.12.2025 at 11.00 AM | 06.01.2026 upto 5.00 P.M. | 05.01.2026 upto 5.00 P.M. | 07.01.2026 at 11.00 A.M. |

Further details can be seen from the website: **www.tendersodisha.gov.in**

OIPR-25072/11/0045/2526

Sd./- Executive Engineer
Rural Works Division, Rayagada



### GOVERNMENT OF ODISHA
### Office of the Superintending Engineer, Kanupur Canal Division No.-II, AT/PO-Rimuli, Dist- Keonjhar, PIN-758047

e-PROCUREMENT NOTICE || Bid Identification No. SE, KCD No.-II-06/2025-26

No.A-1187: Email- eekcdvn2@gmail.com

| Sl. No. | Name of work | Approx. value of work. (Rs. in Lakh) | E.M.D./Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Shifting of 11 KV and LT line from different Canals of Kanupur Canal Division No.II, Rimuli of Kanupur Irrigation Project (Under RIMULI Electrical TPNODL Section)" | 66.14 | 66,141.00 | 10,000/- | 03 (Three) Calendar months | "HT Electrical Contractor having valid license from ELBO" | Kanupur Canal Division No.- II, At/ PO- Rimuli, Dist.- Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender (Technical Bid) | Last Date of seeking clarification | Place of opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Canal Division No.-II, At/ PO- Rimuli, Dist.- Keonjhar | SE, KCD No.- II- 06/2025-26 | 01.01.26 From 10.00 Hours | 15.01.26 Up to 17.00 Hours | 16.01.26 at 11.00 Hours | 08.01.26 Up to 11.00 Hours | O/o the Superintending Engineer, Kanupur Canal Division No.II, At/ PO- Rimuli, Dist.- Keonjhar |

Further details can be seen from the Govt. website www.tendersodisha.gov.in/www.dowr.odisha.gov.in.
Any addendum/ Corrigendum/ Cancellation to the above notice will be published in this website only.

OIPR-32558/11/0002/2526 Sd./- Superintending Engineer, Kanupur Canal Division No.-II, Rimuli, Keonjhar, Odisha



### GOVERNMENT OF ODISHA
Email: itdagnp@nic.in
### OFFICE OF THE PROJECT ADMINISTRATOR, INTEGRATED TRIBAL DEVELOPMENT AGENCY, GUNUPUR

**E-Procurement Notice**
**Bid Identification No: ITDAGNP-Online-04/2025-26**

**No.3302/VII-99/2025** **Date:23.12.2025**

**No.CAD-2843:**1. Name of the Work : Construction of Building Works. 2. Total No. of Works: 04 No. (Percentage rate tender). 3. Amount put to tender: As mentioned in Col.3 of Annexure. 4. Class of Contractor: As mentioned in Col.5 of Annexure. 5. Period of Completion: As mentioned in Col.4 of Annexure. 6. EMD : As mentioned in Col.6 of Annexure. 7. Paper Cost: As mentioned in Col.7 of Annexure. 8. Other details:

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | Financial Bid Open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Project Administrator, I.T.D.A., Gunupur | ITDAGNP Online- 04/2025-26 | 28.12.2025 at 10.00 A.M. | 11.01.2026 upto 5.00 PM | 11.01.2026 upto 5.00 P.M. | 12.01.2026 at 11.00 Hrs. | Will Intimate Later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill. Further details can be seen from the website: www.tendersorissa.gov.in.

OIPR-26072/11/0012/2526 Sd./- Project Administrator, I.T.D.A., Gunupur



ODISHA

Tel.: 0674-2562368/2561909,
E-mail:paribesh1@ospcboard.org,
Web site: www.ospcboard.org

### STATE POLLUTION CONTROL BOARD, ODISHA
(Forest, Environment & Climate Change Department, Govt. of Odisha)
ParibeshBhawan, A/118, Nilakantha Nagar, Unit-VIII, Bhubaneswar – 751012

**No. 22669/IND-I-SWM-19/25-26 Date 23.12.2025/**

**PUBLIC NOTICE**

**PLASTIC FREE PICNIC SPOTS CHALLENGE-2025**

**No.CAD-2844:**The State Pollution Control Board in association with Forest, Environment and Climate Change Department, Govt. of Odisha have undertaken a campaign "Plastic Free Picnic Spots Challenge, 2025" with an objective to make Picnic Spots free from littering of plastic and other materials. The campaign will be implemented through creating public awareness and other allied activities by engaging NGOs, local volunteer, Eco Clubs, SHGs and Gram Panchayats etc. The following 500 Picnic spots in Odisha have been chosen under this campaign.

**List of Plastic Free Picnic Spots challenge for 2025**

| |
|---|
| **Angul (25 station)**- Deuljhari Hot Spring, Dangapal (Bamur range), Digi (Bamur range), Manjore Reservoir, Ketakijharan, Jharjhari Ghati, Binikey Pitha, Belpunji Matha, Tikarapada /Satkosia Gorgeanctuary-Tikarapada (Mahanadi Bank),Khuludi Waterfall, Balipasi River side, Pallahara River Bank, Baniapali Forest Picnic Area, Derjang Reservoir, Patrapada, Bayani Pitha, Narayana Seva Ashram, Kukudang, Rengali Dam Backwaters, Samal Barrage, Talcher Palace Grounds, Mango Orchard Gaham, Pabitranagar Eco Spot, Talcher Bulajhar, Chhendipada Banadurga Temple, Jarapada Antulia Compt.No.10, Pandurisuni Temple, Baragounia |
| **Balangir (24 Station)**- Harishankar Waterfall, Ranipur- Jharial Picnic Area, Jogeswar Hill (Khaprakhol), Tureikela Reservoir, Saintala Picnic Ground, Khairguda Dam,Chatuapalli Hill View, Belpada Riverside, Sadeipali Forest Edge, Agalpur Dam Picnic Spot, Patnagarh Fort Grounds, Gandharadi Riverbank, Khujenpali Nature Point, Kumuda Pahad, Bhimadungri Eco-tourism Spot, Gaikhai Ecotourism, Chota Harishankar, Balangir, Dumerbahal dam, Badmal, Mathanpalla, Titlagarh, Meherakata, Bandhapada, Patnagarh,ChandiliPahad, Desandh, Patnagarh; Phalsamal Temple, Loisingha; Dumdumi, Loisingha; Amajharan, Loisingha |
| **Balasore (12 Station)**- Kasafal Beach,Panchalingeswar Hill & Stream, Chandipur Beach, Talasari Beach, Udayapar beach, Chaumukh beach, Dagra beach, Haskara Dubuagadi , Kuldhia Sanctuary Zone, Bichitrapur Eco Spot, Rissia |
| **Bargarh (20 Station)** - Nrusinghanath, Dedhara, Apkhol, Patharseni, Govindpur (Bird village), Barabakhara Waterfall, Chikili, Rani Dam, Kumbho Dam, Samardhra, Manvang Dam, Ambabhana Dam, Khandijharan Dam, Patharseni Temple (Hirakud Reservoir area), Baishnodevi Temple, Papanga Hills, Ghunghati, Barapahad Hills, Khajuria Dam, Tamdei Picnic Spot |
| **Bhadrak (3 Station)** - Eram (Basudevpur WL Range), Gohiratikiri (Dhamnagar WL Range), Adampur (Dhamnagar WL Range) |
| **Boudh (20 Station )**- Nuapada Dam, Naikpada Cave, Balasingha, Marjakud River side, Girasinga, Shyamasundarpur & Pargalpur Buddhist Heritage Sites, Baunsuni Riverside, Dambargad Nature Camp, Ramgarh, Manipur, Palsakutuni, Maa Bhairabi Temple, Kumbidhar Waterfall, Damkuch Dam, Khandikanpa, Reghamunda Rock Hills, Sargipali waterfall, Watch Tower at Lakhparbat, Watch Tower at Dangapala, Padhel Dam |
| **Cuttack (13 Station)**- Saranda Hilltop, AnsupaDeojhar, Kalakala Nature Nest of Dalijoda Range,Naraj Barrage, Dhabaleswar Island, Jobra Park, Baimundi Hills, Badamba Dam, Damdamani Temple & Dam site in Mangarajpur section of Dalijoda Range; Mahavinayak Temple, Chandikhol, Olasuni Ecotourism complex and Temple in Dalijoda Range; Dhaltangarh in Jagatsinghpur Range ;Ashokjhar waterfall in Sukinda Range |
| **Deogarh (10 Station)** -Pradhanpat Waterfall, Kurudkote Waterfall, Deojharan Waterfall, Gohira Dam Site, Ghodapaka PRF near Dalabeheramunda, Bhai Bhauni Water fall, Badapathar, Bhandar Khol, Maa Jhia Darha, Dargadi |
| **Dhenkanal (13 Station)**- Kapilash Hills, Saptasajya Hill & Forest, Kualo Dam, Baladiabandha Reservoir, Joranda Forest Picnic Point, Kamakshyanagar Hill, Bhuban Riverside, Hindol Dam, Mahimagadi Riverside Spot, Sapua Reservoir, Dandadhar Dam, Sunajhar Waterfall,Gundichanali river side. |
| **Gajapati (9 Station)**- Gandahati Waterfall, Mahendragiri Hill,Taptapani, Harabhangi Dam, Chandragiri Buddhist Monastry, Jirang Monastery Hill View, Serango Valley, Gumma Hill Range, Koinpur Stream |
| **Ganjam (25 Station)**- Ramachandi Sea beach, Shri Dhabaleswar Sea Beach, Khallingi, Gopalpur sea beach, Sunapur Sea beach, Pantha Nibas, Rambha, Narayani Temple,Taratarini temple, Bateswar Temple, Aleswar Temple, Barihapathar Waterfall site; Baghalati Ecotourism site,Pasuram Kunda Waterfall, Ghodahada Eco Park, Balakumari Temple, Maa Bankeswari Temple, KasiViswanath Temple, Ujaleswar Temple,Van Bihar, Bhanjanagar, Daha Dam site, Bapangi Temple, Daha Blackbuck Nature Camp Saluapalli, Giant Squirrel Nature Camp Kaliamba, Budhakendu Temple, Keshtriya Barapur, Day Tourism Centre, Chakraghati, Ghatisula Temple,Laxmi Nursingha Cave, Kokalaba |
| **Jagatsinghpur (15 Station)**- MaaSalara Temple, Kanankpur, Gorekhnath Temple, Baranga Jagannath Temple, Sidhhala Jagannath Temple, Maa Narayani Temple, Raghunathpur, Dhaltangarh PRF Digabareni Temple, Lankapada, Rahama,Kujang Mangrove Area, Jamboo River Mouth, Nehru Bangala Park, Maa Bandarei Temple, Siali Sea Beach, GadaKujang Jagannath Temple,Paradeep Light house,Hawakhana River mouth |
| **Jajpur (10 Station)**- Dasarathpur Riverbank, Sukinda Valley, Gokarneswar Hill, Vyasanagar Park, Biraja Riverside, Olasuni Hill &Cave,Panikoili Canal Side,Kuakhia Riverside, Singada Hill, Baitarani Ghat (Chandikhole Side) |
| **Jharsuguda (11 Station)**- Rampaluga Hirakud Reservoir Area, Eco-park Malimunda, Koilighughar Waterfall, Bikramkhol Picnic Area, Hirakud Backwater (Larikata), Kelsa Hill, Laikera Forest, Belpahar Picnic Ground, Katapali Riverside, Bagdihi Dam, Patrapali Backwater. |
| **Kalahandi (13 Station)**- Dokrichanchara Water fall of Dharmagarh Range, Hello Point of Th. Rampur South Range, Phurlijharan Water fall of Karlapat Sanctuary Range, Dalguma, Rabandhara, Ret Dam, Madia Rakhi, Bhaludhara, TinDharia, Mukhipata Waterfall, Kamalabari, Asurgarh, Mundgaon Waterfall |
| **Kandhamal (20 Station)**- Pokadajhar, Nature Park Medubandha Waterfall, Ludu Waterfall, Hill View Daringbadi, Coffee Garden Daringbadi, Midubandha Waterfall Daringbadi, Ludu Waterfall Kathagarh, Putudi Waterfall Phulbani, Muklingia Hill View Udegiri, Madasuru Waterfall and Viewpoint, Sunset Point Daringbadi, Pine Forest Daringbadi, Kisubadi Waterfall Daringbadi, Lover point Kirikuti Daringbadi, Emu Bird Park Kirikuti Daringbadi, Butterfly Garden Daringbadi, Rainbow Waterfall Pangali Daringbadi, Darbadi Waterfall,Partamaha Daringbadi, Traditional Cottage andTribal Museum Kathagarh. |
| **Kendrapara (13 Station)**- Sakhibata, Bagada Barunei, Ostapur, Balikasati, Marshaghai, Rajnagar, Derabisi, Gojabayani, Dumuka, Marshaghai, Dangamala,Gupti, HukitolaIsland, Rajkanika Palace, Habalikhati, Ekakula Beach, Ramchandi Temple, Barahjew temple (Aul) |
| **Keonjhar (10 Station)**- Sanaghagra Waterfall, Badaghagra Waterfall, Khandadhar, Waterfall, Kaijoda, Murgamahadev, Bhimkund, Gundichaghai, Kanjhari Dam, Handibhanga, Sitabinj |
| **Khurda (27 Station)**- Barunei Temple, Atri Hotspring, Kosalasuni temple; Arachandi Temple, Ugratara Temple, Padabasuni, Maa Maninag temple, Asura kumari Temple, Maa Khilamunda Temple, Hanuman Gumbpha Kotagarh, Sri Rama Mandira, Nakithana, Samuka Temple, Damani Temple spring, Berbera Ecotourism; Biswanath Hill /Temple, Maa Kalijai Temple, Kaliyugeswar Hill of Kaliyugeswar Temple, Kankana Sikhari Temple, Samalnasi, Gurubai, Sipakuda, Pitakhala, Rajhansa, Bhabakundaleswar Temple, Manikapatna, Deras Ecotourism, Jhumka |
| **Koraput (16 Station)**- Duduma Waterfall, Deomali Hills, Nandapur, Gupteswar Cave, Kolab Dam, Jalaput Dam, Minapai Valley, Nandapur Hill, Hatipathar Waterfall, Kotpad Riverside, Kunduli Forest Area, Machkund Riverbank, Potangi Hill, Deomali Eco-tourism Nature Camp , Semiliguda Range, Rani Duduma Water fall and day destination centreSemiliguda Range Nageswara Cave ,Balda Range. |
| **Malkangiri (23 Station)**- Sitakunda Picnic spot, Amakunda Waterfall, Gummajharan Water fall, Ekagodi Waterfall, Saptadhara Picnic Spot, Hantalguda Picnic spot, Dakraijodi Picnic spot, Polluru Picnic Spot, Kamaraguda Picnic spot, MI Tank of Podia,Madka Water fall near Pradhaniguda, Badathakura, Manyamkunda,Satiguda Dam,Balimela Reservoir, Chitrakonda, Motu River side, Manyamkonda Hill,Khairput Reservoir, Mudulipoda Forest, M.V-79 Picnic Zone, Mogi Point, Malikeshwar Temple, Jaduguda Shiv Temple |
| **Mayurbhanj (18 Station)**- Khadkhai Dam (Suleipat), Nesa Dam, Bankbal Dam, Binjdhara water Fall (Kailaghaty), Asurghaty water Fall, Khandia Wate Fall, Bhimkund Eco tourism,Bhairav Kunda, Barehipani Waterfall, Sitakund, Joranda Waterfall, Lulung Picnic Spot, Devkund Waterfall, Ramatirtha Park, Khiching Hill, Kalo Riverbank, Haripur Hill, Karanjia Riverside |
| **Nabarangpur (10 Station)**- Mangardhora, Indravati Dam, Ghumureswar, Chandandhara, Kelia, Saidhara, Bhairaghumar, Goseidhara, Bhaskel Dam, Podagad Hill |
| **Nayagarh (20 Station)**- Panipoila dam, Rajgiri Pitha, Baishnabgiri Pitha, Chanchunia Pitha, Ghagra Dam ; Kuanria Dam, Bhimrapahad, Ratnaganda Waterfall; Simili Waterfall, Baraknya waterfall, Budhabudhiani Dam, Mohanagaru Dam, Pachilagodi Dam, Bhalujhara Dam, Kanigiri Sapa Ghususra Bandh, Gokulananda Pitha Sidhamula, Sunamuhin Park, Kantilo Narayani Temple; Bagdevipitha, Baghua Dam |
| **Nuapada (20 Station)**- Patalganga,Tikhali Dam, Risipithi, Goddhuapadar, Pendrawan Dam, Jogimath, Kadalijharan, Upkaganga, Kapatdara, Jadamunda Dam , Patora, Maraguda, Jogeswar Temple ,Saipala Dam ,Penkundongri, Thipakhol, Ghumar, Guasil (Budighat) , Liad Dam , Badhibahal Dam |
| **Puri (20 Station)**- Balukhanda- Konark Beach, Chandrabhaga Beach, Balighai Eco Park, Raghurajpur Riverside, Sakhigopal Lake, Nuanai River, Astaranga Beach, Satapada Chilika, uri Beach front, Kakatpur Mangrove Trail, Alarnath Temple Riverside, Jagannath Ballav Eco Spot, Ramachandi, Lotus Hotel Area, Chandrabhaga Eco-retreat, Area nearby Light House; Tavagolara, Kutamchandi, Jahania, Gangadevi |
| **Rayagada (15 Station)**- MaaMajhigouriTemple,Haluwa, BairagiHaluwa Water Fall, TalaGumma, Sankesh Temple, Durgapadu Water Fall, Minajhoia Shiva Temple, Chatikona Shiva Temple, Debagiri, Gadagada, Kulabandha Temple, Toyangiri Water Fall, Kenduguda Dam, Cherakota Water Fall, Aliguna Water Fall |
| **Sambalpur (17 Station)**- Hirakud Dam-Zero point, Dhodrokusum, Debajharan, Ushakothi Sanctuary, Huma Temple, Debrigarh, Budharaja Hill, Bhatra Forest, Sason Canal, Sardega Hill, Gudguda, Phuljharn, Ghanteswari (Chipilima), Pradhanpath, Hotapal, Badsinghari, Pitapali, |
| **Sonepur (15 Station)**- Sonepur confluence, Binka river side, Singjurikata, Pujadungri, Dungripali forest, Rampur forest, Chardaa picnic ground, Papakshayaya ghata Binka,Metakani, Thengodam reservoir, Patalikot samelei, Pratappurkata, Deuljhari, Baarapahadkhol, Ranijhula Tarva |
| **Sundargarh (33 Station)**- Chhengapahad Natural Arc Heritage Site, Saragarh Nature Camp, Sundargarh Town Park, KannaKund, Koilighughar Picnic Spot, Hemgir, Jhadeswar Temple, Beng Benguli, Hemgir Tinikuda Waterfall, Rauguda, Ujalpur, Athkosia Waterfall, Ujalpur, Sarafgarh Dam Side Renagali Dam, Talsara, Rushi Gumpha, Kuchedega, Gopalpur, Hanuman Vatika, Panposh, Rourkela, Vaishnodevi Temple, Panposh, Rourkela, Akshaya Shila, Bisra, Rourkela,Vedvyas Dam, Kuarmunda, Rourkela, Pitamahal Dam, Kalunga, Rourkela Mandira Dam, Rajgangpur, Rourkela,Kansbahal Dam, Kuarmunda, Rourkela,Deomul Waterfall, Rajgangpur, Rourkela, Brahmani River Darjing, Banki, Rourkela, Deodhar Eco Tourism, Banki, Rourkela, Khandhar Waterfall, Bonai,Rukuda Dam, Bonai,Tensa Nature Camp, Bonai,Sundhikon River View (Brahmani River bank), Amco-Simco- Raibaga-G.P. Kuarmunda Block,Chhatri Hill- Bargaon Block, Darieeing- Lahuniapara Block, Deogarh- Daeieeing G.P Lahunipara Block,Ghogar Baba Shiv Temple- Rajgangpur Block, Junagarh- Hemgiri Block, Kanhakund- Balisankara Block, Akshyasila Waterfall- Bisra Block |
| **Total-500** |

These Picnic spots shall have restriction / regulations on use of single use plastic (SUP) and advisory of Dos and Don'ts for strict adherence. All citizens are requested to follow the restrictions and the advisory to maintain the cleanliness of the surroundings and maintain enjoyable environment. Cooperation of every individual shall help making the campaign successful accomplishing its objective.

**"Spread joy, don't litter, be nature friendly".**

**By order of the Chairman**
**Sd/-**
**MEMBER SECRETARY**

OIPR-08012/11/0398/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଅଭିଯୋଗ, ୩ ସନ୍ଦିଗ୍ଧ ବାଂଲାଦେଶୀ ଅଟକ

**ଭାପୁର,୨୭।୧୨(ପ୍ରଭାତ ବରାଡ)**

ନୟାଗଡ଼ ଜିଲା ଫତେଗଡ ଥାନା ଅଧୀନ ଫତେଗଡ଼ ଗ୍ରାମରୁ ୩ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ପୋଲିସ ଶନିବାର ଅଟକ ରଖି ତଦନ୍ତ କରୁଛି। ସନ୍ଧ୍ୟାରେ ଫତେଗଡଠାରୁ କଳାପଥର ୪୮ ନଂ ରାଜ୍ୟ ରାଜପଥ ଫତେଗଡ ଗାଁ ମୁଣ୍ଡରେ ୩ ଜଣ ଯୁବକ ଏକ ନୂଆ ଖୋଲିଥିବା ପେଟ୍ରୋଲ ପମ୍ପରେ କାମ କରିବାକୁ ଆସି ଏକ ଭଡ଼ା ଘରେ ରହୁଥିଲେ। ସନ୍ଧ୍ୟାରେ କେତେକ ଯୁବକ ସେହି ବାଟଦେଇ ଯାଉଥିବା ବେଳେ ୩ ଜଣ ସନ୍ଦିଗ୍ଧ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ନାରା ଦେବାସହ ଭାରତ ମୁର୍ଦ୍ଦାବାଦ ନାରା ଦେଇଥିଲେ। ଏହାକୁ ସ୍ଥାନୀୟ ଯୁବକମାନେ ବିରୋଧ କରିବାରୁ ସନ୍ଦିଗ୍ଧ ବାଂଲାଦେଶୀମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଭଡ଼ାଘରେ ପଶି ଭିତର ପଟୁ କବାଟ ବନ୍ଦକରି ଦେଇଥିଲେ। ଫତେଗଡ ଗ୍ରାମର ଯୁବକମାନେ ଏକାଠି ହୋଇ ସେମାନଙ୍କୁ ନିସ୍ଥୁକ ମାଡ଼ ମାରିବା ସହ ପୋଲିସକୁ ଖବର ଦେଇଥିଲେ। ଫତେଗଡ ପୋଲିସ ୩ ଜଣ ଯୁବକଙ୍କୁ ଥାନାକୁ ନେଇଥିଲା। ଏନେଇ ଫତେଗଡ ଥାନାଧିକାରୀ ପଞ୍ଚାନନ ପରିଡ଼ାଙ୍କୁ ପଚାରିବାରୁ ୩ ଜଣ ବାହାର ରାଜ୍ୟର ଯୁବକଙ୍କୁ ଅଟକ ରଖାଯାଇ ଘଟଣାର ତଦନ୍ତ ଚାଲୁ ରହିଛି ବୋଲି କହିଥିଲେ।

# ୯ ଅଲିଭ ରିଡ୍‌ଲେ କଇଁଛଙ୍କ ପିଠିରେ ଖଞ୍ଜାଗଲା ସାଟେଲାଇଟ୍ ଟ୍ରାନ୍ସମିଟର

**ରାଜନଗର,୨୭।୧୨(ଭାସ୍କର ରାଉତରାୟ)**

ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥା ଏବେ ଚଳଚଞ୍ଚଳ। ନଭେମ୍ବର ପହିଲାରୁ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମକରି ଲକ୍ଷ ଲକ୍ଷ କଇଁଛ ଗହୀରମଥାର ନୀଳ ଜଳରାଶିରେ ମିଳନ ପର୍ବରେ ନିମଗ୍ନ। ଡିସେମ୍ବର ୨୫ରେ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟରତ ଜୀବ ବିଜ୍ଞାନୀ ସୁରେଶ କୁମାରଙ୍କ ନେତୃତ୍ୱରେ ଗହୀରମଥା ବାବୁବାଲି ଦ୍ୱୀପରେ ୬ କଇଁଛଙ୍କ ପିଠିରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସାଟେଲାଇଟ୍ ଟ୍ରାନ୍ସମିଟର ଖଞ୍ଜିଛନ୍ତି। ସେହିପରି ଋଷିକୁଲ୍ୟା ଉପକୂଳରେ ୩ କଇଁଛଙ୍କ ପିଠିରେ ମଧ୍ୟ ଟ୍ରାନ୍ସମିଟର ଖଞ୍ଜାଯାଇଛି। ସୂଚନାଯୋଗ୍ୟ, ୩ ବର୍ଷ ପୂର୍ବେ ଗହୀରମଥାକୁ ଅଣ୍ଡାଦେବାକୁ ଆସିଥିବା ମା' କଇଁଛଙ୍କ ପିଠିରେ ଟ୍ରାନ୍ସମିଟର ଲଗାଯାଇଥିଲା। ଏଥିରୁ ଗୋଟିଏ କଇଁଛ ମହାରାଷ୍ଟ୍ରର ରତ୍ନଗିରି ଉପକୂଳରେ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଉଁକରଙ୍କୁ ପଚାରିବାରୁ ଅଲିଭ ରିଡ୍‌ଲେ କଇଁଛଙ୍କ ଆଗମନ ସାମୁଦ୍ରିକ ପରିବେଶ ସନ୍ତୁଳନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଉଛି। ଏହାର ଆଗନ୍ତୁକ ଅତିଥି କଇଁଛଙ୍କ ଗତିବିଧି ଜାଣିବା ପାଇଁ ଏହି ପ୍ରକ୍ରିୟା ଜାରି ରଖାଯାଇଛି ବୋଲି ସେ କହିଛନ୍ତି।

# ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିବେ ଓଡ଼ିଶାର ୧୨୭ କ୍ୟାଡେଟ




କାର୍ଯ୍ୟକ୍ରମରେ ଏନ୍‌ସିସି କ୍ୟାଡେଟଙ୍କ ସହ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୭।୧୨(ସୁଚିସ୍ମିତା ସାହୁ)**

■ ଶୁଭେଚ୍ଛା ଜଣାଇଲେ ସଂସ୍କୃତି ମନ୍ତ୍ରୀ
■ ରାଜ୍ୟରେ ମହିଳା ଏନ୍‌ସିସି କ୍ୟାଡେଟ ସଂଖ୍ୟା ବୃଦ୍ଧି ହେବ

ଆସନ୍ତା ଜାନୁଆରୀ ୨୬ରେ ନୂଆଦିଲ୍ଲୀସ୍ଥିତ କର୍ତ୍ତବ୍ୟପଥରେ ଜାତୀୟସ୍ତରୀୟ ସାଧାରଣତନ୍ତ୍ର ବା ଗଣତନ୍ତ୍ର ଦିବସ ପରେଡ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାରଠାରୁ ନୂଆଦିଲ୍ଲୀଠାରେ ସାଧାରଣତନ୍ତ୍ର ଦିବସ ଶିବିର ଆରମ୍ଭ ହୋଇଛି। ଜାନୁଆରୀ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶାର ୧୨୭ଜଣ ଏନ୍‌ସିସି କ୍ୟାଡେଟ୍ ଯୋଗଦେଇଛନ୍ତି। ଏମାନେ ପରେଡ ସହ ଏନ୍‌ସିସି ପିଏମ୍ ରାଲିରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଶନିବାର ସକାଳେ ଏହି କ୍ୟାଡେଟ୍‌ଙ୍କ ସହ ୧୦ ସପୋର୍ଟିଂ ଷ୍ଟାଫ୍ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହ ବୃଦ୍ଧି କରିଛନ୍ତି। ଏହି ସମୟରେ ମନ୍ତ୍ରୀ କହିଲେ, ଏନ୍‌ସିସି କ୍ୟାଡେଟମାନେ କଠିନ ପରିଶ୍ରମ ଓ ସମର୍ପଣ ଭାବନା ସହ ଦେଶର ଏକତା ଏବଂ ସାର୍ବଭୌମତା ରକ୍ଷା ନିମନ୍ତେ ସର୍ବଦା କାର୍ଯ୍ୟ କରିଥାନ୍ତି। ସମସ୍ତଙ୍କ ମଧ୍ୟରେ ଦେଶ ପାଇଁ ରହିଥିବା ଭଲ ପାଇବା ଏବଂ ନିଜ କର୍ମ ପ୍ରତି ରହିଥିବା ନିଷ୍ଠାପରତାର ଭାବନା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଓଡ଼ିଆ କ୍ୟାଡେଟମାନେ ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ ଏବଂ ଏନ୍‌ସିସି ରାଲିରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଏହା ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ହେବ ବୋଲି ମୁଁ ଆଶା କରୁଛି। ଓଡ଼ିଶାରେ ଏନ୍‌ସିସି କ୍ୟାଡେଟ ସଂଖ୍ୟାକୁ ବୃଦ୍ଧି କରିବା ସହିତ ମହିଳା ଏନ୍‌ସିସି କ୍ୟାଡେଟଙ୍କ ସଂଖ୍ୟାକୁ ବୃଦ୍ଧି କରିବାକୁ ଯୋଜନା କରାଯାଉଛି। ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଏନ୍‌ସିସି ବାଟାଲିୟନ ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି ବୋଲି ମନ୍ତ୍ରୀ ସୂରଜ କହିଛନ୍ତି। ଓଡ଼ିଶା ଏନ୍‌ସିସିର ପ୍ରାୟ ୬୪ ହଜାର କ୍ୟାଡେଟଙ୍କ ମଧ୍ୟରୁ ୧୨୭ଜଣ କ୍ୟାଡେଟଙ୍କୁ ଚୟନ କରାଯାଇଥିବାବେଳେ ଏମାନଙ୍କ ମଧ୍ୟରେ ୪୭ଜଣ ବାଳିକା ଏବଂ ୮୦ଜଣ ବାଳକ ରହିଛନ୍ତି। କଲେଜ ଏନ୍‌ସିସି ଶାଖାରୁ ୧୧୨ଜଣ ଓ ସ୍କୁଲ ଏନ୍‌ସିସି ଶାଖାରୁ ୧୫ଜଣ ଏନ୍‌ସିସି କ୍ୟାଡେଟ ରହିଛନ୍ତି। ନୂଆଦିଲ୍ଲୀ ଯାତ୍ରା ପୂର୍ବରୁ ଏହି କ୍ୟାଡେଟଙ୍କୁ ୧ ମାସ ଧରି ନବରଙ୍ଗପୁରଠାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଜେନେରାଲ କମୋଡ଼ର ବିକ୍ରମ ସିଂହ ଓଡ଼ିଶାର ଏନ୍‌ସିସି କ୍ୟାଡେଟଙ୍କ କାର୍ଯ୍ୟ ସମ୍ବନ୍ଧରେ କହିବା ସହ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ପାଇଁ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ଗ୍ରୁପ୍ କ୍ୟାପଟେନ ଦେବାଶିଷ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ଠକ ଲୁଟିନେଲେ ୪.୭୭ ଲକ୍ଷ

**ଅନୁଗୋଳ,୨୭।୧୨(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ତୁରଙ୍ଗ ଅଞ୍ଚଳରେ ରହୁଥିବା କଟକ କାନପୁର ଥାନା ଅଞ୍ଚଳର ଶ୍ରୀଧର ସାହୁ ୪.୭୭ ଲକ୍ଷ ଟଙ୍କାର ସାଇବର ଠକାମିର ଶିକାର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ହ୍ୱାଟ୍ସଆପ୍‌କୁ ଆସିଥିବା ଏକ ଏପିକେ ଫାଇଲ ଖୋଲିବାର କିଛିଦିନ ପରେ ଏହି ଠକେଇ ହୋଇଛି। ସେ ୨ଟି କ୍ରେଡିଟ କାର୍ଡରୁ ଲୋନ ନେବା ସହ ଉକ୍ତ ଟଙ୍କା ଅଲଗା ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଛି। ଗୋଟିଏ କ୍ରେଡିଟ କାର୍ଡରୁ ୫୦ ହଜାର ଓ ଅନ୍ୟ କାର୍ଡରୁ ୪ ଲକ୍ଷ ୨୭ ହଜାର ଟଙ୍କା ଲୋନ ହୋଇଥିବା ତାଙ୍କ ମୋବାଇଲକୁ ମେସେଜ ଆସିଛି। ତେଣୁ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ତୁରନ୍ତ ୧୯୩୦ ସାଇବର ହେଲ୍ପଲାଇନକୁ କଲ୍ କରି ଅଭିଯୋଗ ଦାଖଲ କରିଛନ୍ତି। ପୋଲିସ ପକ୍ଷରୁ ମାମଲାର ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି।

# ପ୍ରତିଷ୍ଠା ଦିବସର ଦିନକ ପରେ ୧୧ ଜିଲାର କମିଟି ଘୋଷଣା କଲା ବିଜେଡି

**ଭୁବନେଶ୍ୱର,୨୭।୧୨(ସୁନିତ୍ ମିଶ୍ର)**

ବିଜେଡି ପ୍ରତିଷ୍ଠା ଦିବସ ପାଳନର ଦିନକ ପରେ ୧୧ ସାଙ୍ଗଠନିକ ଜିଲା ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ଶନିବାର ତାଲିକା ପ୍ରକାଶ କରିଛନ୍ତି। ଏହି ଜିଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଗଜପତି, ଅନୁଗୋଳ, ମାଲକାନଗିରି, ସୋନପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ରହିଛି। ବୌଦ୍ଧ ଜିଲା ଲାଗି ୮ ଜଣ ଉପସଭାପତି, ୯ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୧୭ ଜଣ ସମ୍ପାଦକ ଭାବେ ଦାୟିତ୍ୱ ପାଇଛନ୍ତି। କନ୍ଧମାଳରେ ୮ ଜଣ ଉପସଭାପତି, ୨୧ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୨୦ ଜଣ ସମ୍ପାଦକ, ଦେବଗଡ଼ ଜିଲା ପାଇଁ ୪ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୮ ଜଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ଗଜପତି ଜିଲାରେ ୧୩ ଜଣ ଉପସଭାପତି, ୧୨ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୧୪ ଜଣ ସମ୍ପାଦକ ଭାବେ ଦାୟିତ୍ୱ ପାଇଛନ୍ତି। କେନ୍ଦୁଝର ଜିଲା ଲାଗି ୧୪ ଜଣ ଉପସଭାପତି, ୨୯ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୫ ଜଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ଅନୁଗୋଳ ଜିଲାରେ ୧୦ ଜଣ ଉପସଭାପତି, ୧୨ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୧୬ ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ମାଲକାନଗିରିରେ ୨ ଜଣ ଉପସଭାପତି, ୯ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ୧୯ ଜଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସୁନ୍ଦରଗଡ଼ ଜିଲାରେ ୧୨ ଜଣ ଉପସଭାପତି, ୧୧ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୨୨ ଜଣ ସମ୍ପାଦକ ଭାବେ ଦାୟିତ୍ୱ ପାଇଛନ୍ତି। ଝାରସୁଗୁଡ଼ା ଜିଲାରେ ୭ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୧୪ ଜଣ ସମ୍ପାଦକ ଦାୟିତ୍ୱ ପାଇଛନ୍ତି। କଳାହାଣ୍ଡି ପାଇଁ ୯ ଜଣ ଉପସଭାପତି, ୯ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ୩୧ ଜଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସୋନପୁର ଲାଗି ୧୧ ଜଣ ଉପସଭାପତି, ୧୨ ଜଣ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ୨୫ ଜଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି।

# ପୁରୀ, ଭୁବନେଶ୍ୱରରେ ରେଳ ଚଳାଚଳ ଦୁଇଗୁଣା ବଢ଼ିବ

**ଭୁବନେଶ୍ୱର,୨୭।୧୨(ଅନୁରାଧା ମହାରଣା)**

ଆସନ୍ତା ୫ ବର୍ଷରେ ଅର୍ଥାତ୍ ୨୦୩୦ ସୁଦ୍ଧା ଭୁବନେଶ୍ୱର, ପୁରୀ ଏବଂ ବିଶାଖାପାଟଣାରେ ରେଳ ଚଳାଚଳ କ୍ଷମତା ଦ୍ୱିଗୁଣା କରାଯିବ। ଏଥିପାଇଁ ପ୍ରମୁଖ ଭିତ୍ତିଭୂମିଗୁଡିକର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୁରୀରେ ବର୍ତ୍ତମାନର ୬ଟି ଲାଇନକୁ ପୂରଣ କରିବା ପାଇଁ ୨ଟି ଅତିରିକ୍ତ ପୂର୍ଣ୍ଣ-ଲମ୍ବ ସମନ୍ୱିତ ପିଟ୍ ଲାଇନ ନିର୍ମାଣାଧୀନ ଅଛି। ସମ୍ପୂର୍ଣ୍ଣ କୋଚିଂ ରକ୍ଷଣାବେକ୍ଷଣ ସୁବିଧାକୁ ମଞ୍ଜୁରୀପ୍ରାପ୍ତ ପୁରୀ-କୋଣାର୍କ ନୂତନ ଲାଇନ୍‌ରେ ଏକ ନୂତନ ଦ୍ୱିତୀୟ କୋଚିଂ ଟର୍ମିନାଲ ଡିପୋକୁ ସ୍ଥାନାନ୍ତରିତ କରାଯିବାର ପ୍ରସ୍ତାବ ରହିଛି। ଏଥିସହ ଏହି ଲାଇନରେ ଏକ ବୃହତ ଆକାରର କୋଚିଂ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯୋଜନା କରାଯାଇଛି। ଭୁବନେଶ୍ୱରରେ ନୂତନ ଭୁବନେଶ୍ୱର ଷ୍ଟେଶନକୁ ଏକ ସାଟେଲାଇଟ କୋଚିଂ ଟର୍ମିନାଲ ଭାବରେ ବିକଶିତ କରାଯାଉଛି, ଯେଉଁଥିରେ ମଞ୍ଚେଶ୍ୱରରେ ୨ଟି ପିଟ୍ ଲାଇନର ରକ୍ଷଣାବେକ୍ଷଣ ସୁବିଧା ଓ ସମର୍ପିତ ସଂଯୋଗୀକରଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ ରହିଛି। ସ୍ଥାନାଭାବ ଯୋଗୁ ନିକଟସ୍ଥ ଅଞ୍ଚଳରେ ନୂତନ ଡିପୋ ପ୍ରସ୍ତାବିତ ରହିଛି। ବିଶାଖାପାଟଣାରେ ୫ଟି ଅତିରିକ୍ତ ଲାଇନ, ୬ଟି ଅତିରିକ୍ତ ଯାତ୍ରୀ ପ୍ଲାଟଫର୍ମ, ୧୦ଟି ଷ୍ଟେବ୍ଲିଂ ଲାଇନ ଏବଂ ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ପ୍ରଦାନ କରୁଥିବା ୟାର୍ଡ ପରିବର୍ତ୍ତନ ପାଇଁ ଏକ ଡିପିଆର୍ ରେଳ ବୋର୍ଡରେ ଦାଖଲ କରାଯାଇଛି। ପ୍ରସ୍ତାବିତ କୋଟ୍ଟାଭାଲସା-ଆନକାପାଲି ବାଇପାସ୍ ଲାଇନରେ ଜଗନ୍ନାଥପୁରମ ଷ୍ଟେଶନକୁ ଏକ ମେଗା କୋଚିଂ ରକ୍ଷଣାବେକ୍ଷଣ ଡିପୋ ଏବଂ ସାଟେଲାଇଟ ଷ୍ଟେଶନ ଭାବରେ କାର୍ଯ୍ୟ କରିବା ପାଇଁ ଏକ ବଡ଼ ସ୍ତରର କମ୍ପ୍ଲେକ୍ସ ଭାବରେ ଯୋଜନା କରାଯାଇଛି। ବର୍ଦ୍ଧିତ ଟ୍ରେନ ଚଳାଚଳ ପାଇଁ ପୁରୀ ଅଞ୍ଚଳରେ ସ୍ୱୟଂଚାଳିତ ବ୍ଲକ୍ ସିଗ୍‌ନାଲିଂ ଓ ଫ୍ଲାଏଓଭର, ଭୁବନେଶ୍ୱର ଅଞ୍ଚଳରେ ପିଟ୍‌ଲାଇନ ବିଦ୍ୟୁତୀକରଣ, ସୁରକ୍ଷା ବାଡ଼, ଚତୁର୍ଥ ଲାଇନ ସହ ବାଇପାସ୍ ସର୍ଭେ ଏବଂ ବିଶାଖାପାଟଣା ଅଞ୍ଚଳରେ ଅନେକ ତୃତୀୟ, ଚତୁର୍ଥ, ପଞ୍ଚମ,ଷଷ୍ଠ ଲାଇନ, ଫ୍ଲାଏଓଭର ଏବଂ ବାଇପାସ ପ୍ରକଳ୍ପ ସମେତ ବହୁବିଧ ବିଭାଗ କ୍ଷମତା ବୃଦ୍ଧି ପ୍ରକଳ୍ପ ପ୍ରଗତି କରୁଛି। ଭାରତୀୟ ରେଳପଥ ଦ୍ୱାରା ଚିହ୍ନିତ ୪୮ଟି ପ୍ରମୁଖ ସହର ମଧ୍ୟରୁ ଭୁବନେଶ୍ୱର, ପୁରୀ ଏବଂ ବିଶାଖାପାଟଣାକୁ ନେଇ ଏକ ବ୍ୟାପକ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଗହୀରମଥାରୁ ଟ୍ରଲର ଜବତ

**୧୭ ମତ୍ସ୍ୟଜୀବୀ କୋର୍ଟ ଚାଲାଣ**

**ରାଜନଗର,୨୭।୧୨(ଭାସ୍କର ରାଉତରାୟ)**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୭ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ଏକକୁଳା ନିକଟରୁ କିଛି ଦୂରରେ ମାଛ ଧରୁଥିବା ମା' ଶିବାନୀ-୨ ନାମକ ଟ୍ରଲରକୁ ଜବତ କରିଥିଲେ। ସେଥିରୁ ଗୋଟିଏ ଜିପିଏସ୍, ଦୁଇଟି ଭିଏଚ୍‌ଏଫ୍, ଗୋଟିଏ ଫିସ୍‌ଫାଇଣ୍ଡର,ତିନୋଟି ଗିଲ୍‌ନେଟ(ଜାଲ) ଓ ୧୩ କୁଇଣ୍ଟାଲ ୫୦କେଜି ମାଛ ଜବତ କରିବା ସହ ୧୭ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଭୀମସେନ ମାଇତି, ପ୍ରତାପ ସିଂ, ଶିବୁ ମାନ୍ନା, ଚନ୍ଦନ ଦାସ, ଶମ୍ଭୁ ଭୂୟାଁ, ରାମ ଖିଲାର, ତପନ ବିଶ୍ୱାସ, ତୁଷାର ସରକାର, ବଳରାମ ମାଇତି, ବରୁଣ ସର୍ଦ୍ଦାର, ଅଶୋକ ମଣ୍ଡଳ, ସୁଶାନ୍ତ ମଲିକ, ଅମ୍ବାଇ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ, ଛୋଟରାଏ ସୋରେନ, ସୁଶାନ୍ତ ଦାସ ଓ ବାପି ଗିରି। ଗିରଫମାନେ ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରାପଡ଼ା, ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଓ ଉତ୍ତର ଚବିଶପ୍ରଗଣା ଅଞ୍ଚଳର। ସେମାନଙ୍କୁ କେନ୍ଦ୍ରାପଡ଼ା ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

# କାଠଗଡ଼ାକୁ ଯିବେ ରହମାନ୍ ଡକୈତ

## ଅକ୍ଷୟ ଖାନ୍ନାଙ୍କୁ ଲିଗାଲ ନୋଟିସ୍ ପଠାଉଛନ୍ତି 'ଦୃଶ୍ୟମ୍ ୩' ପ୍ରଯୋଜକ

**ମୁମ୍ବାଇ,୨୭।୧୨**



'ଧୁରନ୍ଧର' ଫିଲ୍ମର ସୁପରହିଟ୍ ସଫଳତା ପରେ ଅଭିନେତା ଅକ୍ଷୟ ଖାନ୍ନାଙ୍କ ଡିମାଣ୍ଡ ରାତାରାତି ବଢ଼ିଯାଇଛି। ସେ ନିଜ ସାଲାରି ୩ ଗୁଣା ବଢ଼ାଇଦେଇଛନ୍ତି। ଏପରି କି ପ୍ରଯୋଜକଙ୍କ ଫୋନ୍ କଲ୍ ମଧ୍ୟ ରିସିଭ୍ କରୁନାହାନ୍ତି। ତେଣୁ ପୂର୍ବରୁ ଅକ୍ଷୟଙ୍କ ସହ ନୂଆ ସିନେମା ପାଇଁ ଚୁକ୍ତି କରିଥିବା ମେକର୍ସ ଏବେ ହତାଶ ହୋଇପଡ଼ିଛନ୍ତି। ଏଭଳି ସ୍ଥିତିରେ 'ଦୃଶ୍ୟମ୍ ୩'ର ପ୍ରଯୋଜନା କରୁଥିବା ପାନୋରାମା ଷ୍ଟୁଡିଓ ପ୍ରଡ୍ୟୁସର କୁମାର ମଙ୍ଗତ ପାଠକ୍ ଅକ୍ଷୟଙ୍କୁ ଆଇନର କାଠଗଡ଼ାକୁ ଟାଣିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଥମେ 'ଛାବା' ଆଉ ଏବେ 'ଧୁରନ୍ଧର'। ଲଗାତର ୨ଟି ହିଟ୍ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଣ୍ଟୁଥିବା ବଲିଉଡ୍ ଅଭିନେତା ଅକ୍ଷୟ ଖାନ୍ନାଙ୍କୁ ଆଉ ଦୃଶ୍ୟମ୍ ସିକ୍ୱେଲର ତୃତୀୟ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ ନାହିଁ। ବିଶେଷକରି 'ଧୁରନ୍ଧର'ର ବକ୍ସ ଅଫିସ କଲେକ୍ସନ ୧୦୦ କୋଟି ଟଙ୍କା ପାର୍ କରିବା ପରେ ଅକ୍ଷୟ ଆଉ ଲୋ ବଜେଟ୍‌ରେ କାମ ନ କରିବାକୁ ପଣ କରିଛନ୍ତି। ତେଣୁ 'ଦୃଶ୍ୟମ୍ ୩' ପାଇଁ ନିଜ ପ୍ରାଇସ୍ ପ୍ରାୟ ୩ ଗୁଣା ଅର୍ଥାତ୍ ୨୧ କୋଟି ଟଙ୍କାକୁ ବଢ଼ାଇ ଦେଇଛନ୍ତି। ଏନେଇ ସହପ୍ରଯୋଜକ କୁମାର ମଙ୍ଗତ କହିଛନ୍ତି, 'ଦୃଶ୍ୟମ୍ ୩'ର ପୋଲିସ ଆଇଜି ତରୁଣ ଅହଲାୱତ୍ ଚରିତ୍ରରେ ଅକ୍ଷୟ ଆଉ ନିଜ ଚନ୍ଦାପଣ ଦେଖାଇବାକୁ ଚାହୁଁନାହାନ୍ତି। ହେୟାର ଷ୍ଟାଇଲ୍‌କୁ ନେଇ ଏପରି ମତଭେଦ ରହିଛି। ଅଜୟ ଦେବଗନ୍‌ଙ୍କ ଅଭିନୀତ ନୂଆ ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା ପରଠୁ ଅକ୍ଷୟ ଆଉ ତାଙ୍କ ଫୋନ୍ କଲ୍ ଉଠାଉନାହାନ୍ତି। ଅକ୍ଷୟ ଚୁକ୍ତି ଖିଲାପ କରିଥିବାରୁ ତାଙ୍କୁ ଲିଗାଲ ନୋଟିସ ପଠାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କୁମାର ମଙ୍ଗତ ମିଡିଆକୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଡିସେମ୍ବର ୫ରେ ମୁକ୍ତିଲାଭ କରିଥିବା ଆଦିତ୍ୟ ଧରଙ୍କ 'ଧୁରନ୍ଧର'ରେ ରଣବୀର ସିଂ, ସଞ୍ଜୟ ଦତ୍ତ, ଆର୍. ମାଧବନ୍ ଓ ଅର୍ଜୁନ ରାମପାଲଙ୍କ ଭଳି ଷ୍ଟାରଙ୍କ ଚମକ ଅକ୍ଷୟ ଖାନ୍ନାଙ୍କ ଅଭିନୟ ଆଗରେ ଫିକା ପଡ଼ିଯାଇଛି। ପାକିସ୍ତାନର କରାଚୀସ୍ଥିତ ଲ୍ୟାରିରେ ଆପରାଧିକ ନେଟ୍‌ୱର୍କକୁ ନେଇ ଏହି ଫିଲ୍ମର କାହାଣୀ ଗତିଶୀଳ ହୋଇଛି। ଏଥିରେ ରହମାନ ଡକୈତ ଭୂମିକାରେ ନିଖୁଣ ଅଭିନୟ ପରେ ଅକ୍ଷୟଙ୍କ ଡିମାଣ୍ଡ ବଢ଼ିଯାଇଛି। ଧୁରନ୍ଧର ନିର୍ମାତା ୨୦୨୬ ମାର୍ଚ୍ଚରେ ଏହାର ସିକ୍ୱେଲ ଆଣିବା ନେଇ ଘୋଷଣା କରିସାରିଥିବାବେଳେ 'ଡକାୟତ' ଅକ୍ଷୟ ଖାନ୍ନାଙ୍କ ମନୋପଲିକୁ ଆଦରି ନେଇଛନ୍ତି ଦର୍ଶକେ। କିନ୍ତୁ ପ୍ରଡ୍ୟୁସର୍ସ ଏହାକୁ ଗ୍ରହଣ କରିପାରିନାହାନ୍ତି।


# Classified Everyday
0674-2580101, 9692975378



MATRIMONIAL

**BRIDE WANTED**

ଅନ୍ଧ ଯୁବକଙ୍କ ପାଇଁ ପାତ୍ରୀ ଆବଶ୍ୟକ। ଶିକ୍ଷାଗତ ଯୋଗ୍ୟତା +3, ବୟସ-39। 50 ଲକ୍ଷ ଟଙ୍କାର ଘର ସହିତ ଅନ୍ୟାନ୍ୟ ସମ୍ପତ୍ତି ରହିଛି। ଯୋଗାଯୋଗ ଠିକଣା: At/P.O.- Bhanurkhol, Dist.- Jharsuguda. Mob. No.- 9937513371. ଧ-୨୯୬୪

Handsome Brahmin Boy, 1994, 6', B-Tech, MBA, Serving Accenture, Bangalore. 'SUNASANSAR'. 9937512659. D-2965

**GROOM WANTED**

Groom for Viswakarma girl, 1998, M.Tech (Mechanical). Serving in LG electronics. Contact: 9825529555. D-2911



REAL ESTATE

**SALE**

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟ 200ଫୁଟ ରାସ୍ତାପାଖରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2958

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

**2/3 BHK ready to move flat for sale at Jayadev Vihar square. Contact: 9437307086, 7008789347.** D-2878

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦




All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

By virtue of an affidavit sworn before Executive Magistrate, Dhenkanal, dated- 04.10.2025, I, TULASI DEHURY, W/o.- Late SUMANTA DEHURY, At- BISWANATHAPUR, P.O.- KAPILASH, VIA- GONDIA, DIST.- DHENKANAL, PIN- 759016, ODISHA declare that I have changed my name from SUKANTI DEHURY to TULASI DEHURY. Henceforth, I shall be known as TULASI DEHURY for all purposes.
TULASI DEHURY
D-2966

# ମନେ ପଡ଼ନ୍ତି

## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ରବୀନ୍ଦ୍ର ମୋହନ ସାହୁ
ବଡହାଟ, କେନ୍ଦ୍ରାପଡା
ଆବିର୍ଭାବ: ୦୪।୦୭।୧୯୪୮
ତିରୋଧାନ: ୧୭।୧୨।୨୦୨୫
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ପୁତ୍ର- ରଞ୍ଜିତ ସାହୁ, ମାନସ ରଞ୍ଜନ ସାହୁ, ସଞ୍ଜୟ ସାହୁ, ପ୍ରଦୀପ ସାହୁ, ଦିଲ୍ଲୀପ ସାହୁ, ଝିଅ- ସଞ୍ଜୁକ୍ତା ସାହୁ, ଜ୍ୱାଇଁ, ବୋହୂ, ନାତୁଣୀବୋହୂ, ନାତି, ନାତୁଣୀ, ଅଣନାତି, ବନ୍ଧୁ ଓ ପରିବାରବର୍ଗ।
D-2971

## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପୁଷ୍ପାଞ୍ଜଳି ପାତ୍ର
ଆବିର୍ଭାବ: ୧୫।୦୩।୧୯୭୨
ତିରୋଧାନ: ୧୭।୧୨।୨୦୨୫
କୁଶିଆପାଳ, ଡେରାବିଶ, କେନ୍ଦ୍ରାପଡ଼ା
ଆମ ସମବାୟ ସମିତିକୁ ଅଧିକ ସଶକ୍ତ କରିବା ପାଇଁ ଆପଣଙ୍କ ଅବଦାନ ଅବିସ୍ମରଣୀୟ ଥିଲା। ଆପଣଙ୍କ ବିୟୋଗରେ ଆମ୍ଭେମାନେ ଗଭୀର ମର୍ମାହତ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସଭାପତି, ସମ୍ପାଦକ, ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ କର୍ମଚାରୀବୃନ୍ଦ। କୁଶିଆପାଳ, ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ।
ଧ-୨୯୬୩

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ନିର୍ମଳା ପ୍ରଧାନ
ନୂଆଗାଁ, ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୮।୦୩।୧୯୬୪
ତିରୋଧାନ: ୦୯।୧୨।୨୦୨୫
ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଶଶୁର, ସ୍ୱାମୀ, ଦିଅର, ପୁତ୍ର ଓ ପୁତ୍ରବଧୂ, ଭଣଜା, ଭାଣିଜୀ, ଝିଅ, ଜ୍ୱାଇଁ ଓ ନାତି ଏବଂ ନାତୁଣୀ।
ଧ-୨୯୬୧

## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ନୟନା ପ୍ରଧାନ
ନୂଆ ଗାଁ, ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୫।୦୫।୧୯୩୯
ତିରୋଧାନ: ୧୭।୧୨।୨୦୨୫
ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ବାତ୍ସଲ୍ୟ ମମତା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମପାଇଁ ପ୍ରେରଣାର ଉତ୍ସ ହୋଇ ରହୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ
ଧ-୨୯୬୨

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଆଉ ମାତ୍ର ଦିନ କେଇଟାରେ ଆମ ଗହଣରୁ ବିଦାୟ ନେବ ବର୍ଷ ୨୦୨୫। ଏହି ବର୍ଷ ମଧ୍ୟରେ ଆଗାମୀ ଆଶା ପୃଷ୍ଠାରେ ପ୍ରକାଶ ପାଇଥିବା ବିଭିନ୍ନ ପ୍ରସଙ୍ଗ ମଧ୍ୟରୁ ନିର୍ବାଚିତ କେତେକ ଯୁବ ପ୍ରତିଭା ଏବଂ ବିଷୟବସ୍ତୁ ସମ୍ପର୍କରେ...**

# ଦିଶା



ସରିତା




## ରାଜକିଶୋର ମହାନ୍ତ

ବିଭିନ୍ନ ଦେଶର ମୁଦ୍ରାକୁ ସଂଗ୍ରହ କରି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି କେନ୍ଦୁଝର ଜିଲା ମୁରୁସୁଆଁ ଗ୍ରାମର ସଂଗ୍ରାହକ ରାଜକିଶୋର ମହାନ୍ତ। ୧୧ ବର୍ଷ ବୟସରୁ ଏଭଳି ମୁଦ୍ରା ସଂଗ୍ରହ କରିବା ଆରମ୍ଭ କରିଥିଲେ । ଏବେ ତାଙ୍କ ପାଖରେ ରହିଛି ୧୯୪୩ ମସିହାର କାଣି ପଇସାଠୁ ଆରମ୍ଭ କରି ଆମ ଦେଶରେ ଏକଦା ଚାଲୁଥିବା ୧ ପଇସା, ୨ ପଇସା, ୧୦ ପଇସା, ୨୦ ପଇସା, ୨୫ ପଇସା ଏଭଳି ଅନେକ ଅଚଳ ଟଙ୍କା। ପ୍ରଥମ ଗଭର୍ନର ସି.ଡି. ଦେଶମୁଖ୍‌ଙ୍କ ପଇସା ମଧ୍ୟ ତାଙ୍କ ପାଖରେ ରହିଛି । ଏବେ ତାଙ୍କ ପାଖରେ ଦୁଇ କ୍ୱିଣ୍ଟାଲ ମୁଦ୍ରା ଓ ୩୭ ହଜାରରୁ ଊର୍ଦ୍ଧ୍ୱ ନୋଟ୍ ରହିଛି। ଅଦ୍ୟାବଧି ତାଙ୍କ ପାଖରେ ନାଇଜେରିଆ, ଲାଟ୍‌ଭିଆ, ପେରୁ, ଫିଲିପାଇନ୍ସ, ତାଇୱାନ, ରୋମାନିଆ, ମେକ୍ସିକୋ, ଇଣ୍ଡୋନେସିଆ, କ୍ୟୁବା, ଜୋର୍ଡାନ, ଲାଓସ୍, ଫିଜି, ନେପାଳ, ଉଗାଣ୍ଡା ଆଦି ୧୫୨ ଦେଶର ୧୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ଓ ମୁଦ୍ରା ରହିଛି । ଏପରିକି ବ୍ରିଟିଶ୍ ଅମଳ ତଥା ତା' ପୂର୍ବରୁ ରାଜରାଜୁଡ଼ା ଅମଳର ମୁଦ୍ରା ମଧ୍ୟ ତାଙ୍କ ପାଖରେ ରହିଛି । ଶତକର ଦିନ ଅନୁଯାୟୀ ୧୦ ଟଙ୍କିଆ ନୋଟ୍ ସାଇତି ରଖିଥିବାରୁ ସେ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ, ଏସିଆ ବୁକ୍ ଅଫ୍ ରେକର୍ଡ୍ସ, ଗୋଲ୍‌ଡେନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ, ମିରାକଲ ୱାର୍ଲ୍ଡ ରେକର୍ଡ ଓ ଆସିଷ୍ଟ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଏହାଛଡ଼ା ସେ ବିଭିନ୍ନ ସ୍ଥାନରେ ସମ୍ମାନିତ ଓ ପ୍ରଶଂସିତ ହୋଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

## ରାଜେନ୍ଦ୍ର କୁମାର ଦାସ

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ରାଏବିଧାର ଗ୍ରାମର ବିଜୟଲକ୍ଷ୍ମୀ ଓ ବିଭୂତି ଭୂଷଣ ଦାସଙ୍କ ପୁଅ ରାଜେନ୍ଦ୍ର କୁମାର ଦାସ(ରାଜା)। ୨୦୦୨ ମସିହାରେ ବୀରହରେକୃଷ୍ଣପୁରର ପ୍ରଫୁଲ୍ଲ ତ୍ରିପାଠୀ ଏବଂ ପୁରୀର ବ୍ରଜବନ୍ଧୁ ମହାରଣାଙ୍କ ସଂସ୍ପର୍ଶରେ ଆସି ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସଖା'ରେ ସାମିଲ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟ ସଫେଇ, ୱାର୍ଡ ପରିଷ୍କାର ପରିଚ୍ଛନ୍ନ ଅଭିଯାନରେ ଯୋଗ ଦିଅନ୍ତି ଓ ରକ୍ତଦାନ ଶିବିର, ନାରାୟଣ ସେବା, ପରିବେଶ ସୁରକ୍ଷା ପ୍ରଭୃତି କାର୍ଯ୍ୟରେ ସକ୍ରିୟ ଭାବେ କାର୍ଯ୍ୟ କରନ୍ତି। ପରେ ପରେ ମାନବ ସେବା ହିଁ ମାଧବ ସେବା ବ୍ରତରେ ଅନୁପ୍ରାଣିତ ଅନ୍ୟତମ ଅନୁଷ୍ଠାନ ସାହିଭାଇରେ ଯୋଗ ଦିଅନ୍ତି। ସେ ଅସହାୟ ଲୋକଙ୍କୁ ମେଡିକାଲ ସେବା, ସ୍ୱର୍ଗଦ୍ୱାରରେ ଶବଦାହ, ରାସ୍ତାକଡ଼ ରୋଗୀଙ୍କୁ ମେଡିକାଲରେ ଚିକିତ୍ସା ଉପଲବ୍ଧ ସହ ଆବଶ୍ୟକ ସ୍ଥଳେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରିବା, ଚାରାରୋପଣ ସହ ତା'ର ଯତ୍ନ ନେବା, ବୁଲା ଗୋରୁଗାଈଙ୍କ ଯତ୍ନ ପ୍ରଭୃତି କାର୍ଯ୍ୟରେ ଲାଗିପଡ଼ନ୍ତି। କିଛିବର୍ଷ ହେବ ସେ ଆପଦ ମିତ୍ର ଭାବେ କାର୍ଯ୍ୟ କରୁଛନ୍ତି। ଏବେ ଗତ ୪ବର୍ଷ ହେବ ପୁରୀ ସ୍ୱର୍ଗଦ୍ୱାର ସେବା କେନ୍ଦ୍ରରେ କନିଷ୍ଠ ସେବକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ନିଆରା ସେବା, ସମର୍ପଣଭାବ ଲାଗି ସେ ପୁରୀର ବିଭିନ୍ନ ସାମାଜିକ ଅନୁଷ୍ଠାନରୁ ଶ୍ରୀକ୍ଷେତ୍ର ସମ୍ମାନ, ଯୁବ ବ୍ୟକ୍ତିତ୍ୱ, ସମାଜସେବୀ ଭାବେ ସମ୍ମାନିତ ହୋଇଛନ୍ତି।

## ରାଜନ ସରିତା ରାଣୀ

ରାୟଗଡ଼ା ଜିଲା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଶାନ୍ତି କୁମାରୀ କମଣ୍ଡଳ ଏବଂ ରାଜନ ରବିଙ୍କ ବଡ଼ଝିଅ ରାଜନ ସରିତା ରାଣୀ। ପେସାରେ ଇଞ୍ଜିନିୟର ହୋଇଥିଲେ ହେଁ ନିଶା ତାଙ୍କର ମଡେଲିଂ ଏବଂ ଅଭିନୟ କରିବା। ସେ ୨୦୧୯ରୁ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ । ଇଣ୍ଡିଆନ୍ ସିଲ୍କ କୁଇନ୍ ପ୍ରତିଯୋଗିତାରେ ବିଜୟ ମୁକୁଟ ହାସଲ କରିଥିଲେ। ଚଳିତବର୍ଷ ଏପ୍ରିଲ ୧୩ରେ ହାଇଦ୍ରାବାଦରେ ଅନୁଷ୍ଠିତ ଜାତୀୟସ୍ତରୀୟ ବ୍ୟୁଟି କଣ୍ଟେଷ୍ଟର ମିସ୍ ଗର୍ଜିଅସ୍ ଅଫ୍ ଇଣ୍ଡିଆରେ ନର୍ଥ ଇଣ୍ଡିଆ ୱିନର ହୋଇପାରିଛନ୍ତି। ସେ କୁହନ୍ତି, ଆମ ଅଞ୍ଚଳରେ ଝିଅମାନେ ମଡର୍ନ ଡ୍ରେସ୍ ପିନ୍ଧିବା, ମଡେଲିଂ କରିବାକୁ ଲୋକେ ଟାହିଟାପରା କରନ୍ତି। କିନ୍ତୁ ମା' କାହା କଥା ନ ଶୁଣି ମତେ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ଦେଇଛନ୍ତି ଓ ମିସ୍ ୟୁନିଭର୍ସ ଓଡ଼ିଶା ହେବା ପାଇଁ ସ୍ୱପ୍ନ ଦେଖାଇଛନ୍ତି।

## ଏଲ୍. ଈଶ୍ୱର ରାଓ

ଖଡ଼ି, ସାବୁନ, ପେନ୍‌ସିଲ, ପଥର, କାଠ, ଚାଉଳ, ମୁଗ, ଧାନରେ ସୂକ୍ଷ୍ମ ଖୋଦେଇ କରି ଜୀବନ୍ତ ପ୍ରତିମୂର୍ତ୍ତି ନିର୍ମାଣ କରି ଜଣେ ସଫଳ କାରିଗର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ଗୋପୀନାଥପୁର ହାଟ ବଜାରରେ ରହୁଥିବା ମାତା ଏଲ୍. ଆପ୍ପଲା ଏବଂ ବାପା ଏଲ୍. ଏରେୟାଙ୍କ ପୁଅ ଏଲ୍. ଈଶ୍ୱର ରାଓ। କାଚ ବୋତଲ ଭିତରେ ଅତି ନିଖୁଣ ଭାବେ ଦେବଦେବୀଙ୍କ ପ୍ରତିମୂର୍ତ୍ତି ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି। ପେନ୍‌ସିଲରେ ଖୁବ୍ ସୂକ୍ଷ୍ମ ଭାବେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି, ଆଇପିଏଲ୍, ହକି ମହାକୁମ୍ଭର ଚାମ୍ପିୟନ ଟ୍ରଫି ପ୍ରସ୍ତୁତ କରି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ତେବେ ଏଭଳି ବିଭିନ୍ନ ନିଆରା କଳାକୃତି ପାଇଁ ତାଙ୍କ ନାଁରେ ରହିଛି ମିରାକିଲ୍ ୱାର୍ଲ୍ଡ ରେକର୍ଡ, ଏସିଆ ବୁକ୍ ଅଫ୍ ରେକର୍ଡ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ଓଣ୍ଡର ବୁକ୍ ଅଫ୍ ରେକର୍ଡ, ଅନ୍‌ଲାଇନ୍ ୱାର୍ଲ୍ଡ ରେକର୍ଡ, ନେପାଳ ବୁକ୍ ଅଫ୍ ରେକର୍ଡ, ଜିନିଅସ୍ ଇଣ୍ଡିଆନ୍ ଆଚିଭର୍ସ ଆୱାର୍ଡ ଭଳି ଅନେକ ରେକର୍ଡ ଏବଂ ଆୱାର୍ଡ। ଈଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ନାଁରେ ତାଙ୍କର ଅନୁଷ୍ଠାନ ଅଛି, ଯେଉଁଠି ସେ ଛୋଟ ପିଲାଙ୍କୁ ମାଗଣାରେ ଚିତ୍ରକଳା ସହ ସୂକ୍ଷ୍ମ କଳାର ପ୍ରଶିକ୍ଷଣ ଦିଅନ୍ତି। ବର୍ତ୍ତମାନ ସୁଦ୍ଧା ସେ ବିଭିନ୍ନ ସାଇଜର କାଚବୋତଲର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ କଳାକୃତି କରିଥିବା ବେଳେ ଏକ ହଜାରରୁ ଊର୍ଦ୍ଧ୍ୱ ପଥର, କାଷ୍ଠମୂର୍ତ୍ତି ଗଢ଼ି ନିଜ ଘରକୁ ସଂଗ୍ରହାଳୟ ଭାବେ ସଜାଇଛନ୍ତି।

## ଜ୍ୟୋତିର୍ମୟୀ ନାୟକ

ନିଜ ସଙ୍ଗୀତ ଦ୍ୱାରା କ୍ୟାନ୍‌ସର ରୋଗୀଙ୍କ କଷ୍ଟଭରା ଜୀବନରେ ଖୁସି ଭରିଦେବାକୁ ଜୀବନର ବ୍ରତ ଭାବେ ବାଛି ନେଇଛନ୍ତି ଭୁବନେଶ୍ୱର ପଳାଶୁଣୀରେ ରହୁଥିବା ମା' ଗୌରୀ ଏବଂ ବାପା ଚକ୍ରଧର ନାୟକଙ୍କ ଝିଅ ଜ୍ୟୋତିର୍ମୟୀ। ବର୍ତ୍ତମାନ ସେ ଇଣ୍ଡିଆନ୍ ଆଇଡଲ୍ ଭଳି ଏକ ଜାତୀୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ନିଜ ଯାଦୁକରୀ କଣ୍ଠସ୍ୱରରେ ଉଭୟ ଦର୍ଶକ ଓ ଜଜ୍‌ମାନଙ୍କୁ ପ୍ରଭାବିତ କରି ସଫଳତା ସାଉଁଟୁଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ଓଡ଼ିଆ ଚଳଚ୍ଚିତ୍ର ମନ ମୋ କାଗଜଗୁଡ଼ିର ଚୋରି ଚୋରି ଚାନ୍ଦିନୀକୁ ରାଜନନ୍ଦିନୀ, ଚାରି ଧାମ ଭିତରୁ ଗୋଟିଏ ଧାମ ଭଳି ଭଜନ, ଆମ ଗାଁ ଝିଅ ଖାଣ୍ଟି ଗୁଆଘିଅ, ପାଗଳ ଭଅଁର ଭଳି ଅନେକ ହିଟ୍ ଆଲବମ୍ ଗୀତ , ୟୁଟ୍ୟୁବ୍ ଚ୍ୟାନେଲ୍‌ର ବିଭିନ୍ନ ଆଲ୍‌ବମ୍ ପାଇଁ କଣ୍ଠଦାନ କରି ଲୋକପ୍ରିୟ ହୋଇପାରିଛନ୍ତି। ସେ ରାଜ୍ୟସ୍ତରୀୟ ଅକ୍ଷୟ ସଙ୍ଗୀତ କାର୍ଯ୍ୟକ୍ରମରେ ପ୍ରଥମ, ସମ୍ଭାବନା ପକ୍ଷରୁ ଆୟୋଜିତ ଲତାଜୀ ସଙ୍ଗ୍ କମ୍ପିଟିଶନ୍‌ରେ ପ୍ରଥମ ହେବା ସହ ଅନେକ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

## ଶ୍ରୀକାନ୍ତ ଦାସ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ସଂସାରଫଳ ଗ୍ରାମର ମା' ସରୋଜିନୀ ଏବଂ ବାପା ଶ୍ରୀଧର ଦାସଙ୍କ ବଡ଼ ପୁଅ ଶ୍ରୀକାନ୍ତ ଦାସ। ନିଜ ରାଜ୍ୟ ବ୍ୟତୀତ ଦିଲ୍ଲୀ, ଆସାମ, ମେଘାଳୟ ସମେତ ଭାରତର ବିଭିନ୍ନ ସ୍ଥାନରେ ଆୟୋଜିତ ଜାତୀୟ ଓ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ଜଣେ ଚିତ୍ରଶିଳ୍ପୀ ଭାବେ ସେ ନିଜର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇ ପାରିଛନ୍ତି। ବର୍ତ୍ତମାନ ସେ ସ୍କୁଲ୍, କଲେଜ୍ ଏବଂ ବିଭିନ୍ନ ସ୍ଥାନରେ ଆୟୋଜିତ ସୁରଭି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗ ଦେଉଛନ୍ତି। ସୁନ୍ଦର ଚିତ୍ରକଳା ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର, ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୨୦୦୭ରେ ରାଜ୍ୟ ପୁରସ୍କାର, ୨୦୧୪ରେ ଆସାମ ଓ ମେଘାଳୟ ସରକାରଙ୍କ ପକ୍ଷରୁ ଜାତୀୟ ପୁରସ୍କାର ସହିତ ଅନେକ ପୁରସ୍କାର ମିଳିଛି। ଶ୍ରୀକାନ୍ତ କୁହନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଚିତ୍ରକଳା ଶିବିରରେ ଅଂଶଗ୍ରହଣ କରି ଦାରୁବ୍ରହ୍ମଙ୍କ ଚିତ୍ର ଆଙ୍କି ପୁରସ୍କୃତ ହେବା ମୋ ପାଇଁ ସୌଭାଗ୍ୟର କଥା।

## ବିଷ୍ଣୁପ୍ରିୟା ସାହୁ

ବେଶଭୂଷା ପରିପାଟୀରେ ପୁଅଙ୍କ ପରି ଦିଶୁଥିଲେ ହେଁ କଣ୍ଠରୁ ଶୁଭେ ସୁଲଳିତ ସ୍ୱର। କେବଳ ସଙ୍ଗୀତ ନୁହେଁ, ଖେଳ ସହିତ ପାଠରେ ମଧ୍ୟ ସେ ବେଶ୍ ଆଗୁଆ । ସେ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ରିଆ ଅଞ୍ଚଳର ଗୀତାରାଣୀ ଓ ଗୋପାଳ ପ୍ରସାଦ ସାହୁଙ୍କ ବଡ଼ଝିଅ ବିଷ୍ଣୁପ୍ରିୟା। ଶିକ୍ଷକତାକୁ ଜୀବନର ବ୍ରତ ରଖିଥିବା ବେଳେ ସିନେମାରେ ପ୍ଲେ ବ୍ୟାକ୍ ସିଙ୍ଗର ହେବା ଲକ୍ଷ୍ୟ ବୋଲି ସେ ପ୍ରକାଶ କରନ୍ତି। ସେ ସିମୁଳିଆ ଓ ସୋର ମହୋତ୍ସବ ସମେତ ଜି-ସାର୍ଥକ ସିଜିନ ଫୋର୍ 'ମୁଁ ବି ନମିତା ଅଗ୍ରୱାଲ ହେବି'ରେ ଦ୍ୱିତୀୟ ବିଜେତା, ତରଙ୍ଗରେ ପ୍ରସାରିତ ଆମ ଗାଁର ସ୍ୱରରେ ବିଜେତା ମଧ୍ୟ ହୋଇ ପାରିଛନ୍ତି। ସେ ଜି-ସାର୍ଥକରେ ପ୍ରସାରିତ ସାରେଗାମାପା ଲିଟିଲ ଚାମ୍ପସ ଏବଂ ଭଏସ୍ ଅଫ୍ ଓଡ଼ିଶା ଜୁନିୟର ବିଭାଗରେ ନିଜର କଣ୍ଠସ୍ୱରରେ ଦର୍ଶକଙ୍କ ହୃଦୟ ଜିଣି ପାରିଛନ୍ତି। ତେବେ କେବଳ ଏତିକି ନୁହେଁ, ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରି ସେ ଶହେରୁ ଊର୍ଦ୍ଧ୍ୱ ସାର୍ଟିଫିକେଟ୍ ଏବଂ ପୁରସ୍କାର ପାଇଛନ୍ତି। ଏହାବ୍ୟତୀତ ସେ ଜିଲା ଓ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ମଧ୍ୟ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।


ଜ୍ୟୋତିର୍ମୟୀ



ରାଜେନ୍ଦ୍ର
ରାଜକିଶୋର
ଏଲ୍. ଈଶ୍ୱର
ବିଷ୍ଣୁପ୍ରିୟା
ଶ୍ରୀକାନ୍ତ

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୮ ଡିସେମ୍ବର, ୨୦୨୫ Bhubaneswar, Sunday, 28 December, 2025

# ଚତୁର୍ଥ ଟେଷ୍ଟ: ଇଂଲଣ୍ଡର ସ୍ମରଣୀୟ ବିଜୟ

ମେଲବୋର୍ନ,୨୭।୧୨(ଏପି)

ସ୍ଥାନୀୟ ଏମ୍‌ସିଜିଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ରୋମାଞ୍ଚପୂର୍ଣ୍ଣ ଚତୁର୍ଥ ଆଶେସ ଟେଷ୍ଟରେ ଇଂଲଣ୍ଡ ଏକ ସ୍ମରଣୀୟ ବିଜୟ ହାସଲ କରିଛି। ଏହା ଇଂଲଣ୍ଡ ଦଳ ପାଇଁ ଦୀର୍ଘ ୧୪ ବର୍ଷ ପରେ ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଟେଷ୍ଟ ବିଜୟ। ଏଥିସହିତ ଅଷ୍ଟ୍ରେଲିଆ ମାଟିରେ ଲଗାତର ୧୮ଟି ଟେଷ୍ଟ ମ୍ୟାଚ୍ ଧରି ଚାଲି ଆସିଥିବା ଇଂଲଣ୍ଡର ବିନା ବିଜୟ ଧାରା ମଧ୍ୟ ଭଙ୍ଗ ହୋଇଛି। ଏହା ମଧ୍ୟରେ ଇଂଲଣ୍ଡ ୧୬ଟି ଟେଷ୍ଟରେ ପରାଜିତ ହୋଇଥିବା ବେଳେ ଦୁଇଟି ଡ୍ର' ରଖିଥିଲା। ଇଂଲଣ୍ଡ ଦଳର ଏହି ବିନା ବିଜୟ ଧାରା ୨୦୧୩-୧୪ ଆଶେସଠାରୁ ଆରମ୍ଭ ହୋଇଥିଲା। ସେହି ସିରିଜ୍‌କୁ ଘରୋଇ ଅଷ୍ଟ୍ରେଲିଆ ୫-୦ରେ ଜିତି ନେଇଥିଲା। ଇଂଲଣ୍ଡ ଅନ୍ତିମ ଥର ୨୦୧୦-୧୧ ଅଷ୍ଟ୍ରେଲିଆରେ ଟେଷ୍ଟ ମ୍ୟାଚ୍ ଜିତିଥିଲା।

ପ୍ରଥମ ଇନିଂସରେ ୪୨ ରନରେ ଆଗରେ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ମାତ୍ର ୧୩୨ ରନରେ ସୀମିତ ରହିଥିଲା। ୧୭୫ ରନର ବିଜୟଲକ୍ଷ୍ୟକୁ ଇଂଲଣ୍ଡ ୬ ଉଇକେଟରେ ହାସଲ କରି ନେଇଥିଲା। ଫଳରେ ମ୍ୟାଚ୍‌ଟି ମାତ୍ର ଦୁଇ ଦିନ ମଧ୍ୟରେ ଶେଷ ହୋଇଥିଲା। ଚଳିତ ସିରିଜ୍‌ରେ ଦ୍ୱିତୀୟ ଥର ପାଇଁ କୌଣସି ଟେଷ୍ଟ ମ୍ୟାଚ୍ ଦୁଇ ଦିନ ମଧ୍ୟରେ ଶେଷ ହୋଇଛି। ଏଥିପୂର୍ବରୁ ପର୍ଥରେ ଖେଳାଯାଇଥିବା ମ୍ୟାଚ୍ ମଧ୍ୟ ଦୁଇ ଦିନରେ ଶେଷ ହୋଇଥିଲା। ତେବେ ଏହି ବିଜୟ ସତ୍ତ୍ୱେ ୫ ମ୍ୟାଚ୍ ବିଶିଷ୍ଟ ଆଶେସରେ ଇଂଲଣ୍ଡ ୧-୩ରେ ଅଷ୍ଟ୍ରେଲିଆଠାରୁ ପଛରେ ରହିଛି। ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ କରିଥିବା ଜୋଶ ଟଙ୍ଗଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଶନିବାର ମ୍ୟାଚ୍ ଦେଖିବା ପାଇଁ ୯୨,୦୪୫ ସଂଖ୍ୟାରେ ଦର୍ଶକ ଯୋଗଦେଇଥିଲେ, ଯାହାକି ଅଷ୍ଟ୍ରେଲିଆରେ ଟେଷ୍ଟ ମ୍ୟାଚ୍ ପାଇଁ ଦ୍ୱିତୀୟ ସର୍ବାଧିକ। ମ୍ୟାଚ୍‌ର ପ୍ରଥମ ଦିନରେ ସର୍ବାଧିକ ୯୪,୧୯୯ ଦର୍ଶକ ଯୋଗ ଦେଇଥିଲେ।


ମ୍ୟାଚ୍ ଜିତିବା ପରେ ଖୁସି ମୁହୂର୍ତ୍ତରେ ବେନ୍ ଷ୍ଟୋକ୍ସ ଏବଂ ଜୋ ରୁଟ୍ ।

ଅଷ୍ଟ୍ରେଲିଆ ତା'ର ଅସମାପ୍ତ ଦ୍ୱିତୀୟ ସ୍କୋର ୪/୦ରୁ ଆରମ୍ଭ କରି ସାଙ୍ଘାତିକ

## ଦୁଇ ଦିନରେ ମ୍ୟାଚ୍ ଶେଷ

ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୩୨ ରନରେ ଅଲଆଉଟ୍ ହୋଇଯାଇଥିଲା। ଟ୍ରାଭିସ୍ ହେଡ ୪୬, ଷ୍ଟିଭେନ ସ୍ମିଥ ୨୪ ଓ କାମେରନ ଗ୍ରୀନ (୧୯)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଇଂଲଣ୍ଡ ପାଇଁ ବ୍ରାଇଡନ କାର୍ସ ୪, ଅଧିନାୟକ ବେନ ଷ୍ଟୋକ୍ସ ୩, ଜୋଶ ଟଙ୍ଗ ୨ ଓ ଗସ୍ ଆଟକିନସନ ଗୋଟିଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୨ ରନରେ ଆଗରେ ରହିଥିବାରୁ ପ୍ରତିପକ୍ଷ ଇଂଲଣ୍ଡ ସମ୍ମୁଖରେ ୧୭୫ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ଜ୍ୟାକ କ୍ରଲି ଓ ବେନ ଡକେଟଙ୍କ ଓପନିଂ ଯୋଡ଼ି ଇଂଲଣ୍ଡକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ୭ ଓଭରରେ ୫୧ ରନ କରିଥିଲେ। ପରେ କ୍ରମାଗତ ବ୍ୟବଧାନରେ ଡକେଟ (୩୪) ଓ କାର୍ସ (୬) ଆଉଟ୍ ହୋଇଥିଲେ। କ୍ରଲି ଓ ଜେକବ ବେଥେଲ ତୃତୀୟ ଉଇକେଟରେ ୪୭ ରନ ଯୋଡ଼ି ଦଳକୁ ବିଜୟ ଦିଗରେ ଆଗେଇ ନେଇଥିଲେ। ଏହାପରେ ଇଂଲଣ୍ଡ କ୍ରମାଗତ ବ୍ୟବଧାନରେ କ୍ରଲି (୩୭), ବେଥେଲ (୪୦), ଜୋ ରୁଟ୍ (୧୫) ଓ ଅଧିନାୟକ ଷ୍ଟୋକ୍ସ (୨)ଙ୍କ ଉଇକେଟ ହରାଇଥିଲା। ହେଲେ ହ୍ୟାରୀ ବ୍ରୁକ ଓ ଜେମି ସ୍ମିଥ ଦଳ ପାଇଁ ଦରକାର ଥିବା ରନ ସଂଗ୍ରହ କରି ନେଇଥିଲେ। ଫଳରେ ଇଂଲଣ୍ଡ ୩୨.୨ ଓଭରରେ ୬ ଉଇକେଟ ହରାଇ ୧୭୮ ରନ କରି ମ୍ୟାଚ୍ ଜିତି ନେଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ, ଝେ ରିଚାର୍ଡସନ ଓ ସ୍କଟ ବୋଲାଣ୍ଡ ୨ ଲେଖାଏ ଉଇକେଟ ହାତେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୫୨। ଇଂଲଣ୍ଡ ପ୍ରଥମ ଇନିଂସ: ୧୧୦। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୩୨/ଅଲଆଉଟ୍ (ଟ୍ରାଭିସ ହେଡ-୪୬, ଷ୍ଟିଭ ସ୍ମିଥ-୨୪*, ବ୍ରାଇଡନ କାର୍ସ-୪/୩୪, ବେନ ଷ୍ଟୋକ୍ସ-୩/୨୪, ଜୋଶ ଟଙ୍ଗ-୨/୪୪)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୭୮/୬(ଜେକବ ବେଥେଲ-୪୦, ଜ୍ୟାକ କ୍ରଲି-୩୭, ବେନ ଡକେଟ-୩୪, ଝେ ରିଚାର୍ଡସନ-୨/୨୨, ସ୍କଟ ବୋଲାଣ୍ଡ-୨/୨୯, ମିଚେଲ ଷ୍ଟାର୍କ-୨/୫୫)।

# ମହିଳା ହକି ଇଣ୍ଡିଆ ଲିଗ୍ ଆଜିଠାରୁ

ରାଞ୍ଚି, ୨୭।୧୨ (ପି.ଟି.)

ଚାରୋଟି ଦଳକୁ ନେଇ ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଦ୍ୱିତୀୟ ସିଜନ ରବିବାରଠାରୁ ଆରମ୍ଭ ହେବ। ଟୁର୍ନାମେଣ୍ଟରେ ଆଧିପତ୍ୟ ବିସ୍ତାର କରିବା ଲାଗି ରାଞ୍ଚି ରୟାଲ୍ସ ଘରୋଇ ସମର୍ଥନ ଉପରେ ନିର୍ଭର କରିବାକୁ ଚାହିଁବ। ଗତ ସିଜନରେ ଅଳ୍ପକେ ପରାଜିତ ହୋଇ ଟ୍ରଫି ହାତଛଡ଼ା କରିଥିବା ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ଏଥର ଚାମ୍ପିୟନ ହେବାକୁ ଲକ୍ଷ୍ୟ ରଖିଥିବ। ଉଦ୍‌ଘାଟନୀ ସିଜନରେ କିଛିଟା ଅସ୍ଥିରତା ଦେଖାଦେବା ପରେ ଓଡ଼ିଶା ୱାରିଅର୍ସ (ମହିଳା ଦଳ) ସିଜନ-୧ ଖେଳ ଶେଷ ପରେ ଏହି ଦଳ ଟୁର୍ନାମେଣ୍ଟରୁ ଓହରି ଯାଇଥିଲା। ନୂଆ ରାଞ୍ଚି ରୟାଲ୍ସ ଫ୍ରାଞ୍ଚାଇଜ୍ ଏହି ସ୍ଥାନ ଦଖଲ କରିନେଇଥିଲା। ରାଞ୍ଚି ରୟାଲ୍ସ ଓଡ଼ିଶା ଦଳର କେତେଜଣ ପ୍ରମୁଖ ଖେଳାଳିଙ୍କୁ ଦଳରେ ରଖିଥିଲା। ସିଜନ-୨ରେ ଏହି ଦଳ ଝାଡ଼ଖଣ୍ଡରୁ ପ୍ରତିନିଧିତ୍ୱ କରିବ। ଟୁର୍ନାମେଣ୍ଟ ମରଙ୍ଗ ଗୋମ୍‌କେ ଜୟପାଲ ସିଂ ଅଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମରେ ଡବଲ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯିବ। ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ପରସ୍ପରକୁ ଦୁଇଥର ଲେଖାଏ ଭେଟିବେ। ଶ୍ରେଷ୍ଠ ଦୁଇ ଦଳ ଜାନୁଆରୀ ୧୦ରେ ହେବାକୁଥିବା ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ରାଞ୍ଚି ରୟାଲ୍ସ ଓ ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବ ବ୍ୟତୀତ ଟୁର୍ନାମେଣ୍ଟରେ ଭାଗ ନେଉଥିବା ଅନ୍ୟ ଦୁଇ ଦଳ ହେଲେ ଏସ୍‌ଜି ପାଇପର୍ସ ଓ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ। ଏହି ଦଳଗୁଡ଼ିକରେ ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା, ବେଲଜିୟମ, ଅଷ୍ଟ୍ରେଲିଆ, ସ୍ପେନ ଓ ଗ୍ରେଟ୍ ବ୍ରିଟେନ ପ୍ରଭୃତି ଦେଶର କେତେଜଣ ଶ୍ରେଷ୍ଠ ଖେଳାଳି ପ୍ରତିନିଧିତ୍ୱ କରୁଛନ୍ତି। ଟୁର୍ନାମେଣ୍ଟର ଓପନିଂ ମ୍ୟାଚ ରାଞ୍ଚି ରୟାଲ୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ହେବ। ୧୩ ଦିନ ଧରି ହେବାକୁଥିବା ଏହି ଇଭେଣ୍ଟକୁ ଉପଭୋଗ କରିବା ଲାଗି ବହୁ ସଂଖ୍ୟାରେ ଖେଳ ପ୍ରେମୀ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ନିକ୍କି ପ୍ରଧାନ ରାଞ୍ଚି ରୟାଲ୍ସର ଅଧିନାୟକ ଦାୟିତ୍ୱରେ ଥିବା ବେଳେ ଏସ୍‌ଜି ପାଇପର୍ସ ଦଳର ନେତୃତ୍ୱ ନେବେ ଭାରତର ସିନିୟର ଖେଳାଳି ନବନିତ କୌର।

HOCKEY INDIA LEAGUE

# ମାହାତ୍ରେଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷିତ

ମୁମ୍ବାଇ,୨୭।୧୨(ପି.ଟି.)

ଆସନ୍ତା ଜାନୁଆରୀ ୧୫ରୁ ଫେବୃଆରୀ ୬ ପର୍ଯ୍ୟନ୍ତ ଜିମ୍ବାୱେ ଓ ନାମ୍ବିଆରେ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଖେଳାଯିବ। ଏଥିଲାଗି ଆୟୁଷ ମାହାତ୍ରେଙ୍କ ନେତୃତ୍ୱରେ ଶନିବାର ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ପ୍ରସ୍ତୁତି ଲାଗି ଦକ୍ଷିଣ ଆଫ୍ରିକା ଟୁରରେ ୩ ଦିନିକିଆ ମ୍ୟାଚ୍ ଖେଳିବ। ଏହି ସିରିଜ୍ ଲାଗି ମାହାତ୍ରେ ଓ ବିହାନ ମାଲହୋତ୍ରା ଇଞ୍ଜୁରୀ କାରଣରୁ ଉପଲବ୍ଧ ହେବେ ନାହିଁ। ସେମାନଙ୍କ ଅନୁପସ୍ଥିତିରେ ବୈଭବ ସୂର୍ଯ୍ୟବଂଶୀ ଦଳର ନେତୃତ୍ୱ ନେବେ। ଆରୋନ ଜର୍ଜ ତାଙ୍କର ଉପ ଅଧିନାୟକ ଭାର ତୁଲାଇବେ। ସିରିଜ୍‌ର ୩ ମ୍ୟାଚ୍ ଯଥାକ୍ରମେ ଜାନୁଆରୀ ୩, ୫ ଓ ୭ ତାରିଖରେ ବେନୋନିଠାରେ ଖେଳାଯିବ।

ମାହାତ୍ରେ ଓ ବିଶ୍ୱକପ୍ ଲାଗି ଉପଅଧିନାୟକ ପଦ ପାଇଥିବା ମାଲହୋତ୍ରା ଭାରତୀୟ ଦଳରେ ଯୋଗ ଦେବା ପୂର୍ବରୁ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଯୋଗ ଦେବେ। ସେଠାରେ ସେମାନଙ୍କ ଇଞ୍ଜୁରୀ ମ୍ୟାନେଜମେଣ୍ଟ କରାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଆଗାମୀ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାଗ ନେବାକୁଥିବା ୧୬ ଦଳକୁ ୪ ଗ୍ରୁପ୍‌ରେ ଭାଗ କରାଯାଇଛି। ଏହାପରେ ସୁପର-୬ ପର୍ଯ୍ୟାୟ, ସେମିଫାଇନାଲ ଓ ହରାରେରେ ଫାଇନାଲ ଖେଳାଯିବ। ପାଞ୍ଚ

## ୧୯ ବର୍ଷରୁ କମ୍ ବିଶ୍ୱକପ୍

ଥରର ଚାମ୍ପିୟନ ଭାରତ ଗ୍ରୁପ୍-ବି'ରେ ନ୍ୟୁଜିଲାଣ୍ଡ, ଆମେରିକା ଓ ବାଂଲାଦେଶ ସହ ସ୍ଥାନ ପାଇଛି। ଭାରତୀୟ ଦଳ ଜାନୁଆରୀ ୧୫ ତାରିଖରେ ତା'ର ପ୍ରଥମ ମ୍ୟାଚ୍‌ରେ ଆମେରିକାକୁ ଭେଟିବ। ଏହାପରେ ଭାରତ ୧୭ରେ ବାଂଲାଦେଶ ଓ ୨୪ରେ ନ୍ୟୁଜିଲାଣ୍ଡ ଭେଟିବ।

**ଦକ୍ଷିଣ ଆଫ୍ରିକା ସିରିଜ୍ ଲାଗି ଭାରତୀୟ ଦଳ:** ବୈଭବ ସୂର୍ଯ୍ୟବଂଶୀ (ଅଧିନାୟକ), ଆରୋନ ଜର୍ଜ (ଉପ ଅଧିନାୟକ), ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ, ହରବଂଶ ସିଂ (ଉଭୟେ ଉଇକେଟକିପର), ଆର୍ ଏସ୍ ଅମ୍ବ୍ରିଶ, କନିଷ୍କ ଚୌହାନ, ଖିଲାନ ଏ ପଟେଲ, ମହମ୍ମଦ ଇନାନ, ହେନିଲ ପଟେଲ, ଡି ଦୀପେଶ, କିଶନ କୁମାର ସିଂ, ଉଧମ ମୋହନ, ଯୁବରାଜ ଗୋହିଲ, ରାହୁଲ କୁମାର।

**୧୯ ବର୍ଷରୁ କମ୍ ଭାରତୀୟ ବିଶ୍ୱକପ୍ ଦଳ:** ଆୟୁଷ ମାହାତ୍ରେ (ଅଧିନାୟକ), ବିହାନ ମାଲହୋତ୍ରା (ଉପ ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଆରୋନ ଜର୍ଜ, ବେଦାନ୍ତ ତ୍ରିବେଦୀ ଅଭିଜ୍ଞାନ କୁଣ୍ଡୁ, ହରବଂଶ ସିଂ (ଉଭୟେ ଉଇକେଟକିପର), ଆର ଏସ୍ ଅମ୍ବ୍ରିଶ, କନିଷ୍କ ଚୌହାନ, ଖିଲାନ ଏ ପଟେଲ, ମହମ୍ମଦ ଇନାନ, ହେନିଲ ପଟେଲ, ଡି ଦୀପେଶ, କୀଶନ କୁମାର ସିଂ, ଉଦବ ମୋହନ।

# ୟୁନିୟନ ସ୍ପୋର୍ଟିଂ କଟକ ଫାଇନାଲରେ


ଅତିଥିମାନେ ପ୍ଲେୟର ଅଫ ଦି ମ୍ୟାଚ ବିଶ୍ୱଜିତ ପ୍ରଧାନଙ୍କୁ ପୁରସ୍କୃତ କରୁଛନ୍ତି।

ଦେବଗଡ଼, ୨୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ୩୫ତମ ବାମଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅରୁଣୋଦୟ ରାଞ୍ଚି ଫାଇଟର୍ ବନାମ ୟୁନିୟନ ସ୍ପୋର୍ଟିଂ, କଟକ ମଧ୍ୟରେ ହୋଇଥିଲା। ରାଞ୍ଚି ଦଳକୁ ୧୫୯ ରନରେ ପରାସ୍ତ କରି କଟକ ଫାଇନାଲରେ ପ୍ରବେଶ କରିଛି। ରାଞ୍ଚି ଦଳ ଟସ୍ ଜିତି କଟକକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। କଟକ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୪୫ ରନ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ ପ୍ରଧାନ ଅପରାଜିତ ୧୦୦ ଓ ରାଜୀବ ଲୋଚନ ସାହୁ ୯୦ ରନ କରିଥିଲେ।

## ବାମଣ୍ଡା କପ୍ କ୍ରିକେଟ

ରାଞ୍ଚି ଦଳର ଅରୁଣ ଯାଦବ ୨ଟି ଉଇକେଟ ନେଇଥିଲେ। ଜବାବରେ ରାଞ୍ଚି ଦଳ ବ୍ୟାଟିଂ କରି ୧୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୬ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରାହୁଲ ମାହାତ ୨୯ ଓ ପର୍ଦୁମ କୁମାର୍ ୨୨ ରନ କରିଥିଲା ବେଳେ କଟକ ଦଳର ଗଣେଶ ତମାର ୪ଟି ଓ ଅଧିନାୟକ ସୌରଭ କାନୋଜିଆ ୩ଟି ଉଇକେଟ ନେଇଥିଲେ। କଟକର ବିଶ୍ୱଜିତ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। କାଉନସିଲର ସଂଯୁକ୍ତା ଆଚାର୍ଯ୍ୟ ଓ ବାସନ୍ତୀ ମାଝୀ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହେବା ସହ ମ୍ୟାଚ୍‌ର ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି ଓ ଯୁବନେତା ଭୋଳେସର ପ୍ରଧାନ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବାମଣ୍ଡା କ୍ରିକେଟ କ୍ଲବ ଉପସଭାପତି ଅଶୋକ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ସତ୍ୟ ନାରାୟଣ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପସଭାପତି ସୁଜିତ କୁମାର ପ୍ରଧାନ ଅତିଥି ପରିଚୟ କରିଥିଲେ।

# ନୂଆ ଟେଷ୍ଟ କୋଚ୍ ଖୋଜୁଛି ବିସିସିଆଇ

ଜୟପୁର,୨୭।୧୨(ପି.ଟି.)

ଗୌତମ ଗମ୍ଭୀରଙ୍କ ରେକର୍ଡ ଭାରତୀୟ ଧଳା ବଲ ଦଳର ମୁଖ୍ୟ କୋଚ୍ ଭାବେ ଖୁବ ଉଲ୍ଲେଖନୀୟ ରହିଛି। ଏପରିକି ତାଙ୍କ କାର୍ଯ୍ୟକାଳରେ ଦଳ ଆଇସିସି ଓ ଏସିସି ଟ୍ରଫି ଜିତିଛି। କିନ୍ତୁ ଟେଷ୍ଟ ଫର୍ମାଟରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଭାରତୀୟ ଦଳ ସେନା ଦେଶରେ ୧୦ ଟେଷ୍ଟ ପରାଜିତ ହୋଇଛି। ଗତ ମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳର ଆତ୍ମସମର୍ପଣ ପରେ ବିସିସିଆଇ ପକ୍ଷରୁ ପୂର୍ବତନ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣଙ୍କୁ ଯୋଗାଯୋଗ କରାଯାଇଥିଲା। ଏ ନେଇ ଆନୁଷ୍ଠାନିକ ଭାବେ କିଛି ସୂଚନା ମିଳି ନ ଥିବା ବେଳେ କିଛି ରିପୋର୍ଟ ମୁତାବକ, ଭାରତୀୟ ଟେଷ୍ଟ ଦଳର ମୁଖ୍ୟ କୋଚ୍ ହେବା ପାଇଁ ଲକ୍ଷ୍ମଣ ଇଚ୍ଛୁକ କି ନାହିଁ ବୋଲି ବିସିସିଆଇ ଅଧିକାରୀ ପଚାରି ବୁଝିଛନ୍ତି। ହେଲେ ଲକ୍ଷ୍ମଣ ଜାତୀୟ ଦଳର ଦାୟିତ୍ୱ ନେବାକୁ ଇଚ୍ଛୁକ ନ ଥିବା ଜଣାପଡ଼ିଛି।

ବିସିସିଆଇ ପକ୍ଷରୁ ଗମ୍ଭୀରଙ୍କ ସହ ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଚୁକ୍ତି କରାଯାଇଛି। କିନ୍ତୁ ଚୁକ୍ତି ସମୟ ସୀମା ପୂର୍ବରୁ ମଧ୍ୟ ଗମ୍ଭୀରଙ୍କୁ ମୁଖ୍ୟ କୋଚ୍ ପଦରୁ ହଟାଇ ଦିଆଯାଇପାରେ। ସବୁକିଛି ଆଗାମୀ ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳର ପ୍ରଦର୍ଶନ ଉପରେ ନିର୍ଭର କରେ। କିନ୍ତୁ ଚଳିତ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ୨୦୨୫-୨୭ ସାଇକେଲରେ ଭାରତକୁ ଆହୁରି ୯ଟି ଟେଷ୍ଟ ଖେଳିବାକୁ ଥିବା ବେଳେ ଟେଷ୍ଟ ଦଳର ଦାୟିତ୍ୱ ନେବା ପାଇଁ ଗମ୍ଭୀର ଉଚିତ ବ୍ୟକ୍ତି କି ଏବେ ଚର୍ଚ୍ଚା ଜୋର ଧରିଛି। ଆସନ୍ତା ବର୍ଷ ଅଗଷ୍ଟରେ ଶ୍ରୀଲଙ୍କା ଓ ପରେ ଅକ୍ଟୋବରରେ ନ୍ୟୁଜିଲାଣ୍ଡରେ ଭାରତ ଦୁଇଟି ଲେଖାଏଁ ଟେଷ୍ଟ ମ୍ୟାଚ୍ ଖେଳିବ। ଏହାପରେ ୨୦୨୭ ଜାନୁଆରୀ-ଫେବୃଆରୀରେ ଭାରତ ଗସ୍ତରେ ଅଷ୍ଟ୍ରେଲିଆ ଆସି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ।

ବିସିସିଆଇ ଅଧିକାରୀଙ୍କ ମଧ୍ୟରେ ଗମ୍ଭୀରଙ୍କ ପ୍ରତି ବିଶେଷ ସମର୍ଥନ ନାହିଁ। ଯଦି ଭାରତ ଟି୨୦ ବିଶ୍ୱକପ୍ ବାଜୟ ରଖେ କିମ୍ବା ଅତିକମ୍‌ରେ ଫାଇନାଲରେ ପ୍ରବେଶ କରେ, ତେବେ ସେ ତାଙ୍କ କାର୍ଯ୍ୟକାଳ ଜାରି ରଖିବେ। କିନ୍ତୁ ସେ ଟେଷ୍ଟ ଫର୍ମାଟରେ ମୁଖ୍ୟ କୋଚ୍ ହୋଇ ରହିବେ କି ନାହିଁ, ତାହା ଦେଖିବା କୌତୁହଳପୂର୍ଣ୍ଣ ହେବ। ବିସିସିଆଇ ପାଖରେ ଅଧିକ ବିକଳ୍ପ ନ ଥିବାରୁ ଗମ୍ଭୀର ଫାଇଦାରେ ରହିପାରନ୍ତି। କାରଣ ଲକ୍ଷ୍ମଣ ସିନିୟର ଦଳର ଦାୟିତ୍ୱ ନେବାକୁ ଇଚ୍ଛୁକ ନୁହଁନ୍ତି ବୋଲି ସୂତ୍ରରୁ କୁହାଯାଇଛି। ଗମ୍ଭୀରଙ୍କ କାର୍ଯ୍ୟକାଳରେ ଖେଳାଳିଙ୍କୁ ବାରମ୍ବାର ପରିବର୍ତ୍ତନ କରାଯାଉଛି, ଯାହା ଫଳରେ ଖେଳାଳିମାନେ ଦ୍ୱନ୍ଦ୍ୱରେ ରହୁଛନ୍ତି।

# ବିପିଏଲ୍ ମ୍ୟାଚ୍ ପୂର୍ବରୁ ଟଳିପଡ଼ିଲେ କୋଚ୍

**ଢାକା,୨୭।୧୨:** ଚଳିତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍)ରେ ଶନିବାର ରାଜଶାହି ୱାରିଅର୍ସ ଓ ଢାକା କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବା ପୂର୍ବରୁ ଏକ ଅଘଟଣ ଘଟିଛି। ସିଲହେଟ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ମ୍ୟାଚ୍ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଖେଳାଳିମାନେ ଅଭ୍ୟାସ କରୁଥିବା ବେଳେ ଢାକା କ୍ୟାପିଟାଲ୍ସ ଦଳର ଆସିଷ୍ଟାଣ୍ଟ କୋଚ୍ ମେହବୁବ ଅଲୀ ଜାକି ହଠାତ୍ ଚେତାଶୂନ୍ୟ ହୋଇ ଗ୍ରାଉଣ୍ଡରେ ପଡ଼ି ଯାଇଥିଲେ। ଦଳୀୟ ଷ୍ଟାଫ ଓ ମେଡିକାଲ ଅଧିକାରୀ ତୁରନ୍ତ ୫୯ ବର୍ଷୀୟ ଜାକିଙ୍କୁ ସିପିଆର ଦେଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ତାଙ୍କୁ ମୃତ ଘୋଷିତ କରାଯାଇଥିଲା। ଏହି ଅଘଟଣ ସତ୍ତ୍ୱେ ମ୍ୟାଚ୍ ଧାର୍ଯ୍ୟ ସମୟରେ ଆରମ୍ଭ ହୋଇଥିଲା। ଉଭୟ ଦଳର ଖେଳାଳି, କୋଚ୍ ଓ ମ୍ୟାଚ୍ ଅଫିସିଆଲ ଜାକିଙ୍କ ଲାଗି ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

# ହରମନପ୍ରୀତ୍‌ଙ୍କ ବିଶ୍ୱ ରେକର୍ଡ

**ନୂଆଦିଲ୍ଲୀ,୨୭।୧୨:** ହରମନପ୍ରୀତ୍ କୌର ଅନ୍ତର୍ଜାତୀୟ ଟି୨୦ରେ ଅଧିନାୟିକା ଭାବେ ସର୍ବାଧିକ ମ୍ୟାଚ୍ ଜିତିବାର ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ଥିରୁଭାନନ୍ତପୁରମ୍‌ରେ ଶୁକ୍ରବାର ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌କୁ ଭାରତୀୟ ଦଳ ୮ ଉଇକେଟରେ ଜିତିଥିଲା। ଏହା ଅଧିନାୟିକା ଭାବେ ହରମନପ୍ରୀତଙ୍କ ପାଇଁ ୭୭ତମ ବିଜୟ ଥିଲା, ଯାହାକି ଅନ୍ତର୍ଜାତୀୟ ମହିଳା ଟି୨୦ରେ ସର୍ବାଧିକ। ଏଥିପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟିକା ମେଗ ଲାନିଂଙ୍କ ନାମରେ ଥିଲା। ତାଙ୍କ ନାମରେ ଅଧିନାୟିକା ଭାବେ ୭୬ଟି ବିଜୟ ରହିଛି। ଅନ୍ୟପକ୍ଷରେ ହରମନପ୍ରୀତ ୧୩୦ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟିକା ରହିଛନ୍ତି, ଯାହାକି ଯେକୌଣସି ଅଧିନାୟିକାଙ୍କ ଲାଗି ସର୍ବାଧିକ। ବିଶ୍ୱରେ ହରମନପ୍ରୀତଙ୍କ ସମେତ କେବଳ ୩ ଖେଳାଳି ୧୦୦ରୁ ଊର୍ଦ୍ଧ୍ୱ ଟି୨୦ ମ୍ୟାଚ୍‌ରେ ଜାତୀୟ ଦଳର ନେତୃତ୍ୱ ଭାର ତୁଲାଇଛନ୍ତି। ଏହି ତାଲିକାରେ ଲାନିଂ ଓ ଶ୍ରୀଲଙ୍କାର ଚମାରି ଆତାପାତଥୁ ରହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ